# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୨୮/୨୦୨୫ (୧୪ ପୃଷ୍ଠା) Bhubaneswar, Friday, February 28/2025 Page 14 ₹ 7.00 | SAMBALPUR

୫୧ଶ ଭାଗ ୯୬ ସଂଖ୍ୟା VOLUME 51 ISSUE 96 ମୂଲ୍ୟ ₹୭/-

www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul


**ଅନ୍ୟ ଜାତିରେ ବିବାହ**

# ମୃତଦେହକୁ ମିଳିଲାନି କାନ୍ଧ



ଖଟିଆରେ ଥିବା ପ୍ରକାଶଙ୍କ ମୃତଦେହକୁ ସ୍ତ୍ରୀ ରୀତା ଓ ନାବାଳିକା ଝିଅ ଶ୍ମଶାନକୁ ବୋହି ନେଉଛନ୍ତି।

**ଜାତିକୁ ନେଇ ଦେଖାଦେଉଥିବା ଭେଦଭାବ ଦୂର କରିବା ପାଇଁ ରାଜ୍ୟ ସରକାର ଅନ୍ୟ ଜାତିରେ ବିବାହକୁ ପ୍ରୋତ୍ସାହନ ଦେଉଛନ୍ତି। ଏଥିପାଇଁ ଅଢ଼େଇ ଲକ୍ଷ ଟଙ୍କା ପ୍ରୋତ୍ସାହନ ରାଶି ଦିଆଯାଉଛି। ହେଲେ ଆଜି ବି ଅନ୍ୟ ଜାତିରେ ବିବାହକୁ ଲୋକେ ଗ୍ରହଣ କରିପାରୁନାହାନ୍ତି। ଏହାକୁ ନେଇ କେତେକ ପରିବାର ସାମାଜିକ ବାସନ୍ଦ ଭୋଗୁଛନ୍ତି। ଏପରି କି ବାସନ୍ଦ ପରିବାରର କାହାରି ମୃତ୍ୟୁ ହେଲେ ମୃତଦେହକୁ କାନ୍ଧ ଦେବାକୁ ପଡ଼ୋଶୀ, ସମ୍ପର୍କୀୟ ଓ ବନ୍ଧୁବାନ୍ଧବ ଆସୁନାହାନ୍ତି। ଏଭଳି ଏକ ଘଟଣା ଅନୁଗୋଳ ଜିଲା କିଶୋରନଗର ବ୍ଲକ ଅଞ୍ଚଳରେ ଘଟିଛି। ସାମାଜିକ ବାସନ୍ଦ ଭୋଗୁଥିବା ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ପରେ ତାଙ୍କ ମୃତଦେହକୁ ସ୍ତ୍ରୀ ଓ ନାବାଳିକା ଝିଅ ଖଟିଆରେ ଶଶ୍ମାନକୁ ବୋହିନେଇ ସତ୍କାର କରିଛନ୍ତି। ସାମାଜିକ ବାସନ୍ଦ ଭଳି କଳଙ୍କିତ ପ୍ରଥାକୁ ବିଲୋପ ପାଇଁ ସରକାର ସୁଚିନ୍ତିତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଏହାସହ ଏଭଳି ଅସମୟରେ ଅସହାୟ ପରିବାରକୁ ସହାୟତାର ହାତ ବଢ଼ାଇବା ଜରୁରୀ ହୋଇପଡ଼ିଛି।**

**ବଇଣ୍ଡା, ୨୭।୨ (ପରିକ୍ଷିତ ସାହୁ)**

ରକ୍ତ ସମ୍ପର୍କ ଉପରେ ଭାରିପଡ଼ିଗଲା ଜାତିପ୍ରଥା। ସମାଜରୁ ବାସନ୍ଦ ଓ ଜରିମାନା ଭୟରେ ପାଖ ମାଡ଼ିଲେନି କେହି। ମୃତଦେହକୁ କାନ୍ଧ ଦେବା ତ ଦୂରର କଥା ଛୁଇଁବାକୁ ଆଗେଇ ଆସିଲେନି ପରିବାର ସଦସ୍ୟ। ସମ୍ପର୍କୀୟ, ବନ୍ଧୁବାନ୍ଧବ ଓ ସାହିଭାଇ ସାଜିଲେ ଦେଖଣାହାରି। ଖବର ପାଇଥିଲେ ବି ପ୍ରଶାସନ, ପୋଲିସ ପକ୍ଷରୁ ବଢ଼ି ନ ଥିଲା ସହାୟତାର ହାତ। ଶେଷରେ ନାବାଳିକା ଝିଅ ସହାୟତାରେ ଖଟିଆରେ ଥିବା ସ୍ୱାମୀଙ୍କ ମୃତଦେହକୁ ମଶାଣି ଯାଏ ବୋହି ନେଇଥିଲେ ସ୍ତ୍ରୀ। ପଡ଼ୋଶୀ ଅଞ୍ଚଳର କେତେଜଣ ଯୁବକ କାଠ ଯୋଗାଡ଼ କରିଦେବା ପରେ ଜୁଇରେ ଜଳିଥିଲା ଅନୁଗୋଳ ଜିଲା କିଶୋରନଗର

☞ପୃଷ୍ଠା-୨







# ଆସାମରେ ଭୂକମ୍ପ

**ଗୁଆହାଟୀ,୨୭।୨**

ଆସାମର କେନ୍ଦ୍ରୀୟ ଅଞ୍ଚଳରେ ବୁଧବାର ବିଳମ୍ବିତ ରାତିରେ ଭୂକମ୍ପ ଅନୁଭୂତ ହୋଇଛି। ଏହାର ତୀବ୍ରତା ରିକ୍ଟର ସ୍କେଲ୍‌ରେ ୫ ରହିଥିବାବେଳେ ଧନଜୀବନ ହାନିର ଖବର ମିଳିନାହିଁ। ଜାତୀୟ ଭୂକମ୍ପ କେନ୍ଦ୍ରର ରିପୋର୍ଟ ଅନୁଯାୟୀ ବ୍ରହ୍ମପୁତ୍ରର ଦକ୍ଷିଣ ପାର୍ଶ୍ୱ ମୋରିଗାଁଓ ଜିଲାରେ ବୁଧବାର ରାତି ୨ଟା ୨୫ ମିନିଟ୍ ସମୟରେ ଭୂକମ୍ପ ଅନୁଭୂତ ହୋଇଛି। ଏହାର କେନ୍ଦ୍ରସ୍ଥଳ ଗୁଆହାଟୀଠାରୁ ୫୨ କିଲୋମିଟର ପୂର୍ବରେ ଏବଂ ୧୬ କିଲୋମିଟର ଗଭୀରରେ ବୋଲି ସିସ୍‌ମୋଲୋଜି ସେଣ୍ଟର ପକ୍ଷରୁ କୁହାଯାଇଛି। ଆସାମର ବିଭିନ୍ନ ଜିଲା ସମେତ ଅରୁଣାଚଳପ୍ରଦେଶ, ମେଘାଳୟ, ନାଗାଲାଣ୍ଡ, ମଣିପୁର, ମିଜୋରାମ, ତ୍ରିପୁରା, ପଶ୍ଚିମବଙ୍ଗର କେତେକ ଅଞ୍ଚଳ ଏବଂ ଭୂଟାନ, ଚାଇନା ଓ ବାଂଲାଦେଶରେ ଏହାର କମ୍ପନ ଅନୁଭୂତ ହୋଇଥିଲା।

# ବଜେଟ ଅଧିବେଶନରେ ଆସିପାରେ ୱାକ୍‌ଫ ବିଲ୍

**ନୂଆଦିଲ୍ଲୀ,୨୭।୨**

ଭାଜପା ଏମ୍‌ପି ଜଗଦମ୍ବିକା ପାଲ୍‌ଙ୍କ ନେତୃତ୍ୱାଧୀନ ଯୁଗ୍ମ ସଂସଦୀୟ କମିଟି (ଜେପିସି) ପ୍ରସ୍ତାବିତ ପରିବର୍ତ୍ତନ ସହ ୱାକଫ୍ (ସଂଶୋଧନ) ବିଲ୍‌କୁ କେନ୍ଦ୍ର କ୍ୟାବିନେଟ୍ ଗତ ୧୯ ତାରିଖରେ ମଞ୍ଜୁରୀ ପ୍ରଦାନ କରିଥିବା ଏକ ସୂତ୍ରରୁ ଜଣାପଡ଼ିଛି। ମାର୍ଚ୍ଚ ୧୦ରୁ ଆରମ୍ଭ ହେବାକୁ ଥିବା ବଜେଟ ଅଧିବେଶନର ଦ୍ୱିତୀୟ ଭାଗରେ ଏହି ବିଲ୍‌କୁ ପାର୍ଲାମେଣ୍ଟରେ ଉପସ୍ଥାପନ କରାଯାଇପାରେ। ଶାସକ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସଦସ୍ୟମାନଙ୍କ ସମସ୍ତ ସଂଶୋଧନ ପ୍ରସ୍ତାବକୁ ଜେପିସି କମିଟି ଅନୁମୋଦନ କରିଥିବାବେଳେ ବିରୋଧୀ ସଦସ୍ୟ ଦେଇଥିବା ସଂଶୋଧନ ପ୍ରସ୍ତାବକୁ ଖାରଜ କରିଦିଆଯାଇଥିଲା। ଗତ ୧୩ ତାରିଖରେ ଜେପିସି ରିପୋର୍ଟ ପାର୍ଲାମେଣ୍ଟର ଉଭୟ ଗୃହରେ ଉପସ୍ଥାପନ କରାଯାଇଥିବାବେଳେ ବିରୋଧୀ ଦଳଗୁଡ଼ିକ ଏହାର ତୀବ୍ର ବିରୋଧ କରିଥିଲେ। ବିଲ୍‌ର ମୁଖ୍ୟ ବ୍ୟବସ୍ଥା ମଧ୍ୟରେ ରହିଛି ରାଜ୍ୟ ୱାକ୍‌ଫ ବୋର୍ଡଗୁଡ଼ିକରେ ଅନ୍ୟୂନ ୨ ଜଣ ଲେଖାଏ ଅଣମୁସଲମାନ ସଦସ୍ୟ ନିଯୁକ୍ତ କରିବା ଏବଂ କୌଣସି ସମ୍ପତ୍ତି ୱାକ୍‌ଫ ସମ୍ପତ୍ତି ହେବାକୁ ଯୋଗ୍ୟ କି ନୁହେଁ, ତାହା ସରକାରୀ ଅଧିକାରୀ ନିର୍ଦ୍ଧାରଣ କରିବାକୁ ଅନୁମତି।

# ଗାଜା କରିଡରରୁ ସୈନ୍ୟ ପ୍ରତ୍ୟାହାର କରିବାକୁ ମନାକଲା ଇସ୍ରାଏଲ୍

**ଜେରୁଜେଲମ୍,୨୭।୨**

ହମାସ୍ ସହ ଯୁଦ୍ଧବିରତି ଚୁକ୍ତିନାମା ର ପ୍ରଥମ ପର୍ଯ୍ୟାୟରେ ଇସ୍ରାଏଲ୍ ଗାଜା ସୀମାର ବଫର ଜୋନ୍ ଭାବେ ପରିଚିତ ଫିଲାଡେଲ୍‌ଫି କରିଡରରୁ ସୈନ୍ୟ ପ୍ରତ୍ୟାହାର କରିନେବା ଲାଗି କଥା ହୋଇଥିଲା। ତେବେ ଜେରୁଜେଲମ୍ ସୈନ୍ୟ ପ୍ରତ୍ୟାହାର କରିନେବାକୁ ମନା କରିଦେଇଥିବାରୁ ଯୁଦ୍ଧବିରତି ଆଗକୁ ବଢ଼ିବା ନେଇ ଆଶଙ୍କା ଦେଖାଦେଇଛି। ଇସ୍ରାଏଲ୍‌ର ଜଣେ ଅଧିକାରୀଙ୍କ କହିବା ଅନୁଯାୟୀ, ହମାସ୍ ଆତଙ୍କବାଦୀଙ୍କ ଦ୍ୱାରା ଅସ୍ତ୍ରଶସ୍ତ୍ର ଚୋରା କାରବାର ରୋକିବା ପାଇଁ କରିଡରର ଗାଜା ପାର୍ଶ୍ୱରେ ସୈନ୍ୟଙ୍କ ଉପସ୍ଥିତି ଆବଶ୍ୟକ।

# ‘ଜନସଂଖ୍ୟା ନିୟନ୍ତ୍ରଣ କ’ଣ ଦୋଷ’

**ବେଙ୍ଗାଲୁରୁ,୨୭।୨**

ସଂସଦୀୟ କ୍ଷେତ୍ର ସୀମା ପୁନଃ ନିର୍ଦ୍ଧାରଣ ଉପରେ ତାମିଲନାଡୁ ସମେତ ଉତ୍ତର ଭାରତୀୟ ରାଜ୍ୟଗୁଡ଼ିକ ଏବଂ କେନ୍ଦ୍ର ସରକାରଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ତେଜିବାରେ ଲାଗିଛି। ଲୋକ ସଭା ନିର୍ବାଚନମଣ୍ଡଳୀର ସୀମା ପୁନଃ ନିର୍ଦ୍ଧାରଣ ହେଲେ ଦକ୍ଷିଣ ଭାରତର କୌଣସି ରାଜ୍ୟକୁ ଆସନ ସଂଖ୍ୟା ହରାଇବାକୁ ପଡ଼ିବ ନାହିଁ ବୋଲି ବୁଧବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କହିଥିବାବେଳେ ଗୁରୁବାର ଏହାକୁ କର୍ନାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା କଡ଼ା ସମାଲୋଚନା କରିଛନ୍ତି। ସିଦ୍ଧାରାମାୟା କହିଛନ୍ତି, ଶାହାଙ୍କ ସଫେଇ ଭରସାଯୋଗ୍ୟ ନୁହେଁ। ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ ଏଥିରେ ପ୍ରଭାବିତ ହେବ ନାହିଁ ବୋଲି କହିବା ଭୁଲ୍। କେନ୍ଦ୍ର ସରକାରଙ୍କ ସୀମା ନିର୍ଦ୍ଧାରଣ ଯୋଜନାରେ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକର ପ୍ରତିନିଧିତ୍ୱ ହ୍ରାସ ପାଇବ। କେନ୍ଦ୍ରର ଏଭଳି ପାତରଅନ୍ତର ନୀତି ବିରୋଧରେ ସମନ୍ୱିତ ଓ ମିଳିତ

### ସୀମା ପୁନଃ ନିର୍ଦ୍ଧାରଣ ବିବାଦ



ଲଢ଼େଇର ଆବଶ୍ୟକ ବୋଲି ସେ କହିଛନ୍ତି।

ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ମଙ୍ଗଳବାର କହିଥିଲେ, ଜନସଂଖ୍ୟା ଆଧାରରେ ସୀମା ପୁନଃ ନିର୍ଦ୍ଧାରଣ କରାଗଲେ ରାଜ୍ୟ ଉପରେ ଖଣ୍ଡା ଝୁଲିବା ଥୟ। ତେଣୁ ଏହା ଉପରେ ଆଲୋଚନା ପାଇଁ ଷ୍ଟାଲିନ୍ ମାର୍ଚ୍ଚ ୫ରେ ସର୍ବଦଳୀୟ ବୈଠକ ଡାକିଛନ୍ତି। ରାଷ୍ଟ୍ରମନ୍ତ୍ରୀ କୋଏମ୍ବାଟୁରରେ ବୁଧବାର ଭାଜପା କାର୍ଯ୍ୟାଳୟ ଉଦ୍‌ଘାଟନ ବେଳେ ଦଳୀୟ କର୍ମୀଙ୍କୁ ସମ୍ବୋଧିତ କରି କହିଥିଲେ, ତାମିଲନାଡୁ ସମେତ ଦକ୍ଷିଣ ଭାରତର କୌଣସି ଆସନ କଟିବ ନାହିଁ।

### ଶାହାଙ୍କ କଥା ଭରସାଯୋଗ୍ୟ ନୁହେଁ: ସିଦ୍ଧାରାମାୟା

ଅର୍ଥାତ୍ ତାମିଲନାଡୁର ସଂସଦୀୟ ଉପସ୍ଥିତିରେ ହ୍ରାସ ହେବାକୁ ଯାଉନାହିଁ। ମୁଖ୍ୟମନ୍ତ୍ରୀ ଓ ତାଙ୍କ ପୁଅ ଉଦୟନିଧି ଷ୍ଟାଲିନ୍ କେତେକ ପ୍ରସଙ୍ଗ ଉଠାଇ ତାମିଲନାଡୁବାସୀଙ୍କୁ ବିଭ୍ରାନ୍ତ କରୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ଏହା ସ୍ପଷ୍ଟ କରିସାରିଛନ୍ତି ଯେ, ଜନସଂଖ୍ୟା ଆଧାରରେ ଲୋକ ସଭା ଆସନଗୁଡ଼ିକର ସୀମା ପୁନଃ ନିର୍ଦ୍ଧାରଣ ଯୋଗୁ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକର ଏମ୍‌ପିଙ୍କ ସଂଖ୍ୟା ହ୍ରାସ ପାଇବାକୁ ଯାଉନାହିଁ। ଡିଲିମିଟେଶନ୍ ସମୟରେ ଯଦି ଆସନ ସଂଖ୍ୟା ବଢ଼େ ତେବେ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ ସମାନ ଅଧିକାର ପାଇବେ ବୋଲି ସେ ଦାବି କରିଥିଲେ। ଅନ୍ୟପକ୍ଷେ ଡିଏମ୍‌କେ ସୁପ୍ରିମୋ ଷ୍ଟାଲିନ୍ କହିଥିଲେ, ୨୦୨୬ ଜନସଂଖ୍ୟା ଆଧାରରେ ଲୋକ ସଭା ଆସନ ପୁନଃ ନିର୍ଦ୍ଧାରଣ କରାଯିବା ଅତ୍ୟନ୍ତ ବିପଜ୍ଜନକ। ଜନସଂଖ୍ୟା ନିୟନ୍ତ୍ରଣରେ ତାମିଲନାଡୁ ଭଳି ଦକ୍ଷିଣ ଭାରତୀୟ ରାଜ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛନ୍ତି। କିନ୍ତୁ ଏହି କାରଣରୁ ସଂସଦରେ ଆମ ଶକ୍ତି ହ୍ରାସ ଘଟିଲେ କ’ଣ କରାଯିବ? ଆମ ସ୍ୱରକୁ ସେମାନେ ଚପାଇଦେଲେ କ’ଣ କରିବା? ଏହା କେତେ ଯଥାର୍ଥ ବୋଲି ଷ୍ଟାଲିନ୍ ଏକ୍ସ’ରେ ପ୍ରଶ୍ନ କରିଥିଲେ। ସିଦ୍ଧାରାମାୟା ମଧ୍ୟ ସମାନ କଥା ଦୋହରାଇଛନ୍ତି। କର୍ନାଟକ, ତେଲଙ୍ଗାନା, ତାମିଲନାଡୁ, କେରଳ ଓ ଆନ୍ଧ୍ରପ୍ରଦେଶର ଲୋକ ସଭା ଆସନ ହ୍ରାସ ପାଇଁ କେନ୍ଦ୍ର ପକ୍ଷରୁ ଷଡ଼ଯନ୍ତ୍ର ଚାଲିଛି। ଜନସଂଖ୍ୟା ନିୟନ୍ତ୍ରଣରେ ଉଲ୍ଲେଖଯୋଗ୍ୟ ସଫଳତା ହାସଲ କରିଥିବା ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକୁ କ’ଣ ଏହାର ପରିଣାମ ଭୋଗିବାକୁ ପଡ଼ିବ? ‘ଜନସଂଖ୍ୟା ନିୟନ୍ତ୍ରଣ ଦୋଷ’ କି ବୋଲି ସିଦ୍ଧାରାମାୟା ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷେ ଭାଜପା ଶାସିତ ରାଜ୍ୟଗୁଡ଼ିକୁ କେନ୍ଦ୍ର ଏହି କ୍ଷେତ୍ରରେ ଅଧିକ ଆସନ ଦେବା ପାଇଁ ମସୁଧା ଚଳାଇଥିବା ସେ ସମାଲୋଚନା କରିଛନ୍ତି।



ନୀଲମ ଶିନ୍ଦେ

# ହିଟ୍ ଆଣ୍ଡ ରନ୍: ଭାରତୀୟ ଛାତ୍ରୀ ସଙ୍କଟାପନ୍ନ

**ନୂଆଦିଲ୍ଲୀ,୨୭।୨**

ଆମେରିକାରେ ପଢୁଥିବା ମହାରାଷ୍ଟ୍ର ସତାରା ଜିଲାର ୩୫ ବର୍ଷୀୟା ନୀଲମ ଶିନ୍ଦେ ହିଟ୍-ଆଣ୍ଡ୍-ରନ୍ ଦୁର୍ଘଟଣାରେ ଗୁରୁତର ହୋଇଛନ୍ତି। ଏବେ ସେ ଆମେରିକାର ଏକ ହସ୍ପିଟାଲରେ ମୃତ୍ୟୁ ସହ ସଂଘର୍ଷ କରୁଥିବାବେଳେ ତୁରନ୍ତ ଭିଜା ପାଇଁ ତାଙ୍କ ପରିବାରର ନିବେଦନକ୍ରମେ ବହିର୍ବ୍ୟାପାର ମନ୍ତ୍ରଣାଳୟ ଏହି ଘଟଣାକୁ ୱାଶିଂଟନ ନିକଟରେ ଉଠାଇଛି। ଆବେଦନକାରୀ ପରିବାରକୁ ଜରୁରୀ ଭିଜା ମଞ୍ଜୁରୀ ପାଇଁ ଆମେରିକା କେତେକ ଔପଚାରିକତାକୁ ଅନୁଧ୍ୟାନ କରିବା ସହ ଶୁକ୍ରବାର ପୂର୍ବାହ୍ନ ୯ଟାରେ ଶିନ୍ଦେଙ୍କ ବାପାଙ୍କ ସହ ସାକ୍ଷାତ୍‌କାର ପାଇଁ ମୁମ୍ବାଇସ୍ଥିତ ଆମେରିକା କନ୍‌ସୁଲେଟ୍ ସମୟ ଦେଇଛି।

କାଲିଫର୍ନିଆ ଷ୍ଟେଟ୍ ୟୁନିଭର୍ସିଟିରେ

### ପରିବାରକୁ ତୁରନ୍ତ ଭିଜା ପାଇଁ ଆମେରିକାକୁ କହିଲା ଭାରତ

ସ୍ନାତକୋତ୍ତର ଡିଗ୍ରୀ କରୁଥିବା ନୀଲମଙ୍କ ଉପରେ ଗତ ୧୪ ତାରିଖରେ ଏକ ଚାରିଚକିଆ ଯାନ ମାଡ଼ିଯିବାରୁ ସେ ଗୁରୁତର ହୋଇଛନ୍ତି। ତାଙ୍କ ହାତଗୋଡ଼ ଭାଙ୍ଗିଥିବାବେଳେ କାଲିଫର୍ନିଆର ଏକ ହସ୍ପିଟାଲରେ ସେ କୋମା ଅବସ୍ଥାରେ ରହିଛନ୍ତି। ସାଧାରଣତଃ ମେଡିକାଲ ଏମର୍ଜେନ୍ସିରେ ତୁରନ୍ତ ଭିଜା ମିଳିଯାଇଥାଏ। ତେବେ ନୀଲମ୍‌ଙ୍କ ପରିବାର କ୍ଷେତ୍ରରେ ଭିଜା ମିଳିବାରେ ବିଳମ୍ବର କାରଣ ଜଣାପଡ଼ିନାହିଁ। ଦୁର୍ଘଟଣା ଘଟିବାର ୪୮ ଘଣ୍ଟା ପରେ ଭିଜା ଆବେଦନ କରାଯାଇଥିଲେ ମଧ୍ୟ ଏବେ ବି ତାହା ବିଚାରାଧୀନ ରହିଛି।



ରୋମ୍‌ର ଜଣେ ଦୋକାନୀ କ୍ୟାଥୋଲିକ୍ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍‌ଙ୍କ ପ୍ରତିମୂର୍ତ୍ତି ବିକ୍ରି ପାଇଁ ସଜେଇ ରଖିଛନ୍ତି।

# ଅଭିନେତା ଜେନେ ହାକ୍‌ମ୍ୟାନ୍, ସ୍ତ୍ରୀ ମୃତ

**ୱାଶିଂଟନ୍, ୨୭।୨**

ପ୍ରଖ୍ୟାତ ଆମେରିକୀୟ ଅଭିନେତା ଜେନେ ହାକ୍‌ମ୍ୟାନ୍ (୯୫) ତାଙ୍କ ସ୍ତ୍ରୀ ବେଟ୍‌ସି ଅର୍କାୱା (୬୩) ଏବଂ ତାଙ୍କ କୁକୁରର ମୃତଦେହ ଗୁରୁବାର ତାଙ୍କ ନ୍ୟୁ ମେକ୍ସିକୋ ରାଜ୍ୟ ସାଣ୍ଟା ଫେସ୍ଥିତ ବାସଭବନରୁ ମିଳିଛି। ପୋଲିସ ହାକ୍‌ମ୍ୟାନଙ୍କ ଘରେ ତଦନ୍ତ ଜାରି ରଖିଛି। ଘଟଣାସ୍ଥଳରୁ କୌଣସି ସନ୍ଦିଗ୍ଧ ଉପକରଣ ମିଳି ନ ଥିବା ପୋଲିସ କହିଛି। ବର୍ତ୍ତମାନ ସୁଦ୍ଧା ପୋଲିସ ଉଭୟଙ୍କର ମୃତ୍ୟୁର କାରଣକୁ ସ୍ପଷ୍ଟ କରିନାହିଁ। ୧୯୯୧ରେ ଉଭୟ ହାକ୍‌ମ୍ୟାନ ଓ ବେଟ୍‌ସି ବିବାହ କରିଥିଲେ। ହାକ୍‌ମ୍ୟାନ ହଲିଉଡ୍‌ରେ



ଜେନେ ହାକ୍‌ମ୍ୟାନ୍ ଓ ତାଙ୍କ ସ୍ତ୍ରୀ ବେଟ୍‌ସି ଅର୍କାୱା

ନିଜ ୪ ଦଶକର କ୍ୟାରିୟରରେ ‘ଫ୍ରେଞ୍ଚ୍ କନେକ୍ସନ’, ‘ସୁପରମ୍ୟାନ’, ‘ଦି ରୟାଲ ଟେନେବମ୍ସ’ ଆଦି ପ୍ରସିଦ୍ଧ ଫିଲ୍ମରେ କାମ କରିଥିଲେ। ତାଙ୍କୁ ‘ଦି ଫ୍ରେଞ୍ଚ କନେକ୍ସନ’ ଫିଲ୍ମ ପାଇଁ ଓସ୍କାର ଆୱାର୍ଡ ମିଳିଥିଲା।

### ପୁଣେ ଏମ୍‌ଏସ୍‌ଆର୍‌ଟିସି ବସ୍‌ରେ ବଳାତ୍କାର ଘଟଣା

# ଅଭିଯୁକ୍ତଙ୍କ ପୋଷ୍ଟର ଜାରି କଲା ପୋଲିସ

**ପୁଣେ,୨୭।୨**

ପୁଣେସ୍ଥିତ ସ୍ୱରଗେଟ୍ ଜଙ୍କଶନ୍‌ରେ ବୁଧବାର ବସ୍‌କୁ ଅପେକ୍ଷା କରିଥିବା ଜଣେ ୨୬ ବର୍ଷୀୟା କର୍ମଜୀବୀ ମହିଳାଙ୍କୁ ମହାରାଷ୍ଟ୍ର ରାଜ୍ୟ ବସ୍ ପରିବହନ ନିଗମ (ଏମ୍‌ଏସ୍‌ଆର୍‌ଟିସି)ର ଏକ ବସ୍ ଭିତରେ ବଳାତ୍କାର କରାଯାଇଥିଲା। ଏହି ଘଟଣା ଦିଲ୍ଲୀର ନିର୍ଭୟା କାଣ୍ଡକୁ ମନେ ପକାଇଦେଇଥିବାବେଳେ ସାରା ଦେଶରେ ଆଲୋଡନ ସୃଷ୍ଟି କରିଛି। ଅଭିଯୁକ୍ତ ଦତ୍ତାତ୍ରେୟ ରାମଦାସ ଗାଡେ ଫେରାର ଥିବାବେଳେ ଗୁରୁବାର ପୁଣେ ପୋଲିସ ତାଙ୍କର ପୋଷ୍ଟର ବିଭିନ୍ନ ସ୍ଥାନରେ ଲଗାଇଛି।

ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ୧୩ଟି ସ୍ୱତନ୍ତ୍ର ଟିମ୍ ଗଠନ କରିଛି। ତାଙ୍କ ସମ୍ପର୍କରେ ସୂଚନା ଦେଲେ ଲକ୍ଷେ ଟଙ୍କା ପୁରସ୍କାର ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି। ସୂଚନାଦାତାଙ୍କ ପରିଚୟ ଗୋପନ ରଖାଯିବ ବୋଲି ପୋଲିସ କହିଛି। ଅଭିଯୁକ୍ତଙ୍କୁ କଠୋରରୁ କଠୋର ଦଣ୍ଡ ବିଧାନ ପାଇଁ ବିଭିନ୍ନ ମହଲରେ ଦାବି ହୋଇଛି। ରାଜ୍ୟରେ

### ସୂଚନା ଦେଲେ ଲକ୍ଷେ ଟଙ୍କା ପୁରସ୍କାର



ଦତ୍ତାତ୍ରେୟ ରାମଦାସ ଗାଡେ

ମହିଳାଙ୍କ ସୁରକ୍ଷା ବିପର୍ଯ୍ୟସ୍ତ ହୋଇଥିବା ଅଭିଯୋଗ କରି ବିରୋଧୀ ଦଳଗୁଡ଼ିକ ମହାରାଷ୍ଟ୍ରର ଭାଜପା ନେତୃତ୍ୱାଧୀନ ମେଣ୍ଟ ସରକାରକୁ କଡ଼ା ସମାଲୋଚନା କରିଛନ୍ତି।

ମହିଳା ଏକୁଟିଆ ଛିଡ଼ା ହୋଇଥିବାର ଦେଖି ଅଭିଯୁକ୍ତ ତାଙ୍କ ପାଖକୁ ଆସି ବସ୍‌ଟି ସତାରା ଯିବ ବୋଲି କହି ତାଙ୍କୁ ଏକ ଖାଲି ବସ୍ ଭିତରକୁ ନେଇଯାଇଥିଲେ। ସେଠାରେ ସେ ମହିଳାଙ୍କ ପାଟିକୁ ବନ୍ଦ କରି ବଳାତ୍କାର କରିଥିଲେ। ଏହାପରେ ଘଟଣା ସମ୍ପର୍କରେ କାହାକୁ କହିଲେ ଜୀବନରେ ମାରିଦେବାକୁ ଧମକ ଦେଇ ସେଠାରୁ ଚାଲିଯାଇଥିଲେ। ପୀଡ଼ିତା ଅନ୍ୟ ଏକ ବସ୍ ଯୋଗେ ଗାଁକୁ ଯାଇ ଜଣେ ବାନ୍ଧବୀଙ୍କ ସହ ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ।

ଅଭିଯୁକ୍ତ ଦତ୍ତାତ୍ରେୟଙ୍କ ନାଁରେ ଅଧଡଜନ ଚୋରି, ଡକାୟତି ଓ ଛିନ୍‌ତାଇ ମାମଲା ରହିଛି। ଥାନାଠାରୁ ମାତ୍ର ୧୦୦ ମିଟର ଦୂରରେ ବଳାତ୍କାର ଘଟିଥିବାବେଳେ ଅଭିଯୁକ୍ତ ଫେରାର ହୋଇଯିବା ନେଇ ପୋଲିସର ପାରିବାପଣିଆକୁ ନେଇ ପ୍ରଶ୍ନ ଉଠିଛି। ଅଭିଯୁକ୍ତ ଆଖୁ କ୍ଷେତରେ ଲୁଚିଥାଇପାରନ୍ତି ବୋଲି ସନ୍ଦେହ କରାଯାଉଥିବାବେଳେ ତାଙ୍କୁ ଖୋଜି ବାହାର କରିବା ପାଇଁ ପୋଲିସ ସ୍ନିପର ଡଗ୍ ଓ ଡ୍ରୋନ୍ ନିୟୋଜିତ କରିଛି।

### ୨୬/୧୧ ଆକ୍ରମଣ ମାମଲା

# ଦିଲ୍ଲୀରେ ହେବ ତହଉର ରାଣାଙ୍କ ବିଚାର

**ନୂଆଦିଲ୍ଲୀ,୨୭।୨**

୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ତହଉର ରାଣାଙ୍କୁ ପ୍ରତ୍ୟର୍ପଣ ଲାଗି ଆମେରିକା ସହମତ ହେବା ପରେ ମୁମ୍ବାଇ କୋର୍ଟରୁ ଦିଲ୍ଲୀର ଏକ ଅଦାଲତ ଗୁରୁବାର ବିଚାର ସମ୍ପର୍କିତ ରେକର୍ଡ ମଗାଇଛନ୍ତି। ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)ର ଆବେଦନକ୍ରମେ ଜିଲା ଜଜ୍ ବିମଳ କୁମାର ଯାଦବ ରେକର୍ଡ ଯୋଗାଇଦେବା ନିମନ୍ତେ ମୁମ୍ବାଇ କୋର୍ଟର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ଜାନୁଆରୀ ୨୧ରେ ରାଣାଙ୍କ ଶେଷ ଅପିଲ୍‌କୁ ଆମେରିକା ସୁପ୍ରିମକୋର୍ଟ ଖାରଜ କରିଦେଇଥିଲେ। ଫଳରେ ତାଙ୍କୁ ଭାରତ ପ୍ରତ୍ୟର୍ପଣ ଲାଗି ରହିଥିବା ଆଇନଗତ ପ୍ରତିବନ୍ଧକ ଦୂର ହୋଇଛି। ପାକିସ୍ତାନ ଆତଙ୍କବାଦୀମାନେ ୨୦୦୮ ନଭେମ୍ବର ୧୧ରେ ମୁମ୍ବାଇରେ ଆକ୍ରମଣ କରି ୧୬୬ ଜଣଙ୍କ ଜୀବନ ନେଇଥିଲେ।

# ସ୍କୁଲ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଅଭିଯୋଗ ନେଇ ରାଜସ୍ଥାନରେ ସାମ୍ପ୍ରଦାୟିକ ଉତ୍ତେଜନା

**ଜୟପୁର,୨୭।୨**

ରାଜସ୍ଥାନର ବେୱର ଅଞ୍ଚଳରେ ଥିବା ଏକ ସ୍କୁଲ୍‌ର ଅନେକ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଓ ବ୍ଲାକ୍‌ମେଲ୍ କରାଯିବା ସହ ଧର୍ମପରିବର୍ତ୍ତନ ପାଇଁ ଉଦ୍ୟମ ହେଉଥିବା ଅଭିଯୋଗ ହୋଇଛି। ଏନେଇ ଗତ କିଛିଦିନ ମଧ୍ୟରେ ୩ଟି ଏତଲା ଦାଏର ହେବା ପରେ ଉକ୍ତ ଅଞ୍ଚଳରେ ସାମ୍ପ୍ରଦାୟିକ ଉତ୍ତେଜନା ଦେଖାଦେଇଛି। ନ୍ୟାୟ ଦାବିକରି ଅନେକ ଅଞ୍ଚଳରେ ଦୋକାନ ବଜାର ବନ୍ଦ ରହିବା ସହ ରାଲି କରାଯାଇଛି। ପୋଲିସ ଜଣେ ପୂର୍ବତନ କାଉନ୍‌ସିଲରଙ୍କ ସମେତ ୧୧ ଅଭିଯୁକ୍ତଙ୍କୁ ଗିରଫ କରିଛି।

ବେୱର ଜିଲାର ମସୁଦା ସହରରେ ସ୍କୁଲ୍ ଛାତ୍ରୀମାନଙ୍କୁ ଟାର୍ଗେଟେଡ୍ ଯୌନ ନିର୍ଯାତନା ଦିଆଯିବା ସହ ଅସଂଯତ ଅବସ୍ଥାର ଫଟୋ ଦେଖାଇ ସେମାନଙ୍କୁ ବ୍ଲାକ୍‌ମେଲ୍ କରାଯାଉଥିଲା। ସେମାନଙ୍କ ଧର୍ମ ପରିବର୍ତ୍ତନ କରିବା ପାଇଁ ଏକ ର‌୍ୟାକେଟ୍ କାର୍ଯ୍ୟ କରୁଥିବା ରିପୋର୍ଟ ପ୍ରକାଶ ପାଇଥିଲା। ୫ ଜଣ ପୀଡ଼ିତା ଛାତ୍ରୀଙ୍କ ପରିବାରର ଅଭିଯୋଗ ପରେ ୩ ନାବାଳକଙ୍କ ସମେତ ୧୧ ଜଣଙ୍କ ନାଁରେ ୩ଟି ଏତଲା ଦାଏର ହୋଇଛି।

### ଫୁର୍‌ସତ୍

# ସବୁଠୁ ବିପଜ୍ଜନକ ପକ୍ଷୀ

**କାନବେରା:** ବିଶ୍ୱରେ ଏପରି ଖୁବ୍ କମ୍ ପକ୍ଷୀ ରହିଛନ୍ତି, ଯାହାକୁ ମଣିଷ ଭୟ କରିଥାଏ। କାସୋୱରି ଏଥି ମଧ୍ୟରୁ ଅନ୍ୟତମ। ଏହା ବିଶ୍ୱର ସବୁଠାରୁ ବିପଜ୍ଜନକ ପକ୍ଷୀ ଭାବରେ ଜଣାଶୁଣା। ଅଷ୍ଟ୍ରେଲିଆ ଏବଂ ପାପୁଆ ନ୍ୟୁ ଗିନିର ଘନ ଜଙ୍ଗଲରେ ଏହି ପ୍ରଜାତିର ପକ୍ଷୀମାନଙ୍କୁ ଦେଖିବାକୁ ମିଳିଥାଏ। ଉଜ୍ଜ୍ୱଳ ନୀଳ ଚେହେରା ବିଶିଷ୍ଟ କାସୋୱରି ପକ୍ଷୀଙ୍କର ଓଜନ ୩୧୦ କେ.ଜି. ପର୍ଯ୍ୟନ୍ତ ରହିଛି। ସେହିପରି ଏହି ପ୍ରଜାତିର ପକ୍ଷୀମାନେ ମଣିଷ ପରି ଲମ୍ବା ମଧ୍ୟ ହୋଇଥାନ୍ତି। କାସୋୱରି ପକ୍ଷୀଙ୍କ ବିଷୟରେ ଅଧିକ ଅଧ୍ୟୟନ କରିବା ପାଇଁ ପାପୁଆ ନ୍ୟୁ ଗିନିର ଘନ ଜଙ୍ଗଲରେ ଦୀର୍ଘ ୫ ବର୍ଷ ବିତାଇଥିବା ଆଣ୍ଡ୍ର୍ୟୁ ମ୍ୟାକ୍ ଆମେରିକୀୟ ପ୍ରମୁଖ ଗଣମାଧ୍ୟମ ସିଏନ୍‌ଏନକୁ ଏକ ସାକ୍ଷାତ୍‌କାର ଦେଇ କହିଛନ୍ତି, ଏହି ପକ୍ଷୀମାନଙ୍କର ମଣିଷ ପରି ଅନେକ ଗୁଣ ରହିଛି। ଦେଖିବାକୁ ସେମାନେ ଜୀବନ୍ତ ଡାଏନୋସର ପରି। ବିରାଟକାୟ ଆକାରର ହୋଇଥିଲେ ମଧ୍ୟ ଏହି ପ୍ରଜାତିର ପକ୍ଷୀମାନେ ଭୟଭୀତ ସ୍ୱଭାବର ହୋଇଥାନ୍ତି ଏବଂ ମଣିଷଙ୍କ ଉପରେ ସେମାନେ କ୍ୱଚିତ୍ ଆକ୍ରମଣ କରିଥାନ୍ତି। କାସୋୱରୀ ପକ୍ଷୀମାନେ ଅତ୍ୟଧିକ ହିଂସ୍ର ନୁହନ୍ତି। ତେବେ ସେମାନଙ୍କୁ ଜାଣିଶୁଣି ହଇରାଣ କିମ୍ବା କ୍ରୋଧିତ କରାଗଲେ ପରିଣାମ ଭୟଙ୍କର ହୋଇପାରେ ବୋଲି ଆଣ୍ଡ୍ର୍ୟୁ ଚେତାଇଛନ୍ତି। ଏପରିସ୍ଥଳେ କାସୋୱରୀ ପକ୍ଷୀ ମଣିଷଙ୍କୁ ଆକ୍ରମଣ କରି ଆହତ କରିବାର ମଧ୍ୟ ନଜିର ରହିଛି।

ତେବେ ଜଙ୍ଗଲରେ କାସୋୱରୀ ପକ୍ଷୀଙ୍କୁ ଚିହ୍ନିବା ବହୁତ କଷ୍ଟସାଧ୍ୟ ବୋଲି ଆଣ୍ଡ୍ର୍ୟୁ କହିଛନ୍ତି। ଏହି ବୃହତ୍‌କାୟ ପକ୍ଷୀ ଉଡ଼ିବାକୁ ଅସମର୍ଥ ଥିବା ସେ କହିଛନ୍ତି। ତେବେ ନିଜର ଅବିଶ୍ୱସନୀୟ ଶକ୍ତିଶାଳୀ ଗୋଡ଼ ଯୋଗୁ ସେମାନେ କ୍ଷୀପ୍ର ଗତିରେ ଦୌଡ଼ି ପାରନ୍ତି। ପାପୁଆ ନ୍ୟୁ ଗିନି ଜଙ୍ଗଲରେ ଘଣ୍ଟା ପ୍ରତି ୩୧ ମାଇଲ ବେଗରେ କାସୋୱାରି ପକ୍ଷୀମାନେ ଦୌଡ଼ି ପାରୁଥିବାର ରେକର୍ଡ କରାଯାଇଛି। ସେହିପରି ଏହି ପ୍ରଜାତିର ପକ୍ଷୀମାନେ ଭଲ ସନ୍ତରଣକାରୀ ହୋଇଥିବା ମଧ୍ୟ ଆଣ୍ଡ୍ର୍ୟୁ କହିଛନ୍ତି। ସେମାନେ ସନ୍ତରଣ କରି ଜଙ୍ଗଲ ମଧ୍ୟରେ ଥିବା ଜଳାଶୟଗୁଡିକୁ କ୍ଷୀପ୍ର ଗତିରେ ପାର କରିପାରନ୍ତି। ଦୃଢ଼ ଏବଂ ଲମ୍ବା ଗୋଡ଼ ଯୋଗୁଁ କାସୋୱରି ପକ୍ଷୀମାନେ ୭ ଫୁଟ ଉଚ୍ଚ ପର୍ଯ୍ୟନ୍ତ ଡେଇଁପାରନ୍ତି। ସେହିପରି ସେମାନେ ନିଜର ତୀକ୍ଷ୍ଣ ନଖକୁ ବ୍ୟବହାର କରି ଅନ୍ୟ ପ୍ରାଣୀ କିମ୍ବା ମଣିଷଙ୍କୁ ଆକ୍ରମଣ କରିପାରନ୍ତି, ଯାହା ଏହି ପ୍ରଜାତିର ପକ୍ଷୀକୁ ବିପଦପୂର୍ଣ୍ଣ କରିଥାଏ। ଆଣ୍ଡ୍ର୍ୟୁ ଆହୁରି କହିଛନ୍ତି, ପାପୁଆ ନ୍ୟୁ ଗିନିର ବନାଞ୍ଚଳରେ ଯଦି କୌଣସି ବ୍ୟକ୍ତିଙ୍କର କାସୋୱରି ପକ୍ଷୀ ସହ ଭେଟ ହୋଇଯାଏ, ତେବେ ତାଙ୍କୁ ନିଜର ୨ ହାତକୁ ପିଠି ପଛପଟେ ରଖିବା ସହ ଯଥାସମ୍ଭବ ଶାନ୍ତ ରହିବାକୁ ପଡିବ। ଅନ୍ୟଥା ଏହି ପକ୍ଷୀ ଆକ୍ରମଣ କରିପାରେ ବୋଲି ସେ ଚେତାଇଛନ୍ତି।



# ଧର୍ମକୁ ନେଇ ଲୋକଙ୍କ ମନରେ ନକାରାତ୍ମକତା ଭରି ରହିଛି: ପ୍ରିୟାମଣି

**ବେଙ୍ଗାଲୁରୁ:** ସାଉଥ୍ ଫିଲ୍ମ ଇଣ୍ଡଷ୍ଟ୍ରିର ପ୍ରସିଦ୍ଧ ଅଭିନେତ୍ରୀ ପ୍ରିୟାମଣି ୨୦୧୭ରେ ଫିଲ୍ମ ନିର୍ମାତା ମୁସ୍ତାଫା ରାଜ୍‌ଙ୍କୁ ବିବାହ କରିଥିଲେ। ତେବେ ନିଜ ଜୀବନର ଏହି ଖୁସିର ମୁହୂର୍ତ୍ତକୁ ଯେତେବେଳେ ସେ ଲୋକଙ୍କ ସହ ଶେୟାର କରିବା ପାଇଁ ସୋସିଆଲ ମିଡିଆରେ ଏକ ପୋଷ୍ଟ ମାଧ୍ୟମରେ ସୂଚନା ଦେଇଥିଲେ, ତାଙ୍କୁ ଖୁବ୍ ଟ୍ରୋଲିଂର ଶିକାର ହେବାକୁ ପଡ଼ିଥିଲା ବୋଲି ପ୍ରିୟାମଣି ଗୁରୁବାର ଏକ ସାକ୍ଷାତ୍‌କାର ଦେଇ କହିଛନ୍ତି। ତାଙ୍କର ଇଣ୍ଟର ଫେଥ୍ ମ୍ୟାରେଜକୁ ସୋସିଆଲ ମିଡିଆରେ ନକାରାତ୍ମକ ଭାବେ ନିଆଯାଇଥିଲା। ମୁସ୍ତାଫା ଇସ୍‌ଲାମ ଧର୍ମର ହୋଇଥିବାରୁ କିଛି ୟୁଜର ତାଙ୍କ ବିବାହକୁ ଲଭ୍ ଜିହାଦର ନାମ ଦେଇଥିବା ପ୍ରିୟାମଣି କହିଛନ୍ତି। ଏପରିକି ଆଗକୁ ତାଙ୍କର ଜନ୍ମ ହେବାକୁ ଥିବା ପିଲା ଆତଙ୍କବାଦୀ ସଙ୍ଗଠନ ଆଇଏସ୍‌ଆଇଏସ୍‌ରେ ସାମିଲ ହେବେ ବୋଲି କିଛି ୟୁଜର କହିଥିଲେ। ଧର୍ମକୁ ନେଇ ଲୋକଙ୍କ ମନରେ ଅତ୍ୟଧିକ ନକାରାତ୍ମକତା ଭରି ରହିଥିବା ସେ ଜାଣିବାକୁ ପାଇଥିଲେ। ଏହା ତାଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ପ୍ରଥମେ ଏପରି ଟ୍ରୋଲିଂ ତାଙ୍କୁ ବେଶ ଖରାପ ଲାଗିଥିବା ପ୍ରିୟାମଣି କହିଛନ୍ତି। କିନ୍ତୁ ପରେ ସେ ଏଥିରେ ଅଭ୍ୟସ୍ତ ହୋଇଯାଇଥିବା କହିଛନ୍ତି। ଯଦି ସେ ମୁସ୍ତାଫାଙ୍କ ସହ କୌଣସି ଫଟୋକୁ ସୋସିଆଲ ମିଡିଆରେ ଶେୟାର କରନ୍ତି, ତେବେ ଉକ୍ତ ପୋଷ୍ଟରେ ପ୍ରତି ୧୦ରୁ କମେଣ୍ଟରୁ ୮ କିମ୍ବା ୯ କମେଣ୍ଟ ଧର୍ମ ଏବଂ ଘୃଣା ଭାବନା ସହ ଜଡ଼ିତ ରହୁଥିବା ସେ କହିଛନ୍ତି। ତେବେ ଏପରି ଅନ୍‌ଲାଇନ ଟ୍ରୋଲ୍‌କୁ ସେ ଏବଂ ତାଙ୍କ ସ୍ୱାମୀ କେବେ ମଧ୍ୟ ଗୁରୁତ୍ୱ ଦିଅନ୍ତି ନାହିଁ ବୋଲି ପ୍ରିୟାମଣି କହିଛନ୍ତି। ପ୍ରକାଶ ଯେ ପ୍ରିୟାମଣି କନ୍ନଡ଼, ତାମିଲ, ତେଲୁଗୁ, ମାଲୟାଲମ, ହିନ୍ଦୀ ଆଦି ଭାଷାର ଅନେକ ଫିଲ୍ମରେ ଅଭିନୟ କରି ଦର୍ଶକଙ୍କ ପ୍ରଶଂସା ସାଉଣ୍ଟିବାରେ ସଫଳ ହୋଇଛନ୍ତି। ବଲିଉଡ୍‌ରେ ସେ ‘ଚେନ୍ନାଇ ଏକ୍ସପ୍ରେସ୍’, ‘ଜବାନ’, ‘ମଇଦାନ’, ‘ଆର୍ଟିକିଲ ୩୭୦’ ଆଦି ଫିଲ୍ମରେ ଅଭିନୟ କରିଛନ୍ତି।



ପ୍ରିୟାମଣି

# ବିଶ୍ୱକୁ ୯୨% ୟୁଏସ୍‌ଏଆଇଡି ହ୍ରାସ

**ପୂର୍ବରୁ ଆମେରିକା ପକ୍ଷରୁ ବିଭିନ୍ନ ରାଷ୍ଟ୍ରକୁ ଦିଆଯାଇ ଆସୁଥିବା ୟୁନାଇଟେଡ୍ ଷ୍ଟେଟ୍ସ ଏଜେନ୍ସି ଫର୍ ଇଣ୍ଟରନ୍ୟାଶନାଲ ଡେଭେଲପ୍‌ମେଣ୍ଟ (ୟୁଏସ୍‌ଏଆଇଡି) ବିଦେଶୀ ସହାୟତାର ଚୁକ୍ତିକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ୯୨% ପର୍ଯ୍ୟନ୍ତ ହ୍ରାସ କରିବାକୁ ନିଷ୍ପତ୍ତି ନେଇଛି। ଉକ୍ତ ନିଷ୍ପତ୍ତି ଉପରେ ରହିଥିବା ଆଇନଗତ କଟକଣାକୁ ବୁଧବାର ରାତିରେ ସୁପ୍ରିମକୋର୍ଟ ହଟାଇଦେଇଛନ୍ତି। ଏଥିଯୋଗୁ ସାରା ବିଶ୍ୱକୁ ଆମେରିକାଠାରୁ ସହାୟତା ବାବଦକୁ ମିଳୁଥିବା ପ୍ରାୟ ୬୦ ବିଲିୟନ୍ ଡଲାର ଖର୍ଚ୍ଚକାଟ୍ କରାଯାଇପାରିବ ବୋଲି ପରରାଷ୍ଟ୍ର ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଆମେରିକା ଇତିହାସରେ କୌଣସି ରାଷ୍ଟ୍ରପତି ଏତେ ପରିମାଣର ସହାୟତା ବାତିଲ କରି ନ ଥିଲେ। ଏହି ଆର୍ଥିକ ସ୍ରୋତ ବନ୍ଦ ହେବା ଦ୍ୱାରା ଭାରତ ସମେତ ବିଶ୍ୱର ବିଭିନ୍ନ ଭାଗରେ ଆମେରିକା ପକ୍ଷରୁ ଚାଲିଥିବା ଅନେକ ପ୍ରକଳ୍ପ ଓ ମାନବୀୟ ସହାୟତା କାର୍ଯ୍ୟକ୍ରମ ବହୁଳ ପ୍ରଭାବିତ ହୋଇପାରେ ବୋଲି ଆଶଙ୍କା ଉପୁଜିଲାଣି।**

## ଟ୍ରମ୍ପ୍ ପ୍ରଶାସନର ନିଷ୍ପତ୍ତି ଉପରେ ସୁପ୍ରିମକୋର୍ଟ ମୋହର


ଡୋନାଲ୍ଡ ଟ୍ରମ୍ପ୍

- **ଆମେରିକା ଫାଷ୍ଟ, ସହାୟତା ଲାଷ୍ଟ**
- **ପ୍ରଭାବିତ ହେବ ଭାରତୀୟ ପ୍ରକଳ୍ପ, ମାନବୀୟ ସହାୟତା**

**ୱାଶିଂଟନ୍/ନୂଆଦିଲ୍ଲୀ,୨୭।୨**

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପୂର୍ବରୁ 'ଆମେରିକା ଫାଷ୍ଟ' ନୀତି ଆପଣାଇଥିବାବେଳେ ଏବେ ଏଥିରେ 'ଏଡ୍ ଲାଷ୍ଟ'କୁ ଯୋଡ଼ି ଦେଇଛନ୍ତି। ଜାନୁଆରୀ ୨୦ରେ ଟ୍ରମ୍ପ୍ ନିଜ ଦ୍ୱିତୀୟ ପାଳି ଆରମ୍ଭ କରିବା ମାତ୍ରେ ଖର୍ଚ୍ଚକାଟ୍ ସମ୍ପର୍କିତ ଏକ ଏକ୍‌ଜିକ୍ୟୁଟିଭ୍ ଅର୍ଡରରେ ସ୍ୱାକ୍ଷର କରିଥିଲେ। ସେ ୟୁଏସ୍‌ଏଆଇଡିରୁ ଅନ୍ୟ ରାଷ୍ଟ୍ରଗୁଡ଼ିକୁ ଦିଆଯାଉଥିବା ସହାୟତାକୁ 'ବେକାର ଅନ୍ତର୍ଜାତୀୟ ଖର୍ଚ୍ଚ' ଭାବେ ଅଭିହିତ କରିଥିଲେ। ଟ୍ରମ୍ପ୍ କହିଥିଲେ, ଆମେରିକାଠାରୁ ଅନ୍ୟ ରାଷ୍ଟ୍ରଗୁଡ଼ିକୁ ମିଳୁଥିବା ଆର୍ଥିକ ସହାୟତାକୁ ବର୍ତ୍ତମାନ ୯୦ ଦିନ ପର୍ଯ୍ୟନ୍ତ ବନ୍ଦ କରାଯିବ। ଆଗକୁ କେଉଁ କାର୍ଯ୍ୟକ୍ରମ ଜାରି ରହିବ ଓ କେଉଁଠି ବନ୍ଦ ହେବା ଯୋଗ୍ୟ ଅନାବଶ୍ୟକ ଖର୍ଚ୍ଚ ହେଉଛି, ତାହା ଏହି ଅବଧି ମଧ୍ୟରେ ତାଙ୍କ ପ୍ରଶାସନ ଅନୁଧ୍ୟାନ କରିବ। ତେବେ ଟ୍ରମ୍ପଙ୍କ ଏହି ନିଷ୍ପତ୍ତିକୁ କେତେଜଣ ବ୍ୟକ୍ତି ଓ ସଙ୍ଗଠନ କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ୱାଶିଂଟନ ଡିଷ୍ଟ୍ରିକ୍ଟ ଜଜ୍ ଆମିର ଅଲୀ ଏହି ଅର୍ଡର ଉପରେ ବୁଧବାର ରାତି ୧୧ଟା ୫୯ ମିନିଟ୍ ପର୍ଯ୍ୟନ୍ତ କଟକଣା ଜାରି କରିଥିଲେ। ଟ୍ରମ୍ପ୍ ପ୍ରଶାସନ ତତ୍କାଳ ଏକ ଏମର୍ଜେନ୍ସି ପିଟିଶନ୍ ଦାଖଲକରି ଏଥିରେ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଲୋଡ଼ିଥିଲା। ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜନ୍ ରବର୍ଟ୍ସ ବୁଧବାର ଫେଡେରାଲ ଜଜ୍ ଆମିର ଅଲୀଙ୍କ ରାୟ ଉପରେ ରୋକ୍ ଲଗାଇଛନ୍ତି। ସେ ଏନେଇ ରାୟ ପ୍ରକାଶ କରିବା ସହ ପ୍ରତିବାଦୀ ପକ୍ଷଙ୍କୁ ଶୁକ୍ରବାର ସୁଦ୍ଧା ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷେ ଏହି ଖର୍ଚ୍ଚ କାଟ୍ ଯୋଗୁ ଆମେରିକା ପାଣ୍ଠିରେ ଚାଲିଥିବା ଅନେକ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହେବ। ପାଣ୍ଠି ଆଗମନ ହଠାତ୍ ବନ୍ଦ ହୋଇଯିବା ଫଳରେ ବିଶ୍ୱବ୍ୟାପୀ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବା, ମାନବୀୟ ସହାୟତା ପଦକ୍ଷେପ, ଅଣଲାଭକାରୀ ସଂସ୍ଥାଗୁଡ଼ିକ ବିଶେଷ ପ୍ରଭାବିତ ହେବ। କାରଣ ୬୦ ବିଲିୟନ୍ ଡଲାର ମୂଲ୍ୟର ୫,୮୦୦ ବିଦେଶୀ ସହାୟତା କଣ୍ଟ୍ରାକ୍ଟକୁ ବନ୍ଦ କରାଯିବା ନେଇ ନିଷ୍ପତ୍ତି ନିଆଯାଇଛି। ଉଲ୍ଲେଖଯୋଗ୍ୟ, ୧୯୬୧ରେ ୧୦,୦୦୦ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କ ଶ୍ରମଶକ୍ତିକୁ ନେଇ ୟୁଏସ୍‌ଏଆଇଡି ପ୍ରତିଷ୍ଠା କରାଯାଇଥିଲା। ଏହି ପାଣ୍ଠିକୁ ବନ୍ଦ କରାଯିବା ପରେ ଆମେରିକାରେ ୧,୬୦୦ କର୍ମଚାରୀ ଛଟେଇ ହେଲେଣି। ଅନେକ ଷ୍ଟାଫ୍ ଛୁଟିରେ ଚାଲିଯାଇଛନ୍ତି। ଏହାର ପ୍ରଭାବ କେବଳ ଆମେରିକାରେ ସୀମିତ ହୋଇ ରହିବ ନାହିଁ।

ଭାରତର ଅନେକ ବେସରକାରୀ ସଙ୍ଗଠନ(ଏନ୍‌ଜିଓ), ସିଭିଲ୍ ସୋସାଇଟି ବିଦେଶୀ ପାଣ୍ଠି ଉପରେ ନିର୍ଭରଶୀଳ। ବିଶେଷକରି ଆମେରିକାରୁ ଆସୁଥିବା ଆର୍ଥିକ ସହାୟତାକୁ ନେଇ ଭାରତୀୟ ଏନ୍‌ଜିଓଗୁଡ଼ିକ ଅଧିକ କ୍ରିୟାଶୀଳ ହୋଇଥାଆନ୍ତି। ଏପରି କି ଭାରତ ସରକାର ମଧ୍ୟ ଆମେରିକୀୟ ସହାୟତା ପାଇଥାଆନ୍ତି। ଏ ସମ୍ପର୍କରେ ସାଧାରଣ ଜନତା ଅବଗତ ହେବାର ଅବକାଶ ନ ଥାଏ। ଉଦାହରଣ ସ୍ୱରୂପ ଭାରତରେ ମତଦାନ ହାର ବୃଦ୍ଧି ପାଇଁ ପୂର୍ବର ଜୋ ବାଇଡେନ୍ ପ୍ରଶାସନ ୟୁଏସ୍‌ଏଆଇଡିରୁ ୨୧ ନିୟୁତ ଡଲାର (୧୮୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା) ଦେଉଥିଲେ। ବିଲିୟନେୟାର ଏଲନ୍ ମସ୍କଙ୍କ ଅଧ୍ୟକ୍ଷତାରେ ଗଠିତ ଡିପାର୍ଟମେଣ୍ଟ ଅଫ୍ ଗଭର୍ନମେଣ୍ଟ ଏଫିସିଏନ୍ସି (ଡିଓଜିଇ) ପକ୍ଷରୁ ଗତ ୧୫ ତାରିଖରେ ଭାରତରେ ଭୋଟର ଟର୍ନଆଉଟ୍ ପାଇଁ ଉକ୍ତ ସହାୟତା ବନ୍ଦ କରାଯିବା ପରେ ଏହି ବିଷୟ ସାମ୍ନାକୁ ଆସିଥିଲା। ଏପରି କି ୨୧ ନିୟୁତ ଡଲାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ଯାଇଥିବା ମଧ୍ୟ କହିବାକୁ ଟ୍ରମ୍ପ୍ ପଛାଇ ନ ଥିଲେ, ଯାହାକି ଭାରତରେ ଏକ ନୂଆ ରାଜନୈତିକ ବିତର୍କକୁ ଜନ୍ମ ଦେଇଛି।

# ବିପଦରେ ନାଶି, ହବେଲିଖଟି, ବାବୁବାଲି, ଏକକୁଳା


ହବେଲିଖଟି ୱାଚ ଟାୱାର ଅଞ୍ଚଳରେ ସମୁଦ୍ର ଜୁଆର ମାଡ଼ ହୋଇ କୂଳ ଲଙ୍ଘୁଛି।

**କେନ୍ଦ୍ରାପଡ଼ା, ୨୭।୨**
**(ଜଗନ୍ନାଥ ଧଳ)**

- **ବିପର୍ଯ୍ୟୟ ପରିଚାଳନାରେ ସିଦ୍ଧହସ୍ତ ହେନ୍ତାଳବଣ**
- **କାଗଜପତ୍ରରେ ଗ୍ରୀନ୍ ମହାନଦୀ ଯୋଜନା**
- **ତଟାଞ୍ଚଳର ୧୦ କି.ମି. ପରିଧିରେ ହେନ୍ତାଳବଣ ଦାବି**

କେନ୍ଦ୍ରାପଡ଼ା ଜିଲା ରାଜନଗର ଓ ମହାକାଳପଡ଼ା ବ୍ଲକ୍ ଅଞ୍ଚଳର ୪୦୦ହେକ୍ଟର ହେନ୍ତାଳବଣ ସୃଷ୍ଟି ସହ ମୋଟ ୩୫୦୦ ହେକ୍ଟର ସମୁଦ୍ର ଓ ନଦୀ ତଟାଞ୍ଚଳରେ ବନୀକରଣ ହେବ ବୋଲି ୨୦୧୭ ମସିହାରେ ତତ୍କାଳୀନ ରାଜ୍ୟ ସରକାର ଘୋଷଣା କରିଥିଲେ। ଏଥିସହ ଗ୍ରୀନ ମହାନଦୀ ଯୋଜନାକୁ ଗୁରୁତ୍ୱ ଦିଆଯାଇଥିଲା। ତେବେ ଏହି ଯୋଜନା ଏବେ ବି କାଗଜପତ୍ରରେ ସୀମିତ ହୋଇଛି। ଗୋଟିଏ ପାର୍ଶ୍ୱରେ ସମୁଦ୍ରର ଉତ୍ତାଳ ଜୁଆର ଯୋଗୁ ତଟାଞ୍ଚଳର ଦ୍ରୁତକ୍ଷୟ ହୋଇ ନାଶି, ହବେଲିଖଟି, ବାବୁବାଲି, ଏକକୁଳା ଆଦି ଦ୍ୱୀପ ବିପଦ ମଧ୍ୟକୁ ଠେଲି ହୋଇଯାଉଥିବାବେଳେ ଅନ୍ୟପାର୍ଶ୍ୱରେ ତଟକ୍ଷୟ ରୋକିବା ପାଇଁ ପେଣ୍ଠଠାରେ ନିର୍ମିତ ଜିଓ ସିନ୍ଥେଟିକ ଟ୍ୟୁବ୍ ୱାଲ୍ ପ୍ରକଳ୍ପ ଫେଲ୍ ମାରିଛି। ତଟାଞ୍ଚଳ ୧୦ କିଲୋମିଟର ପରିଧିରେ ହେନ୍ତାଳ ବଣ ସୃଷ୍ଟି ହେଲେ ପ୍ରାକୃତିକ ବିପର୍ଯ୍ୟୟ କ୍ଷତିକୁ ଖୁବ୍ କମ୍ କରିହେବ ବୋଲି ପରିବେଶବିତ୍‌ମାନେ ମତ ଦେଇଛନ୍ତି।

ପରିବେଶବିତ୍ ହେମନ୍ତ କୁମାର ରାଉତ, ପ୍ରଭୁ ପ୍ରସାଦ ମହାପାତ୍ର, ଅରୁଣ କୁମାର କାନୁନ୍‌ଗୋ, ସେକ୍ ଚାନ୍ଦ କହିଛନ୍ତି, ଜିଲାର ବିଭିନ୍ନ ସମୟରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପାଇଁ ସଚେତନତା ସଭା ହେଉଛି। ଏଥିରେ ଯୋଗ ଦେଉଥିବା ☞ପୃଷ୍ଠା-୨

# ମା'ହେଲେ ୧୦ମ ଶ୍ରେଣୀ ଛାତ୍ରୀ

**ଯାଜପୁର,୨୭।୨**
**(ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ଜିଲା ବରୀ ରାମଚନ୍ଦ୍ରପୁର ଥାନା ଅଧୀନ ରାମପୁର ଅଞ୍ଚଳର ଜଣେ ୧୦ମ ଶ୍ରେଣୀ ଛାତ୍ରୀ ବୁଧବାର ରାତି ପ୍ରାୟ ୨ଟା ସମୟରେ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଶିଶୁକନ୍ୟାକୁ ଜନ୍ମ ଦେଇଛନ୍ତି। ମା' ଓ ନବଜାତ ଶିଶୁକନ୍ୟା ସୁସ୍ଥ ଅଛନ୍ତି। ଉଭୟଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଉନ୍ନତର ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷେ ଜିଲା ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଲିଗାଲ ଅଫିସର ତୃପ୍ତିମୟୀ ପଣ୍ଡା ବରୀ ରାମଚନ୍ଦ୍ରପୁର ଥାନାରେ ଏନେଇ ଲିଖିତ ଅଭିଯୋଗ କରିଛନ୍ତି। ଏହାପରେ ବରୀ ଥାନାରେ ଏକ ମାମଲା(ନଂ.୮୦/୨୦୨୫) ରୁଜୁ କରାଯାଇଛି। ବରୀ ଥାନା ପୋଲିସ ଏହି ମାମଲାରେ ସଂପୃକ୍ତ ଥିବା ସନ୍ଦେହ କରି ଚନ୍ଦନପୁର ଗ୍ରାମର ଚିକୁ ଜେନା ନାମକ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରୁଥିବା ସୂଚନା ମିଳିଛି। ଜିଲା ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଲିଗାଲ ଅଫିସର ପଣ୍ଡାଙ୍କ ଅଭିଯୋଗ ଅନୁଯାୟୀ, ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଗୁରୁବାର ସକାଳେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେ ଚଳିତ ମାଟ୍ରିକ ପରୀକ୍ଷାର ୨ଟି ବିଷୟରେ ପରୀକ୍ଷା ଦେଇ ସାରିଛନ୍ତି। ତେବେ ବୁଧବାର ରାତିରେ ଛାତ୍ରୀ ଜଣକ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ନାବାଳିକା ଛାତ୍ରୀ ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ। ସମ୍ପୃକ୍ତ ଛାତ୍ରୀଙ୍କ ସହିତ କେହି ଶାରୀରିକ ସମ୍ପର୍କ ସ୍ଥାପନ କରିବା ପରେ ସେ ଗର୍ଭବତୀ ଥିଲେ। ଏହା ସମାଜ ପାଇଁ କଳଙ୍କିତ ବିଷୟ ହୋଇଛି। ଏଭଳି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯାଇ ଆଇନ ଅନୁସାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ☞ପୃଷ୍ଠା-୨

# ହିନ୍ଦୀ ଯୋଗୁ ୨୫ ଉତ୍ତର ଭାରତୀୟ ଭାଷା ନଷ୍ଟ ହୋଇଛି: ଷ୍ଟାଲିନ୍

**ନୂଆଦିଲ୍ଲୀ,୨୭।୨**


ଏମ୍.କେ. ଷ୍ଟାଲିନ୍

ହିନ୍ଦୀ ଭାଷାକୁ ଅଣହିନ୍ଦୀଭାଷୀ ରାଜ୍ୟଗୁଡ଼ିକରେ ଜବରଦସ୍ତ ଲଦିଦିଆଯାଉଥିବା ଅଭିଯୋଗ କରି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଗୁରୁବାର ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଉତ୍ତର ଭାରତର ୨୫ଟି ଆଞ୍ଚଳିକ ଭାଷାକୁ ହିନ୍ଦୀ ଏବଂ ସଂସ୍କୃତ ଧ୍ୱଂସ କରିଦେଇଥିବା ସେ କହିଛନ୍ତି। ସେହି ଭାଷାଗୁଡ଼ିକ ମଧ୍ୟରେ ରହିଛି ଭୋଜପୁରୀ, ମୈଥିଳୀ, ଅୱଧି, ବ୍ରଜ, ବୁନ୍ଦେଲି, ଗଢ଼ୱାଲି, କୁମାଓନି, ମାଗାହି, ମାରୱାଡ଼ି, ମାଲ୍‌ଭ, ଛତିଶଗଡ଼ୀ, ସାନ୍ତାଳୀ, ଅଙ୍ଗିକା, ହୋ, ଖରିଆ, କୁର୍‌ମାଲି, କୁରୁଖ, ମୁଣ୍ଡାରି ଓ ଆହୁରି ଅନେକ ଭାଷା। ଉତ୍ତର ଭାରତର ବାସ୍ତବ ଆଞ୍ଚଳିକ ଭାଷାଗୁଡ଼ିକ ଏବେ ବଞ୍ଚିବା ପାଇଁ ସଂଘର୍ଷ କରୁଛନ୍ତି। ଅଖଣ୍ଡ ହିନ୍ଦୀ ପରିଚୟ ପୁରାତନ ମାତୃଭାଷାକୁ ମାରିଦେଉଛି ବୋଲି ଷ୍ଟାଲିନ୍ କହିଛନ୍ତି। ଉତ୍ତରପ୍ରଦେଶ ଓ ବିହାର କଦାପି ହିନ୍ଦୀର ମୁଖ୍ୟ ଭୂଖଣ୍ଡ ନ ଥିଲା। ସେଠାର ବାସ୍ତବ ଭାଷା ଏବେ ଅତୀତ ଅବଶେଷ ହୋଇ ରହିଥିବା ଷ୍ଟାଲିନ୍ ଏକ୍ସ'ରେ ଲେଖିଛନ୍ତି। ଶତାଧିକ ବର୍ଷର ଦ୍ରାବିଡୀୟ ଆନ୍ଦୋଳନ ସଚେତନତା ସୃଷ୍ଟି ଏବଂ ବିଭିନ୍ନ ଆନ୍ଦୋଳନ ଜରିଆରେ ତାମିଲ ଓ ଏହାର ସଂସ୍କୃତିକୁ ସୁରକ୍ଷା ଦେଇଆସିଥିବା ଡିଏମ୍‌କେ ମୁଖ୍ୟ କହିଛନ୍ତି। ଜାତୀୟ ଶିକ୍ଷା ନୀତି (ଏନ୍‌ଇପି)ରେ ତ୍ରିଭାଷୀ ନୀତିକୁ ନେଇ ଷ୍ଟାଲିନ୍ କେନ୍ଦ୍ରକୁ ତୀବ୍ର ସମାଲୋଚନା କରିଛନ୍ତି। ଅନେକ ଶହ ବର୍ଷ ଧରି ଜାତିଗତ ଶତ୍ରୁତା ରଖି ଆକ୍ରମଣକାରୀମାନେ ଅନନ୍ୟ ତାମିଲ ସଂସ୍କୃତିକୁ ନଷ୍ଟ କରିବାକୁ ଉଦ୍ୟମ କରିଥିଲେ। ତ୍ରିଭାଷୀ ନୀତିରେ ଅନ୍ୟ ଭାରତୀୟ ଭାଷା ତୁଳନାରେ ହିନ୍ଦୀ କିମ୍ବା ସଂସ୍କୃତକୁ ପ୍ରାଥମିକତା ଦିଆଯାଉଛି। ହିନ୍ଦୀ ହେଉଛି ମାସ୍କ ଏବଂ ସଂସ୍କୃତ ଲୁଚିଥିବା ମୁହଁ ବୋଲି ଷ୍ଟାଲିନ୍ ଦଳୀୟ ନେତା ଓ କର୍ମୀମାନଙ୍କୁ ପତ୍ର ଲେଖି ଜଣାଇଛନ୍ତି।

# ଆଜିଠାରୁ ବଢ଼ିବ ତାତି

**ଭୁବନେଶ୍ୱର,୨୭।୨**
**(ଅନୁରାଧା ମହାରଣା)**

ରାଜ୍ୟରେ ଗତ କିଛିଦିନ ହେଲା ପାଗ ଶୁଖିଲା ରହିଥିବାବେଳେ ଗରମ ଅନୁଭୂତ ହେଉଛି। ଗୁରୁବାର ବୌଦ୍ଧ ଓ ବଲାଙ୍ଗୀରରେ ଦିନ ତାପମାତ୍ରା ସର୍ବାଧିକ ୩୬ ଡିଗ୍ରୀ ସେଲସିୟସ୍ ରହିଥିବାବେଳେ ଝାରସୁଗୁଡ଼ାରେ ୩୫.୬, ଟିଟିଲାଗଡ଼ରେ ୩୫.୫, ସମ୍ବଲପୁରରେ ୩୫.୩ ଓ ନବରଙ୍ଗପୁରରେ ୩୫ ଡିଗ୍ରୀ ରେକର୍ଡ ହୋଇଛି। ସେହିପରି ଝାରସୁଗୁଡ଼ାରେ ରାତି ତାପମାତ୍ରା ସର୍ବନିମ୍ନ ୧୪.୮ ଡିଗ୍ରୀ ସେଲସିୟସ୍ ରହିଥିଲା। ତେବେ ତେବେ ଶୁକ୍ରବାରଠାରୁ ତାପମାତ୍ରା ପୁଣି ବଢ଼ିବ।

**ଆଜିର ସମ୍ପାଦକୀୟ**
**ନୂଆ ସଂସ୍ଥା ଆବଶ୍ୟକ**




# ଚନ୍ଦ୍ରର ସ୍ପଷ୍ଟ ଚିତ୍ର ପଠାଇଲା 'ବ୍ଲୁ ଘୋଷ୍ଟ'

**ୱାଶିଂଟନ୍, ୨୭।୨**



ଆମେରିକୀୟ ଘରୋଇ ଏରୋସ୍ପେସ୍ କମ୍ପାନୀ 'ଫାୟାରଫ୍ଲାଏ ଏରୋସ୍ପେସ୍'ର 'ବ୍ଲୁ ଘୋଷ୍ଟ' ମହାକାଶ ଯାନ ଚନ୍ଦ୍ରପୃଷ୍ଠରେ ନିଜ ଲକ୍ଷ୍ୟର ନିକଟତର ହେବାରେ ଲାଗିଛି। ଅବତରଣ କରିବାର କିଛିଦିନ ପୂର୍ବରୁ ଏହା ଚନ୍ଦ୍ରର ବିସ୍ତୃତ ଭିଜୁଆଲ ପଠାଇଛି, ଯାହାକୁ ଫାୟାରଫ୍ଲାଏ ଏରୋସ୍ପେସ୍ ପକ୍ଷରୁ ଏକ୍ସ'ରେ ଶେୟାର କରାଯାଇଛି। ଚଳିତ ମାସରେ ଚନ୍ଦ୍ରର କକ୍ଷପଥରେ ପ୍ରବେଶ କରିଥିବା ଏହି ଲୁନାର ଲାଣ୍ଡର ୧୨୦ କି.ମି. ଉପରୁ ଉକ୍ତ ଫୁଟେଜକୁ ରେକର୍ଡ କରିଥିଲା। ଏହି ଫୁଟେଜ୍‌ରେ ଚନ୍ଦ୍ରର ବିସ୍ତୃତ ଦୃଶ୍ୟକୁ ଦେଖିବାକୁ ମିଳିଛି, ଯେଉଁଥିରେ ଏହାର ଦୁର୍ଗମ ଏବଂ ଅସମତଳ ଭୂମି ସହ ବିଭିନ୍ନ ଗର୍ତ୍ତ ଥିବା ସ୍ଥାନକୁ ଦେଖିବାକୁ ମିଳିଛି। ସେହିପରି ଏହି ଭିଡିଓରେ ଚନ୍ଦ୍ରର ଲୁକ୍କାୟିତ ପାର୍ଶ୍ୱକୁ ଦେଖିବାକୁ ମିଳିଛି, ଯାହାକୁ ପୂର୍ବରୁ କେବେ ମଧ୍ୟ ଦେଖିବାକୁ ମିଳି ନ ଥିଲା। ଚନ୍ଦ୍ରର ଏହି ଲୁକ୍କାୟିତ ପାର୍ଶ୍ୱ ପୃଥିବୀରୁ ଦୃଶ୍ୟମାନ ହୁଏନାହିଁ ବୋଲି ବୁଧବାର 'ବ୍ଲୁ ଘୋଷ୍ଟ'ର ଉପମୁଖ୍ୟ ଇଞ୍ଜିନିୟର ଯୋଶେଫ ମାର୍ଲିନ କହିଛନ୍ତି। ଚନ୍ଦ୍ରର ଚତୁଃପାର୍ଶ୍ୱରେ ବ୍ଲୁ ଘୋଷ୍ଟ ପରିକ୍ରମା କରୁଥିବା ସମୟରେ ଉକ୍ତ ଫୁଟେଜକୁ ନିଆଯାଇଛି। ଏହି ଫୁଟେଜରୁ ବୈଜ୍ଞାନିକମାନଙ୍କୁ ଚନ୍ଦ୍ର ଭୂବିଜ୍ଞାନ ବିଷୟରେ ମୂଲ୍ୟବାନ୍ ସୂଚନା ମିଳିଥିବା ଯୋଶେଫ କହିଛନ୍ତି। ସେ ଏହି ଫୁଟେଜକୁ ଭରପୂର ପ୍ରଶଂସା ମଧ୍ୟ କରିଛନ୍ତି। ଚନ୍ଦ୍ରର ଏପରି ବିସ୍ତୃତ ଦୃଶ୍ୟ ଦେଖିବାର ଅନୁଭୂତି ଅବିଶ୍ୱସନୀୟ ହୋଇଥିବା ସେ କହିଛନ୍ତି। ଆସନ୍ତା ମାର୍ଚ୍ଚ ୨ରେ ବ୍ଲୁ ଘୋଷ୍ଟ ମହାକାଶଯାନ ମାରେ କ୍ରିସିୟମରେ ଲାଣ୍ଡିଂ କରିବ ବୋଲି ତାରିଖ ସ୍ଥିର ହୋଇଥିବା ସେ ସୂଚନା ଦେଇଛନ୍ତି। ଗତ ଜାନୁଆରୀ ୧୫ରେ ଫ୍ଲୋରିଡାର କେନେଡ଼ି ସ୍ପେସ୍ ସେଣ୍ଟରରୁ ବ୍ଲୁ ଘୋଷ୍ଟ ଲୁନାର ଲାଣ୍ଡରକୁ ଲଞ୍ଚ୍ କରାଯାଇଥିଲା। ସ୍ପେସ୍ ଏକ୍ସ'ର ଫାଲ୍‌କନ-୯ ରକେଟରୁ ଅଲଗା ହେବା ପରେ ଟେକ୍ସାସରେ ଥିବା ସ୍ପେସ୍ ଏକ୍ସ ମିଶନ ଅପରେଶନ ସେଣ୍ଟର ପକ୍ଷରୁ ଏହାର ଗତିବିଧି ଉପରେ ନଜର ରଖାଯାଇଛି। ଚନ୍ଦ୍ରକୁ ଯିବା ପୂର୍ବରୁ ଏହି ମହାକାଶଯାନ ୨୫ ଦିନ ପର୍ଯ୍ୟନ୍ତ ପୃଥିବୀର ପରିକ୍ରମା କରିଥିଲା। ପରେ ଏହାକୁ ଚନ୍ଦ୍ରର କକ୍ଷପଥରେ ପହଞ୍ଚିବାକୁ ୪ ଦିନ ସମୟ ଲାଗିଥିଲା। ଫେବୃଆରୀ ୧୩ରୁ ବ୍ଲୁ ଘୋଷ୍ଟ ଚନ୍ଦ୍ରର ପରିକ୍ରମା କରିଆସୁଛି। ଚନ୍ଦ୍ରରେ ବ୍ଲୁ ଘୋଷ୍ଟର ସଫଳ ପରିକ୍ରମା ଏବଂ ଏହାର ଆଗାମୀ ଲାଣ୍ଡିଂ ଚନ୍ଦ୍ର ସମ୍ବନ୍ଧିତ ବିଭିନ୍ନ ଗବେଷଣାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ବୈଜ୍ଞାନିକମାନେ ବିଶ୍ୱାସ ରଖିଛନ୍ତି।



# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ରାଜ୍ୟସ୍ତରୀୟ କିଶୋରୀ-କିଶୋର ସମାବେଶ, ସ୍ଥାନ: କଳିଙ୍ଗ ଷ୍ଟାଡିୟମ, ସମୟ: ସକାଳ ୮ଟା।
- ଉତ୍କଳ ସମ୍ମିଳନୀ ଓ ଭିଏସ୍ଏସ୍ ନଗର ଉନ୍ନୟନ ପରିଷଦ ପକ୍ଷରୁ ବୀର ସୁରେନ୍ଦ୍ର ସାଏଙ୍କ ଶ୍ରାଦ୍ଧ ଦିବସରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ନଗର, ସମୟ: ସକାଳ ୯ଟା।
- ଜାତୀୟ ବିଜ୍ଞାନ ଦିବସ ପାଳନ, ସ୍ଥାନ: ସର୍ଭେ ଭବନ, ଇଗ୍ନୋ ରୋଡ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଫୁଲ ଓ ଫଗୁଣର ପ୍ରୀତି ପର୍ବ ବସନ୍ତ ଉତ୍ସବ: ବାସନ୍ତିକା, ସ୍ଥାନ: ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଆମ୍ବେଦକର ସମାଜ ସେବା ଆସୋସିଏଶନ (ଆଶା) ଓଡ଼ିଶା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ରେଡକ୍ରସ ଭବନ, ସମୟ: ମଧ୍ୟାହ୍ନ ୧୨ଟା।

### କଟକ
- ଚୌଦ୍ୱାର ପାଇକେରାପୁର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ପୀଠରେ ୫୩ତମ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ପାଇକେରାପୁର, ସମୟ: ସନ୍ଧ୍ୟା ୭ଟା।

### ବାଲେଶ୍ୱର
- ପ୍ରଧାନ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା, ସ୍ଥାନ: ନୂଆସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଖଇରା, ସମୟ: ପୂର୍ବାହ୍ନ ୧୦ଟା
- ଏଫ୍ଏମ୍ୟୁରେ ଜାତୀୟ ବିଜ୍ଞାନ ଦିବସ, ସ୍ଥାନ: ନୂଆପାଢ଼ୀ କ୍ୟାମ୍ପସ, ରେମୁଣା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଜ୍ଞାନ ବିଭାଗର ଆଲୋଚନାଚକ୍ର, ସ୍ଥାନ: ନୀଳମଣି ମହାବିଦ୍ୟାଳୟ ସମ୍ମିଳନୀ କକ୍ଷ, ରୂପସା, ସମୟ: ଅପରାହ୍ନ ୨ଟା।

### ଭଦ୍ରକ
- ବାର୍ଷିକୋତ୍ସବ ଓ ପୁରସ୍କାର ବିତରଣ, ସ୍ଥାନ: ସାବରଙ୍ଗ ଏନ୍ଡିଏମ୍ଇ ବିଦ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ବିଷ୍ଣୁବିନ୍ଧା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ରକ୍ତଦାନ ଶିବିର, ସ୍ଥାନ: ନୀଳମଣି ଟାଉନହଲ୍, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଯନ୍ତୁଆଳି ଗ୍ରାମବାସୀଙ୍କ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ନୂଆଗାଁ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।
- ବସନ୍ତ ଆଗମନୀ ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ସଭା, ସ୍ଥାନ: କୋଚିଲା ନଦୀପଠା, ଧୁଷୁରୀ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ, ସ୍ଥାନ: ମାତୃଭାରତୀ, ଧୁଷୁରୀ, ସମୟ: ଅପରାହ୍ନ ୩ଟା।
- ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ପାରାପୋଖରୀ ସରକାରୀ ପ୍ରାଥମିକ ବିଦ୍ୟାଳୟ, ବାସୁଦେବପୁର, ସମୟ: ଅପରାହ୍ନ ୪ଟା।
- ଅନନ୍ତ ବଳିଆ ଆଶ୍ରମର ବାର୍ଷିକୋତ୍ସବ, ଗୀତା ଓ ଜଗନ୍ନାଥ ତତ୍ତ୍ୱ ଆଲୋଚନାଚକ୍ର, ସ୍ଥାନ: ଆଶ୍ରମ ପରିସର, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।

### କେନ୍ଦୁଝର
- ୯ମ ବାର୍ଷିକ ଅଷ୍ଟମପ୍ରହର ନାମଯଜ୍ଞ, ନଗର ଭ୍ରମଣ, ସ୍ଥାନ: ବଡ଼ତିରା, ଛେନାପଦି, ସମୟ: ସକାଳ ୬ ଟା।
- ବାର୍ଷିକ ଅଷ୍ଟମ ପ୍ରହର ନାମଯଜ୍ଞ, ନଗର ଭ୍ରମଣ, ସ୍ଥାନ: ଅଣା, ଛେନାପଦି, ସମୟ: ସକାଳ ୬ ଟା।
- ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ଜନଜାତି ଚାଷୀଙ୍କୁ ଯନ୍ତ୍ରପାତି ବଣ୍ଟନ, ସ୍ଥାନ: ଚମ୍ପୁଆ ଧରଣୀଧର ଭବନ, ସମୟ: ପୂର୍ବାହ୍ନ ୧୧ ଟା।
- କୃଷକ ସଚେତନତା ରଥ ଆରମ୍ଭ, ସ୍ଥାନ: କୃଷି ବିଭାଗ, ଚମ୍ପୁଆ, ସମୟ: ପୂର୍ବାହ୍ନ ୧୧ଟା।
- ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ସାନ ଜାମୁପଶି, ପାଟଣା, ସମୟ: ଅପରାହ୍ନ ୨ ଟା।
- ଅଷ୍ଟମ ପ୍ରହର ନାମଯଜ୍ଞ ଏବଂ ନଗର ପରିକ୍ରମା, ସ୍ଥାନ : ବଡ଼ତିରା, ହାଟଡ଼ିହୀ, ସମୟ : ଅପରାହ୍ନ ୪ ଟା ।
- ମା' ଗଡ଼ଚଣ୍ଡୀଙ୍କ ମନ୍ଦିରରେ ଅମାବାସ୍ୟା ବିହିତ ପୂଜା ଏବଂ ଭଜନ ସମାରୋହ, ସ୍ଥାନ : ସୁନ୍ଦରାପାଳ, ହାଟଡ଼ିହୀ, ସମୟ : ସକାଳ ୬ ଟା ଏବଂ ସନ୍ଧ୍ୟା ୫ ଟା।
- ମା' ଦୁଆରଶୁଣି ମନ୍ଦିରରେ ଚତୁର୍ଥ ପ୍ରହର ନାମ ଯଜ୍ଞ, ସ୍ଥାନ : ମଠ ଗୋବିନ୍ଦପୁର , ହାଟଡ଼ିହୀ, ସମୟ : ସନ୍ଧ୍ୟା ୫ ଟା।

### ମୟୂରଭଞ୍ଜ
- ପ୍ରକୃତିକ ଚିକିତ୍ସା ଓ ଯୋଗ ଶିବିର, ସ୍ଥାନ: ବାବା କଖାରୁଆ ବୈଦ୍ୟନାଥ ମନ୍ଦିର, ମାଣଡ୍ରୀ, ବଡ଼ସାହି,ସମୟ: ସକାଳ ୯ଟା।
- ଜାଗର ମେଳା, ସ୍ଥାନ:ବାବା କଖାରୁଆ ବୈଦ୍ୟନାଥ ମନ୍ଦିର, ମାଣଡ୍ରୀ, ବଡ଼ସାହି,ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୧ଟା।
- ଜାଗର ମେଳା, ସ୍ଥାନ: ବାବା ଶିମିଳେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣ, ଶିମିଳା, ବାଙ୍ଗରିପୋଷି,ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୧ଟା।
- ଜାଗର ମେଳା, ସ୍ଥାନ:ବାବା ବୁଦ୍ଧେଶ୍ୱର ମହାଦେବଙ୍କ ମନ୍ଦିର ଦେବଶୂଳ, ରାସଗୋବିନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୧ଟା।
- ମହାଶିବରାତ୍ରି ଜାଗର ମେଳା, ସ୍ଥାନ: ବାବା ଝିଙ୍କେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣ, ଝିଙ୍କପଦା, କପ୍ତିପଦା,ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୧ଟା।
- ଭାରତୀୟ ହସ୍ତଶିଳ୍ପ ଓ ହସ୍ତତନ୍ତ ମେଳା, ସ୍ଥାନ:ଛଉ ପଡିଆ ବାରିପଦା,ସମୟ: ପୂର୍ବାହ୍ନ ୧୧ଟାରୁ ରାତି ୧୦ଟା।
- ଖୁଣ୍ଟା ପଞ୍ଚାୟତ ସମିତିର ନବମ ଅଧିବେଶନ,ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର ସଭାଗୃହ, ସମୟ:ପୂର୍ବାହ୍ନ ୧୦ଟା୩୦।
- ଗୋପବନ୍ଧୁନଗର ପଞ୍ଚାୟତ ସମିତିର ଅଷ୍ଟମ ସାଧାରଣ ଅଧିବେଶନ, ସ୍ଥାନ:ପଞ୍ଚାୟତ ସମିତି କାର୍ଯ୍ୟାଳୟସ୍ଥିତ ନୂତନ ସଭାଗୃହ,ସମୟ:ପୂର୍ବାହ୍ନ ୧୦ଟା୩୦।

### ଗଞ୍ଜାମ
- କେମିକାଲ ବିପର୍ଯ୍ୟୟ ସମ୍ବନ୍ଧୀୟ ମକ୍ଡ୍ରିଲ, ସ୍ଥାନ: ଗଞ୍ଜାମ ଗ୍ରାସୀମ ଇଣ୍ଡଷ୍ଟ୍ରିଜ, ସମୟ: ସକାଳ ୯ଟା ୩୦।
- ଛତ୍ରପୁର ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଲକ ସମ୍ମିଳନୀ ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ବିଜ୍ଞାନ ଦିବସ ପାଳନ, ସ୍ଥାନ: ବୁଗୁଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।

### ଢେଙ୍କାନାଳ
- ବିଧାନସଭା ଉନ୍ନୟନ କମିଟି ବୈଠକ (ପରଜଙ୍ଗ ନିର୍ବାଚନ ମଣ୍ଡଳୀ), ସ୍ଥାନ: କାମାକ୍ଷାନଗରର ପଞ୍ଚାୟତ ସମିତି ସଭାଗୃହ, ସମୟ: ପୂର୍ବାହ୍ନ ୧୧ ଟା।

### ଜଗତ୍ସିଂହପୁର
- ଟ୍ରଲି ଓ ରିକ୍ସା ସଂଘ ପକ୍ଷରୁ ବାର୍ଷିକ ଉତ୍ସବ ଓ ଅଷ୍ଟମପ୍ରହରୀ ନାମଯଜ୍ଞ, ସ୍ଥାନ: ବସ୍ଷ୍ଟାଣ୍ଡ ପାର୍କିଂ ଅଞ୍ଚଳ, ବଡ଼ପଡିଆ, ପାରାଦୀପ, ସମୟ: ସକାଳ ୬ଟା।
- ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ରାସାୟନିକ ବିପର୍ଯ୍ୟୟ ସମ୍ପର୍କିତ ମକ୍ ଏକ୍ସରସାଇଜ, ସ୍ଥାନ: ପିପିଏଲ୍ କାରଖାନା ପରିସର, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ଇତିହାସ ବିଭାଗର ବିକାଶ ଓ ଯୋଗ ଉପରେ ବହୁମୁଖୀ କର୍ମଶାଳା, ସ୍ଥାନ: ପାରାଦୀପ କଲେଜ ପରିସର, ନୂଆବଜାର, ସମୟ: ପୂର୍ବାହ୍ନ ୧୧ଟା।

### କେନ୍ଦ୍ରାପଡ଼ା
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଲକ ପରିସର, ମହାକାଳପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଲୋକନାଥପୁର ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ମା' ଛୁଆଳିଆ ପୀଠ, ଲୋକନାଥପୁର, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।

### ଯାଜପୁର
- ୫୧ତମ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଯାଜପୁର ରୋଡ଼ ସତ୍ୟନଗର ଗ୍ରାମ,ସମୟ : ସକାଳ ୬ଟା।

### ରାୟଗଡ଼ା
- ବଜେଟକୁ ନେଇ ବାଣିଜ୍ୟ ପରିବହନ ଓ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନାଙ୍କ ଆଲୋଚନା କାର୍ଯ୍ୟକ୍ରମ, ସ୍ଥାନ: ବିଜୁ ପଟ୍ଟନାୟକ ଅଡିଟୋରିୟମ,ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ସିଙ୍ଗାରି ସେବାଶ୍ରମରେ ବାର୍ଷିକ ଉତ୍ସବ, ସ୍ଥାନ: ସେବାଶ୍ରମ ପରିସର, ମୁନିଗୁଡା, ସମୟ: ପୂର୍ବାହ୍ନ ୧୧ଟା।

### ନବରଙ୍ଗପୁର
- ପଞ୍ଚାୟତ ସମିତି ଜରୁରୀକାଳୀନ ସାଧାରଣ ପରିଷଦ ବୈଠକ, ସ୍ଥାନ: ବ୍ଲକ୍ ସଭାଗୃହ, ଉମରକୋଟ, ସମୟ: ପୂର୍ବାହ୍ନ ୧୧ଟା।
- ପୋଲିସ ପକ୍ଷରୁ ଜନସମ୍ପର୍କ ସମ୍ମିଳନୀ, ସ୍ଥାନ: ପୋଡାମ୍ବ ଗାଁ, ସମୟ: ମଧ୍ୟାହ୍ନ ୧୨ଟା।

### କୋରାପୁଟ
- ବ୍ଲକ୍ସ୍ତରୀୟ ଜଳ ବିଭାଜିକା ମହୋତ୍ସବ, ସ୍ଥାନ: କୋଲାର ପଞ୍ଚାୟତ ଗନିପୁଟ, ମାଳିଗୁଡା, ସମୟ: ସକାଳ ୯ଟା ୩୦।
- ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କୁ ଉପକରଣ ବଣ୍ଟନ, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ ପରିସର, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ବିଜ୍ଞାନ ଦିବସ ପାଳନ, ସ୍ଥାନ: ପୁକାଲି ନୋଡ଼ାଲ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଜୟପୁର କଲେଜ ଅଫ ଫାର୍ମାସୀ ବାର୍ଷିକ ଉତ୍ସବ, ସ୍ଥାନ: ରଣ୍ଡାପାଲି, ସମୟ: ପୂର୍ବାହ୍ନ ୧୧ଟା।
- ଖାଦ୍ୟ ଓ ପୁଷ୍ଟିକର ସୁରକ୍ଷା ନେଇ ଜାତୀୟ କର୍ମଶାଳା ଉଦ୍ଯାପିତ, ସ୍ଥାନ: ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେସନ୍, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକ୍ସ୍ତରୀୟ ନିପୁଣ ଓଡ଼ିଶା ମେଳା, ସ୍ଥାନ: ଏକ୍ସବୋର୍ଡ ୟୁପିଏସ୍ ସ୍କୁଲ, କୋରାପୁଟ,ସମୟ: ପୂର୍ବାହ୍ନ ୧୧ ଟା।
- ଜିଲା ଜରୁରୀ ବିଭାଗ ପକ୍ଷରୁ ମକ ଡ୍ରିଲ, ସ୍ଥାନ : ଜିଲାପରିଷଦ କନଫରେନ୍ସ ହଲ, କୋରାପୁଟ, ସମୟ: ଅପରାହ୍ନ ୩ଟା।
- ହରେକୃଷ୍ଣ ଉତ୍ସବ, ସୂର୍ଯ୍ୟ ମହଲ ପଡ଼ିଆ, ଜୟପୁର, ସମୟ: ଅପରାହ୍ନ ୩ଟା।

### ମାଲକାନଗିରି
- ସୁଭଦ୍ରା ଶକ୍ତି ମେଳା ଉଦ୍ଘାଟନ, ସ୍ଥାନ: ଡିଏନ୍କେ. ଖେଳ ପଡିଆ, ମାଲକାନଗିରି, ସମୟ: ସନ୍ଧ୍ୟା ୬ ଟା।
- ପୋଲାଭରମ ପ୍ରକଳ୍ପକୁ ପ୍ରତିବାଦରେ ଗଣ ସମାବେଶ, ସ୍ଥାନ: ମୋଟୁ, ସମୟ: ପୂର୍ବାହ୍ନ ୧୦ଟା।

### ସମ୍ବଲପୁର
- ଡେଙ୍ଗିମଚା କ୍ରୀଡା ସଂସଦ ଆୟୋଜିତ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ : ଡେଙ୍ଗିମଚା ଖେଳ ପଡିଆ, ସମୟ : ସକାଳ ୮ଟା ।
- ରାଜ୍ୟ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସମୀକ୍ଷା ବୈଠକ, ସ୍ଥାନ : ସର୍କିଟ ହାଉସ, ସମୟ : ମଧ୍ୟାହ୍ନ ୧୨ଟା ୩୦ ।
- ଜିଲା କ୍ରୀଡା ସଂଘ ଓ ସମଲେଶ୍ୱରୀ ସ୍ପୋର୍ଟିଂ ଆୟୋଜିତ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୪ଟା ୩୦ ।
- ପ୍ରୋଗ୍ରେସିଭ ସମ୍ବଲପୁର ଆୟୋଜନରେ ୱାନ ନେଶନ ୱାନ ଇଲେକ୍ସନ କାର୍ଯ୍ୟକ୍ରମ, ସ୍ଥାନ: ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସ୍ଥିତ ସହଯୋଗିତା କେନ୍ଦ୍ର, ସମୟ : ଅପରାହ୍ନ ୫ଟା ।

### ବଲାଙ୍ଗୀର
- ଭୂମିହୀନଙ୍କ ଲୋଇସିଂହା ତହସିଲ ଘେରାଉ, ସ୍ଥାନ: ଲୋଇସିଂହା ତହସିଲ,ସମୟ: ପୂର୍ବାହ୍ନ ୧୦ ଟା ।
- ଲୋଇସିଂହା ବ୍ଲକ ପଞ୍ଚାୟତ ସମିତି ବୈଠକ,ସ୍ଥାନ: ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ସାଢ଼େ ୧୦ ଟା ।
- ସୁଭଦ୍ରା ଶକ୍ତି ମେଳା , ସ୍ଥାନ: କୋଶଳ କଳା ମଣ୍ଡଳ ପଡିଆ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା ।
- ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ହୋଟେଲ ରିଦ୍ଧିସିଦ୍ଧି, ବଲାଙ୍ଗୀର, ସମୟ: ୧୨ଟା ୩୦ ମିନିଟ
- ବଲାଙ୍ଗୀର ବହିହାଟର ପଞ୍ଚମ ସନ୍ଧ୍ୟା, ସ୍ଥାନ: କୋଶଳ କଳା ମଣ୍ଡଳ ପଡିଆ, ବଲାଙ୍ଗୀର, ସମୟ: ଅପରାହ୍ନ ୨ଟା ।

### ରାଉରକେଲା
- ବାର୍ଷିକ କ୍ରୀଡ଼ା ତାଲିମ ଶିବିର, ୮ମ ଦିବସ, ସ୍ଥାନ: ଦିଲ୍ଲୀ ପବ୍ଲିକ ସ୍କୁଲ, ସମୟ: ସକାଳ ୭ଟା।
- ଜାତୀୟ ବିଜ୍ଞାନ ଦିବସ, ସ୍ଥାନ: ଏନ୍ଆଇଟି ରାଉରକେଲା, ସମୟ: ସକାଳ ୯ଟା ୩୦।
- ଜାତୀୟ ବିଜ୍ଞାନ ଦିବସ ପାଳନ ସମାରୋହ, ସ୍ଥାନ: ସେକ୍ଟର-୨ ସୁଶୀଳାବତୀ କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- ବାର୍ଷିକ କ୍ରୀଡା ମହୋତ୍ସବ ଉଦ୍ଯାପନୀ ଦିବସ, ସ୍ଥାନ: ପ୍ଲେସ୍ ଅଫ୍ ସେଫ୍ଟି, ସମୟ: ପୂର୍ବାହ୍ନ ୧୦ଟା।
- କମ୍ପ୍ୟୁଟର ବିଭାଗ ପକ୍ଷରୁ ଆମେଗା-୨୦୨୫ ଛାତ୍ର ସମ୍ମିଳନୀ, ୪ର୍ଥ ଦିବସ, ସ୍ଥାନ: ଏନ୍ଆଇଟି ରାଉରକେଲା, ସମୟ: ପୂର୍ବାହ୍ନ ୧୧ଟା।
- ମାସିକ ସାହିତ୍ୟ ଆସର, ସ୍ଥାନ: ବାସନ୍ତୀ ପାଠାଗାର, ସମୟ: ସନ୍ଧ୍ୟା ୬ଟା।

### ବରଗଡ଼
- ଚାଷୀ ସଙ୍ଗଠନ ଜୟ କିସାନ ଆନ୍ଦୋଳନର ପ୍ରତିବାଦ ସଭା, ସ୍ଥାନ: ସୋହେଲା ଥାନାଛକ, ସମୟ: ପୂର୍ବାହ୍ନ ୧୦ଟା
- ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ, ସ୍ଥାନ: ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।

### କଳାହାଣ୍ଡି
- ଚିତ୍ରଗୁପ୍ତ ମହାପ୍ରଭୁଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ସମାରୋହର ଦ୍ୱିତୀୟ ଦିବସ, ସ୍ଥାନ: ଭବାନୀପାଟଣା କରଣ ସମାଜ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଫଗୁ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜୁନାଗଡ ବ୍ଲକ ମଥୁରା, ସମୟ: ଅପରାହ୍ନ ୪ଟା।

### ବୌଦ୍ଧ
- ଜିଲାସ୍ତରୀୟ ନିର୍ମାଣ ଶ୍ରମିକଙ୍କୁ ସହାୟତା ପ୍ରଦାନ ସମାରୋହ, ସ୍ଥାନ: ଟାଉନହଲ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା।

### ଦେବଗଡ଼
- ବିଦ୍ୟା ବିକାଶ ବିଦ୍ୟାଳୟର ୧୩ତମ ବାର୍ଷିକ ଉତ୍ସବ, ସ୍ଥାନ: ରୟାଲ ଭେନ୍ୟୁ, ଦେବଗଡ଼ ସହର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍ଯାପିତ, ସ୍ଥାନ: ପ୍ରଧାନପାଟ ରୋଡ, ଦେବଗଡ଼ ବଡ଼ବଗିଚା, ସମୟ: ପୂର୍ବାହ୍ନ: ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

### ସୁବର୍ଣ୍ଣପୁର
- ଜିଲା ପରିଷଦ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ନିର୍ମାଣ ଶ୍ରମିକ ସହାୟତା ବଣ୍ଟନ ଶିବିର, ସ୍ଥାନ: ଧର୍ମଶାଳା ଉପବଜାର ପ୍ରାଙ୍ଗଣ, ସମୟ: ଅପରାହ୍ନ ୨ଟା ୩୦।

### ନୂଆପଡ଼ା
- ମାରାଗୁଡ଼ା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ନୂଆପଡ଼ା ସଦ୍ଭାବନା ସଭାଗୃହ, ସମୟ: ଅପରାହ୍ନ ୩ଟା ।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଖଡିଆଳ ବ୍ଲକ ଚଚରାଭଟା ଗାଁ, ସମୟ: ସକାଳ ୮ଟା ୩୦।
- ମହାଶିବରାତ୍ରି ଉପଲକ୍ଷେ ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ରଜନା ଗାଁ, ସମୟ: ସକାଳ ୯ଟା ୩୦।

### ଝାରସୁଗୁଡ଼ା
- ଅମାବାସ୍ୟା ଉପଲକ୍ଷେ ପ୍ରବଚନ ଏବଂ ଭାଗବତ ପାଠ, ସ୍ଥାନ: କପିଳାସପୁର ଭାଗବତଗୁଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ମାସିକ ରକ୍ତସ୍ରାବ ଜନିତ ସଚେତନତା ଶିବିର, ସ୍ଥାନ: ପୂଝାରୀପାଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ଏକ ଦିବସୀୟ ଫୁଟ୍ବଲ୍ ଟୁର୍ନାମେଣ୍ଟ, ସ୍ଥାନ: ଜମାପାଲି ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ମାସିକ ବାଲ୍ମୀକି ରାମାୟଣ ପାଠ, ସ୍ଥାନ: କୁମ୍ଭର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: କୁକୁରଜଙ୍ଘା ପ୍ରାଥମିକ ବିଦ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ବିଭିନ୍ନ ସମସ୍ୟା ମଧ୍ୟରେ ଗତିକରୁଥିଲେ ମଧ୍ୟ ମାନସିକ ସ୍ଥିରତା ଅକ୍ଷୁଣ୍ଣ ରହିବ। ପ୍ରତ୍ୟେକ କାମ ନିର୍ଦ୍ଦିଷ୍ଟ ସମୟରେ ସମ୍ପନ୍ନ କଷ୍ଟକର ହେବ। ବୃହସ୍ପତିଙ୍କ ସୁଦୃଷ୍ଟି ଆପଣଙ୍କ ଅର୍ଥନୀତି, ଗୁରୁତ୍ୱପୂର୍ଣ୍ଣ ଆଲୋଚନା, ସଭାସମିତିର ସୁବିଚାର ଦିଗରେ ସାହାଯ୍ୟ କରିବ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ଦ୍ୱାରା ପାରିବାରିକ ଶାନ୍ତି ନଷ୍ଟ ହୋଇପାରେ ।

**ବୃଷ** ନିଜର ସହଜାତ ଗୁଣଧର୍ମାନୁଯାୟୀ ବନ୍ଧୁ ମାଧ୍ୟମରେ କର୍ମକ୍ଷେତ୍ରକୁ ହଲ୍ଚଲ୍ କରିପାରନ୍ତି। ଆବଶ୍ୟକତା ପୂରଣ ସକାଶେ ଅର୍ଥ ସଂଗ୍ରହର ପ୍ରଚେଷ୍ଟା ନିଷ୍ଫଳ ହେବନାହିଁ। ଅଫିସ୍ର କାର୍ଯ୍ୟବ୍ୟସ୍ତତା ଯୋଗୁ ଘରୋଇ କାମଗୁଡିକ ବାଧାପ୍ରାପ୍ତ ହେବ। କଳା, କ୍ରୀଡ଼ା, ସଙ୍ଗୀତ ଓ ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢିପାରେ।

**ମିଥୁନ** ସବୁ କିଛି ଠିକ୍ ଥିଲେ ମଧ୍ୟ ଶେଷ ପର୍ଯ୍ୟାୟର ବିବାଦୀୟ ସ୍ଥିତି ସଫଳତାକୁ ସ୍ଥଗିତ ରଖି ଦେଇପାରେ। ବୁଧଙ୍କ ଦୁର୍ବଳତା କାରଣରୁ ବନ୍ଧୁବର୍ଗଙ୍କ ସହ ସୁସମ୍ପର୍କ ରହିବ ନାହିଁ। ଆର୍ଥିକ, ପାରିବାରିକ ଓ ଆନୁଷ୍ଠାନିକ କ୍ଷେତ୍ର ମଧ୍ୟ ବିଶେଷ ଭଲ ରହି ନ ପାରେ। ବିଶିଷ୍ଟବ୍ୟକ୍ତିଙ୍କ ସହାୟତାରେ ପ୍ରତ୍ୟେକ କ୍ଷେତ୍ରରେ ଲକ୍ଷ୍ୟହାସଲରେ ସମର୍ଥ ହେବେ।

**କର୍କଟ** ମନ ଯେମିତି ଚାହୁଁଛି ତଦନୁଯାୟୀ କାମ ନ ହୋଇପାରେ। କୌଣସି ବିଜାତୀୟ ବ୍ୟକ୍ତି ପରିସ୍ଥିତିକୁ ଓଲଟପାଲଟ କରିଦେବେ। ଦୈହିକ ଦୁର୍ବଳତା ମନୋବଳକୁ କମାଇଦେବା କାରଣରୁ କର୍ମସମ୍ପାଦନରେ ପଛେଇଯିବେ। ଆର୍ଥିକ ଅନଟନ ଥିଲେ ମଧ୍ୟ ବନ୍ଧୁଙ୍କ ସହଯୋଗ ପରିସ୍ଥିତିକୁ ସମ୍ଭାଳି ନେବାରେ ମୁଖ୍ୟ ଭୂମିକା ସାଜିପାରେ।

**ସିଂହ** ମାନସିକ ଅସ୍ଥିରତା କାରଣରୁ ଉପରିସ୍ଥ କର୍ମଚାରୀଙ୍କ ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝି ପାରିବେନି। ବ୍ୟବସାୟ କ୍ଷେତ୍ରରୁ ଅଂଶଧନ ହିସାବରେ ଅଧିକ ଧନ ପାଇ ଖୁସି ହେବେ। ପରସ୍ଥିତିରେ ପଡି ଆକସ୍ମିକ ଭାବରେ ଦୂରଯାତ୍ରା କରିବାକୁ ପଡିପାରେ। ବନ୍ଧୁମାନେ ଅସହଯୋଗ ମନୋବୃତ୍ତି ପୋଷଣ କରି ସମସ୍ୟା ସୃଷ୍ଟି କରିପାରନ୍ତି।

**କନ୍ୟା** ଦୀର୍ଘ ଦିନର ଆଶା ପୂରଣ ଦିଗରେ ସହକର୍ମୀଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। ପଡ଼ୋଶୀଙ୍କ କଥାରେ ପ୍ରଭାବିତ ହୋଇ ନୂତନ କର୍ମସଂସ୍ଥାନ ପାଇଁ ମନ ବଳାଇବେ। ଭାଇଙ୍କ ଆରୋଗ୍ୟଲାଭ ପାଇଁ ଦେବାର୍ଚ୍ଚନା ସକାଶେ ତତ୍ପରତା ପ୍ରକାଶ ପାଇବ। ପାରିବାରିକ, ସାମାଜିକ ଓ ରାଜନୈତିକ ପତିଆରା ବୃଦ୍ଧି ପାଇବା ସମ୍ଭାବନା ରହିଛି।

**ତୁଳା** କର୍ମକ୍ଷେତ୍ରରେ ଅର୍ଥ ଓ ସମ୍ମାନ ପାଇବା ସାଙ୍ଗକୁ ବନ୍ଧୁବର୍ଗଙ୍କ ସହାନୁଭୂତି ପାଇ ଖୁସି ହେବେ। କିନ୍ତୁ ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିପାରେ। ଆଲୋଚନା ପରିସରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ସହକର୍ମୀଙ୍କ ସାହାଯ୍ୟ ଓ ସହାନୁଭୂତିରୁ ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି।

**ବିଛା** ପରିସ୍ଥିତିବଶତଃ ଉପରିସ୍ଥଙ୍କ ସମ୍ମୁଖରେ ଭାବୁଥିବା କଥାଟି ପ୍ରକାଶ କରିବାରେ ପଛେଇଯିବେ। ଫଳତଃ ପାଇବା ସକାଶେ ଅନୁକୂଳ ସ୍ଥିତି ଥିଲେ ମଧ୍ୟ ସୁଯୋଗ ହାତଛଡ଼ା ହୋଇଯାଇପାରେ। ପରିବାରରେ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ରଚନାତ୍ମକ କାର୍ଯ୍ୟ, ନୂତନ ଯୋଜନା ତଥା ବାଣିଜ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ଧନୁ** ପ୍ରତ୍ୟେକ କ୍ଷେତ୍ରରେ ପରିସ୍ଥିତିର ମୁକାବିଲା କରନ୍ତୁ, ଉପକାର ମିଳିବ। ଆପଣଙ୍କ ପ୍ରତିଷ୍ଠାକୁ ସହ୍ୟ କରି ନ ପାରି ନିଜ ଲୋକ ସମାଲୋଚନା କରିପାରନ୍ତି। ପାରିବାରିକ, ବ୍ୟବସାୟିକ କ୍ଷେତ୍ର, ନିର୍ମାଣାଧୀନ କାମ, ଚୁକ୍ତିପତ୍ର ସ୍ୱାକ୍ଷରିତ ପାଇଁ ସମୟଟି ଅନୁକୂଳ ରହିବ। ଆଜିର ବନ୍ଧୁମିଳନ ସାଙ୍ଗକୁ ଆଳାପ ଆଲୋଚନାରେ ସମୟ କଟାଇପାରନ୍ତି।

**ମକର** ସମ୍ପର୍କୀୟଙ୍କ ସହଯାତ୍ରୀ ଭାବରେ ଆଜିର ସକାଳ ଯାତ୍ରା ବେଶ୍ ପ୍ରୀତିପ୍ରଦ ରହିବ। ସ୍ତ୍ରୀଙ୍କ ଉଦ୍ୟମରୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ। କାର୍ଯ୍ୟର ଗୁରୁତ୍ୱ ଦୃଷ୍ଟିକୋଣରୁ ଅଫିସ୍ରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ। କିଛି କହି ନ ପାରିଲେ ମଧ୍ୟ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିପାରେ।

**କୁମ୍ଭ** ସରକାରୀ ସ୍ତରରୁ ଆଶା କରିଥିବା ଖବରଟି ପଡ଼ୋଶୀଙ୍କଠାରୁ ପାଇ ଖୁସି ହେବେ। ପରିବାରରେ ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ସହକର୍ମୀମାନଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି। ଯାତ୍ରା, ବାଣିଜ୍ୟ, ଲେଖାପଢ଼ା, କଳା ସାହିତ୍ୟାଦି କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି କରିବେ।

**ମୀନ** ଅତୀତର ଅନାଲୋଚିତ ଘଟଣାବଳୀ ମନକୁ ଆନ୍ଦୋଳିତ କରିପାରେ। ଭାଗୁଆଳିଙ୍କ ଉପରେ ସନ୍ଦେହ ବୃଦ୍ଧି କାରଣରୁ ବ୍ୟବସାୟରେ ମନାନ୍ତର ସୃଷ୍ଟି ହେବ। ଅଧୈର୍ଯ୍ୟ ନ ହୋଇ ସମୟକୁ ଅପେକ୍ଷା କଲେ ବିଳମ୍ବରେ ହେଉ ପଛେ କାର୍ଯ୍ୟ ସାଧିତ ହେବ। ସଭାସମିତିରେ ନୂତନ ଯୋଜନା ସମ୍ପର୍କିତ ଆଲୋଚନା ଫଳପ୍ରଦ ହୋଇପାରେ।

ଆଜି ଫେବୃଆରୀ ୨୮ ତାରିଖ, ରାଷ୍ଟ୍ରୀୟ ବିଜ୍ଞାନ ଦିବସ, ବୀର ସୁରେନ୍ଦ୍ର ସାଏଙ୍କ ତିରୋଧାନ ଦିବସ। ସକାଳ ଘ.୦୬.୪୩ ମି. ଗତେ ଫାଲଗୁନ ଶୁକ୍ଳ ପ୍ରତିପଦା ଶୁକ୍ରବାର, ରାଶିନକ୍ଷତ୍ର–ଶତଭିଷା/କୁମ୍ଭ। ଘ.୦୧.୩୯ ମି. ଗତେ ପୂର୍ବଭାଦ୍ରପଦ ନକ୍ଷତ୍ର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୧୦ମି. ଗତେ ଘ.୦୬.୫୭ମି. ମଧ୍ୟେ, ଘ.୦୭.୪୩ମି. ଗତେ ଘ.୦୯.୦୫ମି. ମଧ୍ୟେ ଶୁଦ୍ଧ ଶୁଭ ବେଳ। ଦିବା ଘ.୧୦.୩୨ମି. ଗତେ ଘ.୧୧.୫୯ମି. ମଧ୍ୟେ ରାହୁ କାଳ।

# ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଦନ୍ତା ମୃତ

ଆଠଗଡ଼,୨୭।୨(ସତ୍ୟ ପ୍ରସାଦ ରଥ)

କଟକ ଜିଲା ଆଠଗଡ଼ ବନଖଣ୍ଡ ସଦର ବନାଞ୍ଚଳ ଅନ୍ତର୍ଗତ କୁଲାଇଲୋ ବିରିବୋଲୁଅ କ୍ରଶର ପଡ଼ିଆରେ ବୁଧବାର ବିଳମ୍ବିତ ରାତିରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ଏକ ଦନ୍ତାହାତୀର ମୃତ୍ୟୁ ଘଟିଛି। ହାତୀଟି ୩୨ରୁ ୩୫ ବର୍ଷ ହେବ ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି।

ହାତୀର ମୃତଦେହ ପଡ଼ିଥିବା ସ୍ଥାନରୁ ପ୍ରାୟ କିଛି ଦୂରରେ ଥିବା କ୍ରଶରକୁ ଆଠଗଡ-ଖୁଣ୍ଟୁଣି ୩୩ କେଭି ଲାଇନରୁ ବିଦ୍ୟୁତ୍ ଯୋଗାଣ ପାଇଁ ୧୧ କେଭି ଲାଇନ ଟଣାଯାଇଥିବା ଜଣାପଡ଼ିଛି। ପ୍ରାୟ ୪ ବର୍ଷ ହେବ ଉକ୍ତ କ୍ରଶରରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଥିଲେ ମଧ୍ୟ ୧୧ କେଭି ଲାଇନ୍ ଯାଇଥିବା ତାରକୁ ଖୋଲା ଯାଇ ନ ଥିଲା। ଏହି ତାରକୁ କେବଳ ୩୩ କେଭି ଲାଇନରୁ ବିଚ୍ଛିନ୍ନ କରି ଦିଆଯାଇଥିଲା।

ଅଞ୍ଚଳରେ ହାତୀ ଚଳପ୍ରଚଳ କରୁଥିବାରୁ ଏଠାରୁ ବିଦ୍ୟୁତ୍ କଣ୍ଡକ୍ଟର ଖୋଲିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଟାଟା ପାୱାର ଓ ବନ ବିଭାଗକୁ ବାରମ୍ବାର ଦାବି କରାଯାଇଥିଲା। ଏହାସତ୍ତ୍ୱେ ଉଭୟ ବିଭାଗ ଏହାକୁ ଅଣଦେଖା କରିଥିବାରୁ ବୁଧବାର ରାତିରେ ହାତୀ ମୃତ୍ୟୁଘଟଣା ଘଟିଛି ବୋଲି ଗ୍ରାମବାସୀଙ୍କ ପକ୍ଷରୁ କୁହାଯାଇଛି। କ୍ରଶର ମଧ୍ୟକୁ ଯାଇଥିବା ୧୧ କେଭି ବିଦ୍ୟୁତ୍ କଣ୍ଡକ୍ଟରରେ ଅନାବନା ଲତାରେ ଘୋଡ଼ାଇ ଦିଆଯାଇଥିଲା ବୋଲି ଗ୍ରାମବାସୀଙ୍କ ପକ୍ଷରୁ କୁହାଯାଇଛି। ବୁଧବାର ବିଳମ୍ବିତ ରାତିରେ ଉକ୍ତ ଅଞ୍ଚଳ ଦେଇ ହାତୀଟି ଯାଉଥିବାବେଳେ ଲତାଗୁଡ଼ିକୁ ଖାଇବା ଲାଗି ଶୁଣ୍ଢରେ ଟାଣି ଦେଇଛି। ଫଳରେ ବିଦ୍ୟୁତ୍ ପ୍ରବାହ ହେଉଥିବା ୩୩ କେଭି ଲାଇନ କଣ୍ଡକ୍ଟରଗୁଡ଼ିକ ଟାଣି ହୋଇ ୧୧ କେଭି କଣ୍ଡକ୍ଟର ସଂସ୍ପର୍ଶରେ ଆସି ସେଥିରେ ବିଦ୍ୟୁତ୍ ପ୍ରବାହ ହୋଇଛି। ଏହି ବିଦ୍ୟୁତ୍ ସଂସ୍ପର୍ଶରେ ଦନ୍ତା ଆସିବାରୁ ତାର ମୃତ୍ୟୁ ଘଟିଛି ବୋଲି ଗ୍ରାମବାସୀ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ମୃତଦେହକୁ ମିଳିଲାନି ...

ବ୍ଲକ ନୁନୁକାପଶି ପଞ୍ଚାୟତ ଶରଧାମୁଣ୍ଡା ଗ୍ରାମରେ ରହୁଥିବା ପ୍ରକାଶ ପ୍ରଧାନ (୪୫)ଙ୍କ ମୃତଦେହ। ମାନବିକତାର ତଣ୍ଟି ଚିପିଦେଲା ଭଳି ଗୁରୁବାର ଅନୁଗୋଳ ଜିଲାରେ ଘଟିଥିବା ଏହି ଘଟଣା ବୁଦ୍ଧିଜୀବୀ ମହଲରେ ଉଦ୍ବେଗର କାରଣ ହୋଇଛି।

ସୂଚନା ଅନୁଯାୟୀ, ଆଠମଲ୍ଲିକ ଥାନା ପେଣ୍ଡରାବସା ଗ୍ରାମର ପ୍ରକାଶଙ୍କ ଗୁରୁବାର ସକାଳ ୭ଟାରେ ମୃତ୍ୟୁ ହୋଇଥିଲା। ସେ କିଛି ମାସ ହେବ କିଡ୍ନୀ ଜନିତ ରୋଗରେ ପୀଡ଼ିତ ଥିଲେ। ୨୦୧୦ ମସିହାରେ ପ୍ରକାଶ କିଶୋରନଗର ବ୍ଲକ ଶରଧାମୁଣ୍ଡା ଗ୍ରାମର ରୀତା ବିଶ୍ୱାଳଙ୍କୁ ପ୍ରେମ ବିବାହ କରିଥିଲେ। ହେଲେ ଦୁହେଁ ଭିନ୍ନ ଜାତି ହୋଇଥିବାରୁ ଏହି ବିବାହକୁ ରୀତା ଓ ପ୍ରକାଶଙ୍କ ଜାତି ସମାଜ ଗ୍ରହଣ କରି ନ ଥିଲା। ଏପରିକି ଉଭୟଙ୍କ ସମାଜର ଲୋକମାନେ ରୀତା ଓ ପ୍ରକାଶଙ୍କୁ ବାସନ୍ଦ କରିବା ସହ ଜାତିର କୌଣସି କାର୍ଯ୍ୟରେ ସାମିଲ କରୁ ନ ଥିଲେ। ଏଥିସହ ଉଭୟଙ୍କ ପରିବାରର କୌଣସି ସଦସ୍ୟ ରୀତା ଓ ପ୍ରକାଶଙ୍କ ସହ ମିଶିଲେ ବାସନ୍ଦ ସହ ଜରିମାନା ଦେବେ ବୋଲି କୁହାଯାଇଥିଲା। ଫଳରେ ରୀତା ଓ ପ୍ରକାଶ ଶରଧାମୁଣ୍ଡାଠାରେ ଏକ ଘର ନିର୍ମାଣ କରି ରହିବା ସହ ପାଲା ଗାୟକଙ୍କ ସହଯୋଗୀ ଭାବେ କାମ କରୁଥିଲେ। ଉଭୟଙ୍କ ୨ଟି ଝିଅ ଓ ଗୋଟିଏ ପୁଅ ଥିବାବେଳେ ୨୦୨୦ ମସିହାରେ ପ୍ରକାଶ କିଡ୍ନୀ ରୋଗରେ ଆକ୍ରାନ୍ତ ହୋଇଥିଲେ। ତାଙ୍କର ୨ଟି ଯାକ କିଡ୍ନୀ ଅଚଳ ହୋଇଯାଇଥିଲା। ୫ ବର୍ଷ ହେବ ବିଭିନ୍ନ ସମୟରେ ଚିକିତ୍ସିତ ହେଉଥିବା ପ୍ରକାଶ ଗୁରୁବାର ଆଖିବୁଜି ଦେଇଥିଲେ। ସ୍ତ୍ରୀ ରୀତା ଏ ସମ୍ପର୍କରେ ଶାଶୁଘର ଓ ବାପଘର ଲୋକଙ୍କୁ ସୂଚନା ଦେଇଥିଲେ। ଖବରପାଇ ଉଭୟ ପରିବାର ଲୋକମାନେ ଆସିଥିଲେ ହେଁ ଦୂରରୁ ଦେଖି ଚାଲିଯାଇଥିଲେ। ପରିବାର ସଦସ୍ୟଙ୍କ ଏପରି ବ୍ୟବହାର ରୀତା ଓ ପିଲାମାନଙ୍କୁ ଅଧିକ ଅସହାୟ କରିଦେଇଥିଲା। ସେମାନେ ମୃତଦେହ ପାଖରେ ବସି କାନ୍ଦୁଥିବା ଦେଖାଯାଇଥିଲା। ରୀତାଙ୍କ ଅସହାୟତା ସମ୍ପର୍କରେ ସ୍ଥାନୀୟ ଅଞ୍ଚଳବାସୀ କିଶୋରନଗର ତହସିଲ ପ୍ରଶାସନକୁ ସୂଚନା ଦେଇଥିଲେ। କିନ୍ତୁ ପ୍ରଶାସନର କୌଣସି ଅଧିକାରୀ ଘଟଣାସ୍ଥଳକୁ ଆସି ନ ଥିଲେ। ବଇଣ୍ଡା ଫାଣ୍ଡି ପୋଲିସ ଗାଁକୁ ଆସିଥିଲେ ମଧ୍ୟ କିଛି ସମୟ ପରେ ପଳାଇ ଯାଇଥିବା ଅଞ୍ଚଳବାସୀ କହିଛନ୍ତି। ପରେ ବଇଣ୍ଡା ଗ୍ରାମର ବିଜୟ ସାହୁ, ବିଷ୍ଣୁ ପ୍ରସାଦ ପ୍ରଧାନ, ସର୍ବେଶ୍ୱର ସାହୁ, ରାମ ବେହେରା, ଅଜିତ ପ୍ରଧାନ, ତ୍ରିଲୋଚନ ବେହେରା, ଗିରିଧାରୀ ପ୍ରଧାନ, ନୁନୁକାପଶି ସମିତି ସଭ୍ୟା ମାନସୀ ପ୍ରଧାନ ମୃତଦେହ ଦାହ ପାଇଁ କାଠ ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଡ଼ କରିଦେବା ପରେ ରୀତା ନାବାଳିକା ଝିଅଙ୍କ ସହାୟତାରେ ଖଟିଆରେ ଥିବା ମୃତଦେହକୁ ଶ୍ମଶାନ ଯାଏ ବୋହି ନେଇଥିଲେ। ସେଠାରେ ଜୁଇ ପ୍ରସ୍ତୁତ ହେବା ପରେ ପୁଅ ରାଜେଶ ବିଶ୍ୱାଳ ମୁଖାଗ୍ନି ଦେଇଥିଲେ। ଏ ସମ୍ପର୍କରେ କିଶୋରନଗର ବିଡିଓ ସୁବ୍ରତ କୁମାର ବେହେରା କହିଛନ୍ତି, ଜାତିପ୍ରଥାକୁ ନେଇ ଏପରି କଟକଣା ରହିବା ଠିକ୍ ନୁହେଁ। ଏହି ଘଟଣା ବ୍ଲକ ପ୍ରଶାସନର ଦୃଷ୍ଟିକୁ ଆସିନାହିଁ। ତୁରନ୍ତ ଏ ଦିଗରେ ତଦନ୍ତ କରାଯିବ ଓ ମୃତକଙ୍କ ପରିବାରକୁ କିଛି ସରକାରୀ ସହାୟତା ଯୋଗାଇ ଦିଆଯିବ।

### ବିପଦରେ ନାଶି, ହବେଳିଖଟି, ...

ଆଲୋଚକମାନେ ଦର୍ଶାଉଛନ୍ତି ଯେ, କେନ୍ଦ୍ରାପଡା ଜିଲାବାସୀ ପ୍ରତ୍ୟେକ ବର୍ଷ ସାମୁଦ୍ରିକ ଝଡ଼ ପରି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନ ସ୍ଥାନୀୟ ଅଧିବାସୀଙ୍କ ଥଇଥାନ ଓ ମୌଳିକ ସୁବିଧା ଯୋଗାଇ ଦେବାକୁ ଝଡ଼ ସମୟରେ ତତ୍ପର ହେଉଛନ୍ତି। ତେବେ ପ୍ରାକୃତିକ ବିପର୍ଯ୍ୟୟରୁ ବହୁ ପରିମାଣରେ ରକ୍ଷା କରୁଥିବା ହେନ୍ତାଳବଣ ସୃଷ୍ଟି ପାଇଁ ନଜର ଦେଉନାହାନ୍ତି। ତଟାଞ୍ଚଳରେ ବନ୍ୟା, ବାତ୍ୟା ସହ ସୁନାମି ଭୟ ରହିଛି। ଏହି ଭୟରୁ ମୁକ୍ତି ପାଇଁ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ହେନ୍ତାଳବଣ ସୃଷ୍ଟି ଓ ବ୍ୟାପକ ବନୀକରଣକୁ ଗୁରୁତ୍ୱ ଦିଆଯାଇଥିଲା। ଇତିମଧ୍ୟରେ ଏହି ଘୋଷଣା ଓ ଯୋଜନା ଜିଲାରେ କାର୍ଯ୍ୟକାରୀ ହେବା ଦେଖାଯାଇନାହିଁ। ୨୦୧୮ ଜୁଲାଇ ୨୪ ତାରିଖରେ ଗ୍ରୀନ ମହାନଦୀ ମିଶନ ରାଜ୍ୟ ସରକାର ଘୋଷଣା କରିଥିଲେ। ଏହି ମିଶନକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍ଘାଟନ କରି ମହାନଦୀ, ଇବ୍ ଓ ତେଲ ନଦୀ ତଟାଞ୍ଚଳର ୪୧ ହଜାରରୁ ଅଧିକ ଅଞ୍ଚଳରେ ୫ କୋଟିରୁ ଅଧିକ ଚାରାରୋପଣରେ ବନୀକରଣ ହେବ ବୋଲି ଘୋଷଣା କରିଥିଲ। କେନ୍ଦ୍ରାପଡ଼ା ଜିଲାରେ ମହାନଦୀ ପ୍ରବାହିତ ହେଉଥିଲେ ମଧ୍ୟ ଗତ ୫ ବର୍ଷ ମଧ୍ୟରେ ଏ ନେଇ ସ୍ଥାନ ଚିହ୍ନଟ ହୋଇପାରିନାହିଁ। ତଟାଞ୍ଚଳରେ ବୃଦ୍ଧି ପାଉଥିବା ଚିଙ୍ଗୁଡି ଘେରି, ଜବରଦଖଲ ଆଦି ହେନ୍ତାଳବଣକୁ ନଷ୍ଟ କରୁଛି। ଦ୍ରୁତ ତଟକ୍ଷୟ ଯୋଗୁ ସାତଭାୟାର ୫ ରାଜସ୍ୱ ଗ୍ରାମ ସମୁଦ୍ରଗର୍ଭକୁ ଚାଲିଯାଇଥିବା ବେଳେ ଏବେ ଷଷ୍ଠତମ ଗ୍ରାମ ବରାହୀପୁର ରାଜସ୍ୱ ମାନଚିତ୍ରରୁ ଲୋପ ପାଇବାକୁ ଅପେକ୍ଷା କରିଛି। ତୁରନ୍ତ ତଟାଞ୍ଚଳର ୧୦ କି.ମି. ପରିଧିରେ ହେନ୍ତାଳବଣ ସୃଷ୍ଟି ପାଇଁ ଆଲୋଚକମାନେ ସର୍ବଦା ଗୁରୁତ୍ୱ ଦେଇ ଆସିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ରଙ୍କୁ ପଚାରିବାରେ ଜିଲା ପ୍ରଶାସନ ପକ୍ଷରୁ ବନୀକରଣକୁ ଗୁରୁତ୍ୱ ଦିଆଯାଇଛି। ବନ ବିଭାଗଠାରୁ ଆରମ୍ଭ କରି ପଞ୍ଚାୟତିରାଜ ବିଭାଗର ଅଧିକାରୀ ଏହି ଯୋଜନାକୁ କାର୍ଯ୍ୟକାରୀ କରୁଛନ୍ତି। ସାମୁଦ୍ରିକ ଝଡ଼ ବିପର୍ଯ୍ୟୟ ପରିଚାଳନାରେ ହେନ୍ତାଳବଣର ଗୁରୁତ୍ୱ ଅଧିକ ବୋଲି ସେ କହିଛନ୍ତି।

### ମା'ହେଲେ ୧୦ମ...

ପକ୍ଷରୁ ଅନୁରୋଧ କରାଯାଇଛି। ବରୀ ଥାନା ଅଧିକାରିଣୀ ଜ୍ୟୋତିର୍ମୟୀ ସେଠୀ ଓ ଅନ୍ୟ ଅଧିକାରୀମାନେ ଛାତ୍ରୀଙ୍କ ସ୍କୁଲରେ ପହଞ୍ଚି ପ୍ରଧାନ ଶିକ୍ଷକ ନିର୍ମଳ କୁମାର ଜେନାଙ୍କୁ ଘଟଣା ବିଷୟରେ ପଚରାଉଚୁରା କରିଛନ୍ତି। ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ ଜେନା କହିଛନ୍ତି, ଏହି ଘଟଣା ସମ୍ପର୍କରେ ଜିଲାପାଳ, ଜିଲା ଶିକ୍ଷାଧିକାରୀ, ସିଡିପିଓ ଏବଂ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅବଗତ କରାଯାଇଛି। କାର୍ଯ୍ୟାଳୟର ଲିଗାଲ ଅଫିସର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପରବର୍ତ୍ତୀ ସମୟରେ ଆଇନ ଅନୁସାରେ ପଦକ୍ଷେପ ଗ୍ରହଣ କରାଯିବ।

ସୂଚନାଯୋଗ୍ୟ, ୨ ଦିନ ତଳେ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଅନୁସୂଚିତ ଜାତି ଓ ଜନଜାତି ଆବାସିକ ବିଦ୍ୟାଳୟ ପରିସରରେ ଜଣେ ୧୦ମ ଶ୍ରେଣୀ ଛାତ୍ରୀ ଏକ ଶିଶୁକୁ ଜନ୍ମ ଦେଇଥିଲେ । ଏହି ଘଟଣା ପରେ ବରୀର ଜଣେ ୧୦ମ ଶ୍ରେଣୀ ଛାତ୍ରୀ ମା' ହେବା ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଛି।

# କମୁଛି କୋଚିଲାଖାଇ ପକ୍ଷୀ ସଂଖ୍ୟା

ଗଣିଆ,୨୭।୨(ସନ୍ତୋଷ କୁମାର ପ୍ରଧାନ)

ପ୍ରାକୃତିକ ପରିବେଶ ଧ୍ୱଂସ, ଜଳବାୟୁ ପରିବର୍ତ୍ତନ ଓ ଶିକାରୀଙ୍କ ଅବାଧ ଶିକାର ଯୋଗୁ ଜଙ୍ଗଲରେ କେତେକ ପଶୁ ପକ୍ଷୀ ନିଜର ଅସ୍ତିତ୍ୱ ହରାଇବାକୁ ବସିଲେଣି। ସେମାନଙ୍କ ମଧ୍ୟରେ କୋଚିଲାଖାଇ ପକ୍ଷୀ ଅନ୍ୟତମ। ଜଙ୍ଗଲର ଅନ୍ୟ ପକ୍ଷୀଙ୍କ ତୁଳନାରେ ଏମାନଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି। ଓଡ଼ିଶାରେ ନିର୍ଦ୍ଦିଷ୍ଟ କେତେକ ଅଞ୍ଚଳକୁ ଛାଡ଼ିଦେଲେ ସବୁ ଜଙ୍ଗଲରେ ଏହିପକ୍ଷୀ ଦେଖିବାକୁ ମିଳୁନାହାନ୍ତି। ବିଶେଷକରି ଆମ ରାଜ୍ୟର ସାତକୋଶିଆ ଓ ଶିମିଳିପାଳ ଅଭୟାରଣ୍ୟରେ ଏମାନେ ଦେଖିବାକୁ ମିଳିଥାନ୍ତି।

କୋଚିଲାଖାଇ(ହର୍ନବିଲ) ପକ୍ଷୀ ୩ ପ୍ରଜାତିର ଦେଖାଯାଆନ୍ତି। ସେହି ପ୍ରଜାତି ହେଲେ ମାଲବାରପାଏଡ ହର୍ନବିଲ, ଇଣ୍ଡିଆନଗ୍ରେ ହର୍ନବିଲ ଓ ଓରିଏଣ୍ଟାଲ ପାଏଡ ହର୍ନବିଲ। ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳର ବଡ଼ମୂଳ, କୁତୁରୀ ଓ ମାରଡ଼ା ନିକଟ ମହାନଦୀ ଅବବାହିକାରେ ମାଲବାରପାଏଡ ଓ ଇଣ୍ଡିଆନଗ୍ରେ ହର୍ନବିଲ ଦେଖିବାକୁ ମିଳିଥାଆନ୍ତି। ଏହି ପକ୍ଷୀ ଦେଖିବାକୁ ବହୁତ ସୁନ୍ଦର। ଏହାର ଶରୀର କଳା ଧଳା ମିଶ୍ରିତ ହୋଇଥିବା ବେଳେ ବେକ ତଳେ ଧଳା ରଙ୍ଗର ଦାଗ ରହିଥାଏ। ଥଣ୍ଟଟି ଶରୀର ତୁଳନାରେ ଯଥେଷ୍ଟ ଲମ୍ବାଳିଆ ଓ ବକ୍ର। ହଳଦୀ ରଙ୍ଗର ଲମ୍ବାଳିଆ ଥଣ୍ଟ ଉପରେ ମୁକୁଟ ପରି ଗଠନ ରହିଥିବାରୁ ଏହା ଅତ୍ୟନ୍ତ ସୁନ୍ଦର ଦେଖା ଯାଇଥାଏ। ଦେଶୀ କୋଚିଲାଖାଇ ପକ୍ଷୀ କୋଚିଲା ଫଳ ଓ ଜଙ୍ଗଲର ଅନ୍ୟାନ୍ୟ ଫଳକୁ ଖାଦ୍ୟ ଭାବେ ଗ୍ରହଣ କରିଥାଏ। ଶୀତଦିନେ ସକାଳ ଓ ସନ୍ଧ୍ୟା ପୂର୍ବରୁ ଏମାନେ ମହାନଦୀ କୂଳରେ ଥିବା ଉଚ୍ଚା ବରଗଛ, ଫାସୀଗଛ ଓ କୋଚିଲା ଗଛର ଅଗ୍ର ଭାଗରେ ବସିଥାନ୍ତି। ଗୋଟିଏ ଦଳରେ ୧୫ରୁ ୨୦ଟି କୋଚିଲାଖାଇ ପକ୍ଷୀ ରହିଥାଆନ୍ତି। ଗୋଟିଏ ମାଈ କୋଚିଲାଖାଇ ପକ୍ଷୀ ୨ରୁ ୩ଟି ଅଣ୍ଡା ଦେଇଥାଏ। ନିଜକୁ ଏବଂ ଛୁଆକୁ ଶତ୍ରୁ ଦାଉରୁ ରକ୍ଷା କରିବା ପାଇଁ ଏମାନେ ଉଚ୍ଚ ଗଛର କୋରଡ଼ରେ ବସା ବାନ୍ଧିଥାନ୍ତି। ତେବେ ଏହି ବିରଳ ପ୍ରଜାତିର ପକ୍ଷୀ ଧୀରେ ଧୀରେ ଲୋପ ପାଇବାକୁ ବସିଲାଣି।


ସାତକୋଶିଆ ଅଭୟାରଣ୍ୟରେ ଦେଖାଯାଉଥିବା କୋଚିଲାଖାଇ ପକ୍ଷୀ

ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଛାମୁଣ୍ଡିଆ ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀ ନାରାୟଣ ପଣ୍ଡାଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଲୋକମାନେ ଆଜ୍ମା (ଶ୍ୱାସ) ଓ ବାତରୋଗ ଉପଶମ ପାଇଁ କୋଚିଲାଖାଇ ପକ୍ଷୀର ମାଂସକୁ ସିଝାଇ ସେଥିରୁ ଅର୍କ ବାହାର କରି ବ୍ୟବହାର କରିଥାଆନ୍ତି। କିନ୍ତୁ ଏହା ସମ୍ପୂର୍ଣ୍ଣ ଭୁଲ୍। ଏହାଦ୍ୱାରା ରୋଗ ଉପଶମ ହୋଇ ନ ଥାଏ। ଲୋକମାନେ ବୁଝି ନ ପାରି ନିଜର ସ୍ୱାର୍ଥ ପାଇଁ ଏହି ନିରୀହ ପକ୍ଷୀ ଶିକାର କରିଥାନ୍ତି କିମ୍ବା ଚୋରା ଚାଲାଣ କରିଥାନ୍ତି। ସେହିପରି ମାଈ କୋଚିଲାଖାଇ ପକ୍ଷୀ ଅଣ୍ଡା ଦେବାଠାରୁ ଛୁଆ ଫୁଟାଇବା ପର୍ଯ୍ୟନ୍ତ ବସାରେ ଜଗି ରହିଥାଏ। ଅଣ୍ଡିରା କୋଚିଲାଖାଇ ପକ୍ଷୀ ଥଣ୍ଟରେ ଚିକିଟା ମାଟି ସଂଗ୍ରହ କରି ବସା ବା କୋରଡ଼ ମୁହଁ ବନ୍ଦ କରିଦିଏ ଏବଂ ଥଣ୍ଟ ଯିବା ଭଳି ସରୁ ବାଟ ରଖିଥାଏ। ଛୁଆ ବଡ଼ ହେବା ପର୍ଯ୍ୟନ୍ତ ଅଣ୍ଡିରା କୋଚିଲାଖାଇ ପକ୍ଷୀ ଖାଦ୍ୟ ସଂଗ୍ରହକରି ମା' ଓ ଛୁଆକୁ ଦେଇଥାଏ। ଛୁଆ ବଡ଼ ହେବା ପରେ କୋରଡ଼ ବା ବସା ମୁହଁରେ ଥିବା ମାଟି ଭାଙ୍ଗି ଛୁଆ ଓ ମାଈ କୋଚିଲଖାଇ ପକ୍ଷୀକୁ ବାହାର କରିଥାଏ। ଏହି ସମୟରେ ଯଦି ଅଣ୍ଡିରା ପକ୍ଷୀଟିର ଶିକାରୀ କିମ୍ବା ଶତ୍ରୁଦ୍ୱାରା ମୃତ୍ୟୁ ହୁଏ, ତେବେ ମା'ପକ୍ଷୀ ଓ ଛୁଆ ଖାଦ୍ୟ ନ ପାଇ ମୃତ୍ୟୁମୁଖରେ ପଡିଥାଆନ୍ତି। ଏହା ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ୍ୟ। ଏହା ହେଉଛି କୋଚିଲାଖାଇ ବଂଶଲୋପ ପାଇବାର ପ୍ରମୁଖ କାରଣ। ତେବେ କୋଚିଲାଖାଇ ପକ୍ଷୀଙ୍କ ଗତିବିଧି ଓ ସୁରକ୍ଷା ଦିଗରେ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ନଜର ରଖାଯାଇଛି ବୋଲି ସେ ସୂଚନା ଦେଇଛନ୍ତି।

# ବାପା ମୃତ, ମା'ଝିଅ ଗୁରୁତର

## ପିକ୍‌ଅପ୍ ଭ୍ୟାନ୍-ବାଇକ୍ ମୁହାଁମୁହିଁ ଧକ୍କା

ଆସିକା,୨୭।୨ (ସୁରେନ୍ଦ୍ର ନାଥ ସାହୁ)

ଗଞ୍ଜାମ ଜିଲା ଆସିକା-ବ୍ରହ୍ମପୁର ୫୯ ନଂ. ଜାତୀୟ ରାଜପଥର ପିତଳ ଛକ ନିକଟରେ ଗୁରୁବାର ଅପରାହ୍ଣ ପ୍ରାୟ ୫ଟାରେ ପିକ୍‌ଅପ୍ ଭ୍ୟାନ୍ ସହ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ବାଇକ୍ ଚାଳକ ରାମଚନ୍ଦ୍ର ଜେନା (୪୮)ଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସ୍ତ୍ରୀ ରେବତୀ ଜେନା (୪୦) ଓ ଝିଅ ଆନି (୯) ଗୁରୁତର ଆହତ ହୋଇଛନ୍ତି।

ଆସିକା ଥାନା ଅନ୍ତର୍ଗତ ଗହଙ୍ଗୁ ପଞ୍ଚାୟତର ଦାନଚନ୍ଦନପେଡ଼ି ଗ୍ରାମର ରାମଚନ୍ଦ୍ର ତାଙ୍କ ସ୍ତ୍ରୀ ଓ ଝିଅଙ୍କୁ ନେଇ ବାଇକ୍ (ନଂ.ଓଆର ୦୭ଏଏ ୭୧୫୬)ରେ ଆସିକାରୁ ବ୍ରହ୍ମପୁର ଅଭିମୁଖେ ଯାଉଥିଲେ। ପିତଳ ଛକ ନିକଟରେ ସମ୍ମୁଖରୁ ଆସୁଥିବା ପିକ୍‌ଅପ୍ ଭ୍ୟାନ (ନଂ.ଓଡି ୦୨ ବିଏନ-୨୭୫୧) ସହ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ବାପ, ମା ଓ ଝିଅ ଖସିପଡ଼ି ଗୁରୁତର ଆହତ ହୋଇଥିଲେ। ସମସ୍ତଙ୍କୁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ରାମଚନ୍ଦ୍ରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମା', ଝିଅଙ୍କୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡମେଡିକାଲକୁ ପଠାଇ ଦିଆଯାଇଛି। ଆସିକା ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣାଗ୍ରସ୍ତ ଗାଡ଼ି ୨ଟିକୁ ଜବତ କରିବା ସହ ପିକ୍‌ଅପ୍ ଭ୍ୟାନ୍ ଚାଳକଙ୍କୁ ହିଞ୍ଜିଳି ଥାନାରେ ଅଟକ ରଖିଛି। ରାମଚନ୍ଦ୍ର ବ୍ରହ୍ମପୁରରେ ପାଠ ପଢୁଥିବା ତାଙ୍କ ବଡଝିଅକୁ ଦେଖିବା ଲାଗି ଯାଉଥିବା ବେଳେ ଦୁର୍ଘଟଣା ଘଟିଥିବା ତାଙ୍କ ଭାଇ ଅନ୍ତର୍ଯ୍ୟାମୀ ଜେନା ସୂଚନା ଦେଇଛନ୍ତି।



ଦୁର୍ଘଟଣାଗ୍ରସ୍ତ ଗାଡି।

# ୮ରେ ମୁଖ୍ୟମନ୍ତ୍ରୀଙ୍କ ଗଞ୍ଜାମ ଗସ୍ତ

ଛତ୍ରପୁର,୨୭।୨(ଦିଲୀପ ସାମଲ)

ମାର୍ଚ୍ଚ ୮ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଗଞ୍ଜାମ ଜିଲା ଗସ୍ତ କାର୍ଯ୍ୟକ୍ରମ ରହିଛି। ଉକ୍ତ ଦିନ ଅନ୍ତର୍ଜାତୀୟ ମହିଳା ଦିବସରେ ମୁଖ୍ୟମନ୍ତ୍ରୀ 'ସୁଭଦ୍ରା' ଯୋଜନା ପ୍ରଥମ କିସ୍ତିର ଶେଷ ପର୍ଯ୍ୟାୟ ଓ ଦ୍ୱିତୀୟ କିସ୍ତି ଟଙ୍କା ବଣ୍ଟନ କରିବା କାର୍ଯ୍ୟକ୍ରମ ରହିଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୯୮ ଲକ୍ଷ ହିତାଧିକାରୀ ସୁଭଦ୍ରାରେ ସାମିଲ ହୋଇଥିବା ବେଳେ ସେଦିନ ୧କୋଟି ଟପିଯିବେ। ମାର୍ଚ୍ଚ ୮ରେ ସୁଭଦ୍ରାରେ ଯେଉଁମାନେ ଯୋଡ଼ିହେବେ ସେମାନଙ୍କୁ ଉଭୟ ପ୍ରଥମ କିସ୍ତି ଓ ଦ୍ୱିତୀୟ କିସ୍ତି ଟଙ୍କା ମିଳିବ। ଗଞ୍ଜାମ ଜିଲାରେ ମୁଖ୍ୟମନ୍ତ୍ରୀ ଏହାର ଶୁଭାରମ୍ଭ କରିବେ ବୋଲି ସୂଚନା ମିଳିଛି। ଉକ୍ତଦିନ ଜିଲାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ମଧ୍ୟ ରହିଛି। ତେଣୁ ଗୁରୁବାର ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ବିଭାଗକୁ ନେଇ ଏକ ବୈଠକ ହୋଇଥିବା ଜଣାପଡିଛି।




# ପୋଲ ତଳକୁ ବାଇକ୍ ଖସି ୨ ମୃତ, ଜଣେ ଗୁରୁତର

## ଜାଗରଯାତ୍ରା ଦେଖା ହେଲା କାଳ

କୋରାପୁଟ/ପଟ୍ଟାଙ୍ଗି,୨୭।୨
(ଅମିତାଭ ବେହେରା/ଶରତ କୁମାର ଧଳ)

ଶିବରାତ୍ରିରେ ଯାତ୍ରା ଦେଖି ଫେରିବା ସମୟରେ ପୋଲ ତଳକୁ ବାଇକ୍ ଖସି ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ସେମିଳିଗୁଡ଼ା ବ୍ଲକ୍ ପଟ୍ଟାଙ୍ଗି ଥାନା ଅନ୍ତର୍ଗତ ସାଡାମ ପଞ୍ଚାୟତ କେନାଲଗୁଡା ଅଞ୍ଚଳର ଗଙ୍ଗାଧର ଖରା(୩୦) ଓ କୃଷ୍ଣଚନ୍ଦ୍ର ଗେମେଲ(୩୫)। ଏସ୍‌ପୁଟ ଗ୍ରାମର ଜଗବନ୍ଧୁ କିଞ୍ଜୋଇ(୪୦) ଗୁରୁତର ରହିଛନ୍ତି। ସୂଚନାଯୋଗ୍ୟ, ବୁଧବାର ଗଙ୍ଗାଧର, କୃଷ୍ଣଚନ୍ଦ୍ର ଓ ଜଗବନ୍ଧୁ କୋରାପୁଟ ଜିଲା ଜୟପୁର-ବିଶାଖାପାଟଣା ଜାତୀୟ ରାଜପଥ ନିକଟ ଚାଟୁଆ ଗ୍ରାମକୁ ଶିବରାତ୍ରିରେ ଯାତ୍ରା ଦେଖିବାକୁ ଯାଇ ସକାଳୁ ବାଇକ୍(ଓଡି୧୦-ଏମ୍-୦୯୬୭)ରେ ଘରକୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ ଅନ୍ଧାରିଘାଟ ବ୍ରିଜ୍ ନିକଟ ଡୁରୁବା ପୋଲ ତଳକୁ ଖସି ପଡ଼ିଥିଲେ। ଫଳରେ ଘଟଣାସ୍ଥଳରେ ୨ଜଣଙ୍କ ମୃତ୍ୟୁ ହୋଇଥିଲା। ଜଗବନ୍ଧୁଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ପାଡୁଆ ପୋଲିସ ପରିବାର ଲୋକଙ୍କୁ ଖବର ଦେଇଥିଲା। ପୋଲ ତଳ ନଦୀଗର୍ଭରୁ ବାଇକ୍ ଓ ପଥର ଉପରେ ପଡ଼ିଥିବା ମୃତଦେହ ପାଡୁଆ ପୋଲିସ ଜବତ କରି ତଦନ୍ତ କରୁଥିବା ଥାନା ଅଧିକାରୀ ଅଶୋକ ବିଷୋୟୀ ସୂଚନା ଦେଇଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସେ କହିଛନ୍ତି।

# କେନ୍ଦ୍ରାଞ୍ଚଳ ଆର୍‌ଡିସି, ଜିଲାପାଳଙ୍କ ତଦନ୍ତ

## ଦଶମ ଶ୍ରେଣୀ ଛାତ୍ରୀ ମା' ହେବା ଘଟଣା

- ଘଟଣାସ୍ଥଳକୁ ଗଲା ଭାଜପା ଟିମ୍
- ପରୀକ୍ଷା ଦେଲେ ପୀଡ଼ିତା ଛାତ୍ରୀ

ମାଲକାନଗିରି/ଚିତ୍ରକୋଣ୍ଡା, ୨୭।୨ (ନୃସିଂହ ଚରଣ ମହାନ୍ତି/ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଏସ୍‌ଏସ୍‌ଡି ହାଇସ୍କୁଲର ଜଣେ ୧୦ମ ଶ୍ରେଣୀ ଛାତ୍ରୀ ମା' ହେବା ଘଟଣାରେ ଗୁରୁବାର କେନ୍ଦ୍ରାଞ୍ଚଳ ଆର୍‌ଡିସି ବି.ପରମେଶ୍ୱରନ୍, ମାଲକାନଗିରି ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ପିଏ ଆଇଟିଡିଏ ଯୁଗଳ ଶବର,ଡିଡବ୍ଲ୍ୟୁଓ ଶ୍ରୀନିବାସ ଆଚାରୀ ଚିତ୍ରକୋଣ୍ଡା ଯାଇ ତଦନ୍ତ କରିଥିଲେ। ସେହିପରି ଭାଜପାର ଏକ ଟିମ୍ ମଧ୍ୟ ଘଟଣାର ଅନୁଧ୍ୟାନ କରିଥିଲେ। ଛାତ୍ରୀ ଜଣକ ମେଡିକାଲରୁ ଫେରିବା ପରେ ଗୁରୁବାର କଡ଼ା ସୁରକ୍ଷାରେ ଗଣିତ ପରୀକ୍ଷା ଦେଇଛନ୍ତି। ଆର୍‌ଡିସି ବିଦ୍ୟାଳୟକୁ ଯାଇ କର୍ତ୍ତୃପକ୍ଷ ଏବଂ ପୀଡ଼ିତା ଛାତ୍ରୀଙ୍କୁ ଭେଟି ଘଟଣା ସମ୍ପର୍କରେ ବୁଝିଥିଲେ। ପୀଡ଼ିତାଙ୍କ ଅଭିଭାବକଙ୍କ ସହ ଏବଂ ବିଦ୍ୟାଳୟର ଅନ୍ୟ ଛାତ୍ରୀଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ତଦନ୍ତ ରୁଦ୍ଧଦ୍ୱାର ଭିତରେ ହୋଇଥିବାରୁ ଏହାର ସବିଶେଷ ତଥ୍ୟ ଜଣାପଡ଼ି ନାହିଁ।

ସେହିପରି ଭାଜପା ଜିଲା ସଭାପତି ଅଶୋକ ପରିଡ଼ାଙ୍କ ସମେତ ବାଲିମେଳା ଏନ୍‌ଏସି ଅଧ୍ୟକ୍ଷ ପ୍ରଦୀପ ନାୟକ,ଉପସଭାପତି ସନ୍ତୋଷିନୀ ପାତ୍ର, ସୀମାଞ୍ଚଳ ପ୍ରଧାନ ଓ ଜ୍ୟୋତିରଞ୍ଜନ ବେହେରା ପ୍ରମୁଖ ବିଦ୍ୟାଳୟରେ ପହଞ୍ଚି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଏଥିସହ ଛାତ୍ରୀ ଜଣକ କିପରି ଗର୍ଭବତୀ ହେଲେ ବିବରଣୀ ସଂଗ୍ରହ କରିବା ପରେ ସରକାରଙ୍କୁ ଅବଗତ କରାଇବେ ବୋଲି ପରିଡ଼ା କହିଛନ୍ତି। ପରିଡ଼ାଙ୍କ କହିବା ଅନୁଯାୟୀ, ଜାନୁଆରୀ ୨୮ ରେ ଛାତ୍ରୀ ଜଣକ ଖୋ ଖୋ ଖେଳି ବିଜୟୀ ହୋଇଛନ୍ତି। ସେ ଗର୍ଭବତୀ ଥିବା ସମ୍ପର୍କରେ ସାଙ୍ଗମାନଙ୍କୁ ଭୟ ଦେଖାଉଥିଲେ। ସବୁବେଳେ ଜିଲା ସ୍ୱେଟର ଏବଂ ସାଲ ଘୋଡ଼ାଇ ହେଉଥିଲେ ବୋଲି ତଦନ୍ତରୁ ପରିଡ଼ା ଜାଣିବାକୁ ପାଇଥିବା କହିଛନ୍ତି। ଆଦିବାସୀ ଛାତ୍ରୀଙ୍କୁ ଉଚ୍ଚ ଶିକ୍ଷିତ କରିବା ପାଇଁ ଆବାସିକ ବିଦ୍ୟାଳୟର ସୁବିଧା ରହିଛି। ଛାତ୍ରୀଙ୍କ ଯତ୍ନନେବା ପାଇଁ ମାଟ୍ରନ୍ ରହିଛନ୍ତି। ପ୍ରତି ମାସରେ ଏଏନ୍‌ଏମ୍ ଛାତ୍ରୀଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିବାର ନିୟମ ରହିଛି। କିନ୍ତୁ ଏହା ଭିତରେ ଚିତ୍ରକୋଣ୍ଡା ସେବାଶ୍ରମରେ ୧୦ମ ଶ୍ରେଣୀ ଛାତ୍ରୀ ଶିଶୁ କନ୍ୟା ଜନ୍ମଦେବା ସମସ୍ତଙ୍କୁ ଚକିତ କରିଛି। ତେବେ ଛାତ୍ରୀ ଜଣକ ୮ ମାସର ଗର୍ଭବତୀ ହେବା ପର୍ଯ୍ୟନ୍ତ ସ୍କୁଲ କର୍ତ୍ତୃପକ୍ଷ କିପରି ଜାଣିପାରିଲେ ନାହିଁ ଓ ଆମେ ଝିଅକୁ ଦେଖିବାକୁ ଆସିଲେ ଫଟୋ ଉଠାଇବା ସହ କଡ଼ାକଡ଼ି ଯାଞ୍ଚ ପରେ ଦେଖା କରିବାକୁ ଦିଆଯାଇଥାଏ। ତେବେ ଏତେ ସୁରକ୍ଷା ଭିତରେ କିପରି ଝିଅ ଗର୍ଭବତୀ ହେଲା, ଯାହାକୁ ନେଇ ପୀଡ଼ିତାଙ୍କ ବାପା ପ୍ରଶ୍ନ ଉଠାଇଛନ୍ତି। ତେଣୁ ଯେଉଁମାନେ ଏଥିରେ ଦାୟୀ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପୀଡ଼ିତାଙ୍କ ବାପା ଦାବି କରିଛନ୍ତି। ଏପଟେ ଆଦିବାସୀ ଛାତ୍ରୀଙ୍କୁ ପ୍ରଶାସନର ଅଣଦେଖାକୁ ନେଇ ବିଧାନସଭାରେ ପ୍ରଶ୍ନ କରିବେ ବୋଲି ସ୍ଥାନୀୟ ବିଧାୟକ ମଙ୍ଗୁ ଖିଲ କହିଛନ୍ତି।

ସୂଚନାଯୋଗ୍ୟ, ଚିତ୍ରକୋଣ୍ଡା ଅନୁସୂଚିତ ଜାତି ଓ ଜନଜାତି ଉଚ୍ଚ ବିଦ୍ୟାଳୟର ଛାତ୍ରୀନିବାସରେ ରହୁଥିବା ଜଣେ ୧୦ମ ଶ୍ରେଣୀ ଛାତ୍ରୀ ଗତ ୨୪ ତାରିଖରେ ପରୀକ୍ଷା ଦେଇ ଆସିଲା ପରେ ସନ୍ଧ୍ୟାରେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ଜିଲା ମଙ୍ଗଳ ଅଧିକାରୀ ଏ. ଶ୍ରୀନିବାସ ଆଚାରୀ ଘଟଣାର ତଦନ୍ତକରି ଜିଲାପାଳଙ୍କୁ ରିପୋର୍ଟ ଦେବା ପରେ ପ୍ରଧାନ ଶିକ୍ଷକ ଓ ଏଏନ୍‌ଏମ୍‌ଙ୍କୁ ନିଲମ୍ବିତ କରାଯାଇଥିବା ବେଳେ ମାଟ୍ରନ୍‌ଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିଲା। ଏଥିରେ ସମ୍ପୃକ୍ତ ଅଭିଯୁକ୍ତ ସୁଶାନ୍ତ ଖିଲଙ୍କୁ ପୋଲିସ ଗିରଫ ପରେ କୋର୍ଟ ଚାଲାଣ କରିଛି।

# ୩ରେ ଖୋଲାରହିବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୨୭।୨(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୩ ତାରିଖରେ ୟୁନିଟ୍-୫ ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଏହି ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ ଶୁକ୍ରବାର ଦିବା ୧୧ ଘଟିକାଠାରୁ ଆରମ୍ଭ ହେବ। ସର୍ବାଧିକ ୧୦୦୦ ଜଣ ଏ ନେଇ ପଞ୍ଜୀକରଣ କରିପାରିବେ। ଏଥିଲାଗି ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ(https://janasunani.odisha.gov.in/) କିମ୍ବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତକରିବା ପାଇଁ ପଞ୍ଜୀକରଣ କରିପାରିବେ। ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାରପତ୍ର ଏବଂ ବ୍ୟକ୍ତିଗତ ପରିଚୟପତ୍ର ତଥା ନିଜର ଅଭିଯୋଗପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ।

# ମାଟ୍ରିକ୍: ଗଣିତ ପରୀକ୍ଷାରେ କପି କରି ୫ ପରୀକ୍ଷାର୍ଥୀ ଏମ୍‌ପି

କଟକ,୨୭।୨(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷାର ଗୁରୁବାର ଗଣିତ ପରୀକ୍ଷାରେ କପି କରି ୫ ଜଣ ପରୀକ୍ଷାର୍ଥୀ ମାଲ୍‌ପ୍ରାକ୍ଟିସ୍(ଏମ୍‌ପି) ହୋଇଛନ୍ତି। ସେହିପରି ଦ୍ୱିତୀୟ ଭାଷା ପରୀକ୍ଷାରେ ୮ ଜଣ ଓ ପ୍ରଥମ ଭାଷା ପରୀକ୍ଷାରେ ୪ ପରୀକ୍ଷାର୍ଥୀ ଏମ୍‌ପି ହୋଇଛନ୍ତି। ସୂଚନାଯୋଗ୍ୟ, ମାଟ୍ରିକ୍ ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନକୁ ପ୍ରତିହତ କରିବା ସହ ଶୃଙ୍ଖଳିତ ପରୀକ୍ଷା ପରିଚାଳନା ନିମନ୍ତେ ବୋର୍ଡ ପକ୍ଷରୁ ଚତୁଃସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା କରାଯାଇଛି। ଏଥିସହ ବୋର୍ଡ ମୁଖ୍ୟାଳୟରେ ନିୟନ୍ତ୍ରଣ କକ୍ଷ ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)ର ଉପଯୋଗ କରାଯାଇଛି। ସେହିପରି ପରୀକ୍ଷାକେନ୍ଦ୍ରରୁ ପ୍ରଶ୍ନପତ୍ର ଭାଇରାଲ ରୋକିବା ପାଇଁ ମଧ୍ୟ ୱାଟର ମାର୍କ, ବାର୍ କୋଡ୍ ଓ ସିକ୍ରେଟ୍ କୋଡ୍ ବ୍ୟବସ୍ଥା ପରୀକ୍ଷା ଖାତାରେ ରଖାଯାଇଛି।

# ହାତୀ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ

ବନ୍ତଲା,୨୭।୨ (ସୁଶିତ ସାହୁ)

ଅନୁଗୋଳ ଜିଲା ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତ ତରଭା ଗାଁରେ ବୁଧବାର ରାତିରେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ତରଭା ଗାଁର ଅନିଲ ଭୋଇ(୨୫)। ଗୁରୁବାର ବନ ବିଭାଗ ଓ ପୁରୁଣାକୋଟ ପୋଲିସ ଅନିଲଙ୍କ ମୃତଦେହ ଜଙ୍ଗଲ ମଧ୍ୟରୁ ଜବତ କରିଛି।

ସୂଚନା ଅନୁଯାୟୀ, ଅନିଲ ବୁଧବାର ସନ୍ଧ୍ୟାରେ ମଜୁରି କାମ ସାରି ଗାଁ ଆଡ଼କୁ ଫେରୁଥିବା ବେଳେ ହାତୀ ହାବୁଡ଼ରେ ପଡ଼ି ପ୍ରାଣ ହରାଇଥିଲେ। ଶିବରାତ୍ରି ଥିବାରୁ ସେ କୁଆଡ଼େ ବୁଲିବାକୁ ଯାଇଥିବେ ଭାବି ପରିବାର ଲୋକେ ରାତିରେ ଖୋଜାଖୋଜି କରି ନ ଥିଲେ। ଗୁରୁବାର ସକାଳୁ ଅନିଲଙ୍କ ମୃତଦେହ ଜଙ୍ଗଲରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରେ ପୁରୁଣାକୋଟ ଥାନା ଓ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ପ୍ରାଥମିକ ଅନୁସନ୍ଧାନରୁ ହାତୀ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାପଡୁଥିଲେ ମଧ୍ୟ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣା ସମ୍ପୂର୍ଣ୍ଣ ସ୍ପଷ୍ଟ ହେବ ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅନିଲଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀଙ୍କ ସମେତ ଜଗନ୍ନାଥପୁର ପୂର୍ବତନ ସମିତି ସଭ୍ୟ ତଥା ସାତକୋଶିଆ ପ୍ରଜା ସୁରକ୍ଷା ସମିତି ସଭାପତି ଜନାର୍ଦ୍ଦନ ସାହୁ ଅନୁରୋଧ କରିଛନ୍ତି।

# ଟ୍ରାକ୍ଟର ଓଲଟି ଜଣେ ମୃତ, ୧୪ ଆହତ

## ଶିବରାତ୍ରି ଯାତ୍ରା ଦେଖି ଫେରୁଥିଲେ


ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟର।

ତୁମୁଡିବନ୍ଧ,୨୭।୨
(ଦୀପକ କୁମାର ପରାସେଠ)

ବେଲଘର ପଞ୍ଚାୟତସ୍ଥିତ ଶୈବପୀଠରେ ଜାଗର ଯାତ୍ରା ଦେଖି ଏକ ଟ୍ରାକ୍ଟରରେ ଘରକୁ ଫେରୁଥିବା ବେଳେ ଟ୍ରାକ୍ଟର ଓଲଟି ଜଣକର ମୃତ୍ୟୁ ଘଟିଛି। କୁସୁମୁଣ୍ଡା ଓ ଆଖପାଖ ଗ୍ରାମର ୧୫ ଜଣ ଲୋକଙ୍କୁ ଧରି ଟ୍ରାକ୍ଟରଟି ଫେରୁଥିଲା। ଏମାନଙ୍କ ମଧ୍ୟରେ ଶିଶୁ ମଧ୍ୟ ଥିଲେ। ମୃତକ ହେଲେ କରୁଣା ବିନ୍ଧାଣି ଓରଫ ବୁଢ଼ୀ ବିନ୍ଧାଣି (୩୨)। ତାଙ୍କ ଘର ଶିକାକି ଗ୍ରାମରେ ବୋଲି ଜଣାପଡିଛି। ଆହତ ୧୪ ଜଣ ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି। ବେଲଘରଠାରେ ଶିବଙ୍କୁ ଦର୍ଶନ କରିବା ସହ ଶ୍ରଦ୍ଧାଳୁମାନେ ରାତ୍ରିରେ ନାଟ ଦେଖିଥିଲେ। ନାଟ ଦେଖିସାରି କୁସୁମୁଣ୍ଡା ଏବଂ ଆଖପାଖ ଗ୍ରାମର ମହିଳା ଏବଂ କିଛି ଶିଶୁ ଟ୍ରାକ୍ଟରରେ ନିଜ ଘରକୁ ଫେରୁଥିଲେ। ୧୫ ଯାତ୍ରୀଙ୍କୁ ଧରି ଟ୍ରାକ୍ଟରଟି କୁସୁମୁଣ୍ଡା ରାସ୍ତାରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଖବର ପାଇ ଘଟଣା ସ୍ଥଳରେ ବେଲଘର ଗ୍ରାମବାସୀ ଏବଂ ବେଲଘର ପୋଲିସ ପହଞ୍ଚିଥିଲେ। ପୋଲିସ ଟ୍ରାକ୍ଟର ଏବଂ ମୃତଦେହକୁ ଜବତ କରିଥିଲା। ଆହତମାନଙ୍କୁ ବେଲଘର ଡାକ୍ତରଖାନା ପଠାଇଥିଲା। ପ୍ରକାଶଥାଉ କି ଗତବର୍ଷ ଏହିଭଳି ଯାତ୍ରା ଦେଖି ଫେରୁଥିବା ସମୟରେ ମଧ୍ୟ ଏକ ଟ୍ରାକ୍ଟର ଦୁର୍ଘଟଣାଗ୍ରସ୍ତ ହୋଇ ଏକାଧିକ ଆହତ ହୋଇଥିଲେ।






# କମୁଛି କୋଚିଲାଖାଇ ପକ୍ଷୀ ସଂଖ୍ୟା

ଗଣିଆ,୨୭।୨(ସନ୍ତୋଷ କୁମାର ପ୍ରଧାନ)

ପ୍ରାକୃତିକ ପରିବେଶ ଧ୍ୱଂସ, ଜଳବାୟୁ ପରିବର୍ତ୍ତନ ଓ ଶିକାରୀଙ୍କ ଅବାଧ ଶିକାର ଯୋଗୁ ଜଙ୍ଗଲରେ କେତେକ ପଶୁ ପକ୍ଷୀ ନିଜର ଅସ୍ତିତ୍ୱ ହରାଇବାକୁ ବସିଲେଣି। ସେମାନଙ୍କ ମଧ୍ୟରେ କୋଚିଲାଖାଇ ପକ୍ଷୀ ଅନ୍ୟତମ। ଜଙ୍ଗଲର ଅନ୍ୟ ପକ୍ଷୀଙ୍କ ତୁଳନାରେ ଏମାନଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି। ଓଡ଼ିଶାରେ ନିର୍ଦ୍ଦିଷ୍ଟ କେତେକ ଅଞ୍ଚଳକୁ ଛାଡ଼ିଦେଲେ ସବୁ ଜଙ୍ଗଲରେ ଏହିପକ୍ଷୀ ଦେଖିବାକୁ ମିଳୁନାହାନ୍ତି। ବିଶେଷକରି ଆମ ରାଜ୍ୟର ସାତକୋଶିଆ ଓ ଶିମିଳିପାଳ ଅଭୟାରଣ୍ୟରେ ଏମାନେ ଦେଖିବାକୁ ମିଳିଥାନ୍ତି।

କୋଚିଲାଖାଇ(ହର୍ନବିଲ) ପକ୍ଷୀ ୩ ପ୍ରଜାତିର ଦେଖାଯାଆନ୍ତି। ସେହି ପ୍ରଜାତି ହେଲେ ମାଲବାରପାଏଡ ହର୍ନବିଲ, ଇଣ୍ଡିଆନଗ୍ରେ ହର୍ନବିଲ ଓ ଓରିଏଣ୍ଟାଲ ପାଏଡ ହର୍ନବିଲ। ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳର ବଡ଼ମୂଳ, କୁତୁରୀ ଓ ମାରଡ଼ା ନିକଟ ମହାନଦୀ ଅବବାହିକାରେ ମାଲବାରପାଏଡ ଓ ଇଣ୍ଡିଆନଗ୍ରେ ହର୍ନବିଲ ଦେଖିବାକୁ ମିଳିଥାଆନ୍ତି। ଏହି ପକ୍ଷୀ ଦେଖିବାକୁ ବହୁତ ସୁନ୍ଦର। ଏହାର ଶରୀର କଳା ଧଳା ମିଶ୍ରିତ ହୋଇଥିବା ବେଳେ ବେକ ତଳେ ଧଳା ରଙ୍ଗର ଦାଗ ରହିଥାଏ। ଥଣ୍ଟଟି ଶରୀର ତୁଳନାରେ ଯଥେଷ୍ଟ ଲମ୍ବାଳିଆ ଓ ବକ୍ର। ହଳଦୀ ରଙ୍ଗର ଲମ୍ବାଳିଆ ଥଣ୍ଟ ଉପରେ ମୁକୁଟ ପରି ଗଠନ ରହିଥିବାରୁ ଏହା ଅତ୍ୟନ୍ତ ସୁନ୍ଦର ଦେଖା ଯାଇଥାଏ। ଦେଶୀ କୋଚିଲାଖାଇ ପକ୍ଷୀ କୋଚିଲା ଫଳ ଓ ଜଙ୍ଗଲର ଅନ୍ୟାନ୍ୟ ଫଳକୁ ଖାଦ୍ୟ ଭାବେ ଗ୍ରହଣ କରିଥାଏ। ଶୀତଦିନେ ସକାଳ ଓ ସନ୍ଧ୍ୟା ପୂର୍ବରୁ ଏମାନେ ମହାନଦୀ କୂଳରେ ଥିବା ଉଚ୍ଚା ବରଗଛ, ଫାସୀଗଛ ଓ କୋଚିଲା ଗଛର ଅଗ୍ର ଭାଗରେ ବସିଥାନ୍ତି। ଗୋଟିଏ ଦଳରେ ୧୫ରୁ ୨୦ଟି କୋଚିଲାଖାଇ ପକ୍ଷୀ ରହିଥାଆନ୍ତି। ଗୋଟିଏ ମାଈ କୋଚିଲାଖାଇ ପକ୍ଷୀ ୨ରୁ ୩ଟି ଅଣ୍ଡା ଦେଇଥାଏ। ନିଜକୁ ଏବଂ ଛୁଆକୁ ଶତ୍ରୁ ଦାଉରୁ ରକ୍ଷା କରିବା ପାଇଁ ଏମାନେ ଉଚ୍ଚ ଗଛର କୋରଡ଼ରେ ବସା ବାନ୍ଧିଥାନ୍ତି। ତେବେ ଏହି ବିରଳ ପ୍ରଜାତିର ପକ୍ଷୀ ଧୀରେ ଧୀରେ ଲୋପ ପାଇବାକୁ ବସିଲାଣି।



ସାତକୋଶିଆ ଅଭୟାରଣ୍ୟରେ ଦେଖାଯାଉଥିବା କୋଚିଲାଖାଇ ପକ୍ଷୀ

ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଛାମୁଣ୍ଡିଆ ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀ ନାରାୟଣ ପଣ୍ଡାଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଲୋକମାନେ ଆଜ୍ମା (ଶ୍ୱାସ) ଓ ବାତରୋଗ ଉପଶମ ପାଇଁ କୋଚିଲାଖାଇ ପକ୍ଷୀର ମାଂସକୁ ସିଝାଇ ସେଥିରୁ ଅର୍କ ବାହାର କରି ବ୍ୟବହାର କରିଥାଆନ୍ତି। କିନ୍ତୁ ଏହା ସମ୍ପୂର୍ଣ୍ଣ ଭୁଲ୍। ଏହାଦ୍ୱାରା ରୋଗ ଉପଶମ ହୋଇ ନ ଥାଏ। ଲୋକମାନେ ବୁଝି ନ ପାରି ନିଜର ସ୍ୱାର୍ଥ ପାଇଁ ଏହି ନିରୀହ ପକ୍ଷୀ ଶିକାର କରିଥାନ୍ତି କିମ୍ବା ଚୋରା ଚାଲାଣ କରିଥାନ୍ତି। ସେହିପରି ମାଈ କୋଚିଲାଖାଇ ପକ୍ଷୀ ଅଣ୍ଡା ଦେବାଠାରୁ ଛୁଆ ଫୁଟାଇବା ପର୍ଯ୍ୟନ୍ତ ବସାରେ ଜଗି ରହିଥାଏ। ଅଣ୍ଡିରା କୋଚିଲାଖାଇ ପକ୍ଷୀ ଥଣ୍ଟରେ ଚିକିଟା ମାଟି ସଂଗ୍ରହ କରି ବସା ବା କୋରଡ଼ ମୁହଁ ବନ୍ଦ କରିଦିଏ ଏବଂ ଥଣ୍ଟ ଯିବା ଭଳି ସରୁ ବାଟ ରଖିଥାଏ। ଛୁଆ ବଡ଼ ହେବା ପର୍ଯ୍ୟନ୍ତ ଅଣ୍ଡିରା କୋଚିଲାଖାଇ ପକ୍ଷୀ ଖାଦ୍ୟ ସଂଗ୍ରହକରି ମା' ଓ ଛୁଆକୁ ଦେଇଥାଏ। ଛୁଆ ବଡ଼ ହେବା ପରେ କୋରଡ଼ ବା ବସା ମୁହଁରେ ଥିବା ମାଟି ଭାଙ୍ଗି ଛୁଆ ଓ ମାଈ କୋଚିଲଖାଇ ପକ୍ଷୀକୁ ବାହାର କରିଥାଏ। ଏହି ସମୟରେ ଯଦି ଅଣ୍ଡିରା ପକ୍ଷୀଟିର ଶିକାରୀ କିମ୍ବା ଶତ୍ରୁଦ୍ୱାରା ମୃତ୍ୟୁ ହୁଏ, ତେବେ ମା'ପକ୍ଷୀ ଓ ଛୁଆ ଖାଦ୍ୟ ନ ପାଇ ମୃତ୍ୟୁମୁଖରେ ପଡିଥାଆନ୍ତି। ଏହା ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ୍ୟ। ଏହା ହେଉଛି କୋଚିଲାଖାଇ ବଂଶଲୋପ ପାଇବାର ପ୍ରମୁଖ କାରଣ। ତେବେ କୋଚିଲାଖାଇ ପକ୍ଷୀଙ୍କ ଗତିବିଧି ଓ ସୁରକ୍ଷା ଦିଗରେ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ନଜର ରଖାଯାଇଛି ବୋଲି ସେ ସୂଚନା ଦେଇଛନ୍ତି।

# ପରଲୋକରେ ଉତ୍ତମ ମହାନ୍ତି

ଗୁରୁଗ୍ରାମ(ଏଜେନ୍ସି),୨୭।୨

ଓଡ଼ିଆ ଚଳଚ୍ଚିତ୍ର ଜଗତର ବର୍ଷୀୟାନ ଅଭିନେତା ଉତ୍ତମ ମହାନ୍ତିଙ୍କର ଗୁରୁବାର ବିଳମ୍ବିତ ରାତିରେ ପରଲୋକ ହୋଇଛି। ୬୬ ବର୍ଷୀୟ ଉତ୍ତମ କିଛିଦିନ ହେଲା ଲିଭର ସିରୋସିସ୍ ରୋଗରେ ପୀଡ଼ିତ ହୋଇ ହରିୟାଣାର ଗୁରୁଗ୍ରାମସ୍ଥିତ ମେଦାନ୍ତା ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ପରଲୋକରେ କେବଳ ଓଲିଉଡ୍ ନୁହେଁ, ଓଡ଼ିଶା ତଥା ଦେଶର ମନୋରଞ୍ଜନ ଜଗତରେ ଶୋକର ଛାୟା ଖେଳିଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, କ୍ରୀଡ଼ା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ତାଙ୍କ ପରଲୋକରେ ଶୋକବ୍ୟକ୍ତ କରିଛନ୍ତି। ଏହି ଖବର ପ୍ରକାଶିତ ହେବା ପରେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକରେ ଉତ୍ତମଙ୍କ ଅଗଣିତ ପ୍ରଶଂସକ ତାଙ୍କ ମହାନ ବ୍ୟକ୍ତିତ୍ୱକୁ ମନେ ପକାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବାରେ ଲାଗିଛନ୍ତି।

୧୯୫୮ ଡିସେମ୍ବର ୨୩ରେ ବାରିପଦାରେ ଉତ୍ତମ ମହାନ୍ତିଙ୍କ ଜନ୍ମ। ବାରିପଦାର ଏମ୍‌କେସି ହାଇସ୍କୁଲରେ ସେ ମାଟ୍ରିକ ପଢ଼ା ଶେଷକରି ମହାରାଜା ପୂର୍ଣ୍ଣଚନ୍ଦ୍ର କଲେଜରେ ଇଣ୍ଟରମିଡିଏଟ୍ ଓ ବିଜ୍ଞାନରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ପାଠପଢ଼ା ବେଳୁ ଅଭିନୟ ପ୍ରତି ଉତ୍ତମଙ୍କର ଅହେତୁକ ଦୁର୍ବଳତା ପରବର୍ତ୍ତୀ ସମୟରେ ତାଙ୍କୁ ମନୋରଞ୍ଜନ ଦୁନିଆରେ ପ୍ରତ୍ୟକ୍ଷ ଅଭିନୟ ପାଇଁ ଟାଣି ନେଇଥିଲା। ତେବେ ଉତ୍ତମ ସ୍ନାତକ ଶିକ୍ଷା ପରେ ଚାର୍ଟାର୍ଡ ଆକାଉଣ୍ଟାନ୍ସି ପଢ଼ିବା ପାଇଁ ଲୁଧିଆନା ଯାଇଥିଲେ। ୧୯୭୭ ମସିହାରେ ଅଭିମାନ ଚଳଚ୍ଚିତ୍ରରେ କ୍ୟାରିୟର ଆରମ୍ଭ କରିଥିବା ଉତ୍ତମ ପରବର୍ତ୍ତୀ ସମୟରେ ୧୫୦ରୁ ଊର୍ଦ୍ଧ୍ୱ ସିନେମାରେ ଅଭିନୟ କରି ଦର୍ଶକଙ୍କ ହୃଦୟ ଜିଣିପାରିଥିଲେ। ନିଝୁମ୍ ରାତିର ସାଥୀ (୧୯୭୯), ଫୁଲଚନ୍ଦନ(୧୯୮୨), ଝିଅଟି ସୀତା ପରି (୧୯୮୩), ଦଣ୍ଡାବାଳୁଙ୍ଗା (୧୯୮୪) ଆଦି ଥିଲା ତାଙ୍କ ଅଭିନୀତ ବ୍ଲକ୍ ବଷ୍ଟର ଓଡ଼ିଆ ଚଳଚ୍ଚିତ୍ର। ଏତିକି ନୁହେଁ, ଉତ୍ତମ ସାରା ଆକାଶ ଭଳି କେତୋଟି ଟେଲିଭିଜନ ଧାରାବାହିକରେ ମଧ୍ୟ ନିଜ ଅଭିନୟର ଚାତୁରୀ ଦେଖାଇ ଓଡ଼ିଶାର ଘରେ ଘରେ, ପୁରେ ପୁରେ ଲୋକପ୍ରିୟ ହୋଇଥିଲେ। ଉତ୍ତମ ୩୦ଟି ବଙ୍ଗଳାଭାଷୀ ଫିଲ୍ମ ଏବଂ ଗୋଟିଏ ହିନ୍ଦୀ ଚଳଚ୍ଚିତ୍ର (ନୟା ଜହର)ରେ ଅଭିନୟ କରିଥିଲେ।



୨୩ ଡିସେମ୍ବର ୧୯୫୮ - ୨୭ ଫେବୃଆରୀ ୨୦୨୫

# ୮ରେ ମୁଖ୍ୟମନ୍ତ୍ରୀଙ୍କ ଗଞ୍ଜାମ ଗସ୍ତ

ଛତ୍ରପୁର,୨୭।୨(ଦିଲୀପ ସାମଲ)

ମାର୍ଚ୍ଚ ୮ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଗଞ୍ଜାମ ଜିଲା ଗସ୍ତ କାର୍ଯ୍ୟକ୍ରମ ରହିଛି। ଉକ୍ତ ଦିନ ଅନ୍ତର୍ଜାତୀୟ ମହିଳା ଦିବସରେ ମୁଖ୍ୟମନ୍ତ୍ରୀ 'ସୁଭଦ୍ରା' ଯୋଜନା ପ୍ରଥମ କିସ୍ତିର ଶେଷ ପର୍ଯ୍ୟାୟ ଓ ଦ୍ୱିତୀୟ କିସ୍ତି ଟଙ୍କା ବଣ୍ଟନ କରିବା କାର୍ଯ୍ୟକ୍ରମ ରହିଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୯୮ ଲକ୍ଷ ହିତାଧିକାରୀ ସୁଭଦ୍ରାରେ ସାମିଲ ହୋଇଥିବା ବେଳେ ସେଦିନ ୧କୋଟି ଟପିଯିବେ। ମାର୍ଚ୍ଚ ୮ରେ ସୁଭଦ୍ରାରେ ଯେଉଁମାନେ ଯୋଡ଼ିହେବେ ସେମାନଙ୍କୁ ଉଭୟ ପ୍ରଥମ କିସ୍ତି ଓ ଦ୍ୱିତୀୟ କିସ୍ତି ଟଙ୍କା ମିଳିବ। ଗଞ୍ଜାମ ଜିଲାରେ ମୁଖ୍ୟମନ୍ତ୍ରୀ ଏହାର ଶୁଭାରମ୍ଭ କରିବେ ବୋଲି ସୂଚନା ମିଳିଛି। ଉକ୍ତଦିନ ଜିଲାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ମଧ୍ୟ ରହିଛି। ତେଣୁ ଗୁରୁବାର ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ବିଭାଗକୁ ନେଇ ଏକ ବୈଠକ ହୋଇଥିବା ଜଣାପଡିଛି।





# ୩ରେ ଖୋଲାରହିବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୨୭।୨(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୩ ତାରିଖରେ ୟୁନିଟ୍-୫ ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଏହି ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ ଶୁକ୍ରବାର ଦିବା ୧୧ ଘଟିକାଠାରୁ ଆରମ୍ଭ ହେବ। ସର୍ବାଧିକ ୧୦୦୦ ଜଣ ଏ ନେଇ ପଞ୍ଜୀକରଣ କରିପାରିବେ। ଏଥିଲାଗି ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ(https://janasunani.odisha.gov.in/) କିମ୍ବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତକରିବା ପାଇଁ ପଞ୍ଜୀକରଣ କରିପାରିବେ। ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାରପତ୍ର ଏବଂ ବ୍ୟକ୍ତିଗତ ପରିଚୟପତ୍ର ତଥା ନିଜର ଅଭିଯୋଗପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ।

# କେନ୍ଦ୍ରାଞ୍ଚଳ ଆରଡିସି, ଜିଲାପାଳଙ୍କ ତଦନ୍ତ

## ଦଶମ ଶ୍ରେଣୀ ଛାତ୍ରୀ ମା' ହେବା ଘଟଣା

ମାଲକାନଗିରି/ଚିତ୍ରକୋଣ୍ଡା, ୨୭।୨ (ନୃସିଂହ ଚରଣ ମହାନ୍ତି/ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)

- ଘଟଣାସ୍ଥଳକୁ ଗଲା ଭାଜପା ଟିମ୍
- ପରୀକ୍ଷା ଦେଲେ ପୀଡ଼ିତା ଛାତ୍ରୀ

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଏସ୍‌ଏସ୍‌ଡି ହାଇସ୍କୁଲର ଜଣେ ୧୦ମ ଶ୍ରେଣୀ ଛାତ୍ରୀ ମା' ହେବା ଘଟଣାରେ ଗୁରୁବାର କେନ୍ଦ୍ରାଞ୍ଚଳ ଆରଡିସି ବି.ପରମେଶ୍ୱରନ୍, ମାଲକାନଗିରି ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ପିଏ ଆଇଟିଡିଏ ଯୁଗଳ ଶବର,ଡିଡବ୍ଲ୍ୟୁଓ ଶ୍ରୀନିବାସ ଆଚାରୀ ଚିତ୍ରକୋଣ୍ଡା ଯାଇ ତଦନ୍ତ କରିଥିଲେ। ସେହିପରି ଭାଜପାର ଏକ ଟିମ୍ ମଧ୍ୟ ଘଟଣାର ଅନୁଧ୍ୟାନ କରିଥିଲେ। ଛାତ୍ରୀ ଜଣକ ମେଡିକାଲରୁ ଫେରିବା ପରେ ଗୁରୁବାର କଡ଼ା ସୁରକ୍ଷାରେ ଗଣିତ ପରୀକ୍ଷା ଦେଇଛନ୍ତି। ଆରଡିସି ବିଦ୍ୟାଳୟକୁ ଯାଇ କର୍ତ୍ତୃପକ୍ଷ ଏବଂ ପୀଡ଼ିତା ଛାତ୍ରୀଙ୍କୁ ଭେଟି ଘଟଣା ସମ୍ପର୍କରେ ବୁଝିଥିଲେ। ପୀଡ଼ିତାଙ୍କ ଅଭିଭାବକଙ୍କ ସହ ଏବଂ ବିଦ୍ୟାଳୟର ଅନ୍ୟ ଛାତ୍ରୀଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ତଦନ୍ତ ରୁଦ୍ଧଦ୍ୱାର ଭିତରେ ହୋଇଥିବାରୁ ଏହାର ସବିଶେଷ ତଥ୍ୟ ଜଣାପଡ଼ି ନାହିଁ।

ସେହିପରି ଭାଜପା ଜିଲା ସଭାପତି ଅଶୋକ ପରିଡ଼ାଙ୍କ ସମେତ ବାଲିମେଳା ଏନ୍‌ଏସି ଅଧ୍ୟକ୍ଷ ପ୍ରଦୀପ ନାୟକ,ଉପସଭାପତି ସନ୍ତୋଷିନୀ ପାତ୍ର, ସୀମାଞ୍ଚଳ ପ୍ରଧାନ ଓ ଜ୍ୟୋତିରଞ୍ଜନ ବେହେରା ପ୍ରମୁଖ ବିଦ୍ୟାଳୟରେ ପହଞ୍ଚି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଏଥିସହ ଛାତ୍ରୀ ଜଣକ କିପରି ଗର୍ଭବତୀ ହେଲେ ବିବରଣୀ ସଂଗ୍ରହ କରିବା ପରେ ସରକାରଙ୍କୁ ଅବଗତ କରାଇବେ ବୋଲି ପରିଡ଼ା କହିଛନ୍ତି। ପରିଡ଼ାଙ୍କ କହିବା ଅନୁଯାୟୀ, ଜାନୁଆରୀ ୨୮ ରେ ଛାତ୍ରୀ ଜଣକ ଖୋ ଖୋ ଖେଳି ବିଜୟୀ ହୋଇଛନ୍ତି। ସେ ଗର୍ଭବତୀ ଥିବା ସମ୍ପର୍କରେ ସାଙ୍ଗମାନଙ୍କୁ ଭୟ ଦେଖାଉଥିଲେ। ସବୁବେଳେ ଢିଲା ସ୍ୱେଟର ଏବଂ ସାଲ ଘୋଡ଼ାଇ ହେଉଥିଲେ ବୋଲି ତଦନ୍ତରୁ ପରିଡ଼ା ଜାଣିବାକୁ ପାଇଥିବା କହିଛନ୍ତି। ଆଦିବାସୀ ଛାତ୍ରୀଙ୍କୁ ଉଚ୍ଚ ଶିକ୍ଷିତ କରିବା ପାଇଁ ଆବାସିକ ବିଦ୍ୟାଳୟର ସୁବିଧା ରହିଛି। ଛାତ୍ରୀଙ୍କ ଯତ୍ନନେବା ପାଇଁ ମାଟ୍ରନ୍ ରହିଛନ୍ତି। ପ୍ରତି ମାସରେ ଏଏନ୍‌ଏମ୍ ଛାତ୍ରୀଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିବାର ନିୟମ ରହିଛି। କିନ୍ତୁ ଏହା ଭିତରେ ଚିତ୍ରକୋଣ୍ଡା ସେବାଶ୍ରମରେ ୧୦ମ ଶ୍ରେଣୀ ଛାତ୍ରୀ ଶିଶୁ କନ୍ୟା ଜନ୍ମଦେବା ସମସ୍ତଙ୍କୁ ଚକିତ କରିଛି। ତେବେ ଛାତ୍ରୀ ଜଣକ ୮ ମାସର ଗର୍ଭବତୀ ହେବା ପର୍ଯ୍ୟନ୍ତ ସ୍କୁଲ କର୍ତ୍ତୃପକ୍ଷ କିପରି ଜାଣିପାରିଲେ ନାହିଁ ଓ ଆମେ ଝିଅକୁ ଦେଖିବାକୁ ଆସିଲେ ଫଟୋ ଉଠାଇବା ସହ କଡ଼ାକଡ଼ି ଯାଞ୍ଚ ପରେ ଦେଖା କରିବାକୁ ଦିଆଯାଇଥାଏ। ତେବେ ଏତେ ସୁରକ୍ଷା ଭିତରେ କିପରି ଝିଅ ଗର୍ଭବତୀ ହେଲା, ଯାହାକୁ ନେଇ ପୀଡ଼ିତାଙ୍କ ବାପା ପ୍ରଶ୍ନ ଉଠାଇଛନ୍ତି। ତେଣୁ ଯେଉଁମାନେ ଏଥିରେ ଦାୟୀ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପୀଡ଼ିତାଙ୍କ ବାପା ଦାବି କରିଛନ୍ତି। ଏପଟେ ଆଦିବାସୀ ଛାତ୍ରୀଙ୍କୁ ପ୍ରଶାସନର ଅଣଦେଖାକୁ ନେଇ ବିଧାନସଭାରେ ପ୍ରଶ୍ନ କରିବେ ବୋଲି ସ୍ଥାନୀୟ ବିଧାୟକ ମଙ୍ଗୁ ଖିଲ କହିଛନ୍ତି।

ସୂଚନାଯୋଗ୍ୟ, ଚିତ୍ରକୋଣ୍ଡା ଅନୁସୂଚିତ ଜାତି ଓ ଜନଜାତି ଉଚ୍ଚ ବିଦ୍ୟାଳୟର ଛାତ୍ରୀନିବାସରେ ରହୁଥିବା ଜଣେ ୧୦ମ ଶ୍ରେଣୀ ଛାତ୍ରୀ ଗତ ୨୪ ତାରିଖରେ ପରୀକ୍ଷା ଦେଇ ଆସିଲା ପରେ ସନ୍ଧ୍ୟାରେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ଜିଲା ମଙ୍ଗଳ ଅଧିକାରୀ ଏ. ଶ୍ରୀନିବାସ ଆଚାରୀ ଘଟଣାର ତଦନ୍ତକରି ଜିଲାପାଳଙ୍କୁ ରିପୋର୍ଟ ଦେବା ପରେ ପ୍ରଧାନ ଶିକ୍ଷକ ଓ ଏଏନ୍‌ଏମ୍‌ଙ୍କୁ ନିଲମ୍ବିତ କରାଯାଇଥିବା ବେଳେ ମାଟ୍ରନ୍‌ଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିଲା। ଏଥିରେ ସମ୍ପୃକ୍ତ ଅଭିଯୁକ୍ତ ସୁଶାନ୍ତ ଖିଲଙ୍କୁ ପୋଲିସ ଗିରଫ ପରେ କୋର୍ଟ ଚାଲାଣ କରିଛି।

# ପୋଲ ତଳକୁ ବାଇକ୍ ଖସି ୨ ମୃତ

କୋରାପୁଟ/ପଟ୍ଟାଙ୍ଗି,୨୭।୨ (ଅମିତାଭ ବେହେରା/ଶରତ କୁମାର ଧଳ)

ଶିବରାତ୍ରିରେ ଯାତ୍ରା ଦେଖି ଫେରିବା ସମୟରେ ପୋଲ ତଳକୁ ବାଇକ୍ ଖସି ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ସେମିଳିଗୁଡ଼ା ବ୍ଲକ୍ ପଟ୍ଟାଙ୍ଗି ଥାନା ଅନ୍ତର୍ଗତ ସାଡାମ ପଞ୍ଚାୟତ କେନାଲଗୁଡା ଅଞ୍ଚଳର ଗଙ୍ଗାଧର ଖରା(୩୦) ଓ କୃଷ୍ଣଚନ୍ଦ୍ର ଗେମେଲ(୩୫)। ଏସ୍‌ପୁଟ ଗ୍ରାମର ଜଗବନ୍ଧୁ କିଞ୍ଜୋଇ(୪୦) ଗୁରୁତର ରହିଛନ୍ତି। ସୂଚନାଯୋଗ୍ୟ, ବୁଧବାର ଗଙ୍ଗାଧର, କୃଷ୍ଣଚନ୍ଦ୍ର ଓ ଜଗବନ୍ଧୁ କୋରାପୁଟ ଜିଲା ଜୟପୁର-ବିଶାଖାପାଟଣା ଜାତୀୟ ରାଜପଥ ନିକଟ ଚାଟୁଆ ଗ୍ରାମକୁ ଶିବରାତ୍ରିରେ ଯାତ୍ରା ଦେଖିବାକୁ ଯାଇ ସକାଳୁ ବାଇକ୍(ଓଡି ୧୦-ଏମ୍-୦୯୬୭)ରେ ଘରକୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ ଅନ୍ଧାରିଘାଟ ବ୍ରିଜ୍ ନିକଟ ତୁରୁବା ପୋଲ ତଳକୁ ଖସି ପଡ଼ିଥିଲେ। ଫଳରେ ଘଟଣାସ୍ଥଳରେ ୨ଜଣଙ୍କ ମୃତ୍ୟୁ ହୋଇଥିଲା।





# ମାଟ୍ରିକ୍: ଗଣିତ ପରୀକ୍ଷାରେ କପି କରି ୫ ପରୀକ୍ଷାର୍ଥୀ ଏମ୍‌ପି

କଟକ,୨୭।୨(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷାର ଗୁରୁବାର ଗଣିତ ପରୀକ୍ଷାରେ କପି କରି ୫ ଜଣ ପରୀକ୍ଷାର୍ଥୀ ମାଲ୍‌ପ୍ରାକ୍ଟିସ୍(ଏମ୍‌ପି) ହୋଇଛନ୍ତି। ସେହିପରି ଦ୍ୱିତୀୟ ଭାଷା ପରୀକ୍ଷାରେ ୮ ଜଣ ଓ ପ୍ରଥମ ଭାଷା ପରୀକ୍ଷାରେ ୪ ପରୀକ୍ଷାର୍ଥୀ ଏମ୍‌ପି ହୋଇଛନ୍ତି। ସୂଚନାଯୋଗ୍ୟ, ମାଟ୍ରିକ୍ ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନକୁ ପ୍ରତିହତ କରିବା ସହ ଶୃଙ୍ଖଳିତ ପରୀକ୍ଷା ପରିଚାଳନା ନିମନ୍ତେ ବୋର୍ଡ ପକ୍ଷରୁ ଚତୁଃସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା କରାଯାଇଛି। ଏଥିସହ ବୋର୍ଡ ମୁଖ୍ୟାଳୟରେ ନିୟନ୍ତ୍ରଣ କକ୍ଷ ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)ର ଉପଯୋଗ କରାଯାଇଛି। ସେହିପରି ପରୀକ୍ଷାକେନ୍ଦ୍ରରୁ ପ୍ରଶ୍ନପତ୍ର ଭାଇରାଲ ରୋକିବା ପାଇଁ ମଧ୍ୟ ୱାଟର ମାର୍କ, ବାର୍ କୋଡ୍ ଓ ସିକ୍ରେଟ୍ କୋଡ୍ ବ୍ୟବସ୍ଥା ପରୀକ୍ଷା ଖାତାରେ ରଖାଯାଇଛି।

# ହାତୀ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ

ବନ୍ତଳା,୨୭।୨ (ସୁଶିତ ସାହୁ)

ଅନୁଗୋଳ ଜିଲା ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତ ତରଭା ଗାଁରେ ବୁଧବାର ରାତିରେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ତରଭା ଗାଁର ଅନିଲ ଭୋଇ(୨୫)। ଗୁରୁବାର ବନ ବିଭାଗ ଓ ପୁରୁଣାକୋଟ ପୋଲିସ ଅନିଲଙ୍କ ମୃତଦେହ ଜଙ୍ଗଲ ମଧ୍ୟରୁ ଜବତ କରିଛି।

ସୂଚନା ଅନୁଯାୟୀ, ଅନିଲ ବୁଧବାର ସନ୍ଧ୍ୟାରେ ମଜୁରି କାମ ସାରି ଗାଁ ଆଡ଼କୁ ଫେରୁଥିବା ବେଳେ ହାତୀ ହାବୁଡ଼ରେ ପଡ଼ି ପ୍ରାଣ ହରାଇଥିଲେ। ଶିବରାତ୍ରି ଥିବାରୁ ସେ କୁଆଡ଼େ ବୁଲିବାକୁ ଯାଇଥିବେ ଭାବି ପରିବାର ଲୋକେ ରାତିରେ ଖୋଜାଖୋଜି କରି ନ ଥିଲେ। ଗୁରୁବାର ସକାଳୁ ଅନିଲଙ୍କ ମୃତଦେହ ଜଙ୍ଗଲରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରେ ପୁରୁଣାକୋଟ ଥାନା ଓ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ପ୍ରାଥମିକ ଅନୁସନ୍ଧାନରୁ ହାତୀ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାପଡୁଥିଲେ ମଧ୍ୟ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣା ସମ୍ପୂର୍ଣ୍ଣ ସ୍ପଷ୍ଟ ହେବ ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅନିଲଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀଙ୍କ ସମେତ ଜଗନ୍ନାଥପୁର ପୂର୍ବତନ ସମିତି ସଭ୍ୟ ତଥା ସାତକୋଶିଆ ପ୍ରଜା ସୁରକ୍ଷା ସମିତି ସଭାପତି ଜନାର୍ଦ୍ଦନ ସାହୁ ଅନୁରୋଧ କରିଛନ୍ତି।

# ଟ୍ରାକ୍ଟର ଓଲଟି ଜଣେ ମୃତ, ୧୪ ଆହତ

## ଶିବରାତ୍ରି ଯାତ୍ରା ଦେଖି ଫେରୁଥିଲେ



ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟର।

ତୁମୁଡିବନ୍ଧ,୨୭।୨ (ଦୀପକ କୁମାର ପରାସେଠ)

ବେଲଘର ପଞ୍ଚାୟତସ୍ଥିତ ଶୈବପୀଠରେ ଜାଗର ଯାତ୍ରା ଦେଖି ଏକ ଟ୍ରାକ୍ଟରରେ ଘରକୁ ଫେରୁଥିବା ବେଳେ ଟ୍ରାକ୍ଟର ଓଲଟି ଜଣକର ମୃତ୍ୟୁ ଘଟିଛି। କୁସୁମୁଣ୍ଡା ଓ ଆଖପାଖ ଗ୍ରାମର ୧୫ ଜଣ ଲୋକଙ୍କୁ ଧରି ଟ୍ରାକ୍ଟରଟି ଫେରୁଥିଲା। ଏମାନଙ୍କ ମଧ୍ୟରେ ଶିଶୁ ମଧ୍ୟ ଥିଲେ। ମୃତକ ହେଲେ କରୁଣା ବିନ୍ଧାଣି ଓରଫ ବୁଢ଼ୀ ବିନ୍ଧାଣି (୩୨)। ତାଙ୍କ ଘର ଶିକାକି ଗ୍ରାମରେ ବୋଲି ଜଣାପଡିଛି। ଆହତ ୧୪ ଜଣ ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି। ବେଲଘରଠାରେ ଶିବଙ୍କୁ ଦର୍ଶନ କରିବା ସହ ଶ୍ରଦ୍ଧାଳୁମାନେ ରାତ୍ରିରେ ନାଟ ଦେଖିଥିଲେ। ନାଟ ଦେଖିସାରି କୁସୁମୁଣ୍ଡା ଏବଂ ଆଖପାଖ ଗ୍ରାମର ମହିଳା ଏବଂ କିଛି ଶିଶୁ ଟ୍ରାକ୍ଟରରେ ନିଜ ଘରକୁ ଫେରୁଥିଲେ। ୧୫ ଯାତ୍ରୀଙ୍କୁ ଧରି ଟ୍ରାକ୍ଟରଟି କୁସୁମୁଣ୍ଡା ରାସ୍ତାରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଖବର ପାଇ ଘଟଣା ସ୍ଥଳରେ ବେଲଘର ଗ୍ରାମବାସୀ ଏବଂ ବେଲଘର ପୋଲିସ ପହଞ୍ଚିଥିଲେ। ପୋଲିସ ଟ୍ରାକ୍ଟର ଏବଂ ମୃତଦେହକୁ ଜବତ କରିଥିଲା। ଆହତମାନଙ୍କୁ ବେଲଘର ଡାକ୍ତରଖାନା ପଠାଇଥିଲା। ପ୍ରକାଶଥାଉ କି ଗତବର୍ଷ ଏହିଭଳି ଯାତ୍ରା ଦେଖି ଫେରୁଥିବା ସମୟରେ ମଧ୍ୟ ଏକ ଟ୍ରାକ୍ଟର ଦୁର୍ଘଟଣାଗ୍ରସ୍ତ ହୋଇ ଏକାଧିକ ଆହତ ହୋଇଥିଲେ।



# ନୂଆ ସଂସ୍ଥା ଆବଶ୍ୟକ



ଜେଫ୍ ମୁଲଗାନ

ବିଶ୍ୱରେ ସରକାରୀ ସଂସ୍ଥା ବା ବ୍ୟବସ୍ଥାଗୁଡ଼ିକ ଏବେ ସଙ୍କଟରେ। ସେଗୁଡ଼ିକ ପ୍ରତି ବିଶ୍ୱାସ କମିବାରେ ଲାଗିଛି। ପାଣ୍ଠି ହ୍ରାସ ଓ ଭୂରାଜନୈତିକ ବିଭାଜନ ପରିପ୍ରେକ୍ଷୀରେ ଅନ୍ତର୍ଜାତୀୟ ସଂସ୍ଥାଗୁଡ଼ିକ ପୂର୍ବାପେକ୍ଷା ଦୁର୍ବଳ ହେଉଥିବା ଦେଖାଯାଉଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ବିଶ୍ୱର ଅତି ଧନୀ ଏଲନ ମସ୍କ ମିଳିତ ଭାବେ କାମ କରି ୟୁଏସ୍ଏଆଇଡି ହ୍ରାସ କରିବା ସହ ଶିକ୍ଷା ବିଭାଗକୁ ହଟାଇ ଦେବା ପାଇଁ ପ୍ରସ୍ତୁତ ହେଉଛନ୍ତି। ଏହା ଏକ ଖରାପ ଯୋଜନା ଏବଂ ଏହାର ବିପରିତ ପ୍ରଭାବ ପଡ଼ିପାରେ। କିନ୍ତୁ ସେମାନେ ଆମକୁ ମନେପକାଇ ଦେଉଛନ୍ତି ଯେ, ଅର୍ଦ୍ଧଶତାବ୍ଦୀ ପୂର୍ବର ସରକାରୀ ସଂସ୍ଥା ବା ନୀତିଗୁଡ଼ିକ ଏବେ ସେମିତି ରହିବାର କୌଣସି କାରଣ ନାହିଁ। କିନ୍ତୁ ବିଶ୍ୱରେ ଏବେକାର ସଂସ୍ଥାଗୁଡ଼ିକର ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ପଦକ୍ଷେପର ଅଭାବ ଦେଖାଯାଉଛି।

ମାନବତା ସମ୍ମୁଖରେ ଅନେକ ଆହ୍ୱାନ ରହିଛି। ସେଗୁଡ଼ିକ ମଧ୍ୟରୁ କେତେକକୁ ଯଥା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)ପ୍ରସ୍ତୁତ ଏବଂ ମାନସିକ ସ୍ୱାସ୍ଥ୍ୟର ସମାଧାନ କରିବା ଠାରୁ ଆରମ୍ଭ କରି ସବୁଜ ଶକ୍ତିକୁ ପରିବର୍ତ୍ତନ ହେବାର ପରିଚାଳନା ଓ ଶିଳ୍ପନୀତି ପର୍ଯ୍ୟନ୍ତ, ବିନା ସଂସ୍ଥାରେ ଭଲ ଭାବେ ନିୟନ୍ତ୍ରଣ କରାଯାଇପାରେ। କିନ୍ତୁ ଏବେ ମନ୍ତ୍ରଣାଳୟ, ଏଜେନ୍ସି, କମିଶନ, ସରକାରୀ ସେବା ଏବଂ ନିୟାମକଗୁଡ଼ିକ ବହୁ ସମୟରେ ଏହି ସବୁ ଆବଶ୍ୟକତାକୁ ପୂରଣ କରିବାରେ ଦୁର୍ବଳ ଥିବା ଦେଖାଯାଏ। ଏଣୁ ବିକଳ୍ପ ସୃଷ୍ଟି ହେବା ଉଚିତ। ସରକାର ଆଇନ ଲାଗୁ କରିବା, ପିଲାଙ୍କୁ ଶିକ୍ଷାଦେବା, ଟିକସ ସଂଗ୍ରହ କରିବା କିମ୍ବା ସୁରକ୍ଷା ଯୋଗାଇବା ଭଳି କାର୍ଯ୍ୟ ପାଇଁ ସଂସ୍ଥାଗୁଡ଼ିକ ଉପରେ ନିର୍ଭରଶୀଳ। ଅନେକ ସମୟରେ ସେମାନେ ନୂଆ କାମ ଯଥା କାର୍ବନ ଡାଇଅକ୍ସାଇଡ ନିର୍ଗମନ ହ୍ରାସ କରିବା କିମ୍ବା ଯୋଜନାବଦ୍ଧ ଅପରାଧ ବିରୋଧରେ ଲଢ଼ିବା ପାଇଁ ମଧ୍ୟ ନୂଆ ସଂସ୍ଥା ସୃଷ୍ଟି କରୁଛନ୍ତି। ସଂସ୍ଥାକୁ ପାଣ୍ଠି ଯୋଗାଣ ହ୍ରାସ ଓ ସେଗୁଡ଼ିର କ୍ଷତି କରାଯାଉଥିବାବେଳେ ସଂସ୍କାରକମାନେ ସେଗୁଡ଼ିକର ଦକ୍ଷତା ବୃଦ୍ଧି କରିବା ସହ ସେସବୁ ପ୍ରତି ଲୋକଙ୍କ ବିଶ୍ୱାସ ଫେରାଇ ଆଣିବା ପାଇଁ ଅଧିକ ନୂଆ ସାଧନ ଓ ପ୍ରଯୁକ୍ତି ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱ ଦେବା ଉଚିତ। କିନ୍ତୁ ୨୦–୩୦ ବର୍ଷ ପୂର୍ବ ତୁଳନାରେ ଏବେ ସଂସ୍ଥା ଗଠନ କରିବା ସମ୍ପୂର୍ଣ୍ଣ ଭିନ୍ନ। ଅଲଫାବେଟ, ବାଇଟ୍‌ଡାନ୍ସ, ଆମାଜନ ଏବଂ ଆଲିବାବା ଭଳି ବିଶ୍ୱସ୍ତରୀୟ ବ୍ୟବସାୟିକ ସଂସ୍ଥାଗୁଡ଼ିକ ମୌଳିକ ରୂପରେ ଏକ ନୂଆ ବିଜ୍‌ନେସ ମଡେଲ ଆରମ୍ଭ କରିଛନ୍ତି ଓ ଅର୍ଥ ବ୍ୟବସ୍ଥାଗୁଡ଼ିକରେ ଅପ୍ରତ୍ୟାଶିତ ବୃଦ୍ଧି କରିଛନ୍ତି। ପାଖାପାଖି ୩୦ ବର୍ଷ ପୂର୍ବେ କେହି ଚିନ୍ତା କରିଥିବେ କି, କୌଣସି ଟ୍ୟାକ୍ସିର ମାଲିକ ନ ହୋଇ ଉବର କିମ୍ବା ଗ୍ରାବ ଭଳି କମ୍ପାନୀଗୁଡ଼ିକ ଟ୍ୟାକ୍ସି ସେବା ଯୋଗାଇ ଦେବେ। ଏହି ସମୟରେ ସିଭିଲ ସୋସାଇଟି ମଧ୍ୟ ୱିକିପିଡ଼ିଆ, ଉଷାହିଦି (ଡେଟା କ୍ରାଉଡ ସୋର୍ସିଂ) ଏବଂ ବୁର୍ଟଜୋର୍ଗ (ହୋମ୍ କେୟାର) ଭଳି ଏକ ନୂଆ ମଡେଲ ବିକାଶ କରିଛି। ଏହାବ୍ୟତୀତ ସରକାରୀ – ବେସରକାରୀ



ଭାଗୀଦାରିରେ ଅନେକ ନୂଆ ବ୍ୟବସ୍ଥା ସହ ଅନେକ ହଜାର ବି– କର୍ପ୍ସ (ବ୍ରାଜିଲରେ ନେଚୁରା ଭଳି) ଅଛି, ଯାହାକୁ ସାମାଜିକ ଓ ପରିବେଶଗତ ନୀତିଗୁଡ଼ିକ ମାର୍ଗଦର୍ଶନ କରୁଛନ୍ତି।

ଏହା ବ୍ୟତୀତ ସରକାରୀ କ୍ଷେତ୍ର ମଧ୍ୟରେ କେତେକ ଗୁରୁତ୍ୱପୂର୍ଣ୍ଣ ଆବିଷ୍କାର କରାଯାଇସାରିଛି। ୨୦୦୯ରେ ଭାରତର ଆଧାର ଯୋଜନା ଆରମ୍ଭ ହେବା ପରଠାରୁ ଏହା ୧୦୦ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କୁ ବାୟୋମେଟ୍ରିକ ଆଇଡି ଓ ବ୍ୟାପକ ବିତ୍ତୀୟ ସେବା ଯୋଗାଇଦେବାରେ ସାହାଯ୍ୟ କରିଛି। ବିଗତ ଦଶନ୍ଧିରେ, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ନୀତି 'ଅଧିକ ଶାସନ ଓ କମ୍ ସରକାର' ଲାଗୁ କରି ଆସିଥିବାବେଳେ ୨୦୧୧ରେ ଚାଇନା ପ୍ରଥମେ ସାଇବର ସ୍ପେସ୍ ଆଡ୍‌ମିନିଷ୍ଟ୍ରେସନ ସୃଷ୍ଟି କରିଥିଲା ଏବଂ ଏହାର ଗଭର୍ନମେଣ୍ଟ ଗାଇଡାନ୍ସ ଫଣ୍ଡ ୨୦୦୨ରୁ ନୂଆ ପ୍ରଯୁକ୍ତି ପାଇଁ ଅନେକ ଟ୍ରିଲିୟନ ଡଲାର ଯୋଗାଡ଼ କରିପାରିଛି। କିନ୍ତୁ ବିଶ୍ୱର ଅଧିକାଂଶ ଦେଶରେ ସରକାରୀ ସଂସ୍ଥାଗୁଡ଼ିକର କ୍ୱଚିତ ପରିବର୍ତ୍ତନ କରାଯାଇଛି। ସେଗୁଡ଼ିକ ମଧ୍ୟରୁ ଅଧିକାଂଶ ଏକ ଶତାବ୍ଦୀ ପୂର୍ବରୁ ଯେମିତି ଥିଲେ ଏବେ ମଧ୍ୟ ସେମିତି ଚାଲିଛି ଏବଂ ବହୁ ସମୟରେ ଏସବୁ ଉତ୍ତରଦାୟୀ ହେଉ ନ ଥିବା ଦେଖାଯାଏ। ଏବେ ଯେତେବେଳେ ନୂଆ ସଂସ୍ଥା ସୃଷ୍ଟି କରାଯାଉଛି ସେଗୁଡ଼ିକ ସାଧାରଣତଃ ବରିଷ୍ଠ ରାଜନେତା କିମ୍ବା ସିଭିଲ ସର୍ଭାଣ୍ଟଙ୍କ କମିଟି ଦ୍ୱାରା ଗଠନ କରାଯାଉଛି ଏବଂ ଏଗୁଡ଼ିକ ଅନ୍ୟମାନଙ୍କଠାରୁ ଭିନ୍ନ ରହୁଛି। ଏସବୁରେ ପଦାନୁକ୍ରମିକ ବ୍ୟବସ୍ଥା ରହିବା ସହ ଅପରିବର୍ତ୍ତନୀୟ ରହୁଛି।

ଏଆଇ ଆରମ୍ଭ ହେବା ପରଠାରୁ ୨୦ ବର୍ଷ ହେଲା ଏହାକୁ ବ୍ୟାପକ ଭାବେ ସରକାରୀ ସେବା (ଆଇନ ଗଠନ ଓ ସ୍ୱାସ୍ଥ୍ୟସେବା ସମେତ)ଗୁଡ଼ିକରେ ଏବଂ ଅନେକ ଘରୋଇ (କ୍ରେଡିଟ ସ୍କୋରିଂ ଓ ସର୍ଚ୍ଚ ଇଞ୍ଜିନ)ରେ ବ୍ୟବହାର କରାଯାଉଛି। କିନ୍ତୁ ଏବେ ବିଶ୍ୱରେ ସରକାରୀ ସେବାରେ ଅଧିକ ସଫଳତା ହାସଲ କରିବାଠାରୁ ଆରମ୍ଭ କରି ନିର୍ଯାତନା ହ୍ରାସ କରିବାରେ ନିୟାମକର ସୁପରିଚାଳନା ପାଇଁ ଅନେକ ସଂସ୍ଥା ସୃଷ୍ଟି କରିବା ଆରମ୍ଭ ହୋଇଛି। ଟେକ୍‌ନୋଲୋଜି ସହିତ ଜଡ଼ିତ ସୁଯୋଗ ଓ ବିପଦ ସମ୍ପର୍କିତ ବୈଶ୍ୱିକ ଜ୍ଞାନ ଏକତ୍ରିତ କରିବା ଲାଗି ଆନ୍ତର୍ଜାତିକ ସଂସ୍ଥାସବୁ ଗଠନ କରାଯାଉଛି। ମାଇକ୍ରୋସଫ୍ଟର ମୁଖ୍ୟ ଅର୍ଥନୀତିଜ୍ଞ ମାଇକେଲ ସ୍କୱାର୍ଜ ୨୦୨୩ରେ କହିଥିଲେ ଯେ, ଆମେ ଏଆଇ କ୍ଷେତ୍ରରେ ଘଟୁଥିବା କ୍ଷତିକୁ ଅନୁଧ୍ୟାନ ନ କରିବା ପର୍ଯ୍ୟନ୍ତ ଏହାକୁ ସଞ୍ଚାଳିତ କରିବା ଉଚିତ ନୁହେଁ। ଦେଖିବାକୁ ଗଲେ ଏହିସବୁ ଯୁକ୍ତି ସ୍ପଷ୍ଟ ଭାବେ ଘରୋଇ ସ୍ୱାର୍ଥ ପାଇଁ ଉପଯୋଗୀ। କିନ୍ତୁ ସରକାରୀ ସଂସ୍ଥାଗୁଡ଼ିକର କାମ ହେଉଛି ଲୋକଙ୍କ ସ୍ୱାର୍ଥ। ୨୦୨୪ ଅର୍ଥନୀତି ନୋବେଲ ବିଜେତା ଅର୍ଥନୀତିଜ୍ଞ ଡାରୋନ ଆକେମୋଗ୍ଲୁ ଓ ଅନ୍ୟମାନଙ୍କ ମତରେ, କାହିଁକି କେତେକ ଦେଶ ଅତ୍ୟଧିକ ସମୃଦ୍ଧି ଲାଭ କରୁଛନ୍ତି ତାହା ସଂସ୍ଥାଗୁଡ଼ିକ ହିଁ ନିଶ୍ଚିତ କରନ୍ତି। ତଥାପି ସିଙ୍ଗାପୋରରେ ସେଣ୍ଟ୍ରାଲ ପ୍ରୋଭିଡେଣ୍ଟ ଫଣ୍ଡ୍ ଏବଂ ଟିମାସେକ, ବ୍ରାଜିଲର ସାମାଜିକ ବିକାଶ ମନ୍ତ୍ରଣାଳୟ, ଆମେରିକାର ଡିଫେନ୍ସ ଆଡ୍‌ଭାନ୍ସଡ୍ ରିସର୍ଚ୍ଚ ପ୍ରୋଜେକ୍ଟ ଏଜେନ୍ସି (ଡିଏଆର୍‌ପିଏ) ଏବଂ ଦକ୍ଷିଣ ଆଫ୍ରିକାର ଡେଭଲପ୍‌ମେଣ୍ଟ ବ୍ୟାଙ୍କର ସଫଳତା ପ୍ରଶଂସନୀୟ। ଏବେକାର ସମୟରେ ଏଭଳି ସମାନ ପ୍ରକାର ସଂସ୍ଥା ଗଠନ କରିବାର ଆବଶ୍ୟକତା ରହିଛି।

ତେବେ ସହଜ ଓ ସରଳରେ ଚାଲିବା ଭଳି ତଥା ବିଶ୍ୱାସଯୋଗ୍ୟ ସଂସ୍ଥା ଗଠନ ପାଇଁ କ'ଣ କରିବାକୁ ହେବ? ଅଧିକାଂଶ ଏଆଇ, ଡେଟା ଏବଂ ସାମଗ୍ରିକ ବୁଦ୍ଧିମତ୍ତା (ଯାହା ଜଳବାୟୁ ବିଜ୍ଞାନ କ୍ଷେତ୍ରରେ ଆଇପିସିସି କରୁଛି) ପ୍ରସ୍ତୁତ କରିବା ଲାଗି ସବୁଠୁ ଭଲ ଡିଜାଇନ କ'ଣ ହେବ? ଆମେ ଇକାରୁସର ସଫଳତା ସୃଷ୍ଟି କରିପାରିବା କି, ଯାହା ପୃଥିବୀରେ ପ୍ରାଣୀଙ୍କ ସଂଖ୍ୟା ଓ ସ୍ଥିତିକୁ ଜାଣିବାରେ ଆମକୁ ସାହାଯ୍ୟ କରିବା ପାଇଁ ପ୍ରାଣୀ ଇଣ୍ଟରନେଟ ଗଠନ କରିବାରେ ସାଟେଲାଇଟ ଟେକ୍‌ନୋଲୋଜି ବ୍ୟବହାର କରୁଛି। ଜାତିସଂଘ ବିକାଶ କାର୍ଯ୍ୟକ୍ରମ ଭଳି ବୈଶ୍ୱିକ ସଂସ୍ଥାଗୁଡ଼ିକ ଏହିସବୁ ପ୍ରଶ୍ନ ଉପରେ ଗୁରୁତ୍ୱ ଦେଇଛନ୍ତି। ମାର୍ଚ୍ଚ ଶେଷ ବେଳକୁ ହେବାକୁ ଥିବା ଏହାର ଇସ୍ତାନବୁଲ ଇନୋଭେସନ ଡେ'ଜ୍ ସମ୍ମିଳନୀରେ ବିଶେଷକରି ସଂସ୍ଥାଗୁଡ଼ିକ କିଭଳି ଭଲ ଭାବରେ କାମ କରିବେ ତାହାର ନୂଆ ପଦ୍ଧତି ଆରମ୍ଭ କରିଥିବା ଆବିଷ୍କାରକଙ୍କୁ ସାମ୍ନାକୁ ଆଣିବ। ଏହ ଆବିଷ୍କାରକମାନେ ସୂକ୍ଷ୍ମ ପଦ୍ଧତିସବୁ ଡିଜାଇନ କରୁଛନ୍ତି, ଯାହା ସଙ୍କଟ ସମୟରେ ଦ୍ରୁତଗତିରେ କାମ କରିପାରିବ।

ତେବେ ମିଥ୍ୟା ତଥ୍ୟ ଓ ନିର୍ବାଚନ ବାଧାରୁ ସୁରକ୍ଷା, ସହରରେ ସବୁଜ ଶକ୍ତିକୁ ପରିବର୍ତ୍ତନ ସକାଶେ ପାଣ୍ଠି ଯୋଗାଡ଼, ଆଦିବାସୀଙ୍କୁ ସଶକ୍ତ କରିବା, ବିପର୍ଯ୍ୟୟ ଓ ଅନିଶ୍ଚିତ ସମୟରେ ଶ୍ରମ ବଜାରକୁ ଆଗକୁ ବଢ଼ାଇବାରେ ଯୁବକଙ୍କୁ ସାହାଯ୍ୟ କରିବା ସକାଶେ ନୂଆ ସଂସ୍ଥାସବୁ ଗଠନ ଜାରି ରହିଛି। ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ ଏଥିରେ ଥିବା ଆହ୍ୱାନଗୁଡ଼ିକ ସମ୍ପର୍କରେ ୨୦୨୩ରେ ଭଲ ଭାବେ ଦର୍ଶାଇଥିଲେ। ସେ କହିଥିଲେ, ସଂସ୍ଥାଗୁଡ଼ିକ ନିଜକୁ ବିଶ୍ୱସ୍ତରରେ ଠିକ୍ ଭାବେ ପ୍ରତିପାଦିତ କରି ନ ପାରିଲେ ଆମେ ସମସ୍ୟାକୁ ପ୍ରଭାବୀ ଢଙ୍ଗରେ ସମାଧାନ କରିପାରିବା ନାହିଁ। ସମସ୍ୟା ସମାଧନ ହେବା ପରିବର୍ତ୍ତେ ବିପଦ ଅଧିକ ବଢ଼ିଯିବ। ସଂସ୍ଥାଗୁଡ଼ିକୁ ଆମେ ଘର ଭଳି ଗଢୁ। କିନ୍ତୁ ସେସବୁ ସୂକ୍ଷ୍ମଭାବରେ ଆମକୁ ପ୍ରଭାବିତ କରିଥାନ୍ତି। ତେବେ ତାହାକୁ ଆମେ କିଭଳି ପରିଚାଳନା କରିବା? ଆମେ ଏକ ଭଙ୍ଗାଗଢ଼ା, ବ୍ୟାଘାତପୂର୍ଣ୍ଣ ତଥା ଅବ୍ୟବସ୍ଥିତ ଯୁଗରେ ରହିଥାଇପାରୁ, କିନ୍ତୁ ଇତିହାସ ସୂଚାଇ ଦେଉଛି ଯେ, ଏଭଳି ପରିବେଶ ପୁନର୍ଗଠନ ଓ ପୁନଃ ଉଦ୍ଭାବନକୁ କ୍ରମଶଃ ବାଟ ଦେଖାଇଛି। ତେବେ ସେହି ସମୟ ଆସିବା ପୂର୍ବରୁ ଆମକୁ ଉତ୍ତମ ବିକଳ୍ପ ଅନୁସନ୍ଧାନ କରିବାକୁ ହେବ।

**ପ୍ରଫେସର, ୟୁନିଭର୍ସିଟି କଲେଜ, ଲଣ୍ଡନ**

# ସବୁ ମୂଳରେ ସଂସ୍କାର



ଯତିଦାନନ୍ଦ ଦାଶ

ଶିଶୁର ମା' ଓ ବାପା ଦୁହେଁ ପ୍ରଥମ ଶିକ୍ଷକ ବା ଗୁରୁ। ୮/୯ ମାସର ବ୍ୟବଧାନ ପରେ ଶିଶୁଟିକୁ ସଂସ୍କାର ସମ୍ବନ୍ଧରେ ଶିକ୍ଷା ଦିଆଯିବା ଉଚିତ। ସାଧାରଣତଃ ଦେଖାଯାଏ, ପିତାମାତା ଶିଶୁର ସଂସ୍କାର ନ ଦେଖି ଶିଶୁର ଖାଇବା, ଖେଳିବା ଓ ପାଠପଢ଼ିବାକୁ ଉତ୍ସାହ ସୃଷ୍ଟି କରିବାରେ ଆଗଭର ହୋଇପଡ଼ନ୍ତି। ମାତ୍ର ତାହା ଠିକ୍ ନୁହେଁ, ମୂଳରୁ ଶିଶୁଟିର କେଉଁ କାର୍ଯ୍ୟକଳାପ ପ୍ରତି ଧ୍ୟାନଦେବା ଦରକାର ବାପା ମାଆ ତାହା ଚିହ୍ନଟ କରିବା ଉଚିତ। ଫଳରେ ଶିଶୁଟି ବୁଦ୍ଧିମାନ୍, ଚରିତ୍ରବାନ୍ ଏବଂ ସୁନାଗରିକ ଭାବେ ଗଢ଼ି ଉଠିବ। ଆସନ୍ତୁ, ଶିଶୁଟିର ପରବର୍ତ୍ତୀ ଅବସ୍ଥା (ଅର୍ଥାତ୍ ୧ ବର୍ଷରୁ ୫ ବର୍ଷ) ବିଚାରକୁ ନେବା। ଏହି ସମୟରେ ଶିଶୁଟି ସର୍ବପ୍ରଥମେ ବାପାମାଆ ଛଡ଼ା ପରିବାର ଅନ୍ୟ ସଦସ୍ୟଙ୍କଠାରୁ ଶ୍ରଦ୍ଧା ପାଇବା ଉଚିତ। ଶିକ୍ଷା ଆହରଣ କରିବା ଆଗରୁ ସଂସ୍କାରର ଉପକାରିତା ସମ୍ବନ୍ଧରେ ଶିଶୁଟିକୁ ଜାଣିବା ଉଚିତ। ଏହା ଅସ୍ୱୀକାର କରାଯାଇ ନ ପାରେ ଯେ, ଶିଶୁଟି ପରବର୍ତ୍ତୀ ଅବସ୍ଥାରେ ସାଙ୍ଗସାଥୀ କରିବାର ପ୍ରୟାସ କରିବା ଓ ସାଙ୍ଗ ସହ ମିଶିବାର ସଂସ୍କାର ଶିଖିବା ଉଚିତ। ଫଳରେ ପିଲା ପିଲାଙ୍କ ମଧ୍ୟରେ କଥା, ଭାବର ଆଦାନ ପ୍ରଦାନ ହୋଇପାରିବ ଓ ତତ୍ ସଙ୍ଗେ ସଙ୍ଗେ ଶିଶୁବନ୍ଧୁ ସାଙ୍ଗରେ ମିଶିବାର ସଂସ୍କାର ଶିଶୁଟି ପାଇଥାଏ। ଏ ପ୍ରକାର ସଂସ୍କାରଟି ଶିଶୁ ୫ ବର୍ଷରୁ ୯ ବର୍ଷ ଏବଂ ୯ ବର୍ଷରୁ ୧୨ ବର୍ଷ ପର୍ଯ୍ୟନ୍ତ ପ୍ରାପ୍ତ ହେବାର ସୁଯୋଗ ଥାଏ।

ଏଥର ଆସନ୍ତୁ, ମଣିଷର କିଶୋର ଅବସ୍ଥାରେ କିପରି ସଂସ୍କାରକୁ ଆହ୍ୱାନ କରାଯାଇପାରିବ ସେ ବିଷୟରେ ଆଲୋଚନା କରିବା। ସାଧାରଣତଃ ପ୍ରାକ୍ କିଶୋରରୁ କୈଶୋର ଅବସ୍ଥା ୧୩ ବର୍ଷରୁ ୨୦ ବର୍ଷ ଭିତରେ ମଣିଷ ଜୀବନରେ ଅତିକ୍ରମ କରିଥାଏ। ଏଇ ସମୟରେ କିଶୋର ପିଲାଟି ବେସଂସ୍କାରୀ ହେବାର ବାଟ ବେଶି ଥାଏ। ଚରିତ୍ର, ଶୃଙ୍ଖଳା ଜ୍ଞାନ ପ୍ରାପ୍ତି, ସହିଷ୍ଣୁତାର ପରାକାଷ୍ଠା, ଧୈର୍ଯ୍ୟ ଧାରଣ ଶକ୍ତି ସହଭାଗିତା ଇତ୍ୟାଦି ଏଇ କିଶୋର ଅବସ୍ଥାରେ ସଂସ୍କାର ଲଭିବାର ମୁଖ୍ୟାଂଶ ହେବା ଉଚିତ। ଏତଦ୍‌ବ୍ୟତୀତ ସାଧୁତା, ସରଳତା, ସମୟାନୁବର୍ତ୍ତିତା, ସହନଶୀଳତା ଏବଂ ସୃଜନଶୀଳତା ଇତ୍ୟାଦି ନୈତିକ ଶିକ୍ଷା ସଂସ୍କାର ମାଧ୍ୟମରେ ବାପା ଓ ମାଆ ହୁଅନ୍ତୁ ବା ଶିକ୍ଷକ ଗୁରୁଦେବ ହୁଅନ୍ତୁ, ଯାହା ପାଖରୁ ହେଲେ କିଶୋର ପିଲାଟି ପ୍ରଥମେ ଶିକ୍ଷା ଲାଭ କରିବା ଉଚିତ। କିଶୋରଟି ଏସବୁ ଗୁଣର ଅଧିକାରୀ ନ ହୋଇ ଖାଲି ପାଠ୍ୟ ପୁସ୍ତକ ପଢ଼ି ଭଲ ଗ୍ରେଡ୍ ରଖିବାର ଉଦ୍ଦେଶ୍ୟ ରଖିଲେ ଜୀବନରେ ସଫଳତା ପାଇପାରିବ ନାହିଁ।

ପାଠକେ, ବର୍ତ୍ତମାନ ଟିକେ ମଣିଷର ଯୁବା ଓ ପ୍ରୌଢ଼ ଅବସ୍ଥାକୁ ଆସିବା। ଯୁବା ଅବସ୍ଥାରେ ମଣିଷ ପ୍ରାଧାନତଃ କର୍ମନିଯୁକ୍ତି ଏକ ଦାମ୍ପତ୍ୟ ଜୀବନର ଉପଭୋଗ, ପରିବାର ଦେଖାଶୁଣା, ପାରିବାରିକ ଓ ସାମାଜିକ ସମ୍ପର୍କ, କାର୍ଯ୍ୟରେ ନିପୁଣତା, ସାଧୁତା, ସଚ୍ଚୋଟତା, ପରୋପକାରିତା ଇତ୍ୟାଦି ସଂସ୍କାରଭିତ୍ତିକ ଗୁଣ ସମୂହର ହକ୍‌ଦାର ହେବା ଉଚିତ। ନଚେତ୍ ଖାଲି ଅସତ୍ ଉପାୟରେ ଅର୍ଥ ଉପାର୍ଜନ କରି ପରିବାର ଭରଣପୋଷଣ କରିବାର ଲକ୍ଷ୍ୟ ରହିବା ଏବଂ ଯୁବା ବା ପ୍ରୌଢ଼ ଲୋକର କର୍ତ୍ତବ୍ୟ ନୁହେଁ। ଏପରି କରିଚାଲିଲେ ଯୁବାଲୋକଟି ଅସଫଳତାର ପାହାଚରେ ଗୋଡ଼ଦେବା ଆରମ୍ଭ କରିଦିଏ। ଯୁବକ ସକାରାତ୍ମକ ଢଙ୍ଗରେ ତା'ର ପରିବାର, ତତ୍ ସଙ୍ଗେ ସଙ୍ଗେ ସମାଜର ମଙ୍ଗଳ କାମନା କରିବା ଦ୍ୱାରା ଏକ ଉନ୍ନତି ପଥର ସ୍ୱୀକୃତି ମିଳିଥାଏ। ଯୁବା ବା ପ୍ରୌଢ଼ ଉପରୋକ୍ତ ସଂସ୍କାର ଓ ସତ୍‌କର୍ମ ଭିତ୍ତିରେ ନ ଚାଲି ଖାଲି ନକାରାତ୍ମକ ଗୁଣର ଅଧିକାରୀ ହୋଇ ଜୀବନ ଉପଭୋଗ କଲେ, ମଣିଷ ଯେକୌଣସି କ୍ଷେତ୍ରରେ ସଫଳ ହୋଇପାରିବ ନାହିଁ।

ବୃଦ୍ଧାବସ୍ଥାରେ ମଣିଷ ଅଯଥାଥ ଚିନ୍ତାରେ ମଜ୍ଜିରୁହନ୍ତି। ଯଥା – ପୁଅ ପାଠପଢ଼ାରେ ସଫଳ ହୋଇପାରିଲା ନାହିଁ। ପକ୍କାଘର ଖଣ୍ଡେ କରିପାରିଲିନାହିଁ ବା ଝିଅ ଭଲ ଘରେ ବାହାହୋଇ ପାରିଲା ନାହିଁ ଇତ୍ୟାଦି। ବୃଦ୍ଧାବସ୍ଥାରେ ଚାଲିଚଳନରେ ପ୍ରଥମେ ସଂସ୍କାର ଲୋଡ଼ା। ଉତ୍ତମ ଶିକ୍ଷା ଓ ଅର୍ଥର ପ୍ରାଚୁର୍ଯ୍ୟରେ ଉକ୍ତ ପ୍ରକାର ସକାରାତ୍ମକ ସଂସ୍କାର ନ ଥାଏ। ତେଣୁ ପ୍ରତ୍ୟେକ ବୃଦ୍ଧବ୍ୟକ୍ତି ଅଯଥା ଚିନ୍ତା ନ କରି ଈଶ୍ୱର ଚିନ୍ତନ, ପୂଜନରେ ନିଜକୁ ନିୟୋଜିତ କରିନେବା ଉଚିତ। ସଂସ୍କାରିତ ବୃଦ୍ଧଲୋକଟି ଆତ୍ମିକ ଶାନ୍ତି ଓ ଶାଶ୍ୱତ ଭାବନା ମାଧ୍ୟମରେ ନିଜକୁ ପରମାତ୍ମାଙ୍କ ପାଖରେ ସମର୍ପିଥାଏ। ଶେଷରେ ଶିକ୍ଷା, ଦୀକ୍ଷା, ଅର୍ଥ ଉପାର୍ଜନ, ଖ୍ୟାତି, ପ୍ରଶଂସା ସବୁକୁ ପଛରେ ପକାଇ ପ୍ରତ୍ୟେକ ସ୍ତରରେ ସଂସ୍କାରକୁ ପ୍ରଥମେ ଆପଣେଇବା ଏବଂ ଏକ ସୁସ୍ଥ, ସରଳ ଜୀବନ ଯାପନ କରିବାର ପ୍ରୟାସ ଜାରି ରଖିବା ଉଚିତ।

ମୋ: ୭୦୦୮୬୫୦୬୯୩

## ଏଇ ଭାରତରେ

କୋର୍ଟରେ ବିଚାରରେ ବିଳମ୍ବ ଯୋଗୁ ଅନେକ ଲକ୍ଷ ମାମଲା ପଡ଼ିରହୁଥିବାରୁ ଏହାର ସମାଧାନ ପାଇଁ ଏକ ଲିଗାଲ ଷ୍ଟାର୍ଟଅପ 'ସମ' ଆଗକୁ ଆସିଛି। ଏହା ଆପୋସ ବୁଝାମଣାରେ ମାମଲାଗୁଡ଼ିକର ସମାଧାନ କରିପାରୁଛି। ପ୍ରଞ୍ଜଳ ସିହ୍ନା, ଅକ୍ଷତ ଅଶୋକ ଏବଂ ବିକ୍ରମ କୁମାର ଏହି ଷ୍ଟାର୍ଟଅପ୍ ପ୍ରତିଷ୍ଠା କରିଛନ୍ତି। ୨୦୧୫ରେ ସେମାନେ ମିଳିତ ଭାବେ 'ସମ' ଆରମ୍ଭ କରିଥିଲେ। ଚାଣକ୍ୟଙ୍କ ନୀତିରେ ଚାରି ନିୟମ ମଧ୍ୟରେ ଥିବା 'ସମ'କୁ ଆଧାର କରି ଏହାର ନାମକରଣ କରାଯାଇଛି। ସେମାନେ କୋର୍ଟ ବାହାରେ ଅନ୍‌ଲାଇନରେ ମଧ୍ୟସ୍ଥଙ୍କ ଦ୍ୱାରା ୩୫ ଲକ୍ଷ କେସ୍ ସମାଧାନ କରିସାରିଲେଣି। ବ୍ୟାଙ୍କିଙ୍ଗ, ଫାଇନାନ୍‌ସିଆଲ ଓ ଇନ୍‌ସ୍ୟୁରାନ୍ସ ସେକ୍ଟର, ବ୍ରୋକର ଏବଂ ସିକ୍ୟୁରିଟି ମାର୍କେଟର ବିବାଦଗୁଡ଼ିକୁ ସମାଧାନ କରୁଛନ୍ତି। ଏହା ସହ ଚାଲାଣ, ଇଲେକ୍ଟ୍ରି ବିଲ୍, ଚେକ୍ ବାଉନ୍ସ ଓ ଦୁର୍ଘଟଣାଜନିତ ଇନ୍‌ସ୍ୟୁରାନ୍ସ ମାମଲାଗୁଡ଼ିକ ସମାଧାନ କରାଯାଉଛି। 'ସମ' ଷ୍ଟାର୍ଟଅପ୍‌ରେ ଦେଶର ୪୪୩ ଜିଲାରେ ଆଇନ କ୍ଷେତ୍ରରେ ୧୦ ବର୍ଷର ଅଭିଜ୍ଞତା ଥିବା ୩୦୦୦ଙ୍କୁ ବୃତାନ୍ତ ନିଷ୍ପତ୍ତି ନେବା ପାଇଁ ନିଯୁକ୍ତ କରାଯାଇଥିବା ବେଳେ ଆଇନ କ୍ଷେତ୍ରରେ ୫ ବର୍ଷର ଅଭିଜ୍ଞଙ୍କୁ ମଧ୍ୟସ୍ଥ ଭାବେ ସାମିଲ କରାଯାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

୨୮ ଫେବୃଆରୀ ୧୯୭୬

- କର୍ନାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ମଧ୍ୟପ୍ରଦେଶର ପୂର୍ବତନ ରାଜ୍ୟପାଳ କେ.ସି. ରେଡ୍ଡୀଙ୍କ ୭୩ ବର୍ଷ ବୟସରେ ପରଲୋକ।
- ୭୯ ବର୍ଷ ବୟସ୍କ ପ୍ରବୀଣ ମରାଠୀ ଲେଖକ ବିଷ୍ଣୁ ସଖାରାମ ଖଣ୍ଡେକାରଙ୍କୁ ମର୍ଯ୍ୟାଦାଜନକ ଜ୍ଞାନପୀଠ ସାହିତ୍ୟ ପୁରସ୍କାର ଅର୍ପଣ।
- ଭାରତ ମହାସାଗରରେ ଡିଏଗୋ ଗାର୍ସିଆରେ ପ୍ରତିଷ୍ଠିତ ବିମାନ ତଥା ନୌବାହିନୀ ସାମରିକ ଘାଟିର ସମ୍ପ୍ରସାରଣ ପାଇଁ ଯୁକ୍ତରାଷ୍ଟ୍ର ଆମେରିକା ଓ ଇଂଲଣ୍ଡ ମଧ୍ୟରେ ଏକ ନୂଆ ଚୁକ୍ତି ସ୍ୱାକ୍ଷରିତ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | 6 | 3 | | | | 5 | | |
| | | 2 | 3 | 9 | | | | 7 |
| | | | | | | | | 8 |
| | | 8 | | 7 | | | | |
| 6 | 7 | | 4 | | 1 | | | |
| | 4 | | | | 5 | | | |
| | 1 | | 7 | | 8 | | | 5 |
| | | | | | | 1 | | |
| 7 | | 6 | | | 4 | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 7 | 4 | 1 | 5 | 3 | 2 | 9 | 8 |
| 5 | 8 | 3 | 9 | 2 | 6 | 7 | 1 | 4 |
| 9 | 2 | 1 | 4 | 7 | 8 | 5 | 3 | 6 |
| 2 | 3 | 6 | 5 | 9 | 4 | 1 | 8 | 7 |
| 8 | 1 | 9 | 2 | 3 | 7 | 6 | 4 | 5 |
| 4 | 5 | 7 | 8 | 6 | 1 | 3 | 2 | 9 |
| 3 | 9 | 2 | 6 | 4 | 5 | 8 | 7 | 1 |
| 7 | 6 | 8 | 3 | 1 | 9 | 4 | 5 | 2 |
| 1 | 4 | 5 | 7 | 8 | 2 | 9 | 6 | 3 |

ଗତକାଲିର ଉତ୍ତର

# ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ବିଜ୍ଞାନ ମହୋତ୍ସବ



ଡ.ଦେବାଶିଷ ମହାନ୍ତି

ପ୍ରତିବର୍ଷ ଫେବୃଆରୀ ୨୮ ଭାରତରେ ବୈଜ୍ଞାନିକ, ବିଜ୍ଞାନ ଛାତ୍ରୀଛାତ୍ର ଓ ବିଜ୍ଞାନ ପ୍ରେମୀମାନଙ୍କ ପାଇଁ ଏକ ମହୋତ୍ସବ। ଏହି ଦିନ ଭାରତରେ ସାର୍ ସି ଭି ରମଣଙ୍କ ଦ୍ୱାରା ୧୯୨୮ରେ ରମଣ ପ୍ରଭାବ ଆବିଷ୍କାରକୁ ସମ୍ମାନ ଜଣାଇ ଜାତୀୟ ବିଜ୍ଞାନ ଦିବସ ପାଳନ କରାଯାଏ। ଏହି ଆବିଷ୍କାର ପାଇଁ ସାର୍ ସି ଭି ରମଣଙ୍କୁ ୧୯୩୦ ମସିହାରେ ପଦାର୍ଥ ବିଜ୍ଞାନରେ ସମ୍ମାନଜନକ ନୋବେଲ ପୁରସ୍କାରରେ ପୁରସ୍କୃତ କରାଯାଇଥିଲା। ବିଜ୍ଞାନ ପାଇଁ ଏହି ପୁରସ୍କାରପ୍ରାପ୍ତ କରିବାରେ ସେ କେବଳ ପ୍ରଥମ ଭାରତୀୟ ନୁହନ୍ତି, ପ୍ରଥମ ଏସୀୟ ମଧ୍ୟ। ରମଣ ପ୍ରଭାବ ବା ରମଣ ବିଚ୍ଛୁରଣ ହେଉଛି ବସ୍ତୁ ଦ୍ୱାରା ଆଲୋକର ଅସ୍ଥାୟୀ ବିଚ୍ଛୁରଣ। ଅର୍ଥାତ୍ ଯେତେବେଳେ ଆଲୋକ କୌଣସି ସ୍ୱଚ୍ଛ ପଦାର୍ଥ ମଧ୍ୟରେ ଗତିକରେ ଅଧିକାଂଶ ରଶ୍ମି ସମାନ ଦିଗରେ ଗତିଶୀଳ ହୁଏ କିନ୍ତୁ ଏହି ଆଲୋକର ଅତି କ୍ଷୁଦ୍ର ଅଂଶର ଉଭୟ ଶକ୍ତି ଏବଂ ଦିଗରେ ପରିବର୍ତ୍ତନ ହୋଇଥାଏ। ଏହି ରମଣ ପ୍ରଭାବର ବିଭିନ୍ନ କ୍ଷେତ୍ରରେ ବ୍ୟବହାରିକ ପ୍ରୟୋଗ ବହୁଳ। ଯଥା କର୍କଟ ଭଳି ରୋଗ ଚିହ୍ନଟ କରିବା, ଆଙ୍ଗୁଠି ଛାପ ଏବଂ ଅପରାଧ ପ୍ରମାଣ ଯାଞ୍ଚ କରିବା, ଗ୍ରହ ଏବଂ ତାରା ଅଧ୍ୟୟନ କରିବା ତଥା ଅଜ୍ଞାତ ବସ୍ତୁର ଆଣବିକ ସଂରଚନା ନିର୍ଦ୍ଧାରଣ କରିବା ଆଦିରେ ସାହାଯ୍ୟ କରେ।

ସାର୍ ସି ଭି ରମଣଙ୍କ ଏହି ଯୁଗାନ୍ତକାରୀ ଆବିଷ୍କାରକୁ ସ୍ୱୀକୃତି ଦେବା ଏବଂ ଯୁବ ମନକୁ ଗବେଷଣା ଏବଂ ନବସୃଜନ ପ୍ରତି ପ୍ରେରଣା ଦେବା ପାଇଁ ଭାରତ ସରକାର ଫେବୃଆରୀ ୨୮କୁ ଜାତୀୟ ବିଜ୍ଞାନ ଦିବସ ରୂପେ ପାଳନ କରିବା ପାଇଁ ସ୍ଥିର କରିଛନ୍ତି। କିନ୍ତୁ ବିଡ଼ମ୍ବନାର ବିଷୟ ଯେ ପରାଧୀନ ଭାରତରେ ସମସ୍ତ ନକାରାତ୍ମକ ତଥା ପ୍ରତିକୂଳ ପରିସ୍ଥିତି ଓ ଘାତ ପ୍ରତିଘାତ ମଧ୍ୟରେ ସାର୍ ସି ଭି ରମଣ ଏହି ଅସାଧ୍ୟ କୃତିତ୍ୱ ଅର୍ଜନ କରିଥିଲେ ମଧ୍ୟ ସ୍ୱାଧୀନତାର ୭୮ ବର୍ଷ ମଧ୍ୟରେ ସମସ୍ତ ଅନୁକୂଳ ପରିସ୍ଥିତି ସତ୍ତ୍ୱେ ଭାରତ ଭୂଖଣ୍ଡରୁ ବିଜ୍ଞାନରେ ଜଣେ ହେଲେ ନୋବେଲ ବିଜେତା ସୃଷ୍ଟି କରିପାରି ନାହିଁ। ଯଦିଓ ସ୍ୱାଧୀନତା ପରେ ହର ଗୋବିନ୍ଦ ଖୁରାନା (ମେଡିସିନ, ୧୯୬୮), ସୁବ୍ରମଣ୍ୟନ ଚନ୍ଦ୍ରଶେଖର (ଭୌତିକ ବିଜ୍ଞାନ, ୧୯୮୩) ଏବଂ ଭେଙ୍କଟରାମନ ରାମକୃଷ୍ଣନ (ରସାୟନ ବିଜ୍ଞାନ, ୨୦୦୯) ପରି ଭାରତୀୟ ଜନ୍ମିତ ବୈଜ୍ଞାନିକମାନେ ନୋବେଲ ପୁରସ୍କାର ପାଇଛନ୍ତି କିନ୍ତୁ ସେମାନେ ବିଦେଶୀ ପ୍ରତିଷ୍ଠାନରେ କାର୍ଯ୍ୟ କରି ଓ ବିଦେଶୀ ନାଗରିକ ଭାବରେ ଏହିସମ୍ମାନର ଅଧିକାରୀ ହୋଇଛନ୍ତି। ଏଥିରୁ ପ୍ରତୀତ ହୁଏ ଯେ ଭାରତୀୟଙ୍କର ଧୀଶକ୍ତି, ପ୍ରତିଭା ତଥା ପ୍ରଜ୍ଞାର କୌଣସି ଅଭାବ ନାହିଁ। ଏଣୁ ସମସ୍ତଙ୍କ ମନରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ସ୍ୱାଧୀନତା ପରେ ଭାରତୀୟ ପ୍ରତିଷ୍ଠାନରେ କାମ କରିବା ସମୟରେ ଭାରତ କାହିଁକି ବିଜ୍ଞାନରେ ନୋବେଲ ପୁରସ୍କାର ବିଜେତା ସୃଷ୍ଟି କରିନାହିଁ?

ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନ (IISC), ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (IIT),ଭାରତୀୟ ମହାକାଶ ଗବେଷଣା ସଂସ୍ଥାନ (ISRO), ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂସ୍ଥାନ (DRDO) ଏବଂ ବୈଜ୍ଞାନିକ ଏବଂ ଶିଳ୍ପ ଗବେଷଣା ପରିଷଦ (CSIR) ଭଳି ବିଶ୍ୱସ୍ତରୀୟ ପ୍ରତିଷ୍ଠାନ ତଥା ଅନେକ ବିଶ୍ୱବିଦ୍ୟାଳୟ ଥିବା ସତ୍ତ୍ୱେ, ଭାରତ ଏବେ ବି ଅନେକ ସମସ୍ୟା ଯୋଗୁ ବୈଜ୍ଞାନିକ ଗବେଷଣାରେ ସଂଘର୍ଷ କରୁଛି। ମୋ ମତରେ ନିମ୍ନଲିଖିତ ସମସ୍ୟାଗୁଡ଼ିକ ଏହାର ପ୍ରମୁଖ କାରଣ। ଭାରତ ଏହାର ମୋଟ ଘରୋଇ



ଉତ୍ପାଦର ୧%ରୁ କମ୍ ଗବେଷଣା ପାଇଁ ଖର୍ଚ୍ଚ କରେ, ଯାହା ଆମେରିକା, ବିକଶିତ ୟୁରୋପୀୟ ଦେଶ ଏବଂ ଚାଇନା ପରି ଦେଶ ତୁଳନାରେ ବହୁତ କମ୍। ଅନେକ ପ୍ରତିଭାବାନ ବୈଜ୍ଞାନିକ ଭଲ ସୁଯୋଗ, ଅଧିକ ଦରମା ଏବଂ ଉନ୍ନତ ଗବେଷଣା ସୁବିଧା ପାଇଁ ବିଦେଶକୁ ଚାଲିଯାଆନ୍ତି। ଭାରତରେ ବୈଜ୍ଞାନିକ ଗବେଷଣାର ପ୍ରଗତିରେ ଅମଲାତନ୍ତ୍ରୀ ମାନସିକତା ଏବଂ ଅମଲାତନ୍ତ୍ରର ହସ୍ତକ୍ଷେପ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରତିବନ୍ଧକ ମଧ୍ୟରୁ ଗୋଟିଏ। ଅମଲାତନ୍ତ୍ରୀ ମାନସିକତା ଓ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁ ଗବେଷଣା ଅନୁମୋଦନ ଏବଂ ଅନୁଦାନ ବଣ୍ଟନରେ ବହୁତ ସମୟ ଲାଗେ। ମୌଳିକ ଗବେଷଣା ପାଇଁ ନିଷ୍ଠା, ସଚ୍ଚୋଟତା, କଠିନ ପରିଶ୍ରମ ଓ ଅସୀମ ଧୈର୍ଯ୍ୟର ଆବଶ୍ୟକତା ଥିବା ବେଳେ, ପ୍ରିୟାପ୍ରୀତିବାଦ, ଯୋଗ୍ୟତାଭିତ୍ତିକ ପଦୋନ୍ନତିର ଅଭାବ ଏବଂ ଆଭ୍ୟନ୍ତରୀଣ ରାଜନୀତି ପ୍ରାୟତଃ ଯୁବ ବୈଜ୍ଞାନିକମାନଙ୍କୁ ଭାରତରେ ମୌଳିକ ଗବେଷଣା କରିବାକୁ ନିରୁତ୍ସାହିତ କରେ। କଠୋର ପ୍ରଶାସନିକ ନିୟମ ଯୋଗୁ ଅନେକ ଯୋଗ୍ୟ ଗବେଷକ ସ୍ୱୀକୃତି ପାଇଁ ସଂଘର୍ଷ କରନ୍ତି। ସେଥିପାଇଁ ସେମାନେ ସହଜ ପଥ ଅବଲମ୍ବନ କରି ଗୁଣାତ୍ମକ ଗବେଷଣା ବଦଳରେ ପରିମାଣାତ୍ମକ ଗବେଷଣାରେ ଧ୍ୟାନକେନ୍ଦ୍ରିତ କରନ୍ତି। ଏଥିପାଇଁ ଅନେକ ଭାରତୀୟ ଗବେଷକ ସାହସିକ, ଅଭିନବ ପଦକ୍ଷେପ ନେବା ପରିବର୍ତ୍ତେ ଅନୁଦାନ ସୁରକ୍ଷିତ କରିବା ପାଇଁ ସୁରକ୍ଷିତ ବିଷୟଗୁଡ଼ିକ ଉପରେ ଧ୍ୟାନ ଦିଅନ୍ତି। ବିଫଳତାର ଭୟ ଏବଂ ଆନ୍ତଃଶାଖାଗତ ସହଯୋଗର ଅଭାବ ଯୁଗାନ୍ତକାରୀ ଆବିଷ୍କାରଗୁଡ଼ିକୁ ବାଧା ଦିଏ। ପାଶ୍ଚାତ୍ୟ ଦେଶଗୁଡ଼ିକରେ ଶିଳ୍ପଗୁଡ଼ିକ ସକ୍ରିୟ ଭାବରେ ଗବେଷଣାକୁ ପାଣ୍ଠି ଯୋଗାଇଥାନ୍ତି କିନ୍ତୁ ଭାରତରେ ଶିଳ୍ପ ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକର ସୀମିତ ସହଯୋଗ ରହିଛି, ଯାହା ପ୍ରାୟୋଗିକ ଗବେଷଣା ଏବଂ ନବସୃଜନ ପାଇଁ ସୁଯୋଗକୁ ହ୍ରାସ କରୁଛି। ତେଣୁ ସରକାର ଓ ବୁଦ୍ଧିଜୀବୀମାନଙ୍କୁ ପୁଣି ଥରେ ଉପରୋକ୍ତ ଆହ୍ୱାନଗୁଡ଼ିକର ବାଟ ବାହାର କରିବା ପାଇଁ ଗଭୀର ଚିନ୍ତନର ସମୟ ଉପନୀତ।

ସରକାର ଗବେଷଣା ଏବଂ ବିକାଶ ବଜେଟକୁ ମୋଟ ଘରୋଇ ଉତ୍ପାଦର ଅତି କମ୍‌ରେ ୨% ପର୍ଯ୍ୟନ୍ତ ବୃଦ୍ଧି କରିବା ଉଚିତ ଓ ଗବେଷକମାନଙ୍କୁ ଆଧୁନିକ ପ୍ରୟୋଗଶାଳା, ଉନ୍ନତ ଉପକରଣ ଏବଂ ସମ୍ବଳଗୁଡ଼ିକର ସହଜ ଉପଲବ୍ଧ ସୁନିଶ୍ଚିତ କରାଯିବା ଉଚିତ। ସରକାରଙ୍କ ନୀତିରେ ପରିବର୍ତ୍ତନ ଆଣି ବୈଜ୍ଞାନିକମାନଙ୍କୁ ନୂତନ, ଅଣପାରମ୍ପରିକ ଚିନ୍ତାଧାରା ଅନୁସନ୍ଧାନ କରିବାକୁ ଉତ୍ସାହିତ କରିବା ସହିତ ପ୍ରତିଯୋଗିତାମୂଳକ ଦରମା, ଗବେଷଣା ସ୍ୱାଧୀନତା ଏବଂ ସ୍ୱୀକୃତି ପ୍ରଦାନ କରିବା ଦ୍ୱାରା ପ୍ରତିଭା ନିଷ୍କାସନକୁ ରୋକିବାରେ ସଫଳତା ମିଳିପାରିବ। ତେବେ ଭାରତ ସରକାର ଗବେଷଣାକୁ ବିଶ୍ୱସ୍ତରୀୟ କରିବା ଓ ଯୁବ ବୈଜ୍ଞାନିକମାନଙ୍କୁ ଗବେଷଣା ପାଇଁ ଆକୃଷ୍ଟ କରିବା ଲାଗି ଅନେକ ପଦକ୍ଷେପ ଆରମ୍ଭ କରିଛନ୍ତି। ଭାରତରେ ପ୍ରଚୁର ବୈଜ୍ଞାନିକ ସମ୍ଭାବନା ରହିଛି କିନ୍ତୁ ଯୁଗାନ୍ତକାରୀ ଆବିଷ୍କାର ସୃଷ୍ଟି କରିବା ପାଇଁ ପାଣ୍ଠି, ଅମଲାତନ୍ତ୍ର, ପ୍ରତିଭା ନିଷ୍କାସନ ଏବଂ ଗବେଷଣା ରାଜନୀତି ଭଳି ସମସ୍ୟାଗୁଡ଼ିକୁ ସମାଧାନ କରିବାକୁ ପଡିବ। ଏହି ଜାତୀୟ ବିଜ୍ଞାନ ଦିବସ ଅବସରରେ ଭାରତ ଆଗାମୀ ଦଶନ୍ଧିରେ ଜ୍ଞାନ – ବିଜ୍ଞାନରେ ପୁନଶ୍ଚ ବିଶ୍ୱଗୁରୁ ଆସନ ଅଳଙ୍କୃତ କରିବ ବୋଲି ଆଶା କରିବା।

**ବରିଷ୍ଠ ପ୍ରାଧ୍ୟାପକ ଓ ବିଭାଗୀୟ ମୁଖ୍ୟ**
**ସ୍ନାତକୋତ୍ତର ରସାୟନ ବିଜ୍ଞାନ ବିଭାଗ,**
**ଢେଙ୍କାନାଳସ୍ୱୟଂ ଶାସିତ ମହାବିଦ୍ୟାଳୟ**
**ମୋ:୯୮୬୧୩୯୧୧୯୦**

## ଚିରନ୍ତନୀ

ଆକାଶର ଶଶି ସମ ଦୂରେ
କେତେ ରୂପ ପରଶିଲା ପ୍ରାଣେ
ଆକାଶର ଶଶି ସମ ମୋର
କେତେ ରୂପ ହେଲା ପ୍ରିୟତର
ଯଉବନ ଉଦ୍ଦାମ ଗାନେ
କେତେ ରୂପ ପରଶିଲା ପ୍ରାଣେ।
–(ପୌଷ–ମଳୟ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### 'ଲାଇବ୍ରେରି' ପିରିୟଡ଼ ରହୁ

ମହାଶୟ,

ପୂର୍ବରୁ ସବୁ ସରକାରୀ ସ୍କୁଲରେ 'ଲାଇବ୍ରେରି' ରହୁଥିଲା ଓ ମାସର ଗୋଟିଏ ପିରିୟଡ଼ ଏହି ଲାଇବ୍ରେରି ଲାଗି ସଂରକ୍ଷିତ ରହୁଥିଲା। ପିଲାମାନେ ଲାଇବ୍ରେରିରେ ବସି ପଢ଼ିବା ବାଧ୍ୟତାମୂଳକ ଥିଲା। ଛାତ୍ରଛାତ୍ରୀମାନେ ପାଠ୍ୟ ପୁସ୍ତକ ବାହାରେ ଥିବା ବିଭିନ୍ନ ପ୍ରକାରର ବହି ପଢୁଥିଲେ ଏବଂ କିଛି ବହି ଘରେ ପଢ଼ିବାକୁ ନେଉଥିଲେ। ବହି ଫେରାଇବା ବେଳେ ଶିକ୍ଷକଙ୍କ ନିକଟରେ କ'ଣ ଶିଖିଲୁ, ଜଣାଇବାକୁ ପଡୁଥିଲା। ଏହା ଦ୍ୱାରା ପିଲାଦିନୁ ବହି ପଢିବା ଆଗ୍ରହ ଓ ବହି ପ୍ରତି ମମତା ରହୁଥିଲା। ବହିଠାରେ ଆଗ୍ରହ ରହିବା କାରଣରୁ ତାହାର ଚିନ୍ତା, ଚେତନା, ଭାବନା ଓ ଦୃଷ୍ଟିକୋଣ ବହୁପ୍ରସାରିତ ହୋଇଥାଏ। ଜୀବନ ପ୍ରତି ସକାରାତ୍ମକ ଧାରଣା ବଢ଼ିବା ସହିତ ସେ ଜିଜ୍ଞାସୁ ଓ ଅନୁସନ୍ଧିତ୍ସୁ ହୋଇଉଠେ। ଏହାର ମୂଳଦୁଆ ବିଦ୍ୟାଳୟରେ ପଡ଼ିଥାଏ। ତେଣୁ ପିଲାଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ପ୍ରତି ବିଦ୍ୟାଳୟରେ 'ଲାଇବ୍ରେରି' ପିରିୟଡ଼ ବାଧ୍ୟତାମୂଳକ ରଖାଯାଉ।

**–ପ୍ରତାପ ନାୟକ, ଏମ ଆଇ ଜି–୭୫, କଳିଙ୍ଗ ବିହାର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ନିର୍ମାଣ ଶ୍ରମିକ ସମାରୋହ**

ଧର୍ମଗଡ଼,(ଆକାଶ କୁମାର ଜଗତ): ଧର୍ମଗଡସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ ଗୁରୁବାର ଜିଲାସ୍ତରୀୟ ନିର୍ମାଣ ଶ୍ରମିକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳାହାଣ୍ଡି ଏମ୍‌ପି ମାଳବିକା କେଶରୀ ଦେଓ ମୁଖ୍ୟ ଅତିଥି ଓ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ଧର୍ମଗଡ ଉପଜିଲାପାଳ ଧୃମାନ ଚକମା, ଧର୍ମଗଡ଼ ବ୍ଲକ ଅଧକ୍ଷା ବବିତା ପଟ୍ଟଯୋଶୀ, ଜିଲା ଶ୍ରମ ଅଧିକାରୀ ଜିମୁତ ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲାର ସମସ୍ତ ଶ୍ରମିକ ଯେପରି ପଞ୍ଜୀକୃତ ହେବେ ସେଥିପାଇଁ କର୍ମଶାଳା ଆୟୋଜନ ତଥା ପ୍ରଚାର ପ୍ରସାର ମାଧମରେ ସଚେତନତା ସୃଷ୍ଟି କରିବାକୁ ଜିଲା ପ୍ରଶାସନକୁ ଧର୍ମଗଡ଼ ବିଧାୟକ ପଟ୍ଟଯୋଶୀ ପରାମର୍ଶ ଦେଇଥିଲେ। ଏହି ସମାରୋହରେ ବିଭିନ୍ନ ଅଞ୍ଚଳରୁ ଶ୍ରମିକମାନେ ଅଂଶଗ୍ରହଣ କରିଥିଲେ।

# ଏକତାର ମହାକୁମ୍ଭ– ନୂଆ ଯୁଗର ଆରମ୍ଭ



**ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ

ପବିତ୍ର ସହର ପ୍ରୟାଗରାଜରେ ମହାକୁମ୍ଭ ସଫଳତାର ସହ ସମାପନ ହୋଇଛି। ଏକତାର ଏକ ବିଶାଳ ମହାଯଜ୍ଞ ସମ୍ପନ୍ନ ହୋଇଛି। ଗୋଟିଏ ରାଷ୍ଟ୍ରର ଚେତନା ଜାଗ୍ରତ ହେଲେ, ଶହ ଶହ ବର୍ଷ ପୁରୁଣା ପରାଧୀନତାର ମାନସିକତାରୁ ମୁକ୍ତ ହେଲେ, ଦେଶରେ ନୂତନ ଶକ୍ତିର ସଞ୍ଚାର ହୋଇଥାଏ । ଏହାର ପରିଣାମ ଜାନୁଆରୀ ୧୩ରୁ ପ୍ରୟାଗରାଜରେ ଆରମ୍ଭ ହୋଇଥିବା ‘ଏକତା କା ମହାକୁମ୍ଭ’ (ଏକତାର ମହାକୁମ୍ଭ)ରେ ଦେଖିବାକୁ ମିଳିଥିଲା।

୨୨ ଜାନୁଆରୀ ୨୦୨୪ରେ, ଅଯୋଧ୍ୟାରେ ରାମ ମନ୍ଦିରର ପ୍ରାଣ ପ୍ରତିଷ୍ଠା ସମୟରେ, ମୁଁ ଦେବ ଭକ୍ତି ଏବଂ ଦେଶ ଭକ୍ତି ବିଷୟରେ କହିଥିଲି। ପ୍ରୟାଗରାଜରେ ମହାକୁମ୍ଭ ସମୟରେ ସାଧୁ, ସନ୍ଥ, ମହିଳା, ଶିଶୁ, ଯୁବକ, ବରିଷ୍ଠ ନାଗରିକ ଏବଂ ସମାଜର ସମସ୍ତ ବର୍ଗର ଲୋକମାନେ ଏକାଠି ହୋଇଥିଲେ। ମହାକୁମ୍ଭରେ ଆମେ ରାଷ୍ଟ୍ରର ଜାଗ୍ରତ ଚେତନାକୁ ଦେଖିଛୁ। ଏହା ଥିଲା ଏକତାର ମହାକୁମ୍ଭ, ଯେଉଁଠି ୧୪୦ କୋଟି ଭାରତୀୟଙ୍କ ଆସ୍ଥା ଏହି ପବିତ୍ର ଅବସର ପାଇଁ ଏକ ସମୟରେ, ଗୋଟିଏ ସ୍ଥାନରେ ଏକତ୍ରିତ ହୋଇଥିଲା।

ପ୍ରୟାଗରାଜର ଏହି ପବିତ୍ର ଅଞ୍ଚଳ ହେଉଛି ଶୃଙ୍ଗବେରପୁର । ଏହା ଏକତା, ସୌହାର୍ଦ୍ଦ୍ୟ ଏବଂ ପ୍ରେମର ଏକ ପବିତ୍ର ଭୂମି, ଯେଉଁଠାରେ ପ୍ରଭୁ ଶ୍ରୀରାମ ଓ ନିଶାଦରାଜଙ୍କ ମଧ୍ୟରେ ସାକ୍ଷାତ ହୋଇଥିଲା। ସେମାନଙ୍କର ଏହି ସାକ୍ଷାତ ଭକ୍ତି ଓ ସଦ୍ଭାବନାର ସଙ୍ଗମ ଥିଲା। ଆଜି ମଧ୍ୟ ପ୍ରୟାଗରାଜ ଆମକୁ ସେହି ଭାବନା ସହ ପ୍ରେରଣା ଦେଉଛି।

୪୫ ଦିନ ଧରି ମୁଁ ଦେଶର କୋଣ ଅନୁକୋଣରୁ କୋଟି କୋଟି ଲୋକଙ୍କୁ ସଙ୍ଗମକୁ ଯିବାଆସିବା କରୁଥିବାର ଦେଖିଲି। ସଙ୍ଗମସ୍ଥଳରେ ଭାବପ୍ରବଣତାର ତରଙ୍ଗ ବୃଦ୍ଧି ପାଇବାରେ ଲାଗିଥିଲା। ପ୍ରତ୍ୟେକ ଭକ୍ତ ସଙ୍ଗମରେ ବୁଡ଼ ପକାଇବାର ଆକାଂକ୍ଷା ନେଇ ଆସିଥିଲେ । ଗଙ୍ଗା, ଯମୁନା ଏବଂ ସରସ୍ୱତୀଙ୍କ ପବିତ୍ର ସଙ୍ଗମ ପ୍ରତ୍ୟେକ ତୀର୍ଥଯାତ୍ରୀଙ୍କୁ ଉତ୍ସାହ, ଶକ୍ତି ଏବଂ ଆତ୍ମବିଶ୍ୱାସରେ ଭରିଦେଇଥିଲା।

ପ୍ରୟାଗରାଜର ଏହି ମହାକୁମ୍ଭ ଆଧୁନିକ ପ୍ରବନ୍ଧନ ବା ମ୍ୟାନେଜମେଣ୍ଟ ପେସାଦାର, ଯୋଜନା ଏବଂ ନୀତି ବିଶେଷଜ୍ଞଙ୍କ ପାଇଁ ଏକ ଅଧ୍ୟୟନର ବିଷୟ। ବିଶ୍ୱର କୌଣସି ସ୍ଥାନରେ ଏହି ବ୍ୟାପକତାର କୌଣସି ସମାନ୍ତରାଳ ଉଦାହରଣ ନାହିଁ।

ପ୍ରୟାଗରାଜରେ ନଦୀ ସଙ୍ଗମ କୂଳରେ କୋଟି କୋଟି ଲୋକ କିପରି ଏକାଠି ହେଲେ, ତାହା ବିଶ୍ୱ ଆଶ୍ଚର୍ଯ୍ୟର ସହ ଦେଖିଲା। ଏହି ଲୋକମାନଙ୍କ ପାଖରେ କୌଣସି ଆନୁଷ୍ଠାନିକ ନିମନ୍ତ୍ରଣ ନ ଥିଲା, କେତେବେଳେ ଯିବେ ସେ ବିଷୟରେ କୌଣସି ପୂର୍ବ ସୂଚନା ନ ଥିଲା। ତଥାପି କୋଟି କୋଟି ଲୋକ ନିଜ ଇଚ୍ଛାରେ ମହାକୁମ୍ଭ ଅଭିମୁଖେ ବାହାରିଥିଲେ ଏବଂ ପବିତ୍ର ଜଳରାଶିରେ ବୁଡ଼ ପକାଇବାର ଆନନ୍ଦ ଅନୁଭବ କରିଥିଲେ।

ପବିତ୍ର ସ୍ନାନ ପରେ ଅପାର ଆନନ୍ଦ ଏବଂ ସନ୍ତୋଷ ପ୍ରଦାନ କରୁଥିବା ସେହି ମୁହଁଗୁଡ଼ିକୁ ମୁଁ ଭୁଲିପାରିବି ନାହିଁ। ମହିଳା, ବୟସ୍କ, ଦିବ୍ୟାଙ୍ଗ ଭାଇ ଓ ଭଉଣୀ– ସମସ୍ତେ ସଙ୍ଗମରେ ପହଞ୍ଚିବାର ରାସ୍ତା ଖୋଜି ବାହାର କଲେ।

ଭାରତର ଯୁବକମାନଙ୍କ ବିପୁଳ ଅଂଶଗ୍ରହଣକୁ ଦେଖିବା ମୋ ପାଇଁ ବିଶେଷ ଭାବରେ ହୃଦୟସ୍ପର୍ଶୀ ଥିଲା। ମହାକୁମ୍ଭରେ ଯୁବପିଢ଼ିର ଉପସ୍ଥିତି ଏକ ଗଭୀର ବାର୍ତ୍ତା ଦେଉଛି ଯେ ଭାରତର ଯୁବବର୍ଗ ଆମର ଗୌରବମୟ ସଂସ୍କୃତି ଏବଂ ଐତିହ୍ୟର ପଥପ୍ରଦର୍ଶକ ହେବେ। ସେମାନେ ଏହାର ସଂରକ୍ଷଣ ଦିଗରେ ସେମାନଙ୍କର ଦାୟିତ୍ୱକୁ ବୁଝନ୍ତି ଏବଂ ଏହାକୁ ଆଗକୁ ନେବା ପାଇଁ ପ୍ରତିଶ୍ରୁତିବଦ୍ଧ।

ଏହି ମହାକୁମ୍ଭ ପାଇଁ ପ୍ରୟାଗରାଜରେ ପହଞ୍ଚୁଥିବା ଲୋକଙ୍କ ସଂଖ୍ୟା ନିଃସନ୍ଦେହରେ ନୂତନ ରେକର୍ଡ ସୃଷ୍ଟି କରିଛି। କିନ୍ତୁ ଶାରୀରିକ ଭାବେ ଉପସ୍ଥିତ ଥିବା ଲୋକମାନଙ୍କ ବ୍ୟତୀତ, ପ୍ରୟାଗରାଜରେ ପହଞ୍ଚି ପାରୁ ନ ଥିବା କୋଟି କୋଟି ଲୋକ ମଧ୍ୟ ଏହି ଅବସରରେ ଭାବପ୍ରବଣତାର ସହ ଗଭୀର ଭାବେ ଜଡ଼ିତ ଥିଲେ। ତୀର୍ଥଯାତ୍ରୀମାନେ ନେଇ ଆସୁଥିବା ପବିତ୍ର ଜଳ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଆଧ୍ୟାତ୍ମିକ ଆନନ୍ଦର ଉତ୍ସ ପାଲଟିଥିଲା। ମହାକୁମ୍ଭରୁ ଫେରୁଥିବା ଅନେକଙ୍କୁ ସେମାନଙ୍କ ଗ୍ରାମରେ ସମ୍ମାନର ସହ ସ୍ୱାଗତ କରାଯାଇଥିଲା, ସମାଜ ଦ୍ୱାରା ସମ୍ମାନିତ କରାଯାଇଥିଲା।

ଗତ କିଛି ସପ୍ତାହ ମଧ୍ୟରେ ଯାହା ଘଟିଛି ତାହା ଅଭୂତପୂର୍ବ ଏବଂ ଆଗାମୀ ଶତାବ୍ଦୀ ପାଇଁ ଏକ ମୂଳଦୁଆ ପକାଇଛି।

ସମସ୍ତଙ୍କ କଳ୍ପନାଠାରୁ ଯଥେଷ୍ଟ ଅଧିକ ସଂଖ୍ୟକ ଭକ୍ତ ପ୍ରୟାଗରାଜରେ ପହଞ୍ଚିଥିଲେ। କୁମ୍ଭର ପୂର୍ବ ଅଭିଜ୍ଞତାକୁ ଆଧାର କରି ପ୍ରଶାସନ ଉପସ୍ଥାନର ଆକଳନ କରିଥିଲା।

ଆମେରିକାର ପ୍ରାୟ ଦୁଇଗୁଣ ଜନସଂଖ୍ୟା ଏହି ଏକତାର ମହାକୁମ୍ଭରେ ଅଂଶଗ୍ରହଣ କରିଥିଲେ।

ଆଧ୍ୟାତ୍ମିକ ବିଦ୍ୱାନ୍‌ମାନେ ଯଦି କୋଟି କୋଟି ଭାରତୀୟଙ୍କ ଉତ୍ସାହୀ ଅଂଶଗ୍ରହଣକୁ ବିଶ୍ଳେଷଣ କରନ୍ତି, ତେବେ ସେମାନେ ଦେଖିବେ ଯେ ଭାରତ ନିଜର ଐତିହ୍ୟକୁ ନେଇ ଗର୍ବିତ ଏବଂ ବର୍ତ୍ତମାନ ଦେଶ ଏକ ନୂତନ ଶକ୍ତି ସହିତ ଆଗକୁ ବଢ଼ୁଛି। ଏହା ଏକ ନୂତନ ଯୁଗର ପ୍ରାରମ୍ଭ ଏବଂ ଏହି ମହାକୁମ୍ଭ ନୂତନ ଭାରତର ଭବିଷ୍ୟତ ଲେଖିବ ବୋଲି ମୋର ବିଶ୍ୱାସ ରହିଛି ।

ହଜାର ହଜାର ବର୍ଷ ଧରି, ମହାକୁମ୍ଭ ଭାରତର ଜାତୀୟ ଚେତନାକୁ ସୁଦୃଢ଼ କରିଛି। ଅତୀତରେ ପ୍ରତ୍ୟେକ ପୂର୍ଣ୍ଣକୁମ୍ଭରେ ସନ୍ଥ, ବିଦ୍ୱାନ୍ ଏବଂ ଚିନ୍ତାନାୟକମାନେ ନିଜ ସମୟର ସମାଜର ସ୍ଥିତି ଉପରେ ବିଚାରବିମର୍ଶ କରୁଥିବା ଦେଖିବାକୁ ମିଳୁଥିଲା। ସେମାନଙ୍କ ବିଚାରର ପ୍ରତିଫଳନ ଦେଶ ଏବଂ ସମାଜକୁ ଏକ ନୂତନ ଦିଗ ପ୍ରଦାନ କରୁଥିଲା। ପ୍ରତି ଛଅ ବର୍ଷରେ, ଅର୍ଦ୍ଧକୁମ୍ଭ ସମୟରେ, ଏହି ବିଚାରଗୁଡ଼ିକର ସମୀକ୍ଷା କରାଯାଇଥିଲା। ୧୪୪ ବର୍ଷ ଧରି ଚାଲିଥିବା ୧୨ଟି ପୂର୍ଣ୍ଣକୁମ୍ଭ ଘଟଣା ପରେ, ପୁରୁଣା ପରମ୍ପରାକୁ ପରିତ୍ୟାଗ କରାଯାଉଥିଲା, ନୂତନ ଚିନ୍ତାଧାରାକୁ ଗ୍ରହଣ କରାଯାଇଥିଲା ଏବଂ ସମୟ ସହିତ ଆଗକୁ ବଢ଼ିବା ପାଇଁ ନୂତନ ପରମ୍ପରା ସୃଷ୍ଟି କରାଯାଇଥିଲା।

୧୪୪ ବର୍ଷ ପରେ, ଏହି ମହାକୁମ୍ଭରେ, ଆମର ସନ୍ଥମାନେ ପୁନର୍ବାର ଭାରତର ବିକାଶ ପାଇଁ ଏକ ନୂତନ ବାର୍ତ୍ତା ଦେଇଛନ୍ତି । ସେହି ବାର୍ତ୍ତା ହେଉଛି – ବିକଶିତ ଭାରତ।

ଏହି ଏକତାର ମହାକୁମ୍ଭରେ ପ୍ରତ୍ୟେକ ତୀର୍ଥଯାତ୍ରୀ, ଧନୀ ହୁଅନ୍ତୁ ଅବା ଗରିବ, ଯୁବ ହୁଅନ୍ତୁ ଅବା ବୃଦ୍ଧ, ଗାଁ ଅବା ସହରରୁ, ଭାରତ ହେଉ କି ବିଦେଶ, ପୂର୍ବ ହେଉ କି ପଶ୍ଚିମ, ଉତ୍ତର ହେଉ କି ଦକ୍ଷିଣ, ଜାତି, ଧର୍ମ ଏବଂ ବିଚାର ନିର୍ବିଶେଷରେ ଏକାଠି ହୋଇଥିଲେ। ଏହା ‘ଏକ ଭାରତ ଶ୍ରେଷ୍ଠ ଭାରତ’ ପରିକଳ୍ପନାର ପ୍ରତିମୂର୍ତ୍ତି ଥିଲା, ଯାହା କୋଟି କୋଟି ଲୋକଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଭରିଥିଲା। ଏବେ ଆମକୁ ଏକ ବିକଶିତ ଭାରତ ନିର୍ମାଣର ଲକ୍ଷ୍ୟ ପାଇଁ ସମାନ ଭାବନା ନେଇ ଏକାଠି ହେବାକୁ ପଡ଼ିବ।

ମୋର ଗୋଟିଏ କଥା ମନେପଡୁଛି । ଭଗବାନ ଶ୍ରୀକୃଷ୍ଣ ଛୋଟ ଥିବା ସମୟରେ ନିଜ ପାଟିରେ ମା’ ଯଶୋଦାଙ୍କୁ ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡର ଚିତ୍ର ଦେଖାଇଥିଲେ। ସେହିପରି, ଏହି ମହାକୁମ୍ଭରେ ଭାରତ ଓ ବିଶ୍ୱର ଲୋକମାନେ ଭାରତର ସାମୂହିକ ଶକ୍ତିର ବ୍ୟାପକ ସମ୍ଭାବନାକୁ ଦେଖିଛନ୍ତି । ଏବେ ଆମକୁ ଏହି ଆତ୍ମବିଶ୍ୱାସର ସହିତ ଆଗକୁ ବଢ଼ିବାକୁ ହେବ ଏବଂ ଏକ ବିକଶିତ ଭାରତ ଗଠନ ଦିଗରେ ନିଜକୁ ସମର୍ପିତ କରିବାକୁ ହେବ।

ଏହାପୂର୍ବରୁ ଭକ୍ତି ଆନ୍ଦୋଳନର ସନ୍ଥମାନେ ସମଗ୍ର ଭାରତରେ ଆମର ସାମୂହିକ ସଂକଳ୍ପର ଶକ୍ତିକୁ ଚିହ୍ନଟ କରିଥିଲେ ଏବଂ ପ୍ରୋତ୍ସାହିତ କରିଥିଲେ। ସ୍ୱାମୀ ବିବେକାନନ୍ଦଙ୍କଠାରୁ ଆରମ୍ଭ କରି ଶ୍ରୀ ଅରବିନ୍ଦଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକ ମହାନ୍ ଚିନ୍ତାନାୟକ ଆମକୁ ଆମ ସାମୂହିକ ସଂକଳ୍ପର ଶକ୍ତି ବିଷୟରେ ସ୍ମରଣ କରାଇ ଦେଇଥିଲେ। ଏପରି କି ମହାତ୍ମା ଗାନ୍ଧୀ ମଧ୍ୟ ସ୍ୱାଧୀନତା ଆନ୍ଦୋଳନ ସମୟରେ ଏହା ଅନୁଭବ କରିଥିଲେ। ସ୍ୱାଧୀନତା ପରେ, ଯଦି ଏହି ସାମୂହିକ ଶକ୍ତିକୁ ସଠିକ୍ ଭାବରେ ସ୍ୱୀକୃତି ଦିଆଯାଇଥାନ୍ତା ଏବଂ ସମସ୍ତଙ୍କ କଲ୍ୟାଣକୁ ପ୍ରୋତ୍ସାହିତ କରିବା ଦିଗରେ ଏହାର ଉପଯୋଗ କରାଯାଇଥା’ନ୍ତା, ତେବେ ଏହା ଗୋଟିଏ ନୂତନ ଭାବେ ସ୍ୱାଧୀନ ରାଷ୍ଟ୍ର ପାଇଁ ଏକ ମହାଶକ୍ତି ହୋଇପାରିଥାନ୍ତା। ଦୁର୍ଭାଗ୍ୟବଶତଃ, ପୂର୍ବରୁ ଏହା କରାଯାଇ ନ ଥିଲା। କିନ୍ତୁ ବର୍ତ୍ତମାନ, ଏକ ବିକଶିତ ଭାରତ ପାଇଁ ଲୋକମାନଙ୍କର ଏହି ସାମୂହିକ ଶକ୍ତି ଯେପରି ଭାବେ ଏକାଠି ହେଉଛି, ତାହା ଦେଖି ମୁଁ ଆନନ୍ଦିତ ।

ବେଦଠାରୁ ଆରମ୍ଭ କରି ବିବେକାନନ୍ଦଙ୍କ ପର୍ଯ୍ୟନ୍ତ, ପ୍ରାଚୀନ ଶାସ୍ତ୍ରଠାରୁ ଆରମ୍ଭ କରି ଆଧୁନିକ ଉପଗ୍ରହ ପର୍ଯ୍ୟନ୍ତ, ଭାରତର ମହାନ୍ ପରମ୍ପରା ଏହି ରାଷ୍ଟ୍ରକୁ ରୂପ ଦେଇଛି । ଜଣେ ନାଗରିକ ଭାବେ ମୁଁ ପ୍ରାର୍ଥନା କରୁଛି ଯେ ଆମେ ଆମର ପୂର୍ବପୁରୁଷ ଏବଂ ସନ୍ଥମାନଙ୍କ ସ୍ମୃତିରୁ ନୂତନ ପ୍ରେରଣା ପାଇବା। ଏହି ଏକତାର ମହାକୁମ୍ଭ ଆମକୁ ନୂତନ ସଂକଳ୍ପ ସହିତ ଆଗକୁ ବଢ଼ିବାରେ ସାହାଯ୍ୟ କରୁ। ଆସନ୍ତୁ ଏକତାକୁ ଆମର ମାର୍ଗଦର୍ଶକ ନୀତି କରିବା । “ରାଷ୍ଟ୍ରର ସେବା ହେଉଛି ଈଶ୍ୱରଙ୍କ ସେବା”, ଆସନ୍ତୁ ଆମେ ଏହି ବୁଝାମଣା ସହିତ କାର୍ଯ୍ୟ କରିବା ।

କାଶୀରେ ମୋର ନିର୍ବାଚନ ପ୍ରଚାର ସମୟରେ, ମୁଁ କହିଥିଲି, “ମା’ ଗଙ୍ଗା ମୋତେ ଡାକିଛନ୍ତି ।” ଏହା କେବଳ ଏକ ଭାବପ୍ରବଣତା ନ ଥିଲା, ବରଂ ଆମର ପବିତ୍ର ନଦୀଗୁଡ଼ିକର ସ୍ୱଚ୍ଛତା ପ୍ରତି ଦାୟିତ୍ୱର ଏକ ଆହ୍ୱାନ ମଧ୍ୟ ଥିଲା। ପ୍ରୟାଗରାଜରେ ଗଙ୍ଗା, ଯମୁନା ଏବଂ ସରସ୍ୱତୀଙ୍କ ସଙ୍ଗମ ସ୍ଥଳରେ ଠିଆ ହୋଇ ମୋର ସଂକଳ୍ପ ଆହୁରି ଦୃଢ଼ ହୋଇଗଲା। ଆମ ନଦୀଗୁଡ଼ିକର ସ୍ୱଚ୍ଛତା ଆମ ନିଜ ଜୀବନ ସହିତ ଗଭୀର ଭାବେ ଜଡ଼ିତ। ବଡ଼ ହେଉ କିମ୍ବା ଛୋଟ, ଆମ ନଦୀଗୁଡ଼ିକୁ ଜୀବନଦାୟିନୀ ମା’ ଭାବେ ସମ୍ମାନ କରିବା ଆମର ଦାୟିତ୍ୱ। ଏହି ମହାକୁମ୍ଭ ଆମକୁ ଆମ ନଦୀଗୁଡ଼ିକର ସ୍ୱଚ୍ଛତା ଦିଗରେ କାର୍ଯ୍ୟ କରିବା ପାଇଁ ପ୍ରେରଣା ଦେଇଛି।

ମୁଁ ଜାଣେ ଯେ ଏତେ ବଡ଼ କାର୍ଯ୍ୟକ୍ରମ ଆୟୋଜନ କରିବା ସହଜ କାମ ନ ଥିଲା। ଯଦି ଆମର ଭକ୍ତିରେ କୌଣସି ତ୍ରୁଟି ଥାଏ ତେବେ ଆମକୁ କ୍ଷମା କରନ୍ତୁ ବୋଲି ମୁଁ ମା’ ଗଙ୍ଗା, ମା’ ଯମୁନା ଏବଂ ମା’ ସରସ୍ୱତୀଙ୍କୁ ପ୍ରାର୍ଥନା କରୁଛି । ମୁଁ ଜନତା ଜନାର୍ଦ୍ଦନ, ଜନସାଧାରଣଙ୍କୁ ଦେବତ୍ୱର ପ୍ରତିମୂର୍ତ୍ତି ଭାବେ ଦେଖୁଛି। ଯଦି ସେମାନଙ୍କ ସେବା କରିବା ପାଇଁ ଆମ ପ୍ରୟାସରେ କୌଣସି ତ୍ରୁଟି ରହିଛି, ତେବେ ମୁଁ ଜନସାଧାରଣଙ୍କୁ କ୍ଷମା ପ୍ରାର୍ଥନା କରୁଛି।

ଭକ୍ତି ଭାବନା ନେଇ କୋଟି କୋଟି ଲୋକ ମହାକୁମ୍ଭକୁ ଆସିଥିଲେ। ସେମାନଙ୍କର ସେବା କରିବା ମଧ୍ୟ ଏକ ଦାୟିତ୍ୱ ଥିଲା ; ଯାହା ସମାନ ଭକ୍ତିର ଭାବନା ସହିତ କାର୍ଯ୍ୟକାରୀ ହୋଇଥିଲା। ଉତ୍ତର ପ୍ରଦେଶର ଜଣେ ସାଂସଦ ଭାବେ ମୁଁ ଗର୍ବର ସହ କହିପାରିବି ଯେ ଯୋଗୀ ଜୀଙ୍କ ନେତୃତ୍ୱରେ ପ୍ରଶାସନ ଏବଂ ଲୋକମାନେ ମିଳିତ ଭାବେ ଏହି ଏକତାର ମହାକୁମ୍ଭକୁ ସଫଳ କରିବା ପାଇଁ କାର୍ଯ୍ୟ କରିଥିଲେ। ରାଜ୍ୟ ହେଉ କିମ୍ବା କେନ୍ଦ୍ର, ସେଠାରେ କୌଣସି ଶାସକ କିମ୍ବା ପ୍ରଶାସକ ନ ଥିଲେ। ଏହା ପରିବର୍ତ୍ତେ ସମସ୍ତେ ଜଣେ ଉତ୍ସର୍ଗୀକୃତ ସେବକ ଥିଲେ। ସଫେଇ କର୍ମଚାରୀ, ପୋଲିସ, ଡଙ୍ଗାଚାଳକ, ଡ୍ରାଇଭର, ଖାଦ୍ୟ ପରିବେଷଣ କରୁଥିବା ଲୋକ– ସମସ୍ତେ ଅକ୍ଳାନ୍ତ ପରିଶ୍ରମ କରିଥିଲେ। ଅନେକ ଅସୁବିଧାର ସମ୍ମୁଖୀନ ହେବା ସତ୍ତ୍ୱେ ପ୍ରୟାଗରାଜର ଲୋକମାନେ ଯେଉଁଭଳି ଭାବେ ତୀର୍ଥଯାତ୍ରୀମାନଙ୍କୁ ଖୋଲା ହୃଦୟରେ ସ୍ୱାଗତ କରିଥିଲେ, ତାହା ବିଶେଷ ଭାବେ ପ୍ରେରଣାଦାୟୀ ଥିଲା। ମୁଁ ସେମାନଙ୍କୁ ଏବଂ ଉତ୍ତର ପ୍ରଦେଶର ଜନସାଧାରଣଙ୍କୁ ହୃଦୟରୁ କୃତଜ୍ଞତା ଓ ଧନ୍ୟବାଦ ଜ୍ଞାପନ କରୁଛି।

ଆମ ଦେଶର ଉଜ୍ଜ୍ୱଳ ଭବିଷ୍ୟତ ଉପରେ ମୋର ସର୍ବଦା ଅତୁଟ ବିଶ୍ୱାସ ରହିଛି। ଏହି ମହାକୁମ୍ଭକୁ ଦେଖିବା ଦ୍ୱାରା ମୋର ବିଶ୍ୱାସ ଅନେକଗୁଣ ବୃଦ୍ଧି ପାଇଛି।

୧୪୦ କୋଟି ଭାରତୀୟ ଯେଉଁଭଳି ଭାବେ ଏକତାର ମହାକୁମ୍ଭକୁ ଏକ ବିଶ୍ୱସ୍ତରୀୟ ସମାରୋହରେ ପରିଣତ କରିଛନ୍ତି, ତାହା ବାସ୍ତବରେ ଚମତ୍କାର। ଆମ ଲୋକମାନଙ୍କ ସମର୍ପଣ, ଭକ୍ତି ଏବଂ ପ୍ରୟାସ ଦ୍ୱାରା ଅନୁପ୍ରାଣିତ ହୋଇ, ମୁଁ ଖୁବ୍‌ଶୀଘ୍ର ଦ୍ୱାଦଶ ଜ୍ୟୋତିର୍ଲିଙ୍ଗଙ୍କ ମଧ୍ୟରେ ପ୍ରଥମ ଶ୍ରୀ ସୋମନାଥଙ୍କୁ ଦର୍ଶନ କରିବି । ତାଙ୍କୁ ଏହି ଶ୍ରଦ୍ଧାରୂପୀ ସଂକଳ୍ପ ପୁଷ୍ପ ସମର୍ପଣ କରି ପ୍ରତ୍ୟେକ ଭାରତୀୟଙ୍କ ପାଇଁ ପ୍ରାର୍ଥନା କରିବି। ଦେଶବାସୀଙ୍କ ମଧ୍ୟରେ ଏକତାର ଏହି ଅବିରତ ଧାରା ପ୍ରବାହିତ ହୋଇ ଚାଲିବା ପାଇଁ କାମନା କରିବି ।

ମହାକୁମ୍ଭର ଭୌତିକ ସ୍ୱରୂପ ମହାଶିବରାତ୍ରି ଉପଲକ୍ଷେ ସଫଳତାର ସହ ସମାପ୍ତ ହୋଇଥାଇପାରେ, କିନ୍ତୁ ଗଙ୍ଗାର ଶାଶ୍ୱତ ପ୍ରବାହ ପରି ମହାକୁମ୍ଭ ଜାଗ୍ରତ କରିଥିବା ଆଧ୍ୟାତ୍ମିକ ଶକ୍ତି, ଜାତୀୟ ଚେତନା ଏବଂ ଏକତା ଆମକୁ ଆଗାମୀ ଅନେକ ପିଢ଼ି ପର୍ଯ୍ୟନ୍ତ ପ୍ରେରଣା ଯୋଗାଇବ ।

# ଶିବରାତ୍ରିରେ ସ୍ୱପ୍ନାଦେଶ ପରେ ଶିବଲିଙ୍ଗ ଠାବ



ଠାବ ହୋଇଥିବା ଶିବଲିଙ୍ଗ।

**ଦର୍ଶନ ପାଇଁ ଲୋକଙ୍କ ଭିଡ଼**

ଲାଞ୍ଜିଗଡ଼,୨୭।୨(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକର ଜଣେ ବ୍ୟକ୍ତିଙ୍କୁ ଶିବରାତ୍ରିରେ ସ୍ୱପ୍ନାଦେଶ ହୋଇଥିବାବେଳେ ତଦନୁଯାୟୀ ଖୋଜାଖୋଜି ପରେ ଏକ ଶିବଲିଙ୍ଗ ଠାବ କରାଯାଇଛି। ଏହାକୁ ଦର୍ଶନ କରିବା ପାଇଁ ବର୍ତ୍ତମାନ ଭକ୍ତଙ୍କ ଭିଡ଼ ଲାଗି ରହିଛି। ସମାଜସେବୀ ବିନୋଦ ଗୌଡ଼ଙ୍କ କହିବା ଅନୁସାରେ ବୁଧବାର ବଡି ଭୋରରୁ ସେ ସ୍ୱପ୍ନ ଦେଖିଥିଲେ ଯେ, ନିୟମଗିରି ପାହାଡ ପାଦଦେଶରେ ଥିବା ରାହୁଳ ଝିମିରି ଘଞ୍ଚ ଜଙ୍ଗଲରେ ଏକ ବିରାଟକାୟ ଶିବଲିଙ୍ଗ ଭଳି ଦେଖାଯାଉଥିବା ଏକ ପାହାଡ ନିକଟ ରାଣୀବୂଆଁ ନଦୀରେ ଶିବଲିଙ୍ଗ ରହିଛି। ଏହାକୁ ପୂଜା କରିବା ପାଇଁ ପାହାଡ ଉପରୁ କେହିଜଣେ ଆଦେଶ ଦେଉଛି। ଏହା ପରେ ବିନୋଦ ସକାଳୁ ନିତ୍ୟକର୍ମ ସାରିବା ପରେ ଗ୍ରାମର କିଛି ଭଦ୍ରବ୍ୟକ୍ତିଙ୍କୁ ସାଙ୍ଗରେ ନେଇ ସେହି ଜାଗାର ସନ୍ଧାନରେ ବାହାରିଥିଲେ। ଉକ୍ତ ପାହାଡ ନିକଟବର୍ତ୍ତୀ ଅଞ୍ଚଳରେ ଖୋଜାଖୋଜି କରିବା ପରେ ନିକଟରେ ଥିବା ରାଣୀଚୁଆଁ ନଦୀକୂଳରେ ତାଳପତ୍ର ଢାଙ୍କି ହୋଇ ଶିବଲିଙ୍ଗ ସଦୃଶ ପଥର ଥିବା ଠାବ କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଛି।

# କେରଳକୁ ହରାଇଲା କୋଲକାତା



ଗୁରୁବାର କୋଲକାତା ବନାମ କେରଳ ମଧ୍ୟରେ ମ୍ୟାଚର ଏକ ଦୃଶ୍ୟ।

**ସମ୍ବଲପୁର କପ୍ ଫୁଟ୍‌ବଲ**

ସମ୍ବଲପୁର,୨୭।୨(ବି.ଶଙ୍କର)

ସମ୍ଲେଶ୍ୱରୀ ସ୍ପୋର୍ଟିଂ ଓ ସମ୍ବଲପୁର ଜିଲା କ୍ରୀଡ଼ା ସଂଘ ଆୟୋଜିତ ସର୍ବଭାରତୀୟ ସମ୍ବଲପୁର କପ ଫୁଟବଲ ଟୁର୍ନାମେଣ୍ଟର ଗୁରୁବାର ମ୍ୟାଚରେ ଜର୍ଜ ଟେଲିଗ୍ରାଫ କୋଲକାତା ବିଜୟୀ ହୋଇଛି । ଏହି ବିଜୟ ସହ କୋଲକାତା ସେମିଫାଇନାଲ ମ୍ୟାଚ ଖେଳିବାର ଯୋଗ୍ୟତା ଅର୍ଜନ କରିଛି । ଗୁରୁବାର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଜର୍ଜ ଟେଲିଗ୍ରାଫ କୋଲକାତା ଓ ସେଣ୍ଟ ଜର୍ଜ ସ୍ପୋର୍ଟ କ୍ଲବ କେରଳ ମଧ୍ୟରେ ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇଥିଲା । ଉଭୟ ଦଳ ଅନେକ ସୁଯୋଗ ପାଇଥିବାସତ୍ତ୍ୱେ ଗୋଲ ସ୍କୋର କରିବାରେ ବିଫଳ ହୋଇଥିଲେ। ଯଦ୍ୱାରା ମ୍ୟାଚ ଗୋଲଶୂନ୍ୟ ହୋଇ ଅମୀମାଂସିତ ରହିଥିଲା । ଫଳରେ ରେଫରୀ ଟାଇବ୍ରେକରର ଆଶ୍ରୟ ନେଇଥିଲେ । ଏଥିରେ କୋଲକାତା ଦଳ ୪–୨ ଗୋଲରେ ବିଜୟୀ ହୋଇଥିଲା। ମ୍ୟାଚକୁ ନବୀନ କୁମାର ନାଏକ, ସୁବ୍ରତ ପୁରୋହିତ, ଜିତେନ୍ଦ୍ରିୟ ଥନାପତି ଏବଂ ଉତ୍କଳମଣୀ ବେହେରା ପରିଚାଳନା କରିଥିଲେ। ଦୁର୍ଗା ମାଧବ ନାଏକ ମ୍ୟାଚ କମିଶନର ଥିଲେ । ପୂର୍ବତନ ଫୁଟବଲ ଖେଳାଳି ଯୁଗଳ କିଶୋର ସିଂ, ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରୀ ନାଏକ, ସମ୍ବଲପୁର ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ସୁନିଲ କୁମାର ସାହୁ ଓ ଉପସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ବଲପୁର ଫୁଟବଲ ଏକାଡେମୀ ସମ୍ପାଦକ ଅତନୁ ଘୋଷ ଉପସ୍ଥିତ ଥିଲେ ।

# ସୁପରିଣ୍ଟେଣ୍ଡେଣ୍ଟଙ୍କ ସମେତ ୫ ଶିକ୍ଷକ ନିଲମ୍ବିତ

**ହଳଦୀ ହାଇସ୍କୁଲ ମାଟ୍ରିକ ପରୀକ୍ଷା କେନ୍ଦ୍ରରେ କପି କାରବାର**

**ଟିଟିଲାଗଡ଼ ଉପଜିଲାପାଳଙ୍କ ପରିଦର୍ଶନ ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ**

ବଲାଙ୍ଗୀର,୨୭।୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକସ୍ଥିତ ହଳଦୀ ହାଇସ୍କୁଲ ମାଟ୍ରିକ ପରୀକ୍ଷା କେନ୍ଦ୍ରରେ ବ୍ୟାପକ କପି କାରବାର ଚାଲିଥିବା ଅଭିଯୋଗ ନେଇ ଜିଲା ଶିକ୍ଷା ଅଧିକାରୀ ସମ୍ପୃକ୍ତ ପରୀକ୍ଷା କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟଙ୍କ ସମେତ ୫ ଜଣ ସହକାରୀ ଶିକ୍ଷକଙ୍କୁ ନିଲମ୍ବିତ କରିଥିବା ଜଣାପଡିଛି। ନିଲମ୍ବିତ ଶିକ୍ଷକମାନେ ହେଲେ ଉକ୍ତ ହାଇସ୍କୁଲ ପରୀକ୍ଷା କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଉମେଶ ଚନ୍ଦ୍ର ବିଶ୍ୱାଳ, ସହକାରୀ ଶିକ୍ଷକ ବୈଜୟନ୍ତୀ ସୁବୁଦ୍ଧି, ସୋମନାଥ ଧଳ, ମନୋଜ କୁମାର ଓ କପିଳେଶ୍ୱର ବେହେରା । ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗଙ୍କ ଠାରୁ ଏହି ସୂଚନା ମିଳିଛି । ମିଳିଥିବା ସୂଚନା ମୁତାବକ, ଗତ ୨୪ ତାରିଖରେ ଟିଟିଲାଗଡ଼ ଉପଜିଲାପାଳ ରେହାନ ଖତ୍ରୀ ମୁରିବାହାଲ ବ୍ଲକ ଅନ୍ତର୍ଗତ ସିରୋଲ ସରକାରୀ ୟୁଜିଏଚ୍‌ଏସ୍ ପରୀକ୍ଷା କେନ୍ଦ୍ର ଏବଂ ହଳଦୀ ହାଇସ୍କୁଲ ପରୀକ୍ଷା କେନ୍ଦ୍ର ପରିଦର୍ଶନରେ ଯାଇଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟା ୫୫ ମିନିଟ୍‌ରେ ଉପଜିଲାପାଳ ଖତ୍ରୀ ହଳଦୀ ହାଇସ୍କୁଲ ପରୀକ୍ଷା କେନ୍ଦ୍ର ପରିଦର୍ଶନକଲା ବେଳେ ସେଠାରେ ଅନେକ ଛାତ୍ରୀଛାତ୍ର ସ୍କୁଲର ୩ ଏବଂ ୪ ନମ୍ବର ଶ୍ରେଣୀ କକ୍ଷ ଝରକାରୁ କପି ଚିଟ୍ ଫିଙ୍ଗିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ଫିଙ୍ଗାଯାଇଥିବା କପିଚିଟ୍ ପରୀକ୍ଷା ସମ୍ପର୍କିତ ବୋଲି ଜଣାପଡିଥିଲା। ସେହି ସ୍କୁଲର ୫ ଓ ୬ ନମ୍ବର ଶ୍ରେଣୀ କକ୍ଷର ସିସିଟିଭି ଯାଞ୍ଚ କଲାପରେ ସେଠାରେ ଛାତ୍ରୀଛାତ୍ର ବ୍ୟାପକ କପି କରୁଥିବା ଦେଖାଯାଇଥିଲା। ଉପରୋକ୍ତ ଶ୍ରେଣୀ କଠୋରିଗୁଡିକରେ କପି କାରବାର ଚାଲିଥିଲେ ମଧ୍ୟ ପରୀକ୍ଷକ, ପରୀକ୍ଷା କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ବିହିତ ପଦକ୍ଷେପ ନେଉ ନ ଥିବା ଉପଜିଲାପାଳ ଖତ୍ରୀ ଦେଖିବାକୁ ପାଇଥିଲେ। ଏହି ପରୀକ୍ଷା କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ସମ୍ପର୍କିତ ବୋର୍ଡର ଗାଇଡଲାଇନ୍ ଉଲ୍ଲଂଘନ ହେଉଥିବା ଉପଜିଲାପାଳ ଖତ୍ରୀ ଦେଖିବାକୁ ପାଇଥିଲେ । ଏ ସଂକ୍ରାନ୍ତରେ ବଲାଙ୍ଗୀର ଜିଲାପାଳ, ଜିଲା ଶିକ୍ଷା ଅଧିକାରୀ ଏବଂ ସମ୍ପୃକ୍ତ ପରୀକ୍ଷା କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ତାଙ୍କ ପରିଦର୍ଶନ ରିପୋର୍ଟ ପ୍ରଦାନ କରିଥିଲେ। ଏହି ରିପୋର୍ଟକୁ ଆଧାରକରି ଜିଲା ଶିକ୍ଷା ଅଧିକାରୀ ନାଗ ସମ୍ପୃକ୍ତ ପରୀକ୍ଷା କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟଙ୍କ ସମେତ ୫ ଜଣ ସହକାରୀ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଜଣାପଡିଛି।




ଅତିଥିଙ୍କ ଗହଣରେ ଅମୀର ଖୁସ୍ରୁ ସମ୍ମାନରେ ସମ୍ମାନିତ ବିଶିଷ୍ଟ କବିବୃନ୍ଦ।

# ସମ୍ବଲପୁରରେ ମୁସାୟାରା ଉଦ୍‌ଘାଟିତ

**୩ ବିଶିଷ୍ଟ କବି ଅମୀର ଖୁସ୍ରୁ ସମ୍ମାନରେ ସମ୍ମାନିତ**

ସମ୍ବଲପୁର,୨୭।୨(ପ୍ରମୋଦ ବହିଦାର)

ସ୍ଥାନୀୟ ତପସ୍ୱିନୀ ପ୍ରେକ୍ଷାଳୟରେ ସର୍ବ ଭାରତୀୟ ମୁସାୟାରା ଉଦ୍‌ଘାଟିତ ହୋଇଛି। ଓଡ଼ିଶା ସରକାରଙ୍କ ଉର୍ଦ୍ଦୁ ସାହିତ୍ୟ ଏକାଡେମୀ ଭୁବନେଶ୍ୱର ସହଯୋଗରେ ସମ୍ବଲପୁର ଅମୀର ଖୁସ୍ରୁ ଫାଉଣ୍ଡେଶନ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ନଭି ମୁମ୍ବାଇର ବିଶିଷ୍ଟ କବି ହୁକୁମ ଚାନ୍ଦ କୋଠାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ବରିଷ୍ଠ ବିଜେଡି ନେତା ସିଦ୍ଧାର୍ଥ ଦାସ ଓ ସଞ୍ଜିତ୍ ମହାନ୍ତି କବିମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ମହାରାଷ୍ଟ୍ରର ହେମନ୍ତ ଇମାନ୍ଦାର, ବାରାଣାସୀର୍ ବିଭା ଶୁକ୍ଳା, ରାଉରକେଲାର ଡ. କୁମାର ପ୍ରଜାପତି, ଓଡ଼ିଶାର ଅବଜଲ ବେଦାର ଗଙ୍ଗପୁରୀ, ଉତ୍ତରପ୍ରଦେଶର ଫାରୁକ୍ ବିଜନୌରୀ, ୱାସିମ୍ ଝିନଜାନଭି ଓ ନିଶା ଆର୍ଜୁ, ନାଗପୁରର ସାନିଆ ସରଗମ୍, ଉଜ୍ଜୈନର ନଇମ୍ ଅକ୍ତାର, ଆଗ୍ରାର ଡ. ଆରିଫା ସବାନମ, ଝାରସୁଗୁଡ଼ାର ଅଜୟ ଆଲମ୍ ପଣ୍ଡା, ସମ୍ବଲପୁରର ପୁତୁଲ ସୁପ୍ରିୟା ଦାସ ଓ ତଫିଜୁଲ ହୁସେନ, ଲଳିତ ବେର୍ବତ୍ତାଙ୍କ ସମେତ ଭାରତ ବର୍ଷର ବିଭିନ୍ନ ପ୍ରାନ୍ତରୁ ୧୬ଜଣ କବି ଯୋଗଦେଇ ସମ୍ବଲପୁରୀ, ହିନ୍ଦୀ ଓ ଉର୍ଦ୍ଦୁ ଭାଷାରେ ସ୍ୱରଚିତ କବିତା ଆବୃତ୍ତି କରି ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲେ। ଗୈବି ଜୋନପୁରୀ ଉଦ୍‌ଘୋଷକ ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ସମ୍ବଲପୁରର ସ୍ୱର୍ଗତ ନୁର ୟହମତ ଖାନ୍(ସାବିର)ଙ୍କୁ ମରଣୋତ୍ତର, ନଭୀ ମୁମ୍ବାଇର ହୁକୁମ ଚାନ୍ଦ କୋଠାରୀ ଓ ଉତ୍ତରପ୍ରଦେଶର ଫାରୁକ୍ ବିଜନୌରୀଙ୍କୁ ଅମୀର୍ ଖୁସ୍ରୁ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିରେ ଫାଉଣ୍ଡେଶନର ସଭାପତି ନାସିର ଫରାଜ୍, ସମ୍ପାଦକ ପରଭେଜ୍ ଅଲ୍ଲୀଖାନ, କୋଷାଧ୍ୟକ୍ଷ ସେକ ଆରିଫ ଅଲ୍ଲୀ, ସଭ୍ୟ ଭଗତ ସିଂ, ତ୍ରିଲୋଚନ ତ୍ରିପାଠୀ, ଆନନ୍ଦ ମିଶ୍ର ଓ ସତ୍ୟଜିତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଇନ୍ଦ୍ରାବତୀ ଜଳଭଣ୍ଡାରରେ ବୁଡ଼ି ଜଣଙ୍କର ମୃତ୍ୟୁ

ଥୁଆମୂଳ ରାମପୁର,୨୭।୨(ଦୁର୍ଗା କୀର୍ତ୍ତି)

ଇନ୍ଦ୍ରାବତୀ ଜଳଭଣ୍ଡାରରେ ବୁଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ପାଡେପଦର ପଞ୍ଚାୟତ ବେଣାଖମାର ଗ୍ରାମର ବ୍ରଜ ମାଝୀ (୪୬)। ସୂଚନା ଅନୁସାରେ ବ୍ରଜ ଅପରାହ୍ନରେ ନିକଟରେ ଥିବା ଇନ୍ଦ୍ରାବତୀ ଜଳଭଣ୍ଡାରକୁ ଗାଧୋଇବାକୁ ଯାଇଥିଲେ। ହେଲେ ଅସାବଧାନତା ବଶତଃ ଗୋଡ଼ ଖସିଯିବାରୁ ସେ ଗଭୀର ପାଣିରେ ବୁଡ଼ି ପ୍ରାଣ ହରାଇଥିଲେ। ଗାଁ ଲୋକେ ଏହା ଜାଣିବା ପରେ ଥୁଆମୂଳ ରାମପୁର ଥାନାଧିକାରୀ ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ଜଳଭଣ୍ଡାରରେ ଖୋଜାଖୋଜି କରିଥିଲେ ମଧ୍ୟ ମୃତଦେହ ଉଦ୍ଧାର ହୋଇପାରି ନାହିଁ। ସନ୍ଧ୍ୟା ହୋଇଯିବାରୁ ଉଦ୍ଧାର କାର୍ଯ୍ୟ ବନ୍ଦ ରହିଛି ଓ ଶୁକ୍ରବାର ସକାଳୁ ପୁଣି ଆରମ୍ଭ କରାଯିବ ବୋଲି ମହୁଲପାଟଣା ଫାଣ୍ଡି ଅଧିକାରୀ ଭୀମସେନ ଦଣ୍ଡସେନା ସୂଚନା ଦେଇଛନ୍ତି।

# ଭିଜିଲାନ୍ସ ମାମଲା: ପୂର୍ବତନ ଏଲ୍‌ଆଇଙ୍କୁ ୩ବର୍ଷ ଜେଲ ଦଣ୍ଡାଦେଶ

ଭବାନୀପାଟଣା,୨୭।୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟର ପୂର୍ବତନ ପ୍ରାଣୀଧନ ନିରୀକ୍ଷକ (ଏଲ୍‌ଆଇ) ଦୈତାରୀ ଚରଣ ନାହାକ ଗୁରୁବାର ଭିଜିଲାନ୍ସ ମାମଲାରେ ଦଣ୍ଡିତ ହୋଇଛନ୍ତି। ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ବଦ୍ରି ନାରାୟଣ ନନ୍ଦ ଏହି ମାମଲାରେ ପ୍ରାଣୀଧନ ନିରୀକ୍ଷକ ନାହାକଙ୍କୁ ଦୋଷୀ ସାବ୍ୟସ୍ତ କରି ୩ବର୍ଷ ଜେଲ ଦଣ୍ଡ ସହ ୨୦ହଜାର ଟଙ୍କା ଜରିମାନା କରିଛନ୍ତି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଗତ ୨୫।୭।୨୦୧୪ରେ ନାସିଗାଁର ଆନନ୍ଦ କୁମାର ପାତ୍ରଙ୍କଠାରୁ ସରକାରଙ୍କ ପକ୍ଷରୁ ସବ୍‌ସିଡିରେ ଗାଈ ଫାର୍ମ କରିଦେବା ପାଇଁ ୫ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ପ୍ରାଣୀଧନ ନିରୀକ୍ଷକ ନାହାକ ଭିଜିଲାନ୍ସ ଜାଲରେ ପଡିଥିଲେ। ବର୍ତ୍ତମାନ ସେ ଜୟପାଟଣା ବ୍ଲକରେ କାର୍ଯ୍ୟରତ ଥିବା ଜଣାପଡ଼ିଛି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଭିଜିଲାନ୍ସ ପିପି ସୁଧିର କୁମାର ପଣ୍ଡା ଓ ଏପିପି ସ୍ୱରୁପ ରଞ୍ଜନ ରଥ ପରିଚାଳନା କରୁଥିଲେ।

# ଧାନ କିଣା ପ୍ରକ୍ରିୟା ଉପରେ ଜିଲାସ୍ତରୀୟ ସମୀକ୍ଷା



ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବଲାଙ୍ଗୀର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ସମୀକ୍ଷା କରୁଛନ୍ତି।

■ରାଇସ ମିଲର୍ସଙ୍କୁ ଅଧିକ ଆଲଟ୍‌ମେଣ୍ଟର ତଦନ୍ତ ହେବ: ମନ୍ତ୍ରୀ
■ବିଧାୟକ କଲିକେଶ କହିଲେ ଧାନକିଣାରେ ଭ୍ରଷ୍ଟାଚାର ହୋଇଛି
■ଏମ୍‌ପି ସଙ୍ଗୀତା ମଧ ଧାନକିଣା ଅନିୟମିତତା ଅଭିଯୋଗ ଦୋହରାଇଲେ

**ବଲାଙ୍ଗୀର,୨୭।୨(ବୀରେନ୍ଦ୍ର କୁମାର ଝାଙ୍କର)**
ରାଜ୍ୟ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗୁରୁବାର ବଲାଙ୍ଗୀର ଜିଲା ଗସ୍ତରେ ଆସି ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ସମୀକ୍ଷା ବୈଠକରେ ଯୋଗଦେଇ ଜିଲାର ଧାନକିଣା ପ୍ରକ୍ରିୟା ଉପରେ ସବିଶେଷ ସମୀକ୍ଷା କରିଥିଲେ। ଜିଲାପାଳ ଗୌରବ ଶିୱାଜୀ ଇସଲୱାର ସ୍ୱାଗତ ବକ୍ତବ୍ୟ ଦେଇଥିଲେ। ବୈଠକରେ ବଲାଙ୍ଗୀର ଲୋକସଭା ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ, ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରଭାତ ମହାପାତ୍ର, ଟିଟିଲାଗଡ ଉପଜିଲାପାଳ ରେହାନ ଖତ୍ରୀ, ବଲାଙ୍ଗୀର ଉପଜିଲାପାଳ ଆଲୋକ ପଟେଲ, ମୁଖ୍ୟ ଯୋଗାଣ ଅଧିକାରୀ ରଞ୍ଜନ ପଣ୍ଡା, ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀ, ଡିଆର୍‌ସିଏସ ପ୍ରମୋଦ ବରିହା, ଜିଲାର ବିଭିନ୍ନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ। ବୈଠକ ପ୍ରାରମ୍ଭରେ ମୁଖ୍ୟ ଯୋଗାଣ ଅଧିକାରୀ ପଣ୍ଡା ଜିଲାର ଧାନକିଣା ସ୍ଥିତି ଉପରେ ସୂଚନା ଦେଇଥିଲେ। ଜିଲାରେ ବର୍ତ୍ତମାନ ସୁଦ୍ଧା ୧୨ ଲକ୍ଷ ୭୨ ହଜାର ୧୫ ଜଣଙ୍କ ୮୯.୨ ପ୍ରତିଶତ ଇ-କେୱାଇସି ସମ୍ପୂର୍ଣ୍ଣ ହୋଇଥିବା ସୂଚନା ଦେଇଥିଲେ। ଏହାସହିତ ସମୁଦାୟ ୪୭ ହଜାର ୧୦୮ ଜଣଙ୍କ ତଥ୍ୟ ଡିଲିଟ କରାଯାଇଥିବା ସୂଚନା ଦିଆଯାଇଥିଲା। ଜିଲାରେ ଆଜିଯାଏ ୯୮ ପ୍ରତିଶତ ଧାନ କିଣା ସରିଯାଇଥିବା କୁହାଯାଇଥିଲା। ବୈଠକରେ ବଲାଙ୍ଗୀର ବିଧାୟକ କଲିକେଶ ନାରାୟଣ ସିଂଦେଓ ଜିଲାରେ ଧାନକିଣାରେ ସାଂଘାତିକ ଭ୍ରଷ୍ଟାଚାର ହୋଇଥିବା ଅଭିଯୋଗ ଆଣିଥିଲେ। ସେ କହିଥିଲେ, ଚଳିତ ଧାନକିଣା ପ୍ରକ୍ରିୟାରେ କିଛି ମିଲର୍ସଙ୍କୁ ଅହେତୁକ ଅନୁକମ୍ପା ଦେଖାଯାଇଛି। ଜିଲାର ୬୮ଟି ମିଲର୍ସଙ୍କ ମଧ୍ୟରୁ ପ୍ରାୟ ୨୦ଟି ମଲର୍ସଙ୍କୁ ୭୦ରୁ ୯୦ ପ୍ରତିଶତ ଆଲଟମେଣ୍ଟ ଦିଆଯାଇଛି। ଅନ୍ୟ ମାନଙ୍କୁ ୨୦ରୁ ୩୦ ପ୍ରତିଶତ ଆଲଟମେଣ୍ଟ ଦିଆଯାଇଛି ବୋଲି ଅଭିଯୋଗ କରିଥିଲେ। କାହିଁକି ଏଭଳି ପାତରଅନ୍ତର କରାଯାଇଛି ତାର ତଦନ୍ତ କରିବାକୁ ବିଧାୟକ ସିଂଦେଓ ମନ୍ତ୍ରୀ ପାତ୍ରଙ୍କୁ ଅନୁରୋଧ କରିଥିଲେ। ଏହାସହିତ ଜିଲାରେ ଧାନ କଟ୍‌ନି ଛଟ୍‌ନିର ତଦନ୍ତ କରିବାକୁ ସେ ଅନୁରୋଧ କରିଥିଲେ। ବଲାଙ୍ଗୀର ଲୋକସଭା ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ମଧ ଜିଲାରେ କଟନି ଛଟନିର ଯେଉଁ ଅଭିଯୋଗ ହୋଇଥିଲା ଏବଂ କିଛି ମିଲର୍ସଙ୍କୁ ଅଧିକ ଆଲଟମେଣ୍ଟ କଥା ଉଠିଥିଲା ତା ଉପରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମନ୍ତ୍ରୀ ପାତ୍ର ଏହି ଅଭିଯୋଗର ତଦନ୍ତ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିବା ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଏହାସହିତ ମାର୍ଚ୍ଚ ପହିଲାରୁ ନୂତନ ରାଶନ କାର୍ଡ ଆବେଦନ ପୋର୍ଟାଲ ଖୋଲିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ଜିଲାରେ ଦାଦନ ଶ୍ରମିକଙ୍କ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ଇ-କେୱାଇସି ଅପଡେଟ୍ ସଂକ୍ରାନ୍ତରେ ସୂଚନା ଦେଇଥିଲେ। ମନ୍ତ୍ରୀ ପାତ୍ର ଜିଲାରେ କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡିକ ସମ୍ପର୍କରେ ମଧ ଆଲୋଚନା କରିଥିଲେ। ଶେଷରେ ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରଭାତ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ପୁନଃ ଅବସ୍ଥାପିତ ହେଲେ ଆଗଲପୁର ବିଡିଓ

**ଲୋଇସିଂହା,୨୭।୨(ସୁଶାନ୍ତ ବାରିକ)**
ନିକଟରେ ରାଜ୍ୟ ସରକାର ଓଏଏସ୍ ସ୍ତରରେ ବଦଳି କରିଥିଲେ । ଏହି କ୍ରମରେ ବଲାଙ୍ଗୀର ଜିଲା ଆଗଲପୁର ବିଡିଓ ମହାପାତ୍ର କୁଳଦୀପ ମହାନ୍ତିଙ୍କ କେଉଁଝର ଜିଲା ଯୋଡାକୁ ବଦଳି ହୋଇଥିଲା । ହେଲେ ସୋମବାର ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଆଉ ଏକ ନିର୍ଦ୍ଦେଶନାମା ଅନୁଯାୟୀ ବଦଳିକୁ ସ୍ଥଗିତ ରଖାଯାଇ ପୁଣି ଆଗଲପୁର ବ୍ଲକରେ ତାଙ୍କୁ ଅବସ୍ଥାପିତ କରାଯାଇଛି ।

ପ୍ରକାଶ ଯେ, ଆଗଲପୁର ବିଡିଓ ମହାନ୍ତି ଫେବୃଆରୀ ୩ ତାରିଖରୁ ଲୋଇସିଂହା ବ୍ଲକର ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଥିଲେ । ରାଜ୍ୟ ସରକାରଙ୍କ ଓଏଏସ୍ ସ୍ତରରେ ଅଦଳବଦଳ ପ୍ରକ୍ରିୟାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପତ୍ର ସଂଖ୍ୟା ୪୨୩୪ ତା୧୪।୨।୨୫ରିଖ ଅନୁଯାୟୀ ତାଙ୍କୁ ଯୋଡା ବ୍ଲକକୁ ବଦଳି ହୋଇଥିଲା । କେଉଁଝର ଜିଲା ଚମ୍ପୁଆ ବିଡିଓ ଆର. ପି.ବଳଙ୍କୁ ଆଗଲପୁର ବଦଳି ହୋଇଥିଲା। ହେଲେ ବଦଳି ପରେ ବି ଅଧିକାରୀମାନେ ଜାଗା ଛାଡି ନ ଥିଲେ। ପରବର୍ତ୍ତୀ ସମୟରେ ତଥା ଗତ ୨୦ ତାରିଖରେ ପୁଣି ବିଭାଗ ପକ୍ଷରୁ ଆଉ ଏକ ନିର୍ଦ୍ଦେଶନାମା ଜାରି କରି ପୂର୍ବ ସ୍ଥାନରୁ ବଦଳି ସ୍ଥାନକୁ ଫେବୃଆରୀ ୨୧ ସୁଦ୍ଧା ରିଲିଭ ହୋଇ ୨୪ ତାରିଖସୁଦ୍ଧା ଯୋଗଦେବାକୁ ଉକ୍ତ ନିର୍ଦ୍ଦେଶନାମାରେ କୁହାଯାଇଥିଲା। ହେଲେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପତ୍ର ସଂଖ୍ୟା ୫୦୭୩(ତା ୨୪।୨।୨୦୨୫ ରିଖ) ଅନୁଯାୟୀ ପରବର୍ତ୍ତୀ ନିର୍ଦ୍ଦେଶନାମା ନ ବାହାରିବା ଯାଏ ବଦଳିକୁ ସ୍ଥଗିତ ରଖାଯାଇଥିବା କୁହାଯାଇଛି । ଏଣୁ ବିଡିଓ ମହାନ୍ତିଙ୍କୁ ଆଗଲପୁରରେ ପୁଣି ଥରେ ଅବସ୍ଥାପିତ କରାଯାଇଛି। ଭାଜପାର ଏକ ଗୋଷ୍ଠୀ ଚାପ ପକାଇ ତାଙ୍କ ବଦଳି କରିଥିବା ବେଳେ ଅନ୍ୟ ଏକ ଗୋଷ୍ଠୀ ଏହାକୁ ଚାଲେଞ୍ଜ ଭାବେ ନେଇ ପୁନଃ ରଖିବାକୁ ଜୋରସୋର ଉଦ୍ୟମ କରି ସଫଳ ହୋଇଥିବା କୁହାଯାଉଛି। ବାରମ୍ବାର ନିର୍ଦ୍ଦେଶନାମା ବାହାରିବା ଏବଂ ଅଧିକାରୀଙ୍କ ପାଇଁ ଭାଜପାର ଦୁଇଗୋଷ୍ଠୀ ମଧ୍ୟରେ ଝକାପଞ୍ଝା ହେବା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି।

## ସଂକ୍ଷେପରେ

### ବିଦ୍ୟୁତ୍ ଟାୱାର ସଂସ୍ପର୍ଶରେ ଆସି ଯୁବକ ମୃତ

**ପାଟଣାଗଡ/ଖପ୍ରାଖୋଲ,୨୭।୨ (ସଚ୍ଚିଦାନନ୍ଦ ମହାକୁର/ଅଭୟ ତ୍ରିପାଠୀ)**
ପାଟଣାଗଡ ଉପଖଣ୍ଡର ଲରମ୍ବା ଥାନା ଅଧୀନ ଘଘରା ଗାଁ ନିକଟରେ ଥିବା ଏକ ହାଇ ଭୋଲଟେଜ ବିଦ୍ୟୁତ୍ ଟାୱାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଲୁହାସିଂହା ଗାଁର ନୀଳାମ୍ବର ମାଝୀଙ୍କ ବଡ଼ପୁଅ ମଣ୍ଟୁ(୨୨) । ପ୍ରକାଶ ଯେ, ମଣ୍ଟୁ ଗତ କିଛି ମାସ ହେବ ମାନସିକ ରୋଗରେ ଆକ୍ରାନ୍ତ ଥିଲେ। ବୁଧବାର ଅପରାହ୍ଣରେ ସେ ଘରୁ କୁଆଡେ ଚାଲିଯାଇଥିଲେ। ପରିବାରବର୍ଗ ଖୋଜାଖୋଜି କଲା ପରେ ମଧ ତାଙ୍କ ପତ୍ତା ମିଳି ନ ଥିଲା। ସକାଳୁ ଘଘରା ଗାଁ ଦେଇ ଯାଇଥିବା ହାଇଭୋଲଟେଜ ବିଦ୍ୟୁତ୍ ଟାୱାର ଖୁଣ୍ଟ ତଳେ ତାଙ୍କ ମୃତଦେହ ପଡିଥିବା ନେଇ ସ୍ଥାନୀୟ ଲୋକେ ପରିବାରବର୍ଗଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଘଟଣା ସମ୍ପର୍କରେ ପୋଲିସକୁ ଜଣାଇଥିଲେ। ପୋଲିସ ମୃତଦେହ ଜବତ କରିଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି । ପ୍ରାଥମିକ ତଦନ୍ତରୁ ଉକ୍ତ ଟାୱାର ଉପରକୁ ଚଢିଯିବାରୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମଣ୍ଟୁଙ୍କ ମୃତ୍ୟୁ ଘଟିଥିବା ନେଇ ଏସ.ଆଇ କମଳଲୋଚନ ମାଝୀ ସୂଚନା ଦେଇଛନ୍ତି ।

### ଯୁବକଙ୍କ ମୃତଦେହ ଜବତ

**ସଇଁତଲା,୨୭।୨(ରାଖାଲ ପ୍ରସାଦ ଶତପଥି)**
ବଲାଙ୍ଗୀର ଜିଲା ସଇଁତଲା ଥାନା ବଡ଼ମାଳ ଫାଣ୍ଡି ଅନ୍ତର୍ଗତ ଫପସୀ ଗ୍ରାମର ଏକ ଘରୁ ଜଣେ ଯୁବକଙ୍କ ମୃତଦେହ ପୋଲିସ ଗୁରୁବାର ଜବତ କରିଛି। ମୃତକ ହେଲେ ମିଳନ ବିହା (୧୮)। ସଇଁତଲା ଥାନା ଅଧିକାରୀ ଶୁଶାନ୍ତ


ମିଳନଙ୍କ ଫାଇଲ ଫଟୋ।

ବଡ଼େଇଙ୍କ ସୂଚନା ଅନୁଯାୟୀ, ଫପସୀ ଗ୍ରାମର ମିଳନ ତାଙ୍କ ସାନ ଭଉଣୀ ସହ ଦୀର୍ଘ ଦିନ ହେବ ରହି ଆସୁଥିଲେ। ତାଙ୍କ ମା ଓ ବାପା କେହି ନ ଥିବାରୁ ସେ ସାନ ଭଉଣୀ ସହ ଏକ ଚାଳ ଛପର ଘରେ ରହି ଆସୁଥିଲେ। ସକାଳ ସମୟରେ ମିଳନ ବେକରେ ଶାଢୀ ଗୁଡାଇ ଆତ୍ମହତ୍ୟା କରିଥିବା ଖବର ପାଇ ବଡ଼ମାଳ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ତାଙ୍କ ଗଳାରେ ଦାଗ ଥିବା ଦେଖିବାକୁ ମିଳିଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

# ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ


ଆତ୍ମରକ୍ଷା ତାଲିମ ଶିବିରରେ ଛାତ୍ରୀମାନେ ତାଲିମ ଗ୍ରହଣ କରୁଛନ୍ତି ।

**୬୯ ଛାତ୍ରୀ ତାଲିମ ଗ୍ରହଣ କରୁଛନ୍ତି**

**ଲାଠୋର,୨୭।୨(ଭୁବନେଶ୍ୱର ବାରିକ)**
ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ଡିଗ୍ରୀ କଲେଜରେ ଗୁରୁବାର ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। ଅଧକ୍ଷ ପ୍ରସନ୍ନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଲାଠୋର ଥାନା ଅଧିକାରୀ ରାକେଶ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀମାନେ ମନସ୍ତାତ୍ତ୍ୱିକ ଦୃଷ୍ଟିରୁ ସୁସ୍ଥ ରହିଲେ ଯେ କୌଣସି ପରିସ୍ଥିତିର ସମ୍ମୁଖୀନ ହେବା ପାଇଁ ଶାରୀରିକ ସକ୍ଷମ ହୋଇ ପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ କନିଷ୍ଠ ଯନ୍ତ୍ରୀ ରାଜକିଶୋର ନାଏକ, ଅବସରପ୍ରାପ୍ତ ଶିକ୍ଷକ ସଦାନନ୍ଦ ବେହେରା ଯୋଗ ଦେଇଥିଲେ। ବାଣିଜ୍ୟ ବିଭାଗ ଅଧ୍ୟାପିକା ତଥା ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମର ସଂଯୋଜିକା କବିତା ଅଗ୍ରୱାଲ ପରିଚାଳନା କରିଥିଲେ। ମାଷ୍ଟର ଟ୍ରେନର ରଞ୍ଜିତା ନାଗ କଲେଜର ୬୯ ଛାତ୍ରୀଙ୍କୁ ଆତ୍ମସୁରକ୍ଷା ଉପରେ ତାଲିମ ପ୍ରଦାନ କରିଥିଲେ । ୧୦ ଦିନ ଧରି ଚାଲିବାକୁ ଥିବା ତାଲିମ ଶିବିର ଆସନ୍ତା ୮ ତାରିଖରେ ଶେଷ ହେବ । ଖେଳ ଶିକ୍ଷକ ଅତୁଲ୍ୟ କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। କଲେଜର ସମସ୍ତ କର୍ମଚାରୀ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ତେଲେନପାଲି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକୋତ୍ସବ

**ଖପ୍ରାଖୋଲ,୨୭।୨(ଅଭୟ ତ୍ରିପାଠୀ)**
ଖପ୍ରାଖୋଲ ବ୍ଲକର ତେଲେନପାଲି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋଲାପ ବିଶିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ପଦ୍ମ କୁମାର ସିଂ ବରିହା, ମୁଖ୍ୟବକ୍ତା ଭାବେ ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ବଳଭଦ୍ର ଦାଶ, ସମ୍ମାନିତ ଅତିଥି ଭାବେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଦ୍ରଦେବ ଷଡ଼ଙ୍ଗୀ, ସ୍ଥାନୀୟ ସରପଞ୍ଚ ଶକୁନ୍ତଳା ବେହେରା, ପୂର୍ବତନ ଜିଲା ପରିଷଦ ସଦସ୍ୟ ବିପ୍ର ବିଶି, ଟିକେଚନ ମାଝୀ, ସୋମନାଥ ଛତ୍ରିଆ, ସିଆରସିସି ଉପେନ୍ଦ୍ର ସୁନା ଯୋଗ ଦେଇଥିଲେ। ଏହି ଅବସରରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ହେମନ୍ତ କୁମାର ଭୋଇ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଲମ୍ବୋଦର ଭୋଇ, ଅମରଜିତ୍ ଭୋଇ, ରାଜେନ୍ଦ୍ର ନାରାୟଣ ସାହୁ, ଲାବଣ୍ୟମୟୀ ଲୁହର, ଡୋଲେଶ୍ୱରୀ ପାତ୍ର, ଆଶା ଗଡତିଆଙ୍କ ସହ ବିଦ୍ୟାଳୟ ପରିଚାଳନା ସମିତିର ସମସ୍ତ ସଭ୍ୟାସଭ୍ୟ ସହଯୋଗ କରିଥିଲେ।

# ପ୍ରଧାନଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିର



ତାଲିମ ନେଇଥିବା ପ୍ରଧାନଶିକ୍ଷକ ।

**ଗୁଡଭେଲା,୨୭।୨(ମନୋଜ କୁମାର ଜୈନ)**
ବଲାଙ୍ଗୀର ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ସଂସ୍ଥାନ ଦ୍ୱାରା ଗୁଡଭେଲା ବ୍ଲକ ସଂଯୋଜିକା ଐଶ୍ୱର୍ଯ୍ୟା ସାମ୍ରାଜ୍ଞୀ ମିତ୍ରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନୂଆପଡା ପଞ୍ଚାୟତ ହାଇସ୍କୁଲଠାରେ ଗୁଡଭେଲା ବ୍ଲକର ୩୩ଜଣ ପ୍ରଧାନ ଶିକ୍ଷକଙ୍କୁ ନେଇ ଗତ ୨୪ ତାରିଖଠାରୁ ୨୭ ତାରିଖ ପର୍ଯ୍ୟନ୍ତ ପ୍ରଧାନ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା । ବିଇଓ ନମିତା ରାଣୀ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତାଲିମ ଶିବିର ଉଦ୍‌ଘାଟନ କରିଥିଲେ। ଏବିଇଓ ରମେଶ ଚନ୍ଦ୍ର ସାମର୍ଥ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ତାଲିମରୁ ମିଳିଥିବା ଅଭିଜ୍ଞତାକୁ ବିଦ୍ୟାଳୟରେ କାର୍ଯ୍ୟକାରୀ କରିବାକୁ ଆହ୍ୱାନ ଦେଇଥିଲେ। ସାଧନ କର୍ମୀ ତଥା ଡୁଙ୍ଗୁରା ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେମନ୍ତ କୁମାର ଦାଶ ସଭା ସଞ୍ଚାଳନ କରିଥିଲେ। ସାଧନ କର୍ମୀ ଦୁତିଆ ସେଠ ଧନ୍ୟବାଦ ଅର୍ପଣ କରିଥିଲେ। ସାଧନ କର୍ମୀ ରୋଲିନା ମାଝୀ ଓ ଦୀପାଞ୍ଜଳି ଛତ୍ରିଆ ତାଲିମ ପରିଚାଳନା କରିଥିଲେ। ଏବିଇଓ ସୁରେନ୍ଦ୍ର ସୁନା ଓ ବିପିନ ବାଗ ବିଭିନ୍ନ ସମୟରେ ପରିଦର୍ଶନରେ ଆସି ତାଲିମ ତଦାରଖ କରିଥିଲେ। ସିଆରସିସି ଜଗମୋହନ ତ୍ରିପାଠୀ ଦାୟିତ୍ୱ ତୁଲାଇଥିଲେ। ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରୋଜ ମିଶ୍ର ଓ ସହକାରୀ ଶିକ୍ଷୟିତ୍ରୀ ଶିକ୍ଷକ ତଥା କର୍ମଚାରୀ ସହଯୋଗ କରିଥିଲେ।

# ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ନିର୍ଯାତିତ ଦାଦନ ଶ୍ରମିକ


ବଲାଙ୍ଗୀର ଏସ୍‌ପି ଅଫିସ ସମ୍ମୁଖରେ ଅଭିଯୋଗ କରିବାକୁ ଆସିଥିବା ଦାଦନ ଶ୍ରମିକ।

**ବଲାଙ୍ଗୀର,୨୭।୨(ବୀରେନ୍ଦ୍ର କୁମାର ଝାଙ୍କର)**
ଆନ୍ଧ୍ରପ୍ରଦେଶର ତିରୁପତି ନିକଟ ବିଲ୍ଲାପଲ୍ଲୀସ୍ଥିତ ଏକ ଇଟାଭାଟିରେ କାମ କରି ଘରକୁ ଫେରିଥିବା ୧୪ ଜଣ ଦାଦନ ଶ୍ରମିକ ଗୁରୁବାର ବଲାଙ୍ଗୀର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନଙ୍କୁ ସେଠାକାର ଇଟାଭାଟିରେ ଘୋର ନିର୍ଯାତନା ଦିଆଯାଇଥିବା ଅଭିଯୋଗ କରିଛନ୍ତି। ଗତ ଦଶହରା ସମୟରେ ଟିଟିଲାଗଡ ଥାନା ମହୁଲପଡା ଗ୍ରାମର ୧୪ ଜଣ ମହିଳା ଓ ପୁରୁଷଙ୍କୁ ସେହି ଗାଁର ଜଣେ ବ୍ୟକ୍ତି ଇଟା ଗଡ଼ିବା ପାଇଁ ତିରୁପତିକୁ ନେଇଥିଲେ। ୫ ହଜାର ଟଙ୍କା ଦେଇ ସେଠାରେ ବାକି ଟଙ୍କା ଦିଆଯିବ ବୋଲି କହିଥିଲେ। କିନ୍ତୁ ସେଠାରେ କୌଣସି ଟଙ୍କା ନ ଦେଇ ସେମାନଙ୍କୁ ଅଧିକ କାମ କରିବାକୁ କୁହାଯାଇଥିବା ଏବଂ ମାଡ ମରାଯାଇଥିବା ଅଭିଯୋଗ କରିଛନ୍ତି।

## ପୁରୁଣା ପାଚେରି ମରାମତି କରି ନୂଆ ବିଲ

**ଗୁଡଭେଲା,୨୭।୨(ମନୋଜ କୁମାର ଜୈନ)**
ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଅନ୍ତର୍ଗତ ସମରା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟର ପୁରୁଣା ପାଚେରିକୁ ମରାମତି କରି ନୂତନ କାର୍ଯ୍ୟ ହୋଇଥିବା ଦର୍ଶାଇ ବିଲ୍ କରାଯାଇଥିବା ଅଭିଯୋଗ ହେଉଛି। ଏପରି କି ପୁରୁଣା ଇଟା କାନ୍ଥକୁ ସିମେଣ୍ଟ କରାଯାଇ ନୂଆ କାର୍ଯ୍ୟ ଚାଲିଥିବା କାଗଜପତ୍ରରେ ଦର୍ଶାଯାଉଥିବା ଜଣେ ୱାର୍ଡମେମ୍ବର ନିଜ ନାମ ଗୋପନ ରଖିବା ସର୍ତ୍ତରେ ପ୍ରକାଶ କରିଛନ୍ତି। ଏନେଇ ସମରା ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ପଞ୍ଚାନନ ସାମଲଙ୍କୁ ଫୋନରେ ଯୋଗାଯୋଗ ଲାଗି ଉଦ୍ୟମ କରାଯାଇଥିଲେ ମଧ ସମ୍ଭବ ହୋଇପାରିନାହିଁ । ଗୁଡଭେଲା ବିଡିଓ ରାମଦତ୍ତ ଭୋଇଙ୍କୁ ପଚାରିବାରେ କ'ଣ ହୋଇଛି ଦେଖି ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ପୋକ୍‌ସୋ ସଚେତନତା ପ୍ରହସନ

**ଛାତ୍ରୀଙ୍କୁ ଅଶାଳୀନ ବ୍ୟବହାର ପ୍ରଦର୍ଶନ ଅଭିଯୋଗ**

**ଲୋଇସିଂହା,୨୭।୨(ସୁଶାନ୍ତ ବାରିକ)**
ବଲାଙ୍ଗୀର ଜିଲା ଲୋଇସିଂହା ମହାବିଦ୍ୟାଳୟର ଜଣେ କର୍ମଚାରୀ ନିକଟରେ କେତେଜଣ ଛାତ୍ରୀଙ୍କୁ ଆଶାଳୀନ ବ୍ୟବହାର ପ୍ରଦର୍ଶନ କରିଥିଲେ। ଏନେଇ ଛାତ୍ରୀମାନେ କଲେଜ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ମଧ କରିଥିଲେ । ଇତିମଧ୍ୟରେ ଗୋଟିଏ ମାସ ବିତି ଯାଇଥିଲେ ସୁଦ୍ଧା ସମ୍ପୃକ୍ତ କର୍ମଚାରୀଙ୍କୁ ସୁରକ୍ଷା ଦେବା ପାଇଁ ଘଟଣାକୁ ଚପାଇବା ଲାଗି ଉଦ୍ୟମ ହେବା ସାଧାରଣରେ ଅଭିଯୋଗ ହେଉଛି । ଗତ ଜାନୁୟାରୀ ମାସରେ କଲେଜର ଛାତ୍ରୀଛାତ୍ରଙ୍କୁ ନେଇ ୧୮ତମ ପ୍ରବାସୀ ଦିବସ ଓ ପୋକ୍‌ସୋ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜଣେ ଜିଲାସ୍ତରୀୟ ମାଜିଷ୍ଟ୍ରେଟ, ବରିଷ୍ଠ ଆଇନଜୀବୀ ଏବଂ ଉଚ୍ଚପଦସ୍ଥ ପୋଲିସ ଅଧିକାରୀ ସାମିଲ ହୋଇ ଛାତ୍ରୀଛାତ୍ରଙ୍କୁ ପୋକ୍‌ସୋ ଆଇନ ସମ୍ପର୍କରେ କହିବା ସହ ସଚେତନତା ସୃଷ୍ଟି କରିଥିଲେ । ଏହାର ଦିନକ ପରେ କଲେଜର ଜଣେ କର୍ମଚାରୀ କେତେଜଣ ଛାତ୍ରୀଛାତ୍ରଙ୍କୁ ଆଶାଳୀନ ମନ୍ତବ୍ୟ ଦେଇଥିଲେ । ଏଥିରେ ଛାତ୍ରୀମାନେ ନିଜକୁ ଲଜ୍ଜାବୋଧ କରି ସେହିଦିନ କଲେଜ ଅଧକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । କଲେଜ କର୍ତ୍ତୃପକ୍ଷ ମଧ ଏହାକୁ ଗମ୍ଭୀରତାର ସହ ନେଇ ସ୍ଥାନୀୟ ପୋଲିସର ନଜରକୁ ଅଣାଯାଇଥିଲା । ହେଲେ ପରବର୍ତ୍ତୀ ସମୟରେ ଏହି ମାମଲାକୁ ଚପାଇ ଦେବାକୁ ଉଦ୍ୟମ କରାଯାଉଥିବା ଏବେ ଜାଣିବାକୁ ମିଳିଛି । ତେବେ କଲେଜରେ ହୋଇଥିବା ପୋକ୍‌ସୋ ସଚେତନତା କାର୍ଯ୍ୟକ୍ରମ କାହା ସ୍ୱାର୍ଥରେ ହୋଇଥିଲା ବୋଲି ସାଧାରଣରେ ଆଲୋଚନା ହେଉଛି । ଏ ସମ୍ପର୍କରେ ଅଧକ୍ଷ ଗୋବିନ୍ଦ ସାହୁଙ୍କୁ ପଚାରିବାରେ ସେଦିନ ମୁଁ ନ ଥିଲି। ଛାତ୍ରୀମାନେ ଫୋନ ଯୋଗେ ଅଭିଯୋଗ କରିଥିଲେ । ସମ୍ବେଦନଶୀଳ କଥା ହୋଇଥିବାରୁ ଏତଲା ଦେବାକୁ ପରାମର୍ଶ ଦିଆଯାଇଥିଲା ବୋଲି କହିଥିଲେ ।

# ମହାରାଣୀ ସାଗରରେ ପ୍ରତୀକାତ୍ମକ ଅମୃତ ସ୍ନାନ

**ବଲାଙ୍ଗୀର,୨୭।୨(ବୀରେନ୍ଦ୍ର କୁମାର ଝାଙ୍କର)**
ସନାତନ ଧର୍ମର ସବୁଠୁ ବଡ ମେଳା ମହାକୁମ୍ଭ ଅବସରରେ ବୁଧବାର ବଲାଙ୍ଗୀର ମହାରାଣୀ ସାଗରଠାରେ ପ୍ରତୀକାତ୍ମକ ଅମୃତ ସ୍ନାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଭୋର ୪ଟା ୩୦ ମିନିଟରୁ ଏଠାରେ ଅମୃତ ସ୍ନାନ କାର୍ଯ୍ୟକ୍ରମ ପାଇଁ ପୂଜାବିଧି ଆରମ୍ଭ ହୋଇଥିଲା। ତ୍ରିବେଣୀ ସଙ୍ଗମ ଠାରୁ ମକର ସଂକ୍ରାନ୍ତି, ମଉନୀ ଅମାବାସ୍ୟା, ଶ୍ରୀ ପଞ୍ଚମୀ ଏବଂ ମାଘ ପୂର୍ଣ୍ଣିମାର ଅମୃତ ସ୍ନାନ ଯୋଗରେ ସଂଗୃହୀତ ୪ କୁମ୍ଭର ପବିତ୍ର ଜଳରେ ମହାରାଣୀ ସାଗରରେ ଅଭିଷେକ, ପୂଜାର୍ଚ୍ଚନା ଏବଂ ମହାଆଳତୀର ଆୟୋଜନ କରାଯାଇଥିଲା। ପୂଜକ ନିରଞ୍ଜନ ମହାପାତ୍ର ପୂଜାର୍ଚ୍ଚନା କରିଥିଲେ।


ମହାରାଣୀ ସାଗରରେ ପ୍ରତୀକାତ୍ମକ ଅମୃତ ସ୍ନାନ କାର୍ଯ୍ୟକ୍ରମରେ ପୂଜାର୍ଚ୍ଚନା କରାଯାଉଛି।

ପଶ୍ଚିମ ଓଡିଶାର ବିଭିନ୍ନ ସ୍ଥାନରୁ ଆସିଥିବା ସାଧୁସନ୍ଥ, ସନ୍ନ୍ୟାସୀ, ମଠାଧୀଶ ଏବଂ ମହନ୍ତ ଅମୃତ ସ୍ନାନ କରିବା ପରେ ଶ୍ରଦ୍ଧାଳୁମାନେ ସେଠାରେ ଅମୃତ ସ୍ନାନ କରିଥିଲେ।


इंडियन बैंक Indian Bank
इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର - ୬, ସିଡ଼ିଏ, ପୋ.: ମର୍କତ ନଗର, କଟକ - ୭୫୩୦୧୪, zocuttack@indianbank.co.in

**ଦଖଲ ନୋଟିସ୍**
ପରିଶିଷ୍ଟ-୪ [ରୁଲ୍-୮(୧)]
ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩ (୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି **ଦଖଲ** ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

| ତୁଳସୀପୁର ଶାଖା / ଋଣଗ୍ରହୀତା ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ଋଣଗ୍ରହୀତାମାନେ: ୧) ଜୟନ୍ତ କୁମାର ବେହେରା,** ପିତା: କୃଷ୍ଣ ଚନ୍ଦ୍ର ବେହେରା, **୨) କୃଷ୍ଣ ଚନ୍ଦ୍ର ବେହେରା (ବନ୍ଧକଦାତା),** ପିତା: ଭରତ ବେହେରା / **ଗ୍ୟାରେଣ୍ଟିଦାତା: ଲିଲି ବେହେରା,** ସ୍ୱାମୀ: କୃଷ୍ଣ ଚନ୍ଦ୍ର ବେହେରା, ସମସ୍ତଙ୍କ ଠିକଣା- ସା: ଗୋବିନ୍ଦ ଜିୟୁପାଟଣା, ପୋ: କପାଳେଶ୍ୱର, ଥାନା: ଚୌଦ୍ୱାର, କଟକ-୭୫୪୦୭୧ | ୨୫.୦୨.୨୦୨୫ ସୁଦ୍ଧା ଟ.୪,୭୩,୭୭୧/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୦.୧୨.୨୦୨୪ / ୨୫.୦୨.୨୦୨୫ | **କୃଷ୍ଣ ଚନ୍ଦ୍ର ବେହେରା,** ପିତା: ଭରତ ବେହେରାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମ୍ୟୁଟେସନ୍ ଖାତା ନଂ.: ୮୫୯/୧୪୩୩, ପ୍ଲଟ୍ ନଂ.: ୯୦୬/୩୦୧୪ (କ୍ଷେତ୍ର: ଏକର୦.୦୫୫ ଡିସିମିଲି), ଅନୁରୂପ ଖାତା ନଂ.: ୮୫୯/୮୮ ଏବଂ ପ୍ଲଟ୍ ନଂ.: ୯୦୬/୩୦୧୫ (କ୍ଷେତ୍ର: ଏକର୦.୦୨୦ ଡିସିମିଲି), ଅନୁରୂପ ଖାତା ନଂ.: ୮୫୯/୮୯, ମୌଜା: |

କପାଳେଶ୍ୱର, ତହସିଲ: ଟାଙ୍ଗିଚୌଦ୍ୱାର, ଏସ୍‌ଆରଓ: ଜଗତପୁର, ଜିଲ୍ଲା: କଟକ, ଓଡିଶା, **ସମୁଦାୟ କ୍ଷେତ୍ର: ଏକର୦.୦୭.୫ ଡିସିମିଲି,** ଟାଇପ୍- ଘରବାରୀ, ବିକ୍ରୟ ଦଲିଲ୍ ଅନୁଯାୟୀ ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: କ୍ରେତା, ପୂର୍ବ: ରାସ୍ତା, ପଶ୍ଚିମ: ସୁଚାରୁ ଚନ୍ଦ୍ର ବିଶୋଇ ଏବଂ ମ୍ୟୁନିସିପାଲିଟି ୱାର୍ଡ ନଂ.: ୯

ସ୍ଥାନ: କଟକ
ତାରିଖ : ୨୭.୦୨.୨୦୨୫
କ୍ଷମତାପ୍ରାପ୍ତ ଅଧିକାରୀ
ଇଣ୍ଡିଆନ୍ ବ୍ୟାଙ୍କ

# ଭୀମଭୋଇ ଥିଲେ ଯୋଗୀ, ସମାଜ ସଂସ୍କାରକ

ସୋନପୁର,୨୭।୨(ମୃତ୍ୟୁଞ୍ଜୟ ଶତପଥୀ)

ଦିବ୍ୟଦ୍ରଷ୍ଟା ଭୀମଭୋଇ ଜଣେ ଯୋଗଜନ୍ମା କବି। ସେ ଥିଲେ ଏକାଧାରରେ ଜଣେ ଯୋଗୀ, ସମାଜ ସଂସ୍କାରକ, କବି ଓ ଧର୍ମପ୍ରଚାରକ। ତାଙ୍କ କାବ୍ୟରେ ଜଗତର ବାସ୍ତବ ସତ୍ୟକୁ ସେ ଅତି ନିଖୁଣ ଭାବରେ ବର୍ଣ୍ଣନା କରିଛନ୍ତି ବୋଲି ସନ୍ଥକବି ଭୀମ ଭୋଇଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବରେ ବହୁ ବିଶିଷ୍ଟ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଓଡ଼ିଶା ସାହିତ ଏକାଡେମୀ ଓ ମହାନଦୀ ସାହିତ୍ୟ ସଂସଦର ମିଳିତ ସହଯୋଗରେ ସୁବର୍ଣ୍ଣପୁର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଗୁରୁବାର ସନ୍ଧ୍ୟାରେ ଏହି ସାରସ୍ୱତ ସଭା ଆୟୋଜିତ ହୋଇଥିଲା। ମହାନଦୀ ସାହିତ୍ୟ ସଂସଦ ସଭାପତି ଶ୍ୟାମା ଓଁ ପ୍ରସାଦ ମିଶ୍ର ସଭାରେ ଅଧକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦାନ କରି ଭୀମ ଭୋଇ ନାରୀ ସ୍ୱାଧୀନତା ଓ ନାରୀ ଜାତିର ସମ୍ମାନ ବୃଦ୍ଧି ପାଇଁ ବିପ୍ଳବୀର ଭୂମିକା ଗ୍ରହଣ କରିଥିଲେ ବୋଲି କହିଥିଲେ।

ଭବାନୀପାଟଣା ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟ ଓଡିଆ ବିଭାଗ ଅଧାପକ ପରମେଶ୍ୱର ମୁଣ୍ଡ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭୀମଭୋଇଙ୍କ ବିଶ୍ୱ ବ୍ରହ୍ମାଣ୍ଡ ତତ୍ତ୍ୱ ବିଷୟରେ ଆଲୋଚନା କରିଥିଲେ। ସମାଜ ଓ ସମାଜବ୍ୟବସ୍ଥାକୁ ତ୍ରୁଟିପୂର୍ଣ୍ଣ କରିବା ପାଇଁ ତାଙ୍କର ସମସ୍ତ ରଚନା ଅଭିପ୍ରେତ ଥିଲା ବୋଲି ମୁଣ୍ଡ କହିଥିଲେ। କବି ଓ ପ୍ରାବନ୍ଧିକ ବାସୁଦେବ ପାତ୍ର ସମ୍ମାନିତ ବକ୍ତା ଭାବେ ଯୋଗଦେଇ ତତ୍କାଳୀନ ସମାଜରେ ପ୍ରଚଳିତ ଜାତିପ୍ରଥା, ମୂର୍ତ୍ତିପୂଜା, କୁସଂସ୍କାର ଓ ଅନ୍ଧବିଶ୍ୱାସ ବିରୋଧରେ ଲେଖନୀ ଜରିଆରେ ସନ୍ଥକବି ସ୍ୱର ଉତ୍ତୋଳନ କରିଥିଲେ। କବିଙ୍କ ରଚିତ ଚଉତିଶା ମଧୁଚକ୍ର, ଶ୍ରୁତିନିଷେଧ ଗୀତା, ଅଷ୍ଟକବିହାରୀ ଗୀତା ଓ ବ୍ରହ୍ମଚାଳକ ଆଦି କାବ୍ୟଗ୍ରନ୍ଥ ଓଡିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଥିବା ମତବ୍ୟକ୍ତ କରିବା ସହ କବିଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଡକ୍ତର ପୁରୁଷୋତ୍ତମ ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦାନ କରି ଦଳିତ, ନିଷ୍ପେଷିତଙ୍କ ପାଇଁ କବିଙ୍କ ଗଭୀର ବେଦନାବୋଧ ଓ ସମ୍ବେଦନଶୀଳତା ଓଡିଆ ସାହିତ୍ୟରେ ବିରଳ ବୋଲି କହିଥିଲେ। ମହାନଦୀ ସାହିତ୍ୟ ସଂସଦ ସମ୍ପାଦକ ଡ. ସୌରଭ ରଞ୍ଜନ ଖମାରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ଲକ୍ଷ୍ମୀ ନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବ୍ରଜମୋହନ ଦାନୀ, ଡ. ସନ୍ତୋଷ ପାଢୀ, ଡ. ଜ୍ୟୋତିରଞ୍ଜନ ବହିଦାର, କବି ଆର୍ତ୍ତତ୍ରାଣ ବାବୁ, ଶ୍ରୀଧର ବାଗ, ମୀନା ମହାରଣା, ଅଧ୍ୟାପକ ମଦନ ସୁନ୍ଦର କ୍ଷେତି, ବେଣୁଧର ପ୍ରଧାନ ଓ ଶ୍ରଦ୍ଧାଞ୍ଜଳି ମିଶ୍ରଙ୍କ ସମେତ ସହର ର ବୁଦ୍ଧିଜୀବୀ ଓ ସାହିତ୍ୟିକ ମାନେ ଯୋଗଦାନ କରିଥିଲେ।


ସାରସ୍ୱତ ସଭାରେ ମଞ୍ଚାସୀନ ଅତିଥି ଓ ସାହିତ୍ୟିକମାନେ।

ସନ୍ଥକବିଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ

# ବିରିପାଲି ଧବଳେଶ୍ୱର ବାବାଙ୍କ ପୀଠରେ ମହାଶିବରାତ୍ରି



ଜଳନ୍ଧର ଦରବାରରେ ଉପସ୍ଥିତ ରାଜ ଅତିଥି।

ପଦ୍ମପୁର,୨୭।୨(ପ୍ରଦୀପ୍ତ ଦାଶ)

ପଦ୍ମପୁର ବ୍ଲକ ଜମରତଲା ଗ୍ରାମପଞ୍ଚାୟତ ବିରିପାଲି ଶ୍ରୀ ଶ୍ରୀ ଧବଳେଶ୍ୱର ବାବାଙ୍କ ପୀଠାରେ ମହାଶିବରାତ୍ରି ତଥା ଜାଗର ଯାତ୍ରା ଉତ୍ସାହ ପାଳିତ ହୋଇଯାଇଛି। ପୂଜକ ଶ୍ରୀପ୍ରସାଦ ମାଝୀଙ୍କ ତତ୍ତ୍ୱାବଧାନରେ ପଣ୍ଡିତ ବଳରାମ ପଣ୍ଡା ଦେବ ଦେବ ମହାଦେବଙ୍କ ସମସ୍ତ ନୀତିକାନ୍ତିରେ ପୂଜାର୍ଚ୍ଚନା ସମ୍ପନ୍ନ କରିଥିବା ବେଳେ ବିଳମ୍ବିତ ରାତ୍ରିରେ ମହାଦୀପ ଉଠିଥିଲା । ତେବେ ସମସ୍ତ ଉପାସିଆମାନେ ଦୀପଜାଳି ଉଜାଗର ରହିଥିଲେ । ଭଜନ,କୀର୍ତ୍ତନ ଓ ପାରାୟଣ ମାଧମରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇ ଓଁ ନମଃ ଶିବାୟ ମନ୍ତ୍ର ଉଚ୍ଚାରଣରେ ପ୍ରକମ୍ପିତ ହେଉଥିଲା ମନ୍ଦିର ପରିସର। ଜଳନ୍ଧର ଦରବାରରେ ରାଜ ଅତିଥି ଭାବରେ ବରଗଡ ଏମ୍‌ପି ପ୍ରଦୀପ ପୁରୋହିତ, ଆଇନଜୀବୀ ଅଜିତ ଶତପଥୀ, ପ୍ରୀତେଶ ବହିଦାର, ପ୍ରୀତମ ମେହେର, ସରପଞ୍ଚ ବିଧୁ ଭୂଷଣ ଚାନ୍ଦ, ଭୋଜରାଜ ସିଂ ବରିହା, ସାମ୍ବାଦିକ ସୁଶାନ୍ତ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ସୁରେଶ ଚାନ୍ଦ ଦରବାର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ମନ୍ଦିର ପରିଚାଳନା କମିଟିର ସଭାପତି କରୁଣାକର ସାହୁ,ସମ୍ପାଦକ ମାନସ ପଣ୍ଡା,କୋଷାଧ୍ୟକ୍ଷ ଟୁନୁ ଚନ୍ଦ୍ର ବେହେରା, ଉପଦେଷ୍ଟା ଧନମାଳି ହାତୀ ଏବଂ କମିଟିର ଅନ୍ୟ ସମସ୍ତ ସଦସ୍ୟ, ଯୁବଗୋଷ୍ଠୀ ଏବଂ ଗୌନ୍ତିଆ ଭିକାରୀ କମାତୀ ଓ ଗ୍ରାମବାସୀ ସହଯୋଗ କରିଥିଲେ।

## ବିନିକା ଭାଜପା ନଗର ସଭାନେତ୍ରୀଙ୍କୁ ସମ୍ବର୍ଦ୍ଧନା

ବିନିକା,୨୭।୨(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଚନ୍ଦ୍ରମା ସଭାଗୃହ ପ୍ରାଙ୍ଗଣରେ ଗୁରୁବାର ସନ୍ଧ୍ୟାରେ ଭାଜପା ନଗର ସଭାନେତ୍ରୀ ଚନ୍ଦ୍ରମା ଅଗ୍ରୱାଲଙ୍କୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଆଶା ଅଗ୍ରୱାଲା ଓ ସୋନମ ଅଗ୍ରୱାଲାଙ୍କ ନେତୃତ୍ୱରେ ବିନିକା ମହିଳା ମାରୱାଡି ସମାଜ ପକ୍ଷରୁ ନୂତନ ଭାବେ ଦାୟିତ୍ୱ ବହନ କରିଥିବା ନଗର ସଭାନେତ୍ରୀ ପିଙ୍କି ଅଗ୍ରୱାଲାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏଇ ସଭାରେ ନୂତନ ଭାବେ ବିନିକା ନଗର ସଭାନେତ୍ରୀ ହୋଇଥିବା ଅଗ୍ରୱାଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିନିକା ଏନ୍‌ଏସି ଅଞ୍ଚଳର ବିକାଶ ଦିଗରେ ଦୃଷ୍ଟିଦେବି ବୋଲି କହିଥିଲେ। ଶେଷରେ ଶ୍ୱେତା ଅଗ୍ରୱାଲା ଧନ୍ୟବାଦ ଅର୍ପଣ କରିଥିଲେ।

# ସଡ଼କ ସୁରକ୍ଷା ବୈଠକ: ଶୂନ୍ୟ ଦୁର୍ଘଟଣା ଉପରେ ଗୁରୁତ୍ୱ

ବୌଦ୍ଧ,୨୭।୨(ଅଜିତ କୁମାର ବାରିକ)

ବୌଦ୍ଧରେ ମାସିକ ସଡକ ସୁରକ୍ଷା ସମୀକ୍ଷା ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଗୁରୁବାର ଜିଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଆଞ୍ଚଳିକ ପରିବହନ ଅଧିକାରୀ ଶିଶିର କୁମାର ସାହୁ ଦୁର୍ଘଟଣା ରୋକିବା ପାଇଁ ବିଭାଗ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବିସ୍ତୃତ ରିପୋର୍ଟ ପ୍ରଦାନ କରିଥିଲେ। ବାରମ୍ବାର ସମୀକ୍ଷା ସହିତ ଦୁର୍ଘଟଣା ରୋକିବା ଦିଗରେ ବ୍ୟାପକ ସଚେତନତା ଫଳରେ ଜିଲାରେ ଦୁର୍ଘଟଣା ସଂଖ୍ୟା କମିଥିଲେ ମଧ୍ୟ ଯେପରି ଦୁର୍ଘଟଣା ଶୂନ୍ୟ ଜୀବନ ଯାତ୍ରା ହୋଇପାରିବ ସେଥିପାଇଁ ଗୁରୁତ୍ୱ ଦେବାକୁ ଜିଲାପାଳ ପଣ୍ଡା ପରାମର୍ଶ ଦେଇଥିଲେ। ଆଗକୁ ଗ୍ରୀଷ୍ମ ଆସୁଥିବାରୁ ଦୁର୍ଘଟଣାଜନିତ ସତର୍କତା ଅବଲମ୍ବନ କରିବାକୁ ବୈଠକରେ ଆଲୋଚନା ହୋଇଥିଲା। ବୌଦ୍ଧ ସହରର ତିନି ପ୍ରମୁଖ ଶିକ୍ଷାନୁଷ୍ଠାନ ଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ,ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ଜାତୀୟ ରାଜପଥ କଡରେ ଥିବା ଆଦର୍ଶ ବିଦ୍ୟାଳୟ ନିକଟରେ ତୁରନ୍ତ ରମ୍ବଲର ନିର୍ମାଣ ପାଇଁ ପୂର୍ତ୍ତ ଓ ଜାତୀୟ ରାଜପଥ ବିଭାଗକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲା। ଦୁର୍ଘଟଣାର ଶିକାର ହେଉଥିବା ଆହତଙ୍କୁ ତୁରନ୍ତ ଚିକିତ୍ସା ଯୋଗାଇବା ଦିଗରେ ଉଚିତ ପଦକ୍ଷେପ ନେବାକୁ ମଧ୍ୟ ଜିଲାପାଳ ପଣ୍ଡା ପରାମର୍ଶ ଦେଇଥିଲେ। ଆହତଙ୍କୁ ଉଦ୍ଧାର କରି ଚିକିତ୍ସାଳୟ ପହଞ୍ଚାଉଥିବା ବ୍ୟକ୍ତି ହଇରାଣ ହେବେ ନାହିଁ। ସରକାର ସେମାନଙ୍କ ପାଇଁ ପୁରସ୍କାର ବ୍ୟବସ୍ଥା କରିଥିବା ନେଇ ସଚେତନତା କରାଯିବା ସହିତ ଡାକ୍ତରମାନେ ଏ ସମ୍ପର୍କରେ ତୁରନ୍ତ ନିର୍ଦ୍ଧାରିତ ଫର୍ମ ପୂରଣ କରି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟକୁ ଅବଗତ କରାଇବାକୁ ଜିଲା ସ୍ୱାସ୍ଥ୍ୟ ବିଭାଗକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲା। ଦୁର୍ଘଟଣା ପ୍ରବଣ ସ୍ଥାନଗୁଡିକୁ ସାଇନବୋର୍ଡ ଦ୍ୱାରା ଚିହ୍ନଟ କରାଯିବା କାର୍ଯ୍ୟ ତୁରନ୍ତ ସମାପନ କରିବା, ରାସ୍ତା ଉପରେ ଜମାହୋଇ ରହୁଥିବା ଗୃହ ନିର୍ମାଣ ସାମଗ୍ରୀ ହଟାଇବା, ଗାଡିମୋଟର ଯାଞ୍ଚ ପ୍ରକ୍ରିୟାକୁ କଡାକଡି କରାଯିବାକୁ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଥିଲା। ଏହି ବୈଠକରେ ଜିଲା ଆରକ୍ଷୀ ଅଧୀକ୍ଷକ ନାଗରାଜ ଦେଓରକୋଣ୍ଡା, ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସନ୍ଦିପ କୁମାର ଛୁଆଳସିଂହ, ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବି.କେ.ଆର.ସି ହେମ୍ବ୍ରମ, ସହକାରୀ ନିର୍ବାହୀ ଯନ୍ତ୍ରୀ ଖାକେନ ସିଂହ, ଡିଆଇବି ଡିଏସ୍‌ପି ଗୌରାଙ୍ଗଚରଣ ସାହୁ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାରସିଂହ, ଜିଲା ଶାରିରୀକ ଶିକ୍ଷା ନିରୀକ୍ଷକ ଆନନ୍ଦ କୁମାର ବେହେରା, ଟ୍ରାଫିକ ଇନିସପେକ୍ଟର ଦେବାଶିଷ ନାୟକଙ୍କ ସମେତ ଆଞ୍ଚଳିକ ପରିବହନ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ।



ବୈଠକରେ ଜିଲାପାଳ ଓ ଅନ୍ୟମାନେ।

## ଷ୍ଟାଫ ସିଲେକଶନ ପରୀକ୍ଷା ପରିଚାଳନା ପାଇଁ ପ୍ରସ୍ତୁତି ବୈଠକ

ବୌଦ୍ଧ,୨୭।୨(ଅଜିତ କୁମାର ବାରିକ)

ଓଡ଼ିଶା ସବ୍‌ଅଡିନେଟ ଷ୍ଟାଫ ସିଲେକସନ କମିଶନ ପକ୍ଷରୁ ବୌଦ୍ଧ ଜିଲାରେ ପ୍ରାଣୀଧିନ ନିରୀକ୍ଷକ, ବନପାଳ, ବନରକ୍ଷୀ ପଦବୀ ପାଇଁ ଶାରିରୀକ ପରୀକ୍ଷା ଆସନ୍ତା ୩ରେ ସକାଳ ୭ଟାରେ ବଲାସିଙ୍ଗାଠାରେ ଥିବା ପଞ୍ଚମ ବାଟାଲିଅନ ପଡିଆଠାରେ ଅନୁଷ୍ଠିତ ହେବ। ପରୀକ୍ଷା ପରିଚାଳନା ପାଇଁ ଗୁରୁବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପରୀକ୍ଷା ସୁଚାରୁରୁପେ କରିବାକୁ ଆଲୋଚନା ହୋଇଥିଲା । ଖରାକୁ ଦୃଷ୍ଟିରେ ରଖି ପାନୀୟଜଳ, ଖାଦ୍ୟ, ଓଆରଏସ ,ଔଷଧ, ଅଗ୍ନିଶମ ବାହିନୀ ସଜାଗ ରହିବାକୁ କୁହାଯାଇଥିଲା। ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ତାଲିମ ପ୍ରଦାନ କରାଯିବା ସହ ଏନେଇ ଏକ ବୈଠକ କରିବାକୁ ନିଷ୍ପତ୍ତି ହୋଇଥିଲା। ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସା ଅଧିକାର ଡ. ରାମାରାଓ ପାଲୋ କାର୍ଯ୍ୟକ୍ରମ ପରିଚାଳନା କରିଥିଲୋ । ବୈଠକରେ ଡିଏଫଓ ଦେବପ୍ରିୟ କମ୍ପ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସାର୍ଥକ ରାୟ, ଜିଲା ମଙ୍ଗଳ ଅଧିକାରୀ ସୂର୍ଯ୍ୟନାରାୟଣ ବେହେରା, ଡ. ସଂଘମିତ୍ରା ପଣ୍ଡା, ଅବକାରୀ ଅଧୀକ୍ଷକ ଶାନ୍ତି ମାରାଣ୍ଡି, ଡେପୁଟି କମାଣ୍ଡେଣ୍ଟ ଚିତ୍ତରଞ୍ଜନ ମାଝୀ, ଆଞ୍ଚଳିକ ପରିବହନ ଅଧିକାରୀ ଶିଶିର କୁମାର ସାହୁ, ବୌଦ୍ଧଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାହୀ ଅଧିକାରୀ ସତ୍ୟନାରାୟଣ ପ୍ରଧାନ, ଅଗ୍ନିଶମ ଅଧିକାରୀ ସୁଧିର କୁମାର ଦାସ, ରିଜର୍ଭ ଇନିସପେକ୍ଟର କୁଳମଣି ଗିରି, ଜିଲା କ୍ରୀଡା ଅଧିକାରୀ ସୁଦାମ କୁମାର ସ୍ୱାଇଁ, ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ମାର୍ଚ୍ଚ ୨ରୁ ବୌଦ୍ଧରେ ସର୍ବଭାରତୀୟ ଡିଏସ୍ କପ୍ ଫୁଟବଲ୍ ଟୁର୍ନାମେଣ୍ଟ

ବୌଦ୍ଧ, ୨୭।୨(ଅଜିତ କୁମାର ବାରିକ)

ମାର୍ଚ୍ଚ ୨ରୁ ବୌଦ୍ଧରେ ସର୍ବଭାରତୀୟ ଡିଏସ୍ କପ୍ ଫୁଟବଲ୍ ଟୁର୍ନାମେଣ୍ଟ ଆରମ୍ଭ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚି ସାରିଛି । ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଜିଲା ଷ୍ଟାଡିୟମଠାରେ ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟରେ ୟୁନାଇଟେଡ ସ୍ପୋର୍ଟସ କ୍ଲବ ବରଗଡ, ବୌଦ୍ଧ ଜିଲା ଫୁଟବଲ୍ ଦଳ, ସମ୍ବଲପୁର ଏକାଡେମୀ, ଫାଓ କଟକ ଅଂଶଗ୍ରହଣ କରୁଥିବାବେଳେ ରାଜ୍ୟ ବାହାରୁ କୋଲକତା ଫୁଟବଲ ଏକାଡେମୀ, ଏମଇଜି ସେଣ୍ଟର ବାଙ୍ଗାଲୋର, ନ୍ୟୁ ସ୍ପୋର୍ଟିଂ କ୍ଲବ ଛତିଶଗଡ ଓ ଏମ୍‌କେଏସ୍‌ସି ବକ୍ସର ବିହାର ଅଂଶଗ୍ରହଣ କରୁଛି। ଏନେଇ ଜିଲା ଫୁଟବଲ ଆସୋସିଏଶନ ସଭାପତି ଲମ୍ବୋଦର ପୁରୋହିତ ଓ ସମ୍ପାଦକ ଯୁଗଳ କିଶୋର ସାମଲ ସୂଚନା ଦେଇଛନ୍ତି। ଆସନ୍ତା ମାର୍ଚ୍ଚ ୮ରେ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ମହିଳା ପ୍ରଦର୍ଶନୀ ମ୍ୟାଚ ଓଡ଼ିଶା ଓ ପଶ୍ଚିମବଙ୍ଗ ମଧ୍ୟରେ ଅନୁଷ୍ଠିତ ହେବ।

## ଅଗ୍ନିକାଣ୍ଡରେ ଜଳିଗଲା ଦୋକାନ

ବୌଦ୍ଧ,୨୭।୨(ଅଜିତ କୁମାର ବାରିକ)

ବୌଦ୍ଧ ସହରର ଇରିଗେସନ କାର୍ଯ୍ୟାଳୟ ସମ୍ମୁଖ ଜାତୀୟ ରାଜପଥ କଡରେ ଥିବା ଏକ ପାନଦୋକାନରେ ଗୁରୁବାର ଭୋର ସମୟରେ ଅଗ୍ନିକାଣ୍ଡ ଘଟିଛି। ଦୋକାନରେ ଥିବା ସମସ୍ତ ଜିନିଷ ପୋଡି ପାଉଁଶ ହୋଇଯାଇଛି। ସୂଚନା ମୁତାବକ, କୃଷ୍ଣ ପ୍ରଧାନ ନାମକ ଜଣେ ବ୍ୟକ୍ତି ଜାତୀୟ ରାଜପଥ ଇରିଗେସନ ଅଫିସ ଅପରପାର୍ଶ୍ୱରେ ଏକ ପାନ ଦୋକନ କରିଥିଲେ। ହଠାତ ଦୋକାନରେ ଅଗ୍ନିକାଣ୍ଡ ଘଟି ଦୋକାନ ମଧ୍ୟରେ ଥିବା ସମସ୍ତ ଜିନିଷ ପୋଡି ପାଉଁଶ ହୋଇଯାଇଥିଲା । ବୌଦ୍ଧ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚ ନିଆଁକୁ ଆୟତ କରିଥିଲା।

# ପ୍ରତିଶ୍ରୁତି ପୂରଣ ହେଲାନି: ପାକ୍ସ ସମ୍ପାଦକଙ୍କ ଧାରଣା


ସୁବର୍ଣ୍ଣପୁର ଡିଆରସିଏସ୍‌ଙ୍କ ଅଫିସ ସମ୍ମୁଖରେ ସମବାୟ କର୍ମଚାରୀମାନେ ଧାରଣାରେ ବସିଛନ୍ତି।

ସୋନପୁର,୨୭।୨(ମୃତ୍ୟୁଞ୍ଜୟ ଶତପଥୀ)

ରାଜ୍ୟ ସରକାର ସମବାୟ ସମିତିର କର୍ମଚାରୀମାନଙ୍କ ବିଭିନ୍ନ ଦାବି ଉପରେ ସକାରାତ୍ମକ ବିଚାର କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଫଳରେ ସମିତିର କର୍ମଚାରୀ ଗତ ବର୍ଷ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ସ୍ଥଗିତ ରଖିଥିଲେ। ଏହି ପ୍ରତିଶ୍ରୁତିର ୧ ବର୍ଷ ପୂରଣ ହୋଇଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ ପୂରଣ ହୋଇନି। ପ୍ରତିବାଦରେ ଜିଲାର ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ର ସମ୍ପାଦକ ଓ କର୍ମଚାରୀମାନେ ଗୁରୁବାର ସୁବର୍ଣ୍ଣପୁର ଉପନିବନ୍ଧକ ସମବାୟ ସମିତି ସମୂହ(ଡିଆରସିଏସ୍)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ। ସମବାୟ ସମିତିର କର୍ମଚାରୀମାନେ ଚାଷୀମାନଙ୍କର ଉନ୍ନତି ପାଇଁ ତୃଣମୂଳସ୍ତରରେ ଦାୟିତ୍ୱ ନିର୍ବାହ କରି ଆସୁଛନ୍ତି। ସଂଘର ଅଭିଯୋଗ ଅନୁଯାୟୀ ସରକାର ସେମାନଙ୍କ ଦାବି ପ୍ରତି ଅଣଦେଖା କରୁଛନ୍ତି। ବ୍ୟାଙ୍କ ଗୁଡିକୁ ସପ୍ତମ ବେତନ କମିଶନ ହାରରେ ଦରମା ଦିଆ ଯାଉଥିବା ବେଳେ ସମବାୟ ସମିତି ଉପରେ କଟକଣା ଲଗାଯାଉଛି। ତେଣୁ ସଂଘର ଦାବି ଉପରେ ସରକାର ଖୁବଶୀଘ୍ର ସକାରାତ୍ମକ ପଦକ୍ଷେପ ନ ନେଲେ ସଂଘ ପକ୍ଷରୁ ଆଗାମୀ ଦିନରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କର

ସୋନପୁର,୨୭।୨(ମୃତ୍ୟୁଞ୍ଜୟ ଶତପଥୀ)



ବୈଠକରେ ଏମ୍‌ପି, ବିଧାୟକ, ଜିଲାପାଳ ଓ ଉପସ୍ଥିତ ଅନ୍ୟ ଅଧିକାରୀମାନେ।

**ସୁବର୍ଣ୍ଣପୁରରେ ଦିଶା ବୈଠକ**

ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲା ଉନ୍ନୟନ ସମନ୍ୱୟ ଓ ତଦାରଖ କମିଟି(ଦିଶା) ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗୀର ଏମ୍‌ପି ତଥା କମିଟି ଅଧ୍ୟକ୍ଷା ସଙ୍ଗୀତା କୁମାରୀ ସିଂଦେଓ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲାପାଳ ତଥା ଦିଶାର ମେମ୍ବର ସେକ୍ରେଟାରୀ ଅନ୍ୟା ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏମ୍‌ପି ସିଂହଦେଓ ସଂକ୍ଷିପ୍ତ ବକ୍ତବ୍ୟ ପ୍ରଦାନ କରି ଏହା ଭାରତ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଯାହା ତୃଣମୂଳସ୍ତରରେ ନୂତନ ବିକାଶ କାର୍ଯ୍ୟ ଆରମ୍ଭ, ତଦାରଖ ଓ ସମସ୍ତ ପ୍ରକଳ୍ପର ସଫଳ ରୂପାୟନ ପାଇଁ ଉଦ୍ଦିଷ୍ଟ ବୋଲି କହିଥିଲେ। ଜିଲାରେ ବିଦ୍ୟାଳୟଗୁଡିକର ଭିତ୍ତିଭୂମିରେ ଉନ୍ନତି, ଶିକ୍ଷକ ନିଯୁକ୍ତି, ପାନୀୟ ଜଳର ସୁବ୍ୟବସ୍ଥା ଓ ଖେଳପଡିଆ ନିର୍ମାଣ ଉପରେ ଆଲୋଚନା ହୋଇଥିଲା। ଶିଶୁ ଓ ଗର୍ଭବତୀଙ୍କୁ ନିମ୍ନମାନର ତଥା ଅସୁରକ୍ଷିତ ଛତୁଆ ବଣ୍ଟନ କରି ଛତୁଆ ପ୍ରସ୍ତୁତିରୁ ବାଦ୍ ପଡିଥିବା ଡବ୍ଲ୍ୟୁଏସ୍‌ଏଚ୍‌ଜି ସ୍ଥାନରେ ନୂତନ ନିଯୁକ୍ତି କରିବାକୁ ଏମ୍‌ପି ନିର୍ଦ୍ଦେଶ ଦେଇଥିଲେ। ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ନୂତନ ରାସ୍ତା ନିର୍ମାଣ, ସରଗଜ ଗ୍ରାମରେ ଅସମ୍ପୂର୍ଣ୍ଣ ହୋଇ ପଡିରହିଥିବା ରାସ୍ତା କାମ ସମ୍ପୂର୍ଣ୍ଣ କରିବା, ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ, ଜଳସେଚନ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବା ଓ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ସମ୍ପର୍କରେ ବ୍ୟାପକ ଆଲୋଚନା ହୋଇଥିଲା।

ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା ବୀରମହାରାଜପୁର ଉପଖଣ୍ଡ ଡାକ୍ତରଖାନାରେ ରକ୍ତଭଣ୍ଡାର କାର୍ଯ୍ୟକ୍ଷମ କରିବାକୁ ଦାବି କରିଥିଲେ। ସମସ୍ତଙ୍କ ପ୍ରୟାସରେ ଆଗାମୀ ଦିନରେ ଜିଲାର ବିକାଶ ପ୍ରକ୍ରିୟାକୁ ଆହୁରି ବ୍ୟାପକ ଓ ତ୍ୱରାନ୍ୱିତ କରିବାକୁ ଏହି ଅବସରରେ ଏମ୍‌ପି ଓ ବିଧାୟକ ଆହ୍ୱାନ ଦେଇଥିଲେ। କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ଯୋଗାଣ, ରାଜସ୍ୱ, ବୃହତ ଉଠା ଜଳସେଚନ, ଉଠା ଜଳସେଚନ, ପାନୀୟ ଜଳ, ବିଦ୍ୟୁତ୍, ସମବାୟ ଓ ଗମନାଗମନ ବ୍ୟବସ୍ଥା ଉପରେ ସମୀକ୍ଷା ହୋଇଥିଲା। ଏହି ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ, ଜିଲା ପରିଷଦ ଅଶ୍ୱିନୀ କୁମାର ମେହେର, ଅତିରିକ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଜିଲା ପରିଷଦ ପଲ୍ଲବୀ ରାଣୀ ରାଜ, ପିଡି ଡ୍ରୁଡା ତଥା ବୀରମହାରାଜପୁର ଉପଜିଲାପାଳ ଲଲାଟେନ୍ଦୁ ସି, ବନଖଣ୍ଡ ଅଧିକାରୀ ମଦନଲାଲ ଶର୍ମା, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଦୀପ କୁମାର ଗୁରୁ, ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ନିରୋଦ ରଞ୍ଜନ ଦାସ, ପ୍ରାକ୍ତନ ଜିଲା ପରିଷଦ ଅଧକ୍ଷା ଉଷା କୁମାରୀ, ସରପଞ୍ଚ ନର୍ମଦା ମିଶ୍ର, ଅଶୋକ ପୃଷ୍ଟି, ପଟୁଆରୀ ପଧାନଙ୍କ ସମେତ ବିଭାଗୀୟ ଅଧିକାରୀ ଓ ଲୋକ ପ୍ରତିନିଧିମାନେ ଯୋଗ ଦେଇଥିଲେ।

# ଶ୍ୟାମେଶ୍ୱର, କେଦାରନାଥ ବାବାଙ୍କ ପୀଠରେ ଭିଡ଼

ବରଗଡ଼,୨୭।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାର ବିଭିନ୍ନ ଶୈବପୀଠରେ ବୁଧବାର ମହାଶିବରାତ୍ରି ଅନୁଷ୍ଠିତ ହୋଇଯାଇଛି। ଅମ୍ବାଭୋନାସ୍ଥିତ କେଦାରନାଥ ମନ୍ଦିରରେ ଭୋରରୁ ଭକ୍ତମାନେ ସ୍ଥାନୀୟ ପବିତ୍ର ପୁଷ୍କରିଣୀରୁ ବୁଡ଼ ପକାଇ କେଦାରନାଥ ବାବାଙ୍କୁ ଦର୍ଶନ କରିଥିଲେ। ବହୁ ଦୂରଦୂରାନ୍ତରରୁ ଭକ୍ତମାନେ ମାନସିକ ନେଇ ମନ୍ଦିରକୁ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ରାତି ପ୍ରାୟ ୧୦ଟାରେ ମହାଦୀପ ଉଠିବା ସହିତ ଧ୍ୱଜାରୋହଣ କରାଯାଇଥିଲା। ରାତିରେ ବରପାଲିର ମହିଳା ଦଣ୍ଡ ଉଦିଆଁତରା ଏବଂ କୁମ୍ଭାରୀର ଭଗବାନ ପାର୍ଟିର କଳାକାରମାନେ ନାଟକ ପରିବେଷଣ କରିଥିଲେ। ସେହିପରି ବରଗଡ଼ ସହରସ୍ଥିତ ଶ୍ୟାମାକାଳୀ ମନ୍ଦିରରେ ଶ୍ୟାମେଶ୍ୱର ବାବାଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ପଣ୍ଡିତ ନରସିଂହ ଶତପଥୀ, ଅନନ୍ତ ଶତପଥୀ, ସଞ୍ଜୟ ଦାଶ, ସତ୍ୟାନନ୍ଦ ଶତପଥୀ, ଆନନ୍ଦ ଷଡ଼ଙ୍ଗୀ, ସୁମନ୍ତ ଷଡ଼ଙ୍ଗୀ, ହରିରାମ ପଣ୍ଡା ପ୍ରମୁଖ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ସତ୍ୟପ୍ରକାଶ ରଥ ମହାଦୀପ ଧରି ମନ୍ଦିର ପରିକ୍ରମା ପରେ ମନ୍ଦିର ଚୂଡ଼ାରେ ସ୍ଥାପନ କରିଥିଲେ।


ବରଗଡ଼ରେ ଶ୍ୟାମେଶ୍ୱର ବାବାଙ୍କ ପୂଜାର୍ଚ୍ଚନା।

इंडियन बैंक Indian Bank
इलाहाबाद ALLAHABAD

ଆଞ୍ଚଳିକ କାର୍ଯ୍ୟାଳୟ, କଟକ
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର – ୬, ସିଡ଼ିଏ, ପୋ.: ମର୍କତ ନଗର, କଟକ – ୭୫୩୦୧୪, zocuttack@indianbank.co.in

ଦଖଲ ନୋଟିସ୍
ପରିଶିଷ୍ଟ-୪ [ରୁଲ୍-୮(୧)]
ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩ (୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି **ଦଖଲ** ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

| ତୁଳସୀପୁର ଶାଖା / ଋଣଗ୍ରହୀତା ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) ଜୟନ୍ତ କୁମାର ବେହେରା, ପିତା: କୃଷ୍ଣ ଚନ୍ଦ୍ର ବେହେରା, ୨) କୃଷ୍ଣ ଚନ୍ଦ୍ର ବେହେରା (ବନ୍ଧକଦାତା), ପିତା: ଭରତ ବେହେରା / ଗ୍ୟାରେଣ୍ଟିଦାତା: ଲିଲି ବେହେରା, ସ୍ୱାମୀ: କୃଷ୍ଣ ଚନ୍ଦ୍ର ବେହେରା, ସମସ୍ତଙ୍କ ଠିକଣା- ସା: ଗୋବିନ୍ଦ ଜିୟୁପାଟଣା, ପୋ: କପାଳେଶ୍ୱର, ଥାନା: ଚୌଦ୍ୱାର, କଟକ-୭୫୪୦୭୧ | ୨୫.୦୨.୨୦୨୫ ସୁଦ୍ଧା ଟ.୪,୭୩,୭୭୧/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୦.୧୨.୨୦୨୪ / ୨୫.୦୨.୨୦୨୫ | କୃଷ୍ଣ ଚନ୍ଦ୍ର ବେହେରା, ପିତା: ଭରତ ବେହେରାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମ୍ୟୁଟେସନ୍ ଖାତା ନଂ.: ୮୫୯/୧୪୩୩, ପ୍ଲଟ୍ ନଂ.: ୯୦୬/୩୦୧୪ (କ୍ଷେତ୍ର: ଏକର୦.୦୫୫ ଡିସିମିଲି), ଅନୁରୂପ ଖାତା ନଂ.: ୮୫୯/୮୮ ଏବଂ ପ୍ଲଟ୍ ନଂ.: ୯୦୬/୩୦୧୫ (କ୍ଷେତ୍ର: ଏକର୦.୦୨୦ ଡିସିମିଲି), ଅନୁରୂପ ଖାତା ନଂ.: ୮୫୯/୮୯, ମୌଜା: |

କପାଳେଶ୍ୱର, ତହସିଲ: ଟାଙ୍ଗିଚୌଦ୍ୱାର, ଏସ୍‌ଆରଓ: ଜଗତପୁର, ଜିଲ୍ଲା: କଟକ, ଓଡିଶା, **ସମୁଦାୟ କ୍ଷେତ୍ର: ଏକର୦.୦୭.୫ ଡିସିମିଲି,** ଟାଇପ୍- ଘରବାରୀ, ବିକ୍ରୟ ଦଲିଲ୍ ଅନୁଯାୟୀ ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: କ୍ରେତା, ପୂର୍ବ: ରାସ୍ତା, ପଶ୍ଚିମ: ସୁଚାରୁ ଚନ୍ଦ୍ର ବିଶୋଇ ଏବଂ ମ୍ୟୁନିସପାଲିଟି ୱାର୍ଡ ନଂ.: ୯

ସ୍ଥାନ: କଟକ
ତାରିଖ : ୨୭.୦୨.୨୦୨୫

କ୍ଷମତାପ୍ରାପ୍ତ ଅଧିକାରୀ
ଇଣ୍ଡିଆନ୍ ବ୍ୟାଙ୍କ

# ଜିଲ୍ଲାର ମତ୍ସ୍ୟ, ପ୍ରାଣୀ ସମ୍ପଦ ବିକାଶ ଉପରେ ଆଲୋଚନା

**ଦେବଗଡ଼,୨୭।୨(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ବଡ଼ବଗିଚା ପଡିଆରେ ଦ୍ୱି ଦିବସୀୟ ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଅରୁଣ କୁମାର ସାହୁ, ସମ୍ବଲପୁର ଜୋନ ଡେପୁଟି ଡାଇରେକ୍ଟର ଜ୍ଞାନରଞ୍ଜନ ସାମଲ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ.ବିଜୟ କୁମାର ପାତ୍ର ଓ ଜିଲା ମତ୍ସ୍ୟ ଅଧିକାରୀ କୁଟିଳ ଚନ୍ଦ୍ର ଦାଶ ପ୍ରମୁଖ ମଞ୍ଚାସୀନ ରହି ଜିଲାର ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ବିକାଶ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ସମ୍ବନ୍ଧରେ ଆଲୋଚନା କରିବା ସହିତ ବିଭିନ୍ନ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଏହି ଅବସରରେ ସରକାରଙ୍କ ବିଭିନ୍ନ ଯୋଜନାର ଠିକ ଉପଯୋଗ କରିବା ପାଇଁ ଚାଷୀମାନେ ସଚେତନ ହେବା ଆବଶ୍ୟକତା ରହିଥିବା ବେଳେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କୁ ସଚେତନ କରାଯାଇ ପାରିବ ବୋଲି ଅତିଥିମାନେ ଆଲୋକପାତ କରିଥିଲେ। ସୁଶାନ୍ତ କୁମାର ପାଣି ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ରିଆମାଳ ବ୍ଲକ ବାବରାକୋଟ ଗ୍ରାମର ଗୋପାଳକ ଶାଶ୍ୱତ କୁମାର ପ୍ରଧାନ, ବାରକୋଟ ବ୍ଲକ ଡଁରା ଗ୍ରାମର ଘୁଷୁରୀ ଚାଷୀ ସୁଲୋଚନା ପାତ୍ର, ରିଆମାଳ ବ୍ଲକ ଟିଙ୍କବିର ଗ୍ରାମର

## ଦ୍ୱି ଦିବସୀୟ ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ

ମତ୍ସ୍ୟ ଚାଷୀ ମା' ଭୈରବୀ ମହିଳା ସଂଘ ଏବଂ ବାରକୋଟ ବ୍ଲକ କାଦୋପଡା ମାଛ ଚାଷୀ ରୁକ୍ମିଣୀବାଳା ରାଉତଙ୍କୁ ନଗଦ ଅର୍ଥରାଶି, ଉପଢୌକନ ଓ ମମେଂଟୋ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଏହି ମେଳାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଏବଂ ଅନ୍ୟାନ୍ୟ ବିଭାଗୀୟ କାର୍ଯ୍ୟକ୍ରମ ପ୍ରଦର୍ଶନୀ ଆୟୋଜିତ ହେବା ସହ ଜୀବନ୍ତ ପ୍ରାଣୀ ଏବଂ ମତ୍ସ୍ୟ ସମ୍ପଦ ସମ୍ପର୍କୀୟ ଉନ୍ନୟନ ପ୍ରଦର୍ଶନୀ ଷ୍ଟଲ ଖୋଲାଯାଇ ଥିବାବେଳେ ମନୋରଞ୍ଜନ ପାଇଁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ପିଚୁ ରାସ୍ତା କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର


କୁ. କଣ୍ଟାପାଲିର ରାସ୍ତା।

**ଝାରସୁଗୁଡ଼ା,୨୭।୨(ଆଶିଷ ରଞ୍ଜନ ଦାଶ)**

## ବିଜୁ ଏକ୍ସପ୍ରେସ ୱେ ଠାରୁ କୁ. କଣ୍ଟାପାଲି ରାସ୍ତା

■ରାସ୍ତା ନିର୍ମାଣ ପାଇଁ ପ୍ରୟାସ ଆରମ୍ଭ

ଝାରସୁଗୁଡ଼ା ଜିଲା ସଦର ବ୍ଲକ ଅନ୍ତର୍ଗତ ବିଜୁ ଏକ୍ସପ୍ରେସ୍ ୱେଠାରୁ କୁ. କଣ୍ଟାପାଲି ରାସ୍ତା ପିଚୁ କରିବା ପାଇଁ ହିର୍ମା ପଞ୍ଚାୟତ ପକ୍ଷରୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରାଯାଇଛି। ବିଜୁ ଏକ୍ସପ୍ରେସ ୱେଠାରୁ କୁ. କଣ୍ଟାପାଲି ରାସ୍ତା ବହୁ ଦିନରୁ ଦୟନୀୟ ଅବସ୍ଥାରେ ପଡି ରହିଥିଲା। ପ୍ରାୟ ୩ ରୁ ୪ କିଲୋମିଟର ଏହି ରାସ୍ତା ପଞ୍ଚାୟତ ନିର୍ମାଣ କରିବାକୁ ଅକ୍ଷମ ହୋଇଥିଲା। ଗ୍ରାମବାସୀ ବିଭିନ୍ନ ସମୟରେ ରାସ୍ତା ନିର୍ମାଣ ପାଇଁ ଦାବି କରୁଥିଲେ। ମୁଖ୍ୟତଃ ବର୍ଷା ଦିନରେ କୁ. କଣ୍ଟାପାଲି ଗ୍ରାମ ରାସ୍ତାରେ ଲୋକମାନେ ଯିବାଆସିବା କରି ନ ପାରି ବର୍ଷା ଛାଡି ରାସ୍ତା ଶୁଖିଲେ ଘରୁ ବିଭିନ୍ନ କାର୍ଯ୍ୟ ପାଇଁ ବାହାର ଯାଉଥିଲେ। ମୁଖ୍ୟତଃ ଛାତ୍ରୀଛାତ୍ର, ବୁଲାବେପାରୀ ଓ ଦୁଗ୍ଧ ଉତ୍ପାଦନ କରୁଥିବା ଲୋକମାନେ ବହୁତ ହଇରାଣ ହେଉଥିଲେ। ଗ୍ରାମର ଏପରି ଅବସ୍ଥା ଦେଖି ହିର୍ମା ଗ୍ରାମପଞ୍ଚାୟତ କର୍ତ୍ତୃପକ୍ଷ ସରପଞ୍ଚ ଲକ୍ଷ୍ମୀ ବାଦିଙ୍କ ନେତୃତ୍ୱରେ ଏକ ରେଯୋଲେସନ ମାଧ୍ୟମରେ ବିଜୁ ଏକ୍ସପ୍ରେସ ୱେଠାରୁ କଣ୍ଟାପାଲି ରାସ୍ତା ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଗତ ୨୫ ତାରିଖରେ ହସ୍ତାନ୍ତର କରାଯାଇଥିଲା। ହସ୍ତାନ୍ତର ସମୟରେ ହିର୍ମା ସରପଞ୍ଚ ଲକ୍ଷ୍ମୀ ବାଦି, ପଞ୍ଚାୟତ ଇଓ, ସମସ୍ତ ୱାର୍ଡମେମ୍ବର ଓ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ଥିଲେ। ଏହାପରେ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଏକ ଟିମ୍ ରାସ୍ତା ତିଆରି ପାଇଁ ପରିଦର୍ଶନ କରିଛନ୍ତି। ଏହି ରାସ୍ତା ନିର୍ମାଣ ପାଇଁ ପ୍ରୟାସ ଆରମ୍ଭ ହୋଇଥିବାରୁ କୁ. କଣ୍ଟାପାଲି ଗ୍ରାମର ଅବଧୁତ ପଧାନ, ଅମୁଲ୍ୟ ପଧାନ, ଶରତ ସା, ରାଧେଶ୍ୟାମ ପଟେଲ, ସଭ୍ୟ ପଟେଲ, ଦୁର୍ଗା ସା ତଥା ଗ୍ରାମବାସୀ ପଞ୍ଚାୟତ କର୍ତ୍ତୃପକ୍ଷ ଓ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି।

# ଜନ୍ମ, ମୃତ୍ୟୁ ପ୍ରମାଣପତ୍ର ସମ୍ବନ୍ଧୀୟ ସୁବିଧା ମିଳୁନି

**ଝାରସୁଗୁଡ଼ା,୨୭।୨(ଆଶିଷ ରଞ୍ଜନ ଦାଶ)**

## କେବଳ ଗୋଟିଏ ଉତ୍ତର ନେଟ ନାହିଁ, କାଲିକି ଆସିବ

ଝାରସୁଗୁଡ଼ା ମ୍ୟୁନିସିପାଲିଟି ଅଫିସ୍‌ରେ ଜନ୍ମ, ମୃତ୍ୟୁ ପ୍ରମାଣପତ୍ର ଓ ଅନ୍ୟ ସୁବିଧା ମିଳୁନାହିଁ। ମ୍ୟୁନିସିପାଲିଟି କିରାଣି ତଥା କମ୍ପ୍ୟୁଟର ବିଭାଗ ଅଧିକାରୀଙ୍କଠାରୁ କେବଳ ଗୋଟିଏ କଥା ଶୁଣିବାକୁ ମିଳୁଛି ନେଟ ନାହିଁ, କାଲିକି ଆସିବ। ଗତ କିଛି ମାସ ହେବ ଝାରସୁଗୁଡ଼ା ମ୍ୟୁନିସିପାଲିଟିରେ ଇଓ ଭାବେ ଯୋଗଦାନ କରିଥିବା ମାନସ ରଞ୍ଜନ ମଲ୍ଲିକ ଓ ଉପନଗରପାଳ ବେନୁଗୋପାଳ ପାଣିଗ୍ରାହୀଙ୍କ ପ୍ରଚେଷ୍ଟାରେ କିଛି ସୁଧାର ଆସିଥିଲା। ସହର ପରିମଳ ବ୍ୟବସ୍ଥା, ଟିକସ ସଂଗ୍ରହ ତଥା ଅନ୍ୟାନ୍ୟ କାମଗୁଡିକରେ ମଧ୍ୟ ମ୍ୟୁନିସିପାଲିଟି ଭଲ ପ୍ରଦର୍ଶନ କରି ଆସୁଥିଲା। କିନ୍ତୁ ଗତ କିଛି ସପ୍ତାହ ହେବ ସାଧାରଣ ଲୋକମାନେ ଜନ୍ମମୃତ୍ୟୁ ପ୍ରମାଣ ପତ୍ର, ଭତ୍ତା, ଉଦ୍ୟମ ପଞ୍ଜୀକରଣ ଆଦି ବିଭିନ୍ନ ସମସ୍ୟା ନେଇ ମ୍ୟୁନିସିପାଲିଟି କିରାଣି ତଥା କମ୍ପ୍ୟୁଟର ସେକ୍ସନରେ ଥିବା ଅଧିକାରୀଙ୍କ ପାଖକୁ ଗଲେ କେବଳ ଗୋଟିଏ ଉତ୍ତର ମିଳୁଛି ନେଟ ନାହିଁ, ଆସନ୍ତାକାଲି ଆସିବ। ପୁଣି ଆସନ୍ତା କାଲି ଗଲେ ସେହି କଥା। ଏହାର ଅଧିକ ପ୍ରଭାବ ଗରିବ ଶ୍ରେଣୀ ଲୋକମାନଙ୍କ ଉପରେ ପଡୁଛି। ପେଟ ପୋଷିବା ପାଇଁ କାମଧନ୍ଦା ଛାଡି ବାରମ୍ବାର ମ୍ୟୁନିସିପାଲିଟିକୁ ଯାଇ ହତାଶ ହେବା ସହ କେବଳ ଗୋଟିଏ ଉତ୍ତର ଶୁଣିବାକୁ ମିଳୁଛି ନେଟ ନାହିଁ କାଲିକୁ ଆସିବ। ଯାହା କି ଗରିବ ଲୋକଙ୍କ ଜୀବନ ପ୍ରଭାବିତ କରୁଛି। ଏ ନେଇ ଝାରସୁଗୁଡ଼ା ମ୍ୟୁନିସିପାଲିଟି ଇଓ ମାନସ ରଞ୍ଜନ ମଲିକଙ୍କୁ ପଚାରାଯିବାରୁ ସେ କହିଛନ୍ତି ଯେ ମ୍ୟୁନିସିପାଲିଟିରେ ଜନ୍ମମୃତ୍ୟୁ ପ୍ରମାଣପତ୍ର ଓ ଆଧାର ସମ୍ବନ୍ଧୀୟ କାର୍ଯ୍ୟ ପାଇଁ ନେଟ୍‌ର ବ୍ୟବହାର ହେଉଛି। ଆଉ ବାକି କାମରେ ନେଟ୍‌ର କୌଣସି ଆବଶ୍ୟକତା ନାହିଁ। ଯଦି କୌଣସି ସାଧାରଣ ବ୍ୟକ୍ତି ଏହି କାମ ପାଇଁ ହଇରାଣ ହେଉଛନ୍ତି, ତାହାହେଲେ ଆସି ମୋତେ ଜଣାନ୍ତୁ ବୋଲି କହିଛନ୍ତି। ଯଦି ସାଧାରଣ ଲୋକଙ୍କୁ ହଇରାଣ କରାଯାଉଥାଏ ତାହା ହେଲେ ତଦନ୍ତ କରି ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ମ୍ୟୁନିସିପାଲିଟି ଉପନଗରପାଳ ବେଣୁଗୋପାଳ ପାଣିଗ୍ରାହୀ କହିଛନ୍ତି ଯେ ମ୍ୟୁନିସିପାଲିଟିର ନେଟୱାର୍କ ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟରୁ ପରିଚାଳିତ ହେଉଥିବାରୁ ବେଳେ ବେଳେ ଏଭଳି ସମସ୍ୟା ଦେଖାଦେଉଛି। ଆଗାମୀ ଦିନରେ ଜନସାଧାରଣ ଯେପରି ହଇରାଣ ନ ହେବେ ସେଥିପ୍ରତି ମ୍ୟୁନିସିପାଲିଟି ପକ୍ଷରୁ ସମ୍ପୂର୍ଣ୍ଣ ଭାବେ ଯତ୍ନ ନିଆଯିବ ବୋଲି କହିଛନ୍ତି।

# ସୁରକ୍ଷା, ବିକାଶ ଉପରେ କାର୍ଯ୍ୟ କରିବାକୁ ଆହ୍ୱାନ


ସାଧାରଣ ସଭା, ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

**ଦେବଗଡ଼,୨୭।୨(ଶଶାଙ୍କ ଶେଖର ଝାଙ୍କର)**

## ସାମାଜିକ ପରିବର୍ତ୍ତନ ମଞ୍ଚର ସାଧାରଣ ସଭା, ଆଲୋଚନାଚକ୍ର

ଦେବଗଡ଼ ନୂଆ ବସଷ୍ଟାଣ୍ଡ ପରିସରରେ ଗୁରୁବାର ଆମ୍ବେଡକର ସାମାଜିକ ପରିବର୍ତ୍ତନ ମଞ୍ଚର ସ୍ଥାୟୀ ସଭାପତି ଚୌଧୁରୀ ବେହେରାଙ୍କ ସଭାପତିତ୍ୱରେ ମଞ୍ଚର ଏକ ସାଧାରଣ ସଭା ସହ ମୂଳ ନିବାସୀ ଏକତା ମିଶନ ସମ୍ବନ୍ଧିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭିମ ଆର୍ମୀର ଓଡ଼ିଶା ପ୍ରଦେଶ ସଭାପତି ଲଙ୍କେଶ ରାବଣ, ରାଜ୍ୟ ସମ୍ପାଦକ ଧୀରଜ ସିଂ, ସମ୍ବଲପୁର ଜିଲା ସଂଯୋଜକ ଭୁବନ କିଶୋର ବାଘ ଓ ମୁଖ୍ୟବକ୍ତା ଭାବେ ଆମ୍ବେଡକର ସାମାଜିକ ପରିବର୍ତ୍ତନ ମଞ୍ଚର ବରିଷ୍ଠ ସଦସ୍ୟ କନ୍ଦର୍ପ ପାତ୍ର ପ୍ରମୁଖ ଯୋଗଦେଇ ମୂଳ ନିବାସୀ ଏକତା ମିଶନ ସମ୍ବନ୍ଧରେ ସବିଶେଷ ଆଲୋଚନା କରିଥିଲେ। ଏଥିସହ ଆଦିବାସୀ, ଦଳିତ ଏବଂ ସଂଖ୍ୟାଲଘୁମାନଙ୍କ ସୁରକ୍ଷା ଏବଂ ବିକାଶ ଉପରେ କାର୍ଯ୍ୟ କରିବାକୁ ଉପସ୍ଥିତ କର୍ମକର୍ତ୍ତା ଏବଂ ସଦସ୍ୟମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ଜିଲାସ୍ତରରେ ଭିମ ଆର୍ମୀର ଏକ ସଙ୍ଗଠନ ଗଠନ ସପକ୍ଷରେ ଯୁକ୍ତି ବାଢିଥିଲେ। ଏହି ସଭାକୁ ଆମ୍ବେଦକର ସାମାଜିକ ପରିବର୍ତ୍ତନ ମଞ୍ଚର ପୃଷ୍ଠପୋଷକ ବୁଲୁ ପାତ୍ର ପରିଚାଳନା କରିଥିବା ବେଳେ ଏହି ଅବସରରେ ଦେବଗଡ଼ ଜିଲାସ୍ତରୀୟ ଭିମ ଆର୍ମୀ ଗଠନ ନିମନ୍ତେ ପ୍ରସ୍ତାବ ଆଗତ କରାଯାଇଥିଲା। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଖାଉଟି ସମବାୟ ମହାସଂଘ ନିର୍ଦ୍ଦେଶକ ବିପ୍ରଚରଣ ଜୟପୁରିଆ, ଆଇନ ଉପଦେଷ୍ଟା ମତିନ୍ଦ୍ର ନାଏକ, ବରିଷ୍ଠ ଆମ୍ବେଡକରବାଦୀ ସୁଦାମ ବୁଡା, ମହିଳା ମୋର୍ଚ୍ଚା ସମ୍ପାଦିକା ପୁଷ୍ପାଞ୍ଜଳୀ ବହେରା ଓ କଣ୍ଢଳ ଜୋନ ସଭାପତି ଭୁବନେଶ୍ୱର ନାଏକଙ୍କ ସମେତ ବହୁ କର୍ମକର୍ତ୍ତା ଓ ସଦସ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଟ୍ରକ୍ ଧକ୍କାରେ ଯୁବକ ଗୁରୁତର

**ଝାରସୁଗୁଡ଼ା,୨୭।୨(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ବଡ଼ମାଳ ଥାନା ଅନ୍ତର୍ଗତ ବିଜୁ ଏକ୍ସପ୍ରେସ ୱେ ଛକଠାରେ ବୁଧବାର ରାତି ୧୦ଟାରେ ଟ୍ରକ୍ ଧକ୍କାରେ ଯୁବକ ଗୁରୁତର ଆହତ ହୋଇଛନ୍ତି। ବେଲପାହାଡ ମାଧମୁଣ୍ଡାର ବିଛେନ୍ଦ୍ର ମହନ୍ତ (୩୧) ସ୍କୁଟି (ନଂ.ଓଡି-୨୩ପି୭୦୮୨) ଯୋଗେ ସମ୍ବଲପୁରରୁ ଘରକୁ ଫେରୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଟ୍ରକ୍ (ନଂ.ଓଆର ୨୩-ଇ ୫୨୦୬) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ମହନ୍ତ ସ୍କୁଟିରୁ ଖସିପଡି ଗୁରୁତର ଆହତ ହୋଇଥିଲେ। ବଡ଼ମାଳ ପୋଲିସ ସହାୟତାରେ ମହନ୍ତଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ବର୍ତ୍ତମାନ ତାଙ୍କ ଅବସ୍ଥା ଠିକ ଥିବା ସୂଚନା ମିଳିଛି।

# ଦୁଧିଆନାଳୀ ଆଦିବାସୀ ମହାସଂଘ ଗଠିତ

**ଦେବଗଡ଼,୨୭।୨(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଅନ୍ତର୍ଗତ ଦୁଧିଆନାଳୀ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଉକ୍ତ ଅଞ୍ଚଳର ଆଦିବାସୀମାନଙ୍କୁ ନେଇ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହେବା ସହ ଦୁଧିଆନାଳୀ ଆଦିବାସୀ ମହାସଂଘ ଗଠିତ ହୋଇଯାଇଛି। ଦୁଧିଆନାଳୀ ଗ୍ରାମ ପଞ୍ଚାୟତ ସରପଞ୍ଚ ଉଦିତ କୁମାର ନାୟକଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ ବହୁ ଆଦିବାସୀ ଜନସାଧାରଣ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରର ସରପଞ୍ଚ ନାୟକଙ୍କ ପ୍ରସ୍ତାବକ୍ରମେ ଦୁଧିଆନାଳୀ ଆଦିବାସୀ ମହାସଂଘ ନାମରେ ଏକ ନୂତନ ସଙ୍ଗଠନ ଗଠିତ ହୋଇଥିଲା। ସେହିପରି ଏହାର ସଭାପତି ଭାବେ ଉଦିତ କୁମାର ନାୟକ, ଉପସଭାପତି ଭାବେ ପୁରନ୍ଦର ଭୋଇ, ସମ୍ପାଦକ ଭାବେ ଏଜରା କୁଜୁର, କୋଷାଧ୍ୟକ୍ଷ ଭାବେ ନୃପଲାଲ ଗଡତିଆ ଓ ମିଡିଆ ପ୍ରଭାରୀ ଭାବେ ନବୀନ ଟେଟେଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ଏଥିସହ ଅନ୍ୟ ୮ଜଣଙ୍କୁ ସକ୍ରୀୟ ସଦସ୍ୟ ଭାବେ ମନୋନୀତ କରାଯାଇଥିଲା। ଏହି ମହାସଂଘ ଆଦିବାସୀମାନଙ୍କ ସାମଗ୍ରୀକ ବିକାଶ ନିମନ୍ତେ କାର୍ଯ୍ୟ କରିବ ବୋଲି ସଭାପତି ନାୟକ ପ୍ରକାଶ କରିଛନ୍ତି।



ଦୁଧିଆନାଳୀ ଆଦିବାସୀ ମହାସଂଘର କର୍ମକର୍ତ୍ତା ବୃନ୍ଦ।

# ଆର୍ଥିକ ସଚେତନତା, ଆର୍ଥିକ ଅନ୍ତର୍ଭୁକ୍ତୀକରଣ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଆର୍ଥିକ ସଚେତନତା ବିଷୟରେ ବୁଝାଯାଉଛି।

**ଝାରସୁଗୁଡ଼ା,୨୭।୨(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ପକ୍ଷରୁ ଆର୍ଥିକ ସଚେତନତା ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣ କାର୍ଯ୍ୟକ୍ରମ ଗଉଡ଼ମାଲ ପଞ୍ଚାୟତ କାର୍ଯ୍ୟାଳୟଠାରେ ସୋମବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସୁମନା ପଣ୍ଡା ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ବିଭିନ୍ନ ସ୍ୱଳ୍ପସଞ୍ଚୟ ଯୋଜନା ଉପରେ ଆଲୋକପାତ କରିଥିଲେ। ଇଣ୍ଡିଆନ ପୋଷ୍ଟାଲ ପେମେଣ୍ଟ, ବ୍ୟାଙ୍କର ଲୋକ ସମ୍ପର୍କ ଅଧିକାରୀ ସୁମ୍ମି ପ୍ରମାଣିକ ଡିଜିଟାଲ କାରବାର ଓ ତଦଜନିତ ସାଇବର ଅପରାଧ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ ଏବଂ ଦୁର୍ଘଟଣା ଜନିତ ମୃତ୍ୟୁ ନିମନ୍ତେ ଥିବା ବୀମା ବିଷୟରେ ସୂଚନା ପ୍ରଦାନ କରିଥିଲେ। ଆର୍ଥିକ ସାକ୍ଷରତା ପରାମର୍ଶଦାତା ମୁକୁନ୍ଦ ମାଝି ଚିଟ୍‌ଫଣ୍ଡ କମ୍ପାନୀରେ ଟଙ୍କା ବିନିଯୋଗ କରିବାର ଅପକାରିତା ଏବଂ ମହିଳାମାନଙ୍କ ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ପାଳିତ ହେଉଥିବା ଆର୍ଥିକ ସାକ୍ଷରତା ସପ୍ତାହ ପାଳନ ସମ୍ପର୍କରେ ବୁଝାଇଥିଲେ। ରାଜପୁର ଶାଖା ଡାକଘରର ପୋଷ୍ଟ ମାଷ୍ଟର ଥକାମନ ପ୍ରଧାନ ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନା, ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ଜୀବନ ବୀମା ଏବଂ ଅଟଳ ପେନସନ ଯୋଜନା ଉପରେ ଆଲୋକପାତ କରିଥିଲେ। ଗଉଡମାଲ ସରପଞ୍ଚ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ସଞ୍ଚୟ ଓ ଆର୍ଥିକ ସେବା ବିଭାଗର କର୍ମଚାରୀ ହେମକାନ୍ତ ବାଗ ଓ ଜଗନ୍ନାଥ ରାଉତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଜିଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ମୃତ ଶିକ୍ଷକଙ୍କ ପରିବାରକୁ ଶିକ୍ଷକ ସଂଘର ସହାୟତା

**କୁଚିଣ୍ଡା,୨୭।୨(ବିରଞ୍ଚି ଦର୍ଶୀ)**

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକର ଫଟାଟାଙ୍ଗର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଦୁର୍ଘଟଣା ଜନିତ ମୃତ୍ୟୁ ଘଟିଥିଲା। କୁଚିଣ୍ଡା ବ୍ଲକ ପ୍ରାଥମିକ ସଂଘ ପକ୍ଷରୁ ଗୁରୁବାର ସ୍ୱର୍ଗତ ଶିକ୍ଷକ ଶଙ୍କର ମୁଣ୍ଡାଙ୍କ ସାଲେଭାଡି ପଞ୍ଚାୟତ ଡୁଲେସରାସ୍ଥିତ ଘରକୁ ଯାଇ ତାଙ୍କ ସ୍ତ୍ରୀଙ୍କୁ ନଗଦ ୩୩ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଛି। ଶିକ୍ଷକ ସଂଘର ପ୍ରତିନିଧିମାନେ ମୃତ ଶିକ୍ଷକଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ୨ମିନିଟ ନୀରବ ପ୍ରାର୍ଥନା କରିଥିଲେ। ବକେୟା ଦରମାସହ ସମସ୍ତ ସରକାରୀ ସହାୟତା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସୂଚନାଯୋଗ୍ୟ ଯେ, ଗତ ୧୮ତାରିଖ ପ୍ରଧାନଶିକ୍ଷକ ମୁଣ୍ଡା ସ୍କୁଲ କାମରେ ଆସି କୁଚିଣ୍ଡାରୁ ଫେରୁଥିବା ସମୟରେ ମନ୍ତ୍ରୀମୁଣ୍ଡାରେ ଦୁର୍ଘଟଣାର ଶିକାର ହୋଇଥିଲେ। ଆର୍ଥିକ ସହାୟତା ପ୍ରଦାନ କାର୍ଯ୍ୟକ୍ରମରେ ଶିକ୍ଷକ ଅନୀଲ ନାୟକ, ଭୋଜରାଜ କିଷାନ, ଅରୁଣ କୁମାର ନାଏକ, କେଦାର ଗୌଡ, ବାଣେଶ୍ୱର ପ୍ରଧାନ, ହୃଦାନନ୍ଦ ପାତ୍ର ପ୍ରମୁଖ ସାମିଲ ହୋଇଥିଲେ।


ମୃତ ଶିକ୍ଷକଙ୍କ ସ୍ତ୍ରୀଙ୍କୁ ଶିକ୍ଷକ ସଂଘ କର୍ମକର୍ତ୍ତା ସହାୟତା ରାଶି ପ୍ରଦାନ କରୁଛନ୍ତି।

# ଜଳିବାହାଲ ସ୍କୁଲର ବାର୍ଷିକ ଉତ୍ସବ ପାଳିତ

**ଝାରସୁଗୁଡ଼ା,୨୭।୨(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ ଅନ୍ତର୍ଗତ ଜଳିବାହାଲ ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଆମ ସଂସ୍କୃତି ଆମ ଖେଳଣା ତଥା ବାର୍ଷିକ ଉତ୍ସବ ଗୁରୁବାର ପୂର୍ବାହ୍ନ ୧୦ଟାରେ ମହାସମାରୋହରେ ପାଳିତ ହୋଇଯାଇଛି। ପୂର୍ବତନ ପ୍ରଧାନ ଶିକ୍ଷକ ଅଶୋକ କୁମାର ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସାହାସପୁର କ୍ଲଷ୍ଟର ସିଆର୍‌ସିସି ପ୍ରଦୀପ କୁମାର ନାଏକ, ମୁଖ୍ୟବକ୍ତା ଭାବେ ମୁଣ୍ଡେରବାହାଲ ପ୍ରଧାନ ଶିକ୍ଷକ ଛତ୍ରଲାଲ କିଷାନ, ସମ୍ମାନିତ ଅତିଥି ଭାବେ ଏସ୍‌ଏମ୍‌ସି ଚେୟାର ପର୍ସନ ପ୍ରତାପ କିଷାନ ଓ ପୁଷ୍ପାଞ୍ଜଳି ପୃଷେଠ ମଞ୍ଚାସୀନ ଥିଲେ। ସର୍ବପ୍ରଥମେ ମଞ୍ଚାସିନ ଅତିଥି ଗଣଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା ଏବଂ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଜଳିବାହାଲ ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ପୃଷେଠ ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା ଏବଂ ଶେଷରେ କୃତୀ ଛାତ୍ରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ମହେଶ୍ୱର ଛତ୍ରିଆ ସଭା ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ।



ବାର୍ଷିକ ଉତ୍ସବରେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

**इंडियन बैंक Indian Bank**
इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର - ୬, ସିଡ଼ିଏ, ପୋ.: ମର୍କତ ନଗର,
କଟକ - ୭୫୩୦୧୪, zocuttack@indianbank.co.in

**ଦଖଲ ନୋଟିସ୍**
ପରିଶିଷ୍ଟ-୪ [ରୁଲ୍-୮(୧)]
ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩ (୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ୍ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି **ଦଖଲ** ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

| ତୁଳସୀପୁର ଶାଖା / ଋଣଗ୍ରହୀତା ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) **ଜୟନ୍ତ କୁମାର ବେହେରା,** ପିତା: କୃଷ୍ଣ ଚନ୍ଦ୍ର ବେହେରା, ୨) **କୃଷ୍ଣ ଚନ୍ଦ୍ର ବେହେରା (ବନ୍ଧକଦାତା),** ପିତା: ଭରତ ବେହେରା / **ଗ୍ୟାରେଣ୍ଟିଦାତା: ଲିଲି ବେହେରା,** ସ୍ୱାମୀ: କୃଷ୍ଣ ଚନ୍ଦ୍ର ବେହେରା, ସମସ୍ତଙ୍କ ଠିକଣା- ସା: ଗୋବିନ୍ଦ ଜିୟୁପାଟଣା, ପୋ: କପାଳେଶ୍ୱର, ଥାନା: ଚୌଦ୍ୱାର, କଟକ-୭୫୪୦୭୧ | ୨୫.୦୨.୨୦୨୫ ସୁଦ୍ଧା ଟ.୪,୭୩,୭୭୧/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୦.୧୨.୨୦୨୪ / ୨୫.୦୨.୨୦୨୫ | **କୃଷ୍ଣ ଚନ୍ଦ୍ର ବେହେରା,** ପିତା: ଭରତ ବେହେରାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମ୍ୟୁଟେସନ୍ ଖାତା ନଂ.: ୮୫୯/୧୪୩୩, ପ୍ଲଟ୍ ନଂ.: ୯୦୬/୩୦୧୪ (କ୍ଷେତ୍ର: ଏକର୦.୦୫୫ ଡିସିମିଲି), ଅନୁରୂପ ଖାତା ନଂ.: ୮୫୯/୮୮ ଏବଂ ପ୍ଲଟ୍ ନଂ.: ୯୦୬/୩୦୧୫ (କ୍ଷେତ୍ର: ଏକର୦.୦୨୦ ଡିସିମିଲି), ଅନୁରୂପ ଖାତା ନଂ.: ୮୫୯/୮୯, ମୌଜା: କପାଳେଶ୍ୱର, ତହସିଲ: ଟାଙ୍ଗିଚୌଦ୍ୱାର, ଏସ୍‌ଆରଓ: ଜଗତପୁର, ଜିଲ୍ଲା: କଟକ, ଓଡିଶା, **ସମୁଦାୟ କ୍ଷେତ୍ର: ଏକର୦.୦୭.୫ ଡିସିମିଲି,** ଟାଇପ୍- ଘରବାରୀ, ବିକ୍ରୟ ଦଲିଲ୍ ଅନୁଯାୟୀ ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: କ୍ରେତା, ପୂର୍ବ: ରାସ୍ତା, ପଶ୍ଚିମ: ସୁଚାରୁ ଚନ୍ଦ୍ର ବିଶୋଇ ଏବଂ ମ୍ୟୁନିସପାଲିଟି ୱାର୍ଡ ନଂ.: ୯ |

ସ୍ଥାନ: କଟକ
ତାରିଖ : ୨୭.୦୨.୨୦୨୫

କ୍ଷମତାପ୍ରାପ୍ତ ଅଧିକାରୀ
ଇଣ୍ଡିଆନ୍ ବ୍ୟାଙ୍କ

## ସଂକ୍ଷେପରେ

### ଦେବଗିରି ମଠରେ ମହାଶିବରାତ୍ରି

ପଲମ୍,୨୭।୨(ଭିକାରି ଗଡ଼ଡ଼): ନର୍ଲା ବ୍ଲକ୍ ବୁଢ଼ୀପଦରସ୍ଥିତ ଦେବଗିରି ମଠରେ ମହାଶିବରାତ୍ରି ମେଳା ଓ ଜାଗରଯାତ୍ରା ପାଳିତ ହୋଇଯାଇଛି। ଶ୍ରଦ୍ଧାଳୁମାନେ ଗୁମ୍ଫା ମଧ୍ୟକୁ ଯାଇ ମହାଦେବ, ମହାମାୟା ଚଣ୍ଡୀ ଓ ପାର୍ଶ୍ୱ ଦେବଦେବୀଙ୍କୁ ଦର୍ଶନକରି ପୂଜାପାଠ କରିଥିଲେ। ଦେବଗିରି ମଠର ମ୍ୟାନେଜିଂ ଟ୍ରଷ୍ଟି ଡ. ସୁନୀଲ କୁମାର ଧଙ୍ଗଡାମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦ୍ୱାରଫିଟା, ଆଳତି, ମଇଲମ, ସୂର୍ଯ୍ୟପୂଜା, ହୋମଯଜ୍ଞ, ଚଣ୍ଡୀପାଠ ଆଦି କରାଯାଇଛି। ଭକ୍ତମାନେ ଦୀପ ଜାଳି ରାତି ଉଜାଗର ରହିଥିଲେ। ସେହିପରି ନର୍ଲା ବ୍ଲକ୍ର ବିଲାଟ, କେରାଣ୍ଡିଖୁଣ୍ଟି, ନର୍ଲାରୋଡ୍, ତୁଲାପଡ଼ା, ନର୍ଲା, ଖମ୍ବପଡ଼ା, ସାନଗୁଣ୍ଡରୀ, ସରିଆଁ ଆଦି ଶୈବପୀଠରେ ମହାଶିବରାତ୍ରି ପାଳିତ ହୋଇଯାଇଛି।

### ଧୂଳିଧୂଆଁରେ ଅତିଷ୍ଠ ପଥଚାରୀ



ଥୁଆମୂଳ ରାମପୁର,୨୭।୨ (ଦୁର୍ଗା କୀର୍ତ୍ତି): ଥୁଆମୂଳ ରାମପୁର ବ୍ଲକ୍ ଅଞ୍ଚଳରେ ରାସ୍ତା ନବୀକରଣ କାର୍ଯ୍ୟ ଚାଲିଥିବାବେଳେ ଠିକାସଂସ୍ଥାର ଭାରିଯାନ ଚଳାଚଳ ଯୋଗୁ ଧୂଳିଧୂଆଁରେ ପଥଚାରୀ ଅତିଷ୍ଠ ହୋଇପଡୁଛନ୍ତି। ସୂଚନାକ୍ରମେ ଥୁଆମୂଳ ରାମପୁରର ଗୁଣପୁରଠାରୁ ଡୁମେରପଦର ଓ ଗୋପୀନାଥପୁର ଏବଂ ମହୁଲପାଟଣାକୁ ସଂଯୋଗ କରୁଥିବା ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଚାଲିଛି। ବାଲି, ଚିପ୍ସ ଆଦି ସାମଗ୍ରୀ ନେବାଆଣିବା ପାଇଁ ଠିକାସଂସ୍ଥା ଦ୍ୱାରା ହାଇୱା, ଟ୍ରକ୍, ଟ୍ରାକ୍ଟର ଆଦି ଯାନ ନିୟୋଜିତ କରାଯାଇଛି। ଏହି ଯାନଗୁଡ଼ିକ ନିୟମିତ ଚଳାଚଳ କରୁଥିବାରୁ ଧୂଳିଧୂଆଁ ଉଡ଼ି ପରିବେଶ ପ୍ରଦୂଷିତ ହୋଇଚାଲିଛି। ଏଥିଯୋଗୁ ସାଧାରଣ ପଥଚାରୀ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ପାର୍ଶ୍ୱରେ ଥିବା ଦୋକାନ ଓ ଘର ଭିତରେ ଖାଦ୍ୟ ସାମଗ୍ରୀରେ ଧୂଳିର ଆସ୍ତରଣ ଜମୁଥିବା ଲୋକେ ଅଭିଯୋଗ କରୁଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ରାସ୍ତାରେ ଜଳ ସିଞ୍ଚନ ପାଇଁ ନିୟମ ଥିଲେ ମଧ୍ୟ ଠିକାସଂସ୍ଥା ଏହାକୁ ଅଣଦେଖା କରିଚାଲିଛି। ଠିକାସଂସ୍ଥା ଏଥିପ୍ରତି ଦୃଷ୍ଟି ନ ଦେଲେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ ପାଇଁ ସଜବାଜ ହେଉଥିବା ସୂଚନା ମିଳିଛି।

### ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ



ଖଡ଼ିଆଳ,୨୭।୨ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ ଅନ୍ତର୍ଗତ ଘରଧରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦେବକୁମାର ବନ୍ଦିଛୋର ଅଧ୍ୟକ୍ଷତା କରିଥିଲେ। ସହ ଶିକ୍ଷା ଅଧିକାରୀ ପରେଶ ପଣ୍ଡା ମୁଖ୍ୟ ଅତିଥି, ଦୟାନିଧି ବାରିକ ମୁଖ୍ୟବକ୍ତା ଓ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ବିଜୟ ସିଂ ମହାରଥା, ଦୟା ସାଗର ମିଶ୍ର, ଉମେଶ କୁମାର କ୍ଷତ୍ରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ଖଡ଼ିଆଳ ବ୍ଲକ୍ ଉପାଧ୍ୟକ୍ଷ ଗୌତମ ତାଣ୍ଡି ମୁଖ୍ୟ ଅତିଥି, ସହଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟଦେବ ପଣ୍ଡା ମୁଖ୍ୟବକ୍ତା ଓ ଶ୍ୟାମ କୁମାର କୁଳଦୀପ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ରାସ୍ତାରୋକୋ କରାଯାଇଛି।

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ଭବାନୀପାଟଣା,୨୭।୨(ଉତ୍ତମ କୁମାର ଦାଶ)

### ଅଜଣା ଗାଡ଼ି ଧକ୍କାରେ ମହିଳାଙ୍କ ମୃତ୍ୟୁ

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ପାଷ୍ଟିକୁଡି-ମାଣିଙ୍ଗ ବାଇପାସ୍ ରାସ୍ତାର ସୁରିଙ୍ଗପଦରଠାରେ ଗୁରୁବାର ଏକ ଅଜଣା ଗାଡି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତା ମହିଳା ସ୍ଥାନୀୟ ଝାରକୁସୁମଖୁଣ୍ଟିର ଲକ୍ଷ୍ମୀ ମାଝୀ(୪୦)। ସକାଳେ ଲକ୍ଷ୍ମୀ ନିଜ ସ୍ୱାମୀଙ୍କ ସହ ଚାଲି ଚାଲି ଯାଉଥିବାବେଳେ ଏକ ଅଜଣା ଚାରିଚକିଆ ଯାନ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଲକ୍ଷ୍ମୀଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇବା ପରେ ସମ୍ପର୍କୀୟମାନେ ପହଞ୍ଚି କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ଏହାଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡିମୋଟର ଅଟକି ରହିଥିଲା। ଖବର ପାଇ ସଦର ଥାନା ପୋଲିସ ଓ ପ୍ରଶାସନ ପକ୍ଷରୁ ଅତିରିକ୍ତ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ସରକାରୀ ସ୍ତରରେ ଥିବା ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ସେମାନେ ପ୍ରତିଶ୍ରୁତି ଦେବା ପରେ ପୂର୍ବାହ୍ନ ସାଢେ ୧୦ଟାରେ ରାସ୍ତାରୋକୋ ହଟିଥିଲା। ଏହାପରେ ଉକ୍ତ ରାସ୍ତାରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

## ସ୍ୱାସ୍ଥ୍ୟ ମିଶନ କର୍ମଚାରୀ ସଂଘର ଆନ୍ଦୋଳନ ନିଷ୍ପତ୍ତି




ବୈଠକରେ ଉପସ୍ଥିତ ସଂଘ କର୍ମକର୍ତ୍ତା ଓ ସ୍ୱାସ୍ଥ୍ୟ ମିଶନ କର୍ମଚାରୀ।

ନୂଆପଡ଼ା,୨୭।୨ (ମକାରୁ ବେମାଲ)

ନୂଆପଡ଼ା ଜିଲା ଜାତୀୟ ସ୍ୱାସ୍ଥ୍ୟ ମିଶନରେ କାର୍ଯ୍ୟରତ କର୍ମଚାରୀ ସଂଘର ଏକ ସାଧାରଣ ବୈଠକ ଜିଲା ସ୍ୱାସ୍ଥ୍ୟ ସମିତି ସଭାଗୃହରେଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ଦିଲିପ କୁମାର ଦୁବେଙ୍କ ଅଧ୍ୟକ୍ଷତାରେ ଜିଲା ସଭାପତି ଦିବ୍ୟ ରଞ୍ଜନ ନାଏକ, ସମ୍ପାଦକ ନରେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ଦୀର୍ଘ ଦିନରୁ ପ୍ରସ୍ତାବିତ ୧୨ଦଫା ଦାବି ଉପରେ ଆଲୋଚନା କରାଯାଇ ପୋଷ୍ଟକାର୍ଡ ମାଧ୍ୟମରେ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବ, ସ୍ୱାସ୍ଥ୍ୟ ନିର୍ଦ୍ଦେଶିକାଙ୍କୁ ପ୍ରେରଣ ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ସରକାରଙ୍କ ସ୍ୱାସ୍ଥ୍ୟ ଭିତ୍ତିକ ଯୋଜନାର ସୁଫଳ କିଭଳି ଜନସାଧାରଣ ପାଇପାରିବେ ସେ ଦିଗରେ କର୍ମଚାରୀମାନେ କାର୍ଯ୍ୟ କରିଆସୁଛନ୍ତି। ଏହାଛଡା ମାତୃ ମୃତ୍ୟୁହାର, ଶିଶୁ ମୃତ୍ୟୁହାର କମାଇବାଠାରୁ ଆରମ୍ଭ କରି ମ୍ୟାଲେରିଆ ଓ କୁଷ୍ଠ ରୋଗ ନିରାକରଣ, ମାନସିକ ରୋଗ ଚିହ୍ନଟ, ଟିକାକରଣ ଭଳି କାର୍ଯ୍ୟକ୍ରମରେ ସାମିଲ ହୋଇ କାର୍ଯ୍ୟ କରିଆସୁଛନ୍ତି। ଏହାସତ୍ତ୍ୱେ ସେମାନଙ୍କୁ ସରକାରୀ ମାନ୍ୟତା ମିଳିପାରି ନାହିଁ। ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀଙ୍କ ଚାକିରୀ ସ୍ଥାୟୀ କରିବା, ସର୍ବନିମ୍ନ ବେତନ ୪୦ ହଜାର, ନିଃଶୁଳ୍କ ସ୍ୱାସ୍ଥ୍ୟ ବୀମା, ଘରଭଡା, ମହଙ୍ଗା ଭତ୍ତା ପ୍ରଦାନ ଆଦି ଉପରେ ବିଶେଷ ଆଲୋଚନା ହୋଇଥିଲା। ଏସବୁ ଦାବି ପୂରଣ ନ ହେଲେ ଆନ୍ଦୋଳନ ହେବ ବୋଲି ସଂଘ ନିଷ୍ପତ୍ତି ନେଇଛି। ବୈଠକରେ ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ସହ ସମ୍ପାଦକ ହେମନ୍ତ ଯୋଶୀ, ସଂଯୋଜକ ସନ୍ତୋଷ ସାହୁଙ୍କ ସମେତ ଜିଲା ଓ ବ୍ଲକର ସଦସ୍ୟାସଦସ୍ୟ ଉପସ୍ଥିତ ଥିଲେ ।

### ୩ମହଲା କୋଠାରୁ ପଡ଼ି ଶ୍ରମିକଙ୍କ ମୃତ୍ୟୁ

ନୂଆପଡ଼ା,୨୭।୨ (ମକାରୁ ବେମାଲ)

ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁବାର ନିର୍ମାଣାଧୀନ ତିନିମହଲା କୋଠାରୁ ପଡି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବଲାଙ୍ଗୀର ଜିଲା ସଇଁତଳା ଥାନା ବେଲଗାଁ ନୂଆପଡାର ବବ୍ଲୁ ସାହୁ (୩୨)। ସୂଚନା ମୁତାବକ ଜିଲା ମୁଖ୍ୟ ଚିକିତ୍ସାଳୟଠାରେ ତିନି ମହଲା ବିଶିଷ୍ଟ କ୍ରିଟିକାଲ କେୟାର ସେଣ୍ଟର ନିର୍ମାଣ ହେଉଛି। ନିର୍ମାଣ କାର୍ଯ୍ୟ ପୋଲିସ ହାଉସିଂ ବୋର୍ଡ ହାତକୁ ନେଇଛି। ସିସିବି ଠିକା ସଂସ୍ଥା ଏହି କାମ କରୁଛି। ଅପରାହ୍ନରେ ବବ୍ଲୁ ତିନି ମହଲା କୋଠା ଉପରେ ବିନା ହେଲ୍ମେଟ ଓ ସେଫ୍ଟି ବେଲ୍ଟରେ କାମ କରୁଥିଲେ । ସେହି ସମୟରେ ହଠାତ୍ ଭାରସାମ୍ୟ ହରାଇ ତଳେ ପଡି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ତାଙ୍କୁ ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି।

### ଜମିରୁ ବୃଦ୍ଧଙ୍କ ମୃତଦେହ ଜବତ

ଭବାନୀପାଟଣା,୨୭।୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ବୋରିଙ୍ଗପଦର ନିକଟ ଏକ ଜମିରୁ ଗୁରୁବାର ଜଣେ ବୃଦ୍ଧଙ୍କ ମୃତଦେହ ଜବତ ହୋଇଛି। ସେ ହେଲେ ସ୍ଥାନୀୟ ଅଧିମୁଣ୍ଡା ଗ୍ରାମର ଯୋଗେଶ୍ୱର ବାଗ (୭୪)। ବୃଦ୍ଧଙ୍କ ମୁହଁରେ ଆଘାତ ଲାଗିଥିବା ଓ ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି। ସୂଚନା ଅନୁଯାୟୀ, ଯୋଗେଶ୍ୱର ଉତ୍କେଲାକୁ ବଜାର କରିବାକୁ ଯାଇଥିଲେ। ହେଲେ ଦୀର୍ଘ ସମୟ ଧରି ଘରକୁ ଫେରି ନ ଥିଲେ। ଅପରାହ୍ନ ୨ଟା ପରେ ଅଧିମୁଣ୍ଡା-ବୋରିଙ୍ଗପଦର ରାସ୍ତା ମଧ୍ୟରେ ଯୋଗେଶ୍ୱରଙ୍କ ବାଇକ୍ ପଡିଥିବା ଦେଖି ସ୍ଥାନୀୟ ଲୋକେ ତାଙ୍କ ପରିବାରକୁ ଖବର ଦେଇଥିଲେ। ଯୋଗେଶ୍ୱରଙ୍କ ପୁଅ ହେମନ୍ତ ପହଞ୍ଚି ଖୋଜାଖୋଜି କରିବା ପରେ ଅନତି ଦୂର ଚାଷଜମିରୁ ରକ୍ତାକ୍ତ ମୃତଦେହ ଠାବ କରିଥିଲେ। ଏ ନେଇ ହେମନ୍ତ ଭବାନୀପାଟଣା ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଆମପାଣି କ୍ଲଷ୍ଟରସ୍ତରୀୟ ନିପୁଣ ମେଳା

କୋକସରା,୨୭।୨ (ଦୁଷ୍ମନ୍ତ କୁମାର ପାଟଯୋଷୀ)



ନିପୁଣ ମେଳାରେ ଯୋଗ ଦେଇଥିବା ଅତିଥି।

କଳାହାଣ୍ଡି ଜିଲା କୋକସରା ଗୋଷ୍ଠୀ ଶିକ୍ଷା ବିଭାଗ ଅଧୀନରେ ଥିବା ଆମପାଣି କ୍ଲଷ୍ଟର୍ କର୍ଲାକୋଟିଆ ପଡ଼ା ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ନିପୁଣ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନଶିକ୍ଷକ ପରମେଶ୍ୱର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଆମପାଣି ସିଆର୍ସିସି କେଦାର ନାଥ ନାୟକ ମୁଖ୍ୟଅତିଥି, କନ୍ଦାଗଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ପୁରୋହିତ ମୁଖ୍ୟ ବକ୍ତା ଓ ବିରିମୁହାଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଈଶ୍ୱରୀ ପ୍ରସାଦ ଅଗସ୍ତି ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଆମପାଣି କ୍ଲଷ୍ଟର୍ ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ, ସହକାରୀ ଶିକ୍ଷକ, ଅଭିଭାବକ ତଥା ପ୍ରଥମରୁ ତୃତୀୟ ଶ୍ରେଣୀର ସମସ୍ତ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ନିଜ ଏଫ୍ଏଲ୍ଏନ୍ ପ୍ରଦର୍ଶନ ପୂର୍ବକ ଏହାର ବ୍ୟବହାର ସମ୍ପର୍କରେ ଧାରଣା ପ୍ରଦାନ କରିଥିଲେ। ଏଥିରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଗୁଣକୁ ନିପୁଣ ମେଳା ମାଧ୍ୟମରେ ପ୍ରକାଶ କରାଯାଇପାରୁଥିବାରୁ ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗକୁ ଅତିଥିମାନେ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ଦୁର୍ଦ୍ଦିନରେ ୧୧ ଭୂମିହୀନ ପରିବାର

ଖଡ଼ିଆଳ,୨୭।୨ (ସୁଜିତ କୁମାର ପ୍ରଧାନ)

### ଜାଗା ମିଶନରେ ପ୍ରଶାସନ ଥଇଥାନ କରିଛି

ନୂଆପଡ଼ା ଜିଲା ଖଡ଼ିଆଳ ଏନ୍ଏସି ପକ୍ଷରୁ ସହରର ୧୧ ଭୂମିହୀନ ପରିବାରଙ୍କୁ ୨୦୨୩ରେ ଜାଗା ମିଶନରେ ସାମିଲ କରି ପ୍ରଶାସନ ଥଇଥାନ କରିଛି। ହେଲେ ଦୁଇବର୍ଷ ହେଲା ସମ୍ପୃକ୍ତ ହିତାଧିକାରୀମାନଙ୍କ ଘର ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ଫଳରେ ସେମାନେ ଦୁର୍ଦ୍ଦିନରେ କାଳ କାଟୁଛନ୍ତି। ଜାଗା ମିଶନ ଯୋଜନା କାର୍ଯ୍ୟ କେବଳ ହିତାଧିକାରୀ କରିବା ନିୟମ ଥିବାବେଳେ ଏନ୍ଏସିର ଖାମଖିଆଲି ନୀତି ଯୋଗୁ ଠିକାଦାର ମନ୍ଥର ଗତିରେ କାମ କରୁଛନ୍ତି। ଫଳରେ ଆବାସ କାମ ସରୁ ନ ଥିବା ଅଭିଯୋଗ କରିଛନ୍ତି ହିତାଧିକାରୀ। ଅନ୍ୟପକ୍ଷେ ଘରକାର୍ଯ୍ୟ ସରି ନ ଥିବାରୁ ଲୋକେ ପଲିଥିନ ତଳେ ଅତି ଦୟନୀୟ ଭାବେ ରହୁଥିବା ନଜରକୁ ଆସିଛି। ପୁଣି ନିର୍ମାଣ କାମ ନିମ୍ନମାନର ଯୋଗୁ ଘର ଗୁଡିକର କିଛି ସ୍ଥାନରେ ଫାଟ ସୃଷ୍ଟି ହୋଇଥିବା ଅଭିଯୋଗ ହେଉଛି। ଏ ନେଇ ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାସଙ୍କୁ ପଚାରିବାରୁ ପ୍ରକୃତରେ ଜାଗା ମିଶନ ଯୋଜନାର କାର୍ଯ୍ୟ ଠିକାଦାର କରିବା କଥା ନୁହେଁ, ନିଜେ ହିତାଧିକାରୀ କରିବା କଥା। କିପରି ସେମାନଙ୍କ ଗୃହ କାର୍ଯ୍ୟ ତୁରନ୍ତ ଶେଷ ହେବ ବିଭାଗୀୟ ଅଧିକାରୀଙ୍କୁ କହୁଛି ବୋଲି ପ୍ରକାଶ କରିଥିଲେ। ଖଡ଼ିଆଳ ନଗରପାଳ ଉଜ୍ଜ୍ୱଳ ଗୁପ୍ତାଙ୍କୁ ପଚାରିବାରୁ ବହୁତ କମ ଦିନ ଭିତରେ ଏହି ସମସ୍ୟା ସମାଧାନ ହେବ ବୋଲି ପ୍ରକାଶ କରିଥିଲେ।

## ଚିତ୍ରଗୁପ୍ତ ମହାପ୍ରଭୁଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା



କଳାହାଣ୍ଡି ଏମ୍ପି ମାଳବିକା ଦେବୀ ଫିତାକାଟି ଶୁଭାରମ୍ଭ କରୁଛନ୍ତି।

ଭବାନୀପାଟଣା,୨୭।୨(ଉତ୍ତମ କୁମାର ଦାଶ)

ଭବାନୀପାଟଣା ସହରସ୍ଥିତ କଳାହାଣ୍ଡି କରଣ ସମାଜ କଲ୍ୟାଣ ମଣ୍ଡପଠାରେ ଗୁରବାର ଶ୍ରୀ ଚିତ୍ରଗୁପ୍ତ ମହାପ୍ରଭୁଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଲୋକ ସଭା ସାଂସଦ ମାଳବିକା ଦେବୀ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସାଂସଦ ଅର୍କକେଶରୀ ଦେଓ, ପୂର୍ବତନ ବିଧାୟକ ଅନାମ ନାଏକ, କଳାହାଣ୍ଡି କରଣ ସମାଜର ସଭାପତି ରାମ ଶଙ୍କର ଦାସ, ସମ୍ପାଦକ ପ୍ରଦୀପ କୁମାର ପଟ୍ଟନାୟକ, ମୁଖ୍ୟ ଉପଦେଷ୍ଟା କାଳୀ ପ୍ରସାଦ ପଟ୍ଟନାୟକ, ମହିଳା ସଭାନେତ୍ରୀ ସବିତା ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଉପଦେଷ୍ଟା ପ୍ରମୋଦ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ଅତିଥିମାନେ ଅଭିଭାଷଣ ରଖିଲା ପରେ ସମାଜର ମୁଖପତ୍ର 'ଚିତ୍ରାଂଶ'କୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ଅପରାହ୍ନରେ ଜିଲାର ବିଭିନ୍ନ ବ୍ଲକରୁ ଶତାଧିକ କର୍ମକର୍ତ୍ତା କଳସ ଯାତ୍ରାରେ ସାମିଲ ହୋଇ ନଗର ପରିକ୍ରମା କରିଥିଲେ। ପରେ ସମାଜ ଭବନଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ସନ୍ଧ୍ୟା ପରିବେଷଣ ହୋଇଥିଲା। ରାତି ୮ଟାରେ ଅଙ୍କୁରା ରୋପଣ ହୋଇଥିଲା। ମାର୍ଚ୍ଚ ୨ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଚାଲୁରହିବ ବୋଲି କଳାହାଣ୍ଡି କରଣ ସମାଜ ପକ୍ଷରୁ ସୂଚନା ମିଳିଛି।

## ୟୁଏଆଇଏଲ୍ ପକ୍ଷରୁ ସ୍ମାର୍ଟ କ୍ଲାସ୍ରୁମ୍ ଉଦ୍ଘାଟିତ



ଡିଜିଟାଲ କ୍ଲାସ ରୁମ ଉଦ୍ଘାଟନ କରାଯାଉଛି।

ଭବାନୀପାଟଣା/ଥୁଆମୂଳ ରାମପୁର,୨୭।୨
(ଉତ୍ତମ କୁମାର ଦାଶ/ଦୁର୍ଗା କୀର୍ତ୍ତି)

ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ ଏଲ୍ଟିଡି (ୟୁଏଆଇଏଲ୍) ଓ ଆଦିତ୍ୟ ବିର୍ଲାର ସହଯୋଗୀ କମ୍ପାନୀ ହିଣ୍ଡାଲ୍କୋ ଇଣ୍ଡଷ୍ଟ୍ରିଜ ପକ୍ଷରୁ କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଅଡରି ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଶିଶୁମାନଙ୍କ ବିକାଶ ସାଧନ ନିମନ୍ତେ ଓଡିଆ ପାଠ୍ୟକ୍ରମ ଆଧାରିତ ଡିଜିଟାଲ କ୍ଲାସରୁମ୍ ଉଦ୍ଘାଟିତ ହୋଇଛି। ଥୁଆମୂଳ ରାମପୁର ତହସିଲଦାର ନିରୋଜ ବାତ୍ରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍ଘାଟନ କରିଥିଲେ। ଏହା ଦ୍ୱାରା ବିଦ୍ୟାର୍ଥୀମାନେ କମ୍ପ୍ୟୁଟର ମାଧ୍ୟମରେ ଶିକ୍ଷା ଗ୍ରହଣ କରିବା ସହ କଷ୍ଟସାଧ୍ୟ ବିଷୟବସ୍ତୁକୁ ସହଜରେ ବୁଝିପାରିବେ। ଉକ୍ତ ବିଦ୍ୟାଳୟରେ ଗଣିତ ପ୍ରୟୋଗଶାଳା ମଧ୍ୟ ସ୍ଥାପନ ହୋଇଛି। ଯଦ୍ଦ୍ୱାରା ଛାତ୍ରୀଛାତ୍ର ଗଣିତ ସଂକ୍ରାନ୍ତୀୟ ବିଷୟବସ୍ତୁ ଛବି ମାଧ୍ୟମରେ ଦେଖି ଶୁଣିପାରିବେ।

### ୪ ଅଙ୍ଗନୱାଡି କେନ୍ଦ୍ର ସ୍ଥାପନ

ସେହିପରି ୟୁଏଆଇଏଲ୍ ଶୈଶବ ଅବସ୍ଥାରେ ଶିଶୁର ବିକାଶକୁ ପ୍ରାଧାନ୍ୟ ଦେଇ ସୂର୍ଯ୍ୟଗଡ, କେନ୍ଦୁମୁଣ୍ଡି, ମାଲିଗାଁ ଓ ଅଡରୀ ଗାଁରେ ୪ଟି ଅଙ୍ଗନୱାଡି କେନ୍ଦ୍ର ସ୍ଥାପନ କରିଛି। ଖଣି ସିଏସ୍ଆର୍ ମୁଖ୍ୟ ନିହାରିକା ସାହୁଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

କଲମପୁର, ୨୭।୨(ଗଣେଶରାମ ବାଗ)




ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

କଳାହାଣ୍ଡି ଜିଲା କଲମପୁର ଗୋଷ୍ଠୀ ଶିକ୍ଷା ବିଭାଗ ଅଧୀନରେ ଥିବା ଖଣ୍ଡିଡଙ୍ଗରିଗୁଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଗୁରୁବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ସୁନାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସଭାପତି ତ୍ରିଲୋଚନ ମାଝୀ ମୁଖ୍ୟ ଅତିଥି, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଶ୍ରୀରାମ ପଣ୍ଡା ମୁଖ୍ୟ ବକ୍ତା ଓ ଶିକ୍ଷକ ପ୍ରଶାନ୍ତ କୁମାର ବେହେରା, ୱାର୍ଡସଭ୍ୟ କ୍ଷୀରସିନ୍ଧୁ ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁନାନୀ ବିଦ୍ୟାଳୟର ବାର୍ଷିକ ବିବରଣୀ ପଠନ ଓ ଶିକ୍ଷକ ଦୁର୍ଗା ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଅତିଥିମାନଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ହାଇଦ୍ରାବାଦରେ ଦାଦନ ଶ୍ରମିକଙ୍କୁ ନିର୍ଯାତନା

### ଫେରାଇ ଆଣିବାକୁ ନିବେଦନ

ନୂଆପଡ଼ା,୨୭।୨ (ମକାରୁ ବେମାଲ)



ନିର୍ଯାତନାର ଶିକାର ନକୁଳ।

ନୂଆପଡ଼ା ଜିଲା କୋମନା ଥାନା ଅଞ୍ଚଳର କେତେଜଣ ଶ୍ରମିକ ଦାଦନ ଖଟିବାକୁ ହାଇଦ୍ରାବାଦ ଯାଇଥିବାବେଳେ ସେଠାରେ ନିର୍ଯାତନାର ଶିକାର ହେଉଛନ୍ତି। ତୁରନ୍ତ ସେମାନଙ୍କୁ ଫେରାଇ ଆଣିବା ପାଇଁ ଜିଲା ଶ୍ରମିକ ମହାସଂଘ ସହ ଆବାହକ ଭକ୍ତବନ୍ଧୁ ଧରୁଆଙ୍କ ନେତୃତ୍ୱରେ ନିର୍ଯାତିତ ଶ୍ରମିକଙ୍କ ମା' ତୁଳସେ ମାଝି ଗୁରୁବାର ଜିଲା ଶ୍ରମ ଅଧିକାରୀଙ୍କୁ ନିବେଦନ କରିଛନ୍ତି। ସୂଚନା ମୁତାବକ କୋମନା ଥାନା ଝଗ୍ରାହୀ ପଞ୍ଚାୟତ ପଦାପାଟ ଗାଁର ତୁଳସେଙ୍କ ପୁଅ ନକୁଳ ମାଝି (୩୦) ଓ ସ୍ତ୍ରୀ ଚମ୍ପି ମାଝି (୨୫), କୋମନା ପଞ୍ଚାୟତ ସିଙ୍ଗାରି ଗାଁର ଦେବାର୍ଜନ ମାଝି (୩୦), ତାଙ୍କ ସ୍ତ୍ରୀ ପୂର୍ଣ୍ଣମୀ ମାଝି(୨୬) ଓ ନବ ଛତ୍ରିଆ (୩୨) ଏକାଠି ହୋଇ ୨୦୨୪ ସେପ୍ଟେମ୍ବର ୧୮ରେ ଦଲାଲ ମାଧ୍ୟମରେ ହାଇଦ୍ରାବାଦର ନକସାପୁର କୋଟାପେଟୁକୁ ଇଟା ତିଆରି ଧିପାଇଁ ଯାଇଥିଲେ। ସେଠାରେ ୩ ମାସ ଅନ୍ୟ କାମ କରି ଡିସେମ୍ବର ୧ରେ ଇଟା ତିଆରି କାମରେ ନିୟୋଜିତ ଥିଲେ। ଏହି ୫ ଜଣ ସାଙ୍ଗହୋଇ ଠିକ ଭାବରେ କାମ କରି ବର୍ତ୍ତମାନ ସୁଦ୍ଧା ୩ ଲକ୍ଷ ଇଟା ତିଆରି ସାରିଲେଣି । ହେଲେ ମାଲିକ ଅଦବକ ଇଟା ତିଆରି ହେବା କଥା, ତମେ ବହୁତ ଧିରେ କାମ କରୁଛ କହି ନିର୍ଯାତନା ଦେଇଆସୁଛନ୍ତି। ଏପରି କି ଗତ ଶୁକ୍ରବାର ନବ ଛତ୍ରିଆ ଓ ନକୁଳ ମାଝିଙ୍କୁ ଠେଙ୍ଗାରେ ନିସ୍ତୁକ ମାଡ଼ ମରାଯାଇଛି। ଏଥିରେ ନକୁଳଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି। ଶ୍ରମିକମାନେ ନିର୍ଯାତନା ସହ୍ୟ କରି ନ ପାରି ପରିବାର ଲୋକଙ୍କୁ ଉଦ୍ଧାରପାଇଁ ଫୋନଯୋଗେ ଜଣାଇଛନ୍ତି।

# କୃଷକଙ୍କ ସ୍ୱାର୍ଥ ବିରୋଧୀ ଆଇନକୁ ବରଦାସ୍ତ କରାଯିବନି

**ସଂଯୁକ୍ତ କୃଷକ ସଂଗଠନର ରଣହୁଙ୍କାର**

- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ
- ପ୍ରସ୍ତାବିତ କୃଷି ବିପଣନ ନୀତି ପ୍ରତ୍ୟାହାର ଦାବି
- ଦାବି ପୂରଣ ନ ହେଲେ ଦେଶବ୍ୟାପୀ ଆନ୍ଦୋଳନ

**ବରଗଡ଼,୨୭।୨(ପ୍ରେମାନନ୍ଦ ଖମାରୀ)**

କରୋନା ମହାମାରୀ ସମୟରେ କେନ୍ଦ୍ର ସରକାର ଆଣିଥିବା ତତ୍କାଳୀନ ୩ନୂଆ କୃଷି ଆଇନକୁ ନେଇ ଯେଭଳି ଅସନ୍ତୋଷ ତେଜିଉଠିଥିଲା, ଅନୁରୂପଭାବେ ଏବେ ପ୍ରସ୍ତାବିତ କୃଷି ବିପଣନ ଏବଂ ରାଷ୍ଟ୍ରୀୟ ନୀତି ଢାଞ୍ଚା-୨୦୨୪କୁ ନେଇ କୃଷକ ସଙ୍ଗଠନଗୁଡ଼ିକ ତାତି ଉଠିଲେଣି। ଏହା କୃଷକଙ୍କ ସ୍ୱାର୍ଥବିରୋଧୀ ନୀତି ଏବଂ ଏହାକୁ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ବରଗଡ଼ ଜିଲା ସଂଯୁକ୍ତ କୃଷକ ସଙ୍ଗଠନ ଦାବି କରିଛି। ଏହି ଦାବି ନେଇ ଗୁରୁବାର ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବରଗଡ଼ ଡେପୁଟି କଲେକ୍ଟର ଉତ୍ତମ କୁମାର ବାଘଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ଦାବିପତ୍ରରେ ଉଲ୍ଲେଖ ରହିଛି, ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ। ଏଠାରେ ୭୦ରୁ ୮୦ପ୍ରତିଶତ ଲୋକ କୃଷି ଉପରେ ନିର୍ଭରଶୀଳ। ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ କାରଣରୁ କୃଷକମାନଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଯାଉଥିବାବେଳେ ନୈରାଶ୍ୟଜନକ ସରକାରୀ ସାହାଯ୍ୟ, ଜଳସେଚନ ଅଭାବ, ସରକାରୀ ସବସିଡ଼ି ବାଟମାରଣା, ଆଦର୍ଶ ବଜାର ବ୍ୟବସ୍ଥା ଓ ଶୀତଳ ଭଣ୍ଡାର ଅଭାବ ରହିଥିବାବେଳେ ସୁବିଧାରେ ଋଣ ମଧ୍ୟ ମିଳିପାରୁ ନାହିଁ। ଏସବୁ କାରଣରୁ କୃଷିକ୍ଷେତ୍ର ଛାଡ଼ି ଲୋକେ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି। ଆଜି ମଧ୍ୟ ରାଜ୍ୟର କୃଷକମାନଙ୍କ ମାସିକ ଆୟ ଜାତୀୟ ସ୍ତରରୁ ବହୁତ କମ୍ ରହିଛି। ସେ ଦିଗରେ ପ୍ରୟାସ କରାଯିବା ଦରକାର।

୨୦୨୪ ଡିସେମ୍ବର ୨୮ତାରିଖ ସଂଘୀୟ ଢାଞ୍ଚାକୁ ଉଲ୍ଲଂଘନ କରି କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ କୃଷି ବିପଣନ ଏବଂ ରାଷ୍ଟ୍ରୀୟ କୃଷି ଢାଞ୍ଚାକୁ କାର୍ଯ୍ୟକାରୀ କରିବା ପାଇଁ ସମସ୍ତ ରାଜ୍ୟକୁ ଏକ ମାର୍ଗଦର୍ଶିକା ଦେଇଛନ୍ତି। ସମ୍ବିଧାନର ଅନୁଚ୍ଛେଦ-୨୪୬ ସପ୍ତମ ଅନୁସୂଚୀରେ ଉଲ୍ଲେଖ ରହିଛି, କୃଷିକ୍ଷେତ୍ର ରାଜ୍ୟ ଅଧୀନରେ ଥିବା ଯୋଗୁ କୌଣସି ଆଇନ କଲେ ରାଜ୍ୟର ସହମତି ଆବଶ୍ୟକ। ସେଥିଯୋଗୁ ବିପଣନ ପାଇଁ ରାଷ୍ଟ୍ରୀୟ ଆଇନ କଲେ ରାଜ୍ୟଗୁଡ଼ିକର ଅନୁମତି କିମ୍ବା ସମତୁଲ୍ୟ ସମର୍ଥନ ଦରକାର ପଡ଼େ। ସେଥିପାଇଁ କେନ୍ଦ୍ର ଏହି ପ୍ରସ୍ତାବ ରଖିଛି। ଏହାକୁ ସର୍ବଭାରତୀୟ ସ୍ତରରେ ସମସ୍ତ କୃଷକ ସଂଗଠନ ବିରୋଧ କରୁଛନ୍ତି। ବରଗଡ଼ ସଂଯୁକ୍ତ କୃଷକ ସଂଗଠନ ମଧ୍ୟ ଏହାକୁ ଦୃଢ଼ ବିରୋଧ କରିବା ସହିତ ଏହି ଆଇନ କାର୍ଯ୍ୟକାରୀ ନ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିବେଦନ କରିଛି। ପ୍ରକାଶଥାଉକି,


ସଂଯୁକ୍ତ କୃଷକ ସଂଗଠନ ପ୍ରତିନିଧି ଦଳଙ୍କଠାରୁ ଡେପୁଟି କଲେକ୍ଟର ଦାବିପତ୍ର ଗ୍ରହଣ କରୁଛନ୍ତି।

ସଂଯୁକ୍ତ କିଷାନ ମୋର୍ଚ୍ଚାର ଦୀର୍ଘ ୧୩ମାସ ଆନ୍ଦୋଳନ ଏବଂ ୭୦୦ କୃଷକଙ୍କ ବଳିଦାନ ପରେ କରୋନା ସମୟରେ କେନ୍ଦ୍ର ସରକାର ଆଣିଥିବା ୩ ନୂଆ ଆଇନକୁ ପ୍ରତ୍ୟାହାର କରାଯାଇଥିଲା। କିନ୍ତୁ ପୁଣିଥରେ କୃଷିକ୍ଷେତ୍ରକୁ ରିଫର୍ମ ନାମରେ କମ୍ପାନୀକରଣ କରିବା ଉଦ୍ୟମ କେତେଦୂର ଯୁକ୍ତିଯୁକ୍ତ ବୋଲି ସଂଯୁକ୍ତ କୃଷକ ସଂଗଠନ ପ୍ରଶ୍ନ କରିଛି।

ଅନ୍ୟପଟେ ଦାବିପତ୍ରରେ ଆହୁରି ଉଲ୍ଲେଖ ରହିଛି, ୨୦୧୬-୧୭ରୁ କୃଷି ଉତ୍ପାଦନରେ ରେକର୍ଡସ୍ତର ବୃଦ୍ଧି ହେବା ଦେଶ ପାଇଁ ଗର୍ବ, ଗୌରବର କଥା। ତେଣୁ ଏପିଏମ୍‌ସିକୁ ଠିକ୍‌ଭାବେ କାର୍ଯ୍ୟକାରୀ କରାଯାଉ। ଦେଶରେ ରହିଥିବା ୭୦୫୭ ମଣ୍ଡି ମଧ୍ୟରୁ ୧୧୦୦ ମଣ୍ଡି ବନ୍ଦ ପଡ଼ିଛି। ତାକୁ କାର୍ଯ୍ୟକ୍ଷମ କରି ସରକାର ନିଜେ ମଣ୍ଡି ପରିଚାଳନା କରିବାକୁ ଦାବି ହୋଇଛି। ଚଳିତବର୍ଷ ରାଜ୍ୟରେ ଧାନବିକ୍ରିରେ କୁଇଣ୍ଟାଲ ପ୍ରତି ୮୦୦ଟଙ୍କା ଅଧିକ ଇନପୁଟ୍ ଆସିଷ୍ଟାଣ୍ଟ ପାଇ ୧୪ଲକ୍ଷ କୃଷକଙ୍କୁ ୬୪ଲକ୍ଷ ମେଟ୍ରିକ ଟନ୍ ଧାନବିକ୍ରି ଉପରେ ୫୨୦୦କୋଟି ଟଙ୍କା ଅଧିକ ମିଳିସାରିଛି। ଏଥିରୁ ବରଗଡ଼ ଜିଲାର ୧ଲକ୍ଷ ୫୦ହଜାର କୃଷକ ୭୭ଲକ୍ଷ ୫୫କୁଇଣ୍ଟାଲ ଧାନବିକି ୬୨୦କୋଟି ଅଧିକ ଟଙ୍କା ପାଇ ସାରିଛନ୍ତି। ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହି ଦୃଷ୍ଟିରୁ ରାଜ୍ୟର କୃଷକଙ୍କ ହିତ ପାଇଁ ଓଡ଼ିଶା ସରକାର ପ୍ରସ୍ତାବିତ କୃଷି ବିପଣନ ଏବଂ ରାଷ୍ଟ୍ରୀୟ ନୀତି ଢାଞ୍ଚା-୨୦୨୪କୁ ପ୍ରତ୍ୟାଖ୍ୟାନ କରିବେ ବୋଲି ସଂଯୁକ୍ତ କୃଷକ ସଂଗଠନ ଆଶା ରଖିଛି। ତାହା କରା ନ ଯାଇ କୃଷକଙ୍କ ବିରୋଧରେ ନିଷ୍ପତ୍ତି ନିଆଗଲେ ଦେଶବ୍ୟାପୀ ଆନ୍ଦୋଳନ ହେବ ଏବଂ ଆସନ୍ତା ମାର୍ଚ୍ଚ ୧୭ତାରିଖ ବରଗଡ଼ରେ ହେବାକୁ ଥିବା ରାଜ୍ୟସ୍ତରୀୟ କିଷାନ ମହାପଞ୍ଚାୟତରେ ଏହାକୁ ପ୍ରସଙ୍ଗ କରାଯିବ ବୋଲି ସଂଯୁକ୍ତ କୃଷକ ସଂଗଠନର ଉପଦେଷ୍ଟା ରମେଶ ମହାପାତ୍ର କହିଛନ୍ତି। ସ୍ମାରକପତ୍ର ପ୍ରଦାନ ସମୟରେ ସଂଯୁକ୍ତ କୃଷକ ସଙ୍ଗଠନର ଉପଦେଷ୍ଟା ମହାପାତ୍ରଙ୍କ ସମେତ ବବ୍ରୁବାହନ ସାହୁ, ସୁରେଶ ନେକାଣ୍ଟି, ସ୍ୱାଭିମାନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ମୃତ ଛାତ୍ରୀଙ୍କ ପରିବାରଙ୍କୁ ଭେଟିଲେ ଭାଜପା କାର୍ଯ୍ୟକର୍ତ୍ତା

**ହତ୍ୟା ଅଭିଯୋଗ କଲେ କୋକନରାବାସୀ**

**ପାଇକମାଳ ୨୭।୨(ବଡ ଶତପଥି)**

ପାଇକମାଳ ଥାନା ପୋଲିସ ଗତ ରବିବାର ଏକ ଶାଗୁଆନ ଗଛରୁ କଲେଜ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ କରିଥିଲା। ଏହି ଘଟଣାରେ ଗୁରୁବାର ବରଗଡ ଏମ୍‌ପି ପ୍ରଦୀପ ପୁରୋହିତଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ଭାଜପାର ବରିଷ୍ଠ କାର୍ଯ୍ୟକର୍ତ୍ତା ଛାତ୍ରୀ (୧୭)ଙ୍କ ପରିବାରଙ୍କୁ ସାନ୍ତ୍ୱନା ମୂଳକ ସାକ୍ଷାତ କରିଛନ୍ତି।

ଗତ ୨୨ ତାରିଖରେ ପାଇକମାଳ ଥାନା କୋକନରା କଲେଜ ଛାତ୍ରୀ ଜଣକ ଘରୁ କେଉଁଆଡ଼େ ଚାଲିଯାଇଥିଲେ। ୨୩ତାରିଖରେ ଛାତ୍ରୀଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଜବତ କରାଯାଇଥିଲା। ଏହା ହତ୍ୟା ନା ଆତ୍ମହତ୍ୟା ତାହା ଜଣାପଡ଼ି ନଥିବା ବେଳେ ପାଇକମାଳ ଭାଜପା ପ୍ରତିନିଧି ଦଳ ଗୋବର୍ଦ୍ଧନ ଅଗ୍ରୱାଲ, ସରୋଜ କୁମାର ସାମଲ, ସୁଶାନ୍ତ ନାଗ, କୈଳାସ ଦିଶ୍ରୀ, ଆଶୁତୋଷ ସାହୁ, ରୋସନ ପାଣିଗ୍ରାହୀ, ରାହାସ ବିହାର ସାହୁ, ଧନସିଂ ତାଣ୍ଡି, ଦିବ୍ୟ ହଂସ, ଅକ୍ଷୟ କୁମାର ସାହୁ, ମହେନ୍ଦ୍ର ନାଏକ, ଯୋଗେନ୍ଦ୍ର ଭୋଇ ପ୍ରମୁଖ ମୃତକ ପରିବାର ବର୍ଗଙ୍କୁ ଭେଟି ଅଭିଯୁକ୍ତଙ୍କ ବିରୋଧରେ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିବା ସହିତ ସରକାରଙ୍କ ତରଫରୁ ସାହାଯ୍ୟ କରିବା ପାଇଁ ପ୍ରଶାସନ ପାଖରେ ଉପସ୍ଥାପନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ଅନ୍ୟପଟେ ଗୁରୁବାର କୋକନରାବାସୀଙ୍କ ସହ ଆଦିବାସୀ ସମ୍ପ୍ରଦାୟର ଲୋକେ ପାଇକମାଳ ଥାନାକୁ ଆସି ଆଦିବାସୀ ନାବାଳିକା ଛାତ୍ରୀଙ୍କୁ ବଳାତ୍କାର ପରେ ହତ୍ୟା କରି ଗଛରେ ଝୁଲାଇ ଦିଆଯାଇଥିବା ନେଇ ଅଭିଯୋଗ କରିବା ସହ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରିବାକୁ ଦାବି କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଶୀଘ୍ର ଗିରଫ କରାନଗଲେ ଥାନା ଘେରାଉ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ପ୍ରକୃତ ଘଟଣା ସାମ୍ନାକୁ ଆସିବ ବୋଲି ପାଇକମାଳା ଥାନାଧିକାରୀ କୈଳାଶଚନ୍ଦ୍ର ପ୍ରଧାନ କହିଛନ୍ତି।

## ସଂକ୍ଷେପରେ

### ସାହିତ୍ୟ ବନ୍ଧୁ ବୃନ୍ଦାବନ ବିହାରୀ ଦାଶଙ୍କ ଶ୍ରାଦ୍ଧ ଦିବସ

**ବରପାଲି,୨୭।୨(ଚିତ୍ତରଞ୍ଜନ ସାହୁ):** ବରପାଲି ସ୍ଥିତ ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟରେ ସାହିତ୍ୟ ବନ୍ଧୁ ବୃନ୍ଦାବନ ବିହାରୀ ଦାଶ ସ୍ମୃତି କମିଟି ତରଫରୁ କାଳଜୟୀ ପ୍ରତିଭା ସାହିତ୍ୟ ବନ୍ଧୁ ବୃନ୍ଦାବନ ବିହାରୀ ଦାଶଙ୍କ ପଞ୍ଚମ ବାର୍ଷିକୀ ଶ୍ରାଦ୍ଧ ଦିବସ ଅନୁଷ୍ଠିତ ହୋଇଯାଇଛି। ଉପସଭାପତି ରସାନନ୍ଦ ଥପା ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଯତୀନ୍ଦ୍ର କୁମାର ସାହୁଙ୍କ ସଂଯୋଜନା ସଭାରେ ମହାବିଦ୍ୟାଳୟର ଅଧକ୍ଷା ପଦ୍ମିନୀ ଦାଶ ଯୋଗ ଦେବା ସହ ମହାବିଦ୍ୟାଳୟର ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡାଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଛାତ୍ରୀମାନେ ଉପସ୍ଥିତ ରହି ବୃନ୍ଦାବନ ବିହାରୀ ଦାଶଙ୍କ ଚରଣାରବିନ୍ଦରେ ପୁଷ୍ପାର୍ଘ୍ୟ ଅର୍ପଣ ପୂର୍ବକ ସ୍ମୃତି ଚାରଣ କରିଥିଲେ। ଉପସଭାପତି ରସାନନ୍ଦ ଥପା ସାହିତ୍ୟ ସାଧକ ତଥା ବିଶିଷ୍ଟ ସମାଜସେବୀ ବୃନ୍ଦାବନଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ।

### ନିମ୍ନମାନର ଦୋକାନ ଗୃହ ନିର୍ମାଣ



**ପଦ୍ମପୁର,୨୭।୨(ପ୍ରଦୀପ୍ତ ଦାଶ):** ପଦ୍ମପୁର ଦୈନିକ ବଜାର ପରିସରରେ ହେଉଥିବା ଦୋକାନ ଗୃହ ନିର୍ମାଣରେ ଅତି ନିମ୍ନମାନର କାମ ହେଉଥିବା ଅଭିଯୋଗ ହେଉଛି। ପଦ୍ମପୁର ଏନ୍‌ଏସି ଅଧୀନରେ ହେଉଥିବା ଏହି କାମରେ ଠିକ୍ ଭାବେ ସାମଗ୍ରୀର ଭାଗମାପ ହୋଇ ନ ଥିବାରୁ ଏହି ଦୋକାନ ଗୃହର ସ୍ଥାୟିତ୍ୱ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନଗର ଉନ୍ନୟନ ବିଭାଗର ଏକ ସ୍ୱତନ୍ତ୍ର ପାଣ୍ଠିରେ ପ୍ରାୟ ୯୮ ଲକ୍ଷ ଟଙ୍କା ବ୍ୟୟରେ ପ୍ରଥମ ପର୍ଯ୍ୟାୟରେ୧୯ ଗୋଟି ଗୃହନିର୍ମାଣ ହେଉଥିବା ବିଭାଗୀୟ ଯନ୍ତ୍ରୀ ସୂଚନା ଦେଇଛନ୍ତି। ମାତ୍ର କାମ କରୁଥିବା ଠିକାଦାର ଅତି ନିମ୍ନମାନର ଇଟା, ବାଲି, ସିମେଣ୍ଟ ବ୍ୟବହାର କରୁଥିବାରୁ ଏହାର ସ୍ଥାୟିତ୍ୱ ନେଇ ସନ୍ଦେହ ସୃଷ୍ଟି ହେଉଛି। ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି।

### ଶବଦାହ ପାଇଁ କାଠ ଯୋଗାଣର ଶୁଭାରମ୍ଭ

**ପଦ୍ମପୁର,୨୭।୨(ପ୍ରଦୀପ୍ତ ଦାଶ):** ମହାଶିବରାତ୍ରି ଅବସରରେ ଶ୍ରୀ ଶ୍ରୀସ୍ୱପ୍ନେଶ୍ୱର ବାବା ଚାରିଟେବ୍‌ଲ ଟ୍ରଷ୍ଟ ତରଫରୁ ଶବଦାହ ନିମନ୍ତେ କାଠ ଯୋଗାଣର ଶୁଭାରମ୍ଭ ହୋଇଛି। ଟ୍ରଷ୍ଟର ସଭାପତି ପ୍ରୀତମ ମେହେର ଉପସଭାପତି ଓମ୍ ପ୍ରକାଶ ଅଗ୍ରୱାଲ, ସୁରେଶ ରାମଚନ୍ଦାନୀ, ସମ୍ପାଦକ ସନ୍ତୋଷ କୁମାର ମହାନ୍ତି, କୋଷାଧ୍ୟକ୍ଷ ନରସିଂହ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହି ପୂଜାର୍ଚ୍ଚନା କରିବା ସହିତ ଶୁଭାରମ୍ଭ କରିଥିଲେ। ଶବଦାହ କାଠ ପାଇଁ ମୋବାଇଲ ନମ୍ବର ୯୭୭୫୨୬୧୯୫, ୯୯୩୮୫୮୦୯୦୧, ୯୬୬୮୬୧୮୦୦୬ ଏବଂ ୯୮୫୩୪୮୮୫୩୩ ନମ୍ବରରେ ଯୋଗାଯୋଗ ପାଇଁ ନିବେଦନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ବିଜୟ ବହିଦାର, ପ୍ରଶାନ୍ତ କୁମାର ସାହୁ, ସଦାନନ୍ଦ ପୁରୋହିତ, ବିନୋଦ ମିଶ୍ର ସୁରେଶ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।


ବରଗଡ଼ ମହିଳା ସମିତିର କର୍ମକର୍ତ୍ତା ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେଉଛନ୍ତି।

# ଏଚ୍‌ପିଭି ଭ୍ୟାକ୍ସିନ ପ୍ରସ୍ତାବ କ୍ୟାବିନେଟ୍‌ରେ ଆଗତ ହେବ

**ବରଗଡ଼,୨୭।୨(ପ୍ରେମାନନ୍ଦ ଖମାରୀ)**

ମହିଳାମାନଙ୍କୁ ଭବିଷ୍ୟତରେ କ୍ୟାନସର ରୋଗରୁ ସୁରକ୍ଷିତ ରଖିବା ପାଇଁ ରାଜ୍ୟରେ ମାଗଣାରେ ଏଚ୍‌ପିଭି(ହ୍ୟୁମାନ ପପିଲୋମା ଭାଇରସ୍) ଭ୍ୟାକ୍ସିନ ଦିଆଯିବା ପ୍ରସ୍ତାବ ଆଗାମୀ କ୍ୟାବିନେଟ୍ ବୈଠକରେ ଉପସ୍ଥାପନ କରାଯିବ ବୋଲି ଗୁରୁବାର ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ବିକଶୀତ ଭାରତ ପାଇଁ କେନ୍ଦ୍ର ଓ ରାଜ୍ୟ ବଜେଟ୍ ଶୀର୍ଷକ ବୁଦ୍ଧିଜୀବୀ ସମ୍ମିଳନୀରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି। ଏ ନେଇ ବରଗଡ଼ ମହିଳା ସମିତି ପକ୍ଷରୁ ଦାବିପତ୍ର ଦିଆଯିବା ପ୍ରସଙ୍ଗରେ ମନ୍ତ୍ରୀ ମହାଲିଙ୍ଗ ତାହା କହିଥିଲେ। ମହିଳା ସମିତି ଦେଇଥିବା ଦାବିପତ୍ରରେ ଉଲ୍ଲେଖ କରିଛି, ମୁଖ୍ୟତଃ ଆମ ଦେଶରେ ଅତ୍ୟାଧୁନିକ ଚିକିତ୍ସା ଉପଲବ୍ଧ ସତ୍ତ୍ୱେ ସର୍ଭାଇକଲ କ୍ୟାନସର ଦ୍ୱିତୀୟ ସାଧାରଣ ରୋଗଭାବେ ଚିହ୍ନଟ ହୋଇଛି। ୫୦ରୁ ୫୫ବର୍ଷ ବୟସ୍କ ମହିଳାଙ୍କଠାରେ ଏହି ବ୍ୟାଧି ଦେଖାଯାଉଛି। ଫଳରେ ଏହାର ପ୍ରତିକାର ପାଇଁ ୯ରୁ ୧୪ବର୍ଷ ବୟସ୍କ ଝିଅମାନଙ୍କୁ ଏଚ୍‌ପିଭି ଭ୍ୟାକ୍ସିନ ଦିଆଯିବାକୁ ମହିଳା ସମିତି ମନ୍ତ୍ରୀଙ୍କଠାରେ ଦାବି କରିଛି। ସେହିପରି ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ୱୟଂ ସମ୍ପୂର୍ଣ୍ଣ କରାଯିବା ନେଇ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା। ଦାବିପତ୍ର ପ୍ରଦାନ ସମୟରେ ସମିତିର ସଭାନେତ୍ରୀ ହର୍ଜିନ୍ଦର କୌର, ସମ୍ପାଦିକା ଇନ୍ଦ୍ରାଣୀ ଶତପଥୀ, ଉପସଭାନେତ୍ରୀ ମନ୍ଦାକିନୀ ପତିଙ୍କ ସମେତ ସଦସ୍ୟା ଜୟଗୀତା ପଣ୍ଡା, ପଦ୍ମିନୀ ସାହୁ, ଜୟନ୍ତୀ ପ୍ରଧାନ, ସୁଜାତା ପଣ୍ଡା, ମାମୀ ମିଶ୍ର, ସଂଘମିତ୍ରା ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

ଅନ୍ୟପଟେ ବିକଶୀତ ଭାରତ ପାଇଁ କେନ୍ଦ୍ର ଓ ରାଜ୍ୟ ବଜେଟ୍ ଶୀର୍ଷକ ବୁଦ୍ଧିଜୀବୀ ସମ୍ମିଳନୀରେ ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗଙ୍କ ସମେତ ଭାଜପା ଜିଲା ସଭାପତି ଡା. ଅରୁପାନନ୍ଦ ସାହୁ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ବିଜେପୁର ବିଧାୟକ ସନତ ଗଡ଼ତିଆ, ଭଟଲି ବିଧାୟକ ଇରାସିସ୍ ଆଚାର୍ଯ୍ୟ, ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ର ଓ ରାଜ୍ୟ ବଜେଟ୍ ଐତିହାସିକ। ଓଡ଼ିଶା ପ୍ରଦେଶର ବଜେଟ୍ ଲୋକାଭିମୁଖୀ। ବିକଶୀତ ଭାରତ-୨୦୧୭ ଏବଂ ଉତ୍କର୍ଷ ଓଡ଼ିଶା-୨୦୩୬ ପାଇଁ ବଜେଟ୍‌ରେ ରୋଡ୍ ମ୍ୟାପ୍ ତିଆରି ହୋଇଛି ଏବଂ ଏଥିରୁ ତାର ମୂଳଦୁଆ ପଡ଼ିଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ କହିଥିଲେ। ଯୁବ, ଚାଷୀ, ସ୍ୱାସ୍ଥ୍ୟ ସବୁକ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଛି ଏବଂ ଏଥିରେ ସାମଗ୍ରିକ ବିକାଶ ପାଇଁ ସୁଯୋଗ ସୃଷ୍ଟି କରାଯାଇଛି ଏବଂ ଲୋକଙ୍କ ପ୍ରସ୍ତାବ ନେଇ ବଜେଟ୍ ପ୍ରସ୍ତୁତ ହୋଇଥିଲା। ସେହିପରି ବଜେଟ୍ ପରେ ମଧ୍ୟ ଲୋକଙ୍କ ମତ ସଂଗ୍ରହ କରାଯାଉଛି ବୋଲି ସେ କହିଥିଲେ। ସେହିପରି ଉପସ୍ଥିତ ବିଧାୟକବୃନ୍ଦ ମଧ୍ୟ ବଜେଟ୍ ଉପରେ ଗୁରୁତ୍ୱାରୋପ କରିଥିଲେ।

# ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ

**ଝାରବନ୍ଧ,୨୭।୨(ଦେବେନ୍ଦ୍ର ସାହୁ)**

ଝାରବନ୍ଧ ବ୍ଲକ ଡଭାଠାରେ ନବନିର୍ମିତ ଶିବ ମନ୍ଦିରର ପାଞ୍ଚ ଦିନ ଧରି ଚାଲିଥିବା ପ୍ରତିଷ୍ଠା ଉତ୍ସବ ଗୁରବାର ଉଦ୍‌ଯାପିତ ହୋଇଯାଇଛି। ମନ୍ଦିର ପ୍ରତିଷ୍ଠା ପାଇଁ ସ୍ଥାନୀୟ ପୋଖରୀରୁ ଶହେ ଆଠ କଳସ ଗାଁ ଶୋଭାଯାତ୍ରାରେ ଆଣି ପ୍ରତିଷ୍ଠା ପୀଠରେ ସ୍ଥାପନ କରାଯାଇଥିଲା। ଏହି ପ୍ରତିଷ୍ଠା ଉତ୍ସବରେ ମୁଖ୍ୟକର୍ତ୍ତା ଭାବେ ଧର୍ମରାଜ ସାହୁ ଓ ତାଙ୍କର ସ୍ତ୍ରୀ ଲକ୍ଷ୍ମୀପ୍ରିୟା ସାହୁ, ଗୋପୀନାଥ ସାହୁ ଓ ତାଙ୍କ ସ୍ତ୍ରୀ ଅମ୍ବିକା ସାହୁଙ୍କ ସମେତ ନଅ ଯୋଡ଼ି ଯଜ୍ଞ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ। ଦେବ ଦେବ ମହାଦେବଙ୍କ ଧାନ୍ୟଭିଷେକ, ପୁଷ୍ପାଭିଷେକ ପରେ ମନ୍ଦିର ପ୍ରବେଶ କରାଯାଇଥିଲା ଏବଂ ମହାଶିବ ରାତ୍ରି ପାଳନ କରାଯାଇଥିଲା। ଛତିଶଗଡର ଅଘୋରୀ ନୃତ୍ୟ, ଅପେରା, ଛତିଶଗଡି ନୃତ୍ୟ ଗମ୍ମତ ପରିବେଷଣ କରାଯାଇଥିଲା। ମନ୍ଦିର ପ୍ରତିଷ୍ଠା କମିଟିରେ ସଭାପତି ଭାବେ ଗୋପୀନାଥ ସାହୁ, ଉପସଭାପତି ଦେବରାଜ ସାହୁ, ସମ୍ପାଦକ ବିଜୟ କୁମାର ଡନସନା, ସହ ସମ୍ପାଦକ ଶିବ ପ୍ରସାଦ ସାହୁ, କୋଷାଧ୍ୟକ୍ଷ ସତ୍ୟଭୂଷଣ ସାହୁ ରହି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ସଙ୍ଗୀତା ସାହୁ ଶିକ୍ଷକ ଗୌରବ ସମ୍ମାନରେ ସମ୍ମାନିତ


ସଙ୍ଗୀତା ସାହୁଙ୍କୁ ସମ୍ମାନିତ କରାଯାଉଛି।

**ପାଇକମାଳ,୨୭।୨(ବଡ଼ ଶତପଥି)**

ପାଇକମାଳ ଯମୁନା କନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ସଙ୍ଗୀତା ସାହୁ ଶ୍ରୀ ଧବଳେଶ୍ୱର ମହା ଶିବରାତ୍ରୀ ମହୋତ୍ସବ କମିଟିର ଭୂତିବାହାଲ ଦ୍ୱାରା ଶିକ୍ଷକ ଗୌରବ ସମ୍ମାନ ୨୦୨୫ରେ ସମ୍ମାନିତ ହୋଇଛନ୍ତି। ସଭାପତି ଶିବ ପ୍ରସାଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ବରଗଡ ଏମ୍‌ପି ପ୍ରଦୀପ ପୁରୋହିତ ପୁଷ୍ପମାଲ୍ୟ ଉପଢୌକନ ଓ ମାନପତ୍ର ଦେଇ ସାହୁଙ୍କୁ ସମ୍ମାନିତ କରିଥିଲେ। ଜୁନିୟର ଫେଲୋସିପ ପାଇଥିବା କୈଳାସ ମାଝୀ ଓ ଅବସର ପ୍ରାପ୍ତ ଶିକ୍ଷକ ମୀନକେତନ ସାହୁଙ୍କୁ ମୁଖ୍ୟଅତିଥି ଉପଢୌକନ ଓ ମାନପତ୍ର ଦେଇ ସମ୍ମାନୀତ କରିଥିଲେ। ପରେ ମୁଖ୍ୟଅତିଥି ପୁରୋହିତ, ମଞ୍ଚାସୀନ ଅତିଥି ରାଜ କିଶୋର ସାହୁ, ରଞ୍ଜନ କୁମାର ପଣ୍ଡା,ଶ୍ରୀକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଏକଲକ୍ଷ ଦୀପ ଓ ପାଞ୍ଚ ଶହ ଅଖଣ୍ଡ ଦୀପ ଅର୍ପଣ କାର୍ଯ୍ୟକ୍ରମରେ ଭାଗନେଇ ଦେବାଧି ଦେବ ମହାଦେବଙ୍କୁ ମହାଦୀପ ଅର୍ପଣ କରିଥିଲେ।

# ଲକ୍ଷେ ଘରିଆ ସଂଘର ନୂତନ କର୍ମକର୍ତ୍ତା ମନୋନୀତ

**ବରପାଲି,୨୭।୨(ଚିତ୍ତରଞ୍ଜନ ସାହୁ):** ବରପାଲିର ଲକ୍ଷେ ଘରିଆ ଦଳିତ ଦଳିତ ଉନ୍ନୟନ ସଂଘର ଏକ ବୈଠକ ଦ୍ୱାରିକା ମୋହନ ନାଗଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚଳିତ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଛି। ନୂତନ କର୍ମକର୍ତ୍ତା ହେଲେ ସଭାପତି ସୁଦର୍ଶନ ସୁନା, ଉପସଭାପତି ଲବଣୀ ନାଗ, ସମ୍ପାଦକ ଈଶ୍ୱର ନାଗ, ସହ ସଂପାଦକ ଶ୍ରୀକାନ୍ତ ନାଗ, କୋଷାଧ୍ୟକ୍ଷ ସୁରେନ୍ଦ୍ର ସୁନା ଓ ଉପଦେଷ୍ଟା ମଣ୍ଡଳୀରେ ଦ୍ୱାରିକା ମୋହନ ନାଗ, ପଙ୍କଜାକ୍ଷ ନାଗ, ବାଲ କିଶୋର ଛତର, ବୀରେନ ମହାନନ୍ଦ, ରସ ସାଗର ମହାନନ୍ଦ, ରୋହିତ ଭେସ୍ରା, ଭୀଷ୍ମ ଶିକା, ଭାଗିରଥି ବିଭାର, କେନାଲୁ ମହାନନ୍ଦ, ମହେନ୍ଦ୍ର ବାଗ ପ୍ରମୁଖ ରହିଛନ୍ତି। ସମସ୍ତଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା।

# ରାଧାକୃଷ୍ଣ ମନ୍ଦିର କାର୍ଯ୍ୟକାରୀ କମିଟି ଗଠିତ

**ସରଣ୍ଡା, ୨୭।୨(ଯୁଧିଷ୍ଠିର ମହାପାତ୍ର)**

ଅତାବିରା ବ୍ଲକ ଭୋଇପାଲି ଛକଠାରେ ଯାଦବ ସମାଜ ପକ୍ଷରୁ ନିର୍ମାଣ ହେବାକୁଥିବା ରାଧାକୃଷ୍ଣ ମନ୍ଦିର ପାଇଁ ଏକ କାର୍ଯ୍ୟକାରୀ କମିଟି ବିଶ୍ୱେଶ୍ୱର ପୀଠରେ ଗଠନ ହୋଇଯାଇଛି। ଭୋଇପାଲି ଗ୍ରାମର ଗୌନ୍ତିଆ ଚନ୍ଦ୍ରଶେଖର ଭୋଇଙ୍କ ଅଧ୍ୟକ୍ଷତାରେ କମିଟି ଗଠନ ଏବଂ ମନ୍ଦିର ନିର୍ମାଣ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସର୍ବ ସମ୍ମତି କ୍ରମେ ସଭାପତିଭାବେ ଚନ୍ଦ୍ରଶେଖର ଭୋଇ, ଉପସଭାପତି ଭାବେ ମଣିଶଙ୍କର ଠେଲା ଓ ହରିବୋଲ ଅଦାବର, ସମ୍ପାଦକ ଭାବେ ସୁଦାମ ଜାଲ, ସହ ସମ୍ପାଦକ ଭାବେ ପ୍ରଦୀପ କଠାର, କୋଷାଧ୍ୟକ୍ଷ ଭାବେ କେଶବ ଦୀପ ସହ କୋଷାଧ୍ୟକ୍ଷ ଭାବେ ରାଜେନ୍ଦ୍ର କାଣ୍ଡଙ୍କୁ ମନୋନୀତ କରାଯାଇଛି। ଏଥିସହ ଜଟାଧାରୀ ଭୋଇଙ୍କ ନେତୃତ୍ୱରେ ଏକ ଦଶ ଜଣିଆ ଉପଦେଷ୍ଟା କମିଟି ମଧ୍ୟ ଗଠନ କରାଯାଇଛି। ଏହି କମିଟିରେ ଅତାବିରା ବ୍ଲକର ୨୪ ଗ୍ରାମ ପଞ୍ଚାୟତ ଓ ଏନ୍‌ଏସିରୁ ୨ ଜଣ ଲେଖାଏ ଆବାହକଙ୍କୁ ଚୟନ କରାଯାଇଛି। ଏଥିରେ ଅତାବିରାର ପ୍ରତି ପଞ୍ଚାୟତ ଓ ଏନ୍‌ଏସି ଅଞ୍ଚଳରୁ ଶତାଧିକ ସଦସ୍ୟ ଯୋଗ ଦେଇଥିଲେ। ଶେଷରେ କୁମରମଣୀ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନା ଯୋଗ୍ୟ, ରାଜ୍ୟରେ ବିଜେଡି ସରକାର ସମୟରେ ଏହି ମନ୍ଦିର ଓ ଯାଦବ ସମାଜ କଲ୍ୟାଣ ମଣ୍ଡପର ନିର୍ମାଣ ପାଇଁ ୪ ଲକ୍ଷ ଟଙ୍କାର ଅନୁଦାନ ଆସିଛି। ଏଥିସକାଶେ ଭୂମି ପୂଜନ ମଧ୍ୟ ଶେଷ ହୋଇଛି।


ନୂତନ କମିଟି କର୍ମକର୍ତ୍ତାଙ୍କ ସହ ଉପସ୍ଥିତ ସଦସ୍ୟ।

# ଧାରଣାରେ ବସିଲେ ପ୍ୟାକ୍ସ କର୍ମଚାରୀ

- ସପ୍ତମ ବେତନ ହାରରେ ଦରମା ଦାବି କଲେ
- ସମବାୟ ନିବନ୍ଧକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର
- ଦାବି ପୂରଣ ନ ହେଲେ ଆନ୍ଦୋଳନ

**ବରଗଡ଼,୨୭।୨(ପ୍ରେମାନନ୍ଦ ଖମାରୀ)**


ସମବାୟ ଉପ ନିବନ୍ଧକ ଦାବିପତ୍ର ଗ୍ରହଣ କରୁଛନ୍ତି।

ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ)ରେ କାର୍ଯ୍ୟରତ କର୍ମଚାରୀମାନେ ବିଭିନ୍ନ ଦାବି ନେଇ ଗୁରୁବାର ବରଗଡ଼ ଉପ ନିବନ୍ଧକ, ସମବାୟ ସମିତି ସମୂହଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ। ଏଥି ସହିତ ସେମାନଙ୍କ ଦାବି ସମୂହ ନେଇ ସମବାୟ ସମିତିର ନିବନ୍ଧକଙ୍କ ଉଦ୍ଦେଶ୍ୟରେ କର୍ମଚାରୀମାନେ ବରଗଡ଼ ଉପ ନିବନ୍ଧକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ସପ୍ତମ ବେତନ ହାରରେ ଦରମା, ପଦୋନ୍ନତି ଆଦି ଦାବି କରାଯାଇଛି। ଦାବି ପୂରଣ ନ ହେଲେ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦିଆଯାଇଛି।

ଦାବିପତ୍ରରେ ଉଲ୍ଲେଖ ରହିଛି, ପ୍ରାଥମିକ ସମବାୟ ସମିତିର କର୍ମଚାରୀମାନେ କୃଷିକାର୍ଯ୍ୟରେ ସବସିଡ଼ିରେ ବିହନ ଯୋଗାଣ, ରାସାନିକ ସାର, କୀଟନାଶକ ଯୋଗାଣ, କୃଷି ଉପକରଣ ଓ ଯନ୍ତ୍ରପାତି ଋଣ, କୃଷିଋଣ, ପ୍ରଧାନମନ୍ତ୍ରୀ ଫସଲବୀମାରେ ପଞ୍ଜୀକରଣ, ଗ୍ରାମାଞ୍ଚଳର ଚାଷୀଙ୍କୁ ବ୍ୟାଙ୍କିଙ୍ଗ୍ ସୁବିଧା ଯୋଗାଇବା, ଧାନ ସଂଗ୍ରହ ଆଦି ଯୋଜନାରେ କାର୍ଯ୍ୟ କରି ଆସୁଛନ୍ତି। କିନ୍ତୁ ସେମାନଙ୍କ ପ୍ରତି ରାଜ୍ୟ ସରକାର ଅଣଦେଖା ମନୋଭାବ ପୋଷଣ କରି ଆସୁଥିବା କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ରାଜ୍ୟର ବିଭିନ୍ନ ବିଭାଗର କର୍ମଚାରୀମାନଙ୍କୁ ସପ୍ତମ ବେତନ ହାରରେ ଦରମା ପ୍ରଦାନ କରାଯାଉଛି। ମାତ୍ର ଏଥିରେ ସମବାୟ ସମିତିର କର୍ମଚାରୀଙ୍କୁ ବାଦ୍ ଦିଆଯାଇଛି। ତେଣୁ ଉକ୍ତ ପତ୍ରକୁ ସରଳୀକରଣ କରାଯାଇ ସମିତିରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କୁ ସପ୍ତମ ବେତନ ହାରରେ ଦରମା ପ୍ରଦାନ ପାଇଁ ଦାବି ହୋଇଛି।

ସେହିପରି ସମବାୟ ସମିତିରେ କାର୍ଯ୍ୟରତ କର୍ମଚାରୀଙ୍କ ଅଭିଜ୍ଞତା, ବରିଷ୍ଠତା, ଶିକ୍ଷାଗତ ଯୋଗ୍ୟତା, କାର୍ଯ୍ୟଦକ୍ଷତାକୁ ଭିତ୍ତି କରି କେନ୍ଦ୍ର ବ୍ୟାଙ୍କକୁ ପଦୋନ୍ନତି ଦେବା ପାଇଁ ନିର୍ଦ୍ଦେଶ ରହିଛି। କିନ୍ତୁ ତାକୁ ଅଣଦେଖା କରି ସିଧାସଳଖ ବ୍ୟାଙ୍କରେ ନିଯୁକ୍ତି ଦିଆଯାଉଥିବା ଅଭିଯୋଗ ହୋଇଛି। ଏ ଦିଗରେ ମଧ୍ୟ ପଦକ୍ଷେପ ନେବାକୁ ଦାବି ହୋଇଛି। ଏହା ସହିତ ସମିତିର ସଭ୍ୟମାନଙ୍କଠାରୁ ସଂଗୃହୀତ ଅଂଶଧନର ମାତ୍ର ୫୦ପ୍ରତିଶତ କେନ୍ଦ୍ର ବ୍ୟାଙ୍କରେ ଜମା ରଖିବା, ଧାନ ସଂଗ୍ରହ ବ୍ୟବସ୍ଥାରୁ ମିଳୁଥିବା କମିଶନ ଟଙ୍କାର ସୁଧରେ ଧାନ ବ୍ୟବସାୟ, ଚାଷୀ ପଞ୍ଜୀକରଣ, ଯାଞ୍ଚ ପ୍ରକ୍ରିୟା, ସାଟେଲାଇଟ୍ ସର୍ଭେକ୍ଷଣ ଆଦିରେ ନିୟୋଜିତ କର୍ମଚାରୀଙ୍କ ଦରମା, ଧାନ ବ୍ୟବସାୟରେ ବ୍ୟବହୃତ କାଗଜ, କମ୍ପ୍ୟୁଟର, ପ୍ରିଣ୍ଟର ଆଦି ଖର୍ଚ୍ଚ ଭରଣା କରିବା, ସମବାୟ ସମିତିର ସମ୍ପାଦକଙ୍କ ସମେତ ସମସ୍ତ କର୍ମଚାରୀଙ୍କୁ କ୍ୟାଡ଼ରଭୁକ୍ତ କରାଯିବା ଆଦି ଦାବି ହୋଇଛି। ଧାରଣାରେ ବରଗଡ଼ ଜିଲାରେ ରହିଥିବା ସମସ୍ତ ସମବାୟ ସମିତିରେ କର୍ମଚାରୀମାନେ ସାମିଲ ହୋଇଥିଲେ।

**ଅଫିମ ଫସଲ ନଷ୍ଟ କଲା ସୁରକ୍ଷା ବଳ**

**ରାଉରକେଲା (ସଙ୍ଗୀତା ଜେନା):** ଝାଡଖଣ୍ଡ ଓ ଓଡ଼ିଶା ସୀମାନ୍ତରେ ମାଓବାଦୀ ସମସ୍ୟା ବ୍ୟତୀତ ନିଶା କାରବାର ବୃଦ୍ଧି ହେବାରେ ଲାଗିଛି। ଅଫିମ ଓ ଅନ୍ୟ ନିଶାଚାଲାଣ ପାଇଁ ଏହାକୁ ଅଧିକ ପରିମାଣରେ ଚାଷ ମଧ୍ୟ କରାଯାଉଛି। ବଣପାହାଡ ଘେରା ସୀମାନ୍ତ ଅଞ୍ଚଳରେ ଏକର ଏକର ଜମିରେ ଅଫିମ ଚାଷ କରାଯାଉଛି। ଏହାକୁ ଆୟତ୍ତ କରିବା ପାଇଁ ସୁରକ୍ଷାବଳ ପକ୍ଷରୁ ଠାବ କରାଯାଇ ଫସଲ ନଷ୍ଟ କରାଯାଉଛି। ଏହି କ୍ରମରେ ଗୁରୁବାର ସକାଳ ୮ଟାରେ ସୁରକ୍ଷା ବଳ ଦ୍ୱାରା ଠାବ କରାଯାଇଥିବା ବନ୍ଦଗାଁରେ ୮ ଏକର, ଟେବୋ ଥାନାରେ ୩ ଏକର ଜମିରେ ଅଫିମ ନଷ୍ଟ କରାଯାଇଛି।

## ସଂକ୍ଷେପରେ

### ଭ୍ରାମ୍ୟମାଣ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଶୁଭାରମ୍ଭ

**ରାଉରକେଲା, ୨୭।୨(ବିପ୍ଳବରଞ୍ଜନ ଦାଶ):** ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ରାଉରକେଲା ସହରବାସୀଙ୍କ ପାଇଁ ସ୍ଥିର ଏବଂ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦିଆଯିବା ଲାଗି ୫୦୦ କିଲୋଭୋଲ୍ଟ-ଆମ୍ପିୟର କ୍ଷମତା ବିଶିଷ୍ଟ ଏକ ଅତ୍ୟାଧୁନିକ ଭ୍ରାମ୍ୟମାଣ ଟ୍ରାନ୍ସଫର୍ମର (ଡିଟିଆର)ର ଶୁଭାରମ୍ଭ କରାଯାଇଛି। ପ୍ରଥମ ଥର ପାଇଁ ରାଉରକେଲା ସହରରେ ଏହିପରି ଏକ ଭ୍ରାମ୍ୟମାଣ ଟ୍ରାନ୍ସଫର୍ମର ବ୍ୟବସ୍ଥା କରାଯାଇଛି। ଯାହା ବିଦ୍ୟୁତ୍ ଟ୍ରାନ୍ସଫର୍ମର ମରାମତି, ପରିବର୍ତ୍ତନ କିମ୍ବା ନୂତନ ଟ୍ରାନ୍ସଫର୍ମର ସ୍ଥାପନ ପ୍ରକ୍ରିୟାରେ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ଆଶା କରାଯାଉଛି। ବର୍ତ୍ତମାନ ଏହି ଭ୍ରାମ୍ୟମାଣ ଟ୍ରାନ୍ସଫର୍ମର ରାଉରକେଲା ସହରର ପ୍ରସିଦ୍ଧ ମହୋତ୍ସବ 'ବେଦବ୍ୟାସ ମେଳା' ପାଇଁ ଉତ୍ସର୍ଗୀକୃତ କରାଯାଇଛି। ଏହି ଭ୍ରାମ୍ୟମାଣ ଟ୍ରାନ୍ସଫର୍ମର ମେଳା ସମୟରେ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବ। ନୂତନ ଭାବରେ ନିୟୋଜିତ ଏହି ୫୦୦ କେଭିଏ ଭ୍ରାମ୍ୟମାଣ ଟ୍ରାନ୍ସଫର୍ମର ରିଙ୍ଗ ମେନ୍ ୟୁନିଟ୍ (ଆର୍ଏମ୍ୟୁ) ଏବଂ ଏଲ୍‌ଟି ସୁରକ୍ଷା ପ୍ୟାନେଲ ସହିତ ସଜ୍ଜିତ। ଏହି ଅବସରରେ ଟିପିଡବ୍ଲୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା ପ୍ରକାଶ କରିଛନ୍ତି, ଏହି ଭ୍ରାମ୍ୟମାଣ ଟ୍ରାନ୍ସଫର୍ମର ରାଉରକେଲା ସହର ପାଇଁ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ। ଯାହା ଆସନ୍ତା ଗ୍ରୀଷ୍ମ ସମୟରେ ଟ୍ରାନ୍ସଫର୍ମର ବିଫଳତା କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ଦେବ। ଏହି ଭ୍ରାମ୍ୟମାଣ ଟ୍ରାନ୍ସଫର୍ମର ଦ୍ୱାରା ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ପ୍ରଦାନ କରିବାର ପ୍ରତିବଦ୍ଧତା ପୂର୍ବାପେକ୍ଷା ଅଧିକ ଦୃଢ଼ ହୋଇପାରିବ। ବିଦ୍ୟୁତ୍ ବିଫଳତା ସମୟରେ ରାଉରକେଲା ସହରବାସୀଙ୍କ ପାଇଁ ଏକ ଅଭିନବ ସମାଧାନ କରାଯାଇପାରିବ ବୋଲି ସେ କହିଥିଲେ।



ବୁଦ୍ଧିଜୀବୀ ସମ୍ମିଳନୀରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଓ ଅନ୍ୟମାନେ।

# କେନ୍ଦ୍ର ବଜେଟ୍‌ରୁ ଓଡ଼ିଶାକୁ ଅଧିକ ମିଳିବ: ମନ୍ତ୍ରୀ ସୁରେଶ ପୂଜାରୀ

**ରାଉରକେଲା, ୨୭।୨(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସହର ହକି ଭିଲେଜର ଏକ ହୋଟେଲ ସମ୍ମିଳନୀ କକ୍ଷରେ ଗୁରୁବାର ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଓଡ଼ିଶାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ ୨୦୨୫-୨୬ କେନ୍ଦ୍ର ବଜେଟରୁ ଓଡ଼ିଶାକୁ ଅଧିକ ଭାଗ ଲାଭ ମିଳିବ ବୋଲି କହିଥିଲେ। ଓଡ଼ିଶା ୨୦୩୬ ରେ ଭାଷା ଭିତ୍ତିରେ ୧୦୦ ବର୍ଷ ପୂରଣ କରିବ ଏବଂ ୨୦୪୭ରେ ଆମ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂରଣ କରିବାକୁ ଯାଉଥିବାରୁ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ପାଇଁ ବଜେଟ୍ ପ୍ରସ୍ତୁତ କରାଯାଇଛି ବୋଲି ମନ୍ତ୍ରୀ ପୂଜାରୀ ବକ୍ତବ୍ୟ ରଖିଥିଲେ। ଓଡ଼ିଶା ଭଳି ରାଜ୍ୟର ଅଭିବୃଦ୍ଧି ଓ ବିକାଶ ହେବା ସହିତ ମଧ୍ୟବିତ୍ତ ବର୍ଗ ଲାଭ ପାଇବା ସହ ଚାଷୀଙ୍କ ଆୟ ବୃଦ୍ଧି ହେବ। ମହିଳା ଉଦ୍ୟୋଗୀଙ୍କ ନୂଆ ସୁଯୋଗ ତିଆରି କରିବ। ଯୁବ ଓ ବଞ୍ଚିତ ବର୍ଗଙ୍କୁ ସ୍ୱାବଲମ୍ବି ଓ ଆତ୍ମନିର୍ଭର କରିବ। ପଛୁଆ ବର୍ଗ ଏବଂ ଦିବ୍ୟାଙ୍ଗମାନଙ୍କୁ ସଶକ୍ତ କରିବ ବୋଲି ମନ୍ତ୍ରୀ କହିଥିଲେ। ରାଜ୍ୟରେ ୮ଲକ୍ଷ ୯୪ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହିତ ଓଡ଼ିଶାର ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବ। ସେହିପରି ଓଡ଼ିଶା ବଜେଟ୍ ପରିପ୍ରେକ୍ଷୀରେ ସକ୍ଷମ ଅଙ୍ଗନୱାଡି ଓ ପୋଷଣ ୨.୦ କାର୍ଯ୍ୟକ୍ରମରେ ଓଡ଼ିଶାର ୩୬ଲକ୍ଷରୁ ଅଧିକ ଶିଶୁ, ମହିଳା ଓ ସ୍ତନ୍ୟପାନ କରାଉଥିବା ମାଆଙ୍କୁ ପୋଷଣ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ପୂଜାରୀ କହିଥିଲେ। ଆସନ୍ତା ୫ ବର୍ଷ ମଧ୍ୟରେ ସରକାରୀ ବିଦ୍ୟାଳୟଗୁଡ଼ିକରେ ୫୦ହଜାର ଟିଙ୍କରିଂ ଲ୍ୟାବ ପ୍ରତିଷ୍ଠା କରାଯାଇ ପିଲାଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ବଢାଇବାରେ ଏହା ବିଶେଷ ସହାୟକ ହେବା ବିଷୟରେ କହିଥିଲେ। ଭାରତନେଟ୍ ପ୍ରକଳ୍ପ ଅଧିନରେ ଇଣ୍ଟରନେଟ ଓ ବ୍ରଡବ୍ୟାଣ୍ଡ୍ ସଂଯୋଗ ନ ଥିବା ସମସ୍ତ ୩ହଜାର ୬୫୯ଟି ସରକାରୀ ମାଧ୍ୟମିକ ବିଦ୍ୟାଳୟ ଏବଂ ଗ୍ରାମାଞ୍ଚଳର ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଇଣ୍ଟରନେଟ ଓ ବ୍ରଡବ୍ୟାଣ୍ଡ୍ ଯୋଗାଇ ଦିଆଯିବ। ଏଥିସହିତ ଆସନ୍ତା ବର୍ଷ ଠାରୁ ମେଡିକାଲ କଲେଜରେ ୧୦ହଜାର ସିଟ୍ ଯୋଡାଯିବା ସହ ଆସନ୍ତା ତିନି ବର୍ଷ ମଧ୍ୟରେ ଓଡ଼ିଶାର ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଡେ-କେୟାର କ୍ୟାନ୍ସର ସେଣ୍ଟର ପ୍ରତିଷ୍ଠା ହେବ ବୋଲି ମନ୍ତ୍ରୀ ପୂଜାରୀ ପ୍ରକାଶ କରିଥିଲେ। ଯୁବପିଢିଙ୍କୁ ଦକ୍ଷ କରିବା ସହ ସେମାନଙ୍କୁ ବିଶ୍ୱସ୍ତରୀୟ ସୁଯୋଗର ସୁବିଧା ନେବା ପାଇଁ ୫ଟି ଜାତୀୟ ଉତ୍କର୍ଷ କେନ୍ଦ୍ର କରାଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ସଂଶୋଧିତ ଉଡାନ ଯୋଜନାରେ ୧୨୦ଟି ନୂଆ ଡେଷ୍ଟିନେସନକୁ ସଂଯୋଗ କରାଯିବ। ଉଦୀୟମାନ ଟାୟାର-୨ ସହରଗୁଡିକରେ ଗ୍ଲୋବାଲ କାପାବିଲିଟି ସେଣ୍ଟରକୁ ପ୍ରୋତ୍ସାହିତ କରାଯାଇ ରାଜ୍ୟଗୁଡିକୁ ମାର୍ଗଦର୍ଶନ ଏକ ଜାତୀୟ ଢାଞ୍ଚା ପ୍ରସ୍ତୁତ କରାଯିବ। ଏହା ଦ୍ୱାରା ଓଡିଶାର ଭୁବନେଶ୍ୱର, ସମ୍ବଲପୁର, ବାଲେଶ୍ୱର ଏବଂ ବ୍ରହ୍ମପୁର ଭଳି ସହର ଗ୍ଲୋବାଲ କାପାବିଲିଟି ସେଣ୍ଟର ସ୍ଥାପନ କରିବାରେ ସକ୍ଷମ ହେବେ। ୧ଲକ୍ଷ କୋଟିର ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡ ଦ୍ୱାରା ଓଡିଶାର ବିଭିନ୍ନ ସହରର ବିକାଶ ହୋଇପାରିବ ବୋଲି ମନ୍ତ୍ରୀ ପୂଜାରୀ କହିଥିଲେ। ଓଡିଶାର ଆଇଆଇଟି ଭୁବନେଶ୍ୱର, ଆଇଆଇଏମ୍ ସମ୍ବଲପୁର ଏବଂ ଏନ୍ଆଇଟି ରାଉରକେଲାରେ ୨୦୩୬ ସୁଦ୍ଧା ୧୦୦ଟି ଷ୍ଟାର୍ଟଅପ ପଦକ୍ଷେପ ପୂରଣ କରିବା ପାଇଁ ସହାୟକ ହେବ। ଖଣି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ପୁନରୁଦ୍ଧାର ପାଇଁ ଏକ ନୀତି ଅଣାଯିବା ସହ ପର୍ଯ୍ୟଟନ କ୍ଷେତ୍ରରେ ଦେଶର ୫୦ଟି ପର୍ଯ୍ୟଟନସ୍ଥଳୀର ବିକଶିତ ହେବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପୂଜାରୀ ଏହି ବୁଦ୍ଧିଜୀବୀ ସମ୍ମିଳନୀରେ ସୂଚନା ଦେଇଥିଲେ। ଏହି ବୁଦ୍ଧିଜୀବୀ ସମ୍ମିଳନୀରେ ମନ୍ତ୍ରୀଙ୍କ ସମେତ ପାନପୋଷ ଜିଲା ଭାଜପା ସଭାପତି ପୂର୍ଣ୍ଣିମା କେର୍କେଟା, ମ୍ୟୁନିସପାଲ ମହାବିଦ୍ୟାଳୟର ଅଧକ୍ଷ ଡ.ସନାତନ ପ୍ରଧାନ, ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ, ଭାଜପା ପ୍ରବକ୍ତା ଗଙ୍ଗାଧର ଦାଶ, ରାଜ୍ୟ ଭାଜପା ପ୍ରବକ୍ତା ଧୀରେନ ସେନାପତି, ଶ୍ରୀଧର ମଲ୍ଲିକ, ହରିହର ରାଉତରାୟ ପ୍ରମୁଖ ମଞ୍ଚାସୀନ ଥିଲେ।

# ଧବଳେଶ୍ୱର ମନ୍ଦିରରେ ଉଠିଲା ମହାଦୀପ

**ରାଉରକେଲା, ୨୭।୨(ବିପ୍ଳବ ରଞ୍ଜନ ଦାଶ)**

ଦେଓଗାଁ ସ୍ଥିତ ପ୍ରସିଦ୍ଧ ଧବଳେଶ୍ୱର ମନ୍ଦିରରେ ବୁଧବାର ରାତି ୧୦.୩୦ରେ ମହାଦୀପ ଉଠିଲା। ରାଉରକେଲା ଏସ୍.ପି ନିତେଶ ୱାଧୱାନୀ, ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକ, ମନ୍ଦିରର ଉପଦେଷ୍ଟା ପ୍ରସନ୍ନ କୁମାର ତ୍ରିପାଠୀ ଓ ବିଧାୟକ ସାରଦା ପ୍ରସାଦ ନାୟକ ଉପସ୍ଥିତ ରହି ମହାଦୀପର ପୂର୍ଜାର୍ଚ୍ଚନା କରାଯାଇଥିଲା । ହରହର ମହାଦେବ ଧ୍ୱନିରେ ମହାଦୀପ ମନ୍ଦିର ପରିକ୍ରମା କରିଥିଲା। ଶ୍ରୀଶ୍ରୀ ଧବଳେଶ୍ୱର ମନ୍ଦିର ଟ୍ରଷ୍ଟର ସଭାପତି ତଥା ପୂର୍ବତନ ବିଧାୟକ ରବି ଦେହୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ କମିଟିର ସ୍ୱେଚ୍ଛାସେବୀ ଏବଂ ପୋଲିସ ପ୍ରଶାସନ ପକ୍ଷରୁ ଦିନତମାମ ଶାନ୍ତିଶୃଙ୍ଖଳା ବଜାୟ ରଖାଯାଇଥିଲା । ମନ୍ଦିର ମୁଖ୍ୟ ପୂଜକ ବିରଞ୍ଚି ନାରାୟଣ ଦେହୁରୀ ମହାଦେବଙ୍କ ସମସ୍ତ ନିତୀ ଓ ପ୍ରାତଃ ଆଳତୀ ଠିକ୍ ସମୟରେ ଶେଷ କରିଥିଲେ। ଲାଠିକଟା, ଜଲଦା, ସାରନଗରୀ, ଦେଓଗାଁ, କନଷ୍ଟ୍ରକସନ କଲୋନୀ, ତରକେରା, ବାଲୁଘାଟ, ବନ୍ଧମୁଣ୍ଡା, ବିଶ୍ରା ତଥା ଅନ୍ୟାନ୍ୟ ଅଞ୍ଚଳର ଭକ୍ତମାନେ ଅତି ନିକଟରୁ ମହାଦିପକୁ ଦର୍ଶନ କରି ନିଜକୁ ଧନ୍ୟ ମନେ କରିଥିଲେ। ରାତି ୧୦ଟା ୧୫ରେ ମହାଦୀପ ପୂଜା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ମନ୍ଦିରର ମୁଖ୍ୟ ପୂଜକ ବିରଞ୍ଚିନାରାୟଣ ଦେହୁରୀ ଓ ଅନ୍ୟ ପୂଜକଙ୍କ ଉପସ୍ଥିତିରେ ମହାଦୀପ ମନ୍ଦିର ଚାରିପଟେ ପରିକ୍ରମା କରିଥିଲା। ୧୦ଟା ୩୦ ରେ ମହାଦୀପ ମନ୍ଦିର ଉପରକୁ ଉଠିଥିଲା। ମନ୍ଦିର ଟ୍ରଷ୍ଟର ଟ୍ରଷ୍ଟି ସଦସ୍ୟ ଅନିରୁଦ୍ଧ ସ୍ୱାଇଁ ଶାନ୍ତିଶୃଙ୍ଖଳା ସହିତ ଅନ୍ୟ ସମସ୍ତ ପ୍ରକାର ବନ୍ଦୋବସ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ଛେଣ୍ଡର ପତିତପାବନ କଳାପରିଷଦ ଅନୁଷ୍ଠାନ ଭଜନ ପରିବେଷଣ କରିଥିଲେ। ଶଙ୍କର ନାୟକ, ଜଗନ୍ନାଥ ଦେହୁରୀ, ବିଷି କେଶନ ଦେହୁରୀ, ଚାନ୍ଦୁ ଦେହୁରୀ, ରାଜେନ୍ଦ୍ର କୁମାର ଶତପଥୀ, ସରୋଜ ବେହେରା, ଦିଲିପ କୁମାର ସାହୁ, ନିଶାନ୍ତ ଦେହୁରୀ, ଉତ୍ତମ ନାୟକ, ସଂଜୀବ ଜେନା, ପ୍ରଶାନ୍ତ ସାମଲ, ଉମାକାନ୍ତ ଦାସ ପ୍ରମୁଖ ପୂର୍ଣ୍ଣ ସହଯୋଗ କରିଥିଲେ ।

# ଆର୍ଏସ୍‌ପିରେ ପେଲେଟ ପ୍ଲାଣ୍ଟ ପ୍ରକଳ୍ପର ଶିଳାନ୍ୟାସ


ଶିଳାନ୍ୟାସ କାର୍ଯ୍ୟକ୍ରମରେ ସମ୍ମିଳିତ ଅଧିକାରୀ।

**ରାଉରକେଲା, ୨୭।୨(ବିପ୍ଳବରଞ୍ଜନ ଦାଶ)**

**ବାର୍ଷିକ ୨ନିୟୁତ ଟନ କ୍ଷମତାର ପେଲେଟ ପ୍ଲାଣ୍ଟ**

ଆର୍ଏସ୍‌ପି ବାର୍ଷିକ ୨ନିୟୁତ ଟନ କ୍ଷମତା ବିଶିଷ୍ଟ ପେଲେଟ ପ୍ଲାଣ୍ଟ ପ୍ରକଳ୍ପର ଶିଳାନ୍ୟାସ ଏବଂ ଭୂମିପୂଜନ ସମାରୋହ ଫେବୃଆରୀ ୨୬ରେ ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପପାଳ ଚୌଧୁରୀଙ୍କ ଦ୍ୱାରା ସମ୍ପନ୍ନ ହୋଇଯାଇଛି। ଏହି ଅବସରରେ ଆର୍ଏସ୍‌ପିର ପ୍ରକଳ୍ପ ବିଭାଗର ପୂର୍ବତନ ନିର୍ବାହୀ ନିର୍ଦ୍ଦେଶକ ପି.କେ ସାହୁ, ପ୍ରକଳ୍ପ ବିଭାଗର ସିଜିଏମ୍ ପିନାକୀ ଚୌଧୁରୀ, ରକ୍ଷଣାବେକ୍ଷଣ ବିଭାଗର ସିଜିଏମ୍ ଏସ୍.ଏସ୍ ରାୟଚୌଧୁରୀ, ବିଦ୍ୟୁତ୍ ବିତରଣ ବିଭାଗର ସିଜିଏମ୍ ଡି.କେ ଭଞ୍ଜଙ୍କ ସମେତ ଆର୍ଏସ୍‌ପି ସିଇଟି ବିଭାଗର ବହୁ ବରିଷ୍ଠ ଅଧିକାରୀ ଏବଂ ମେସର୍ସ ଓଡିଶା ମେଟାଲିକ୍ସ ପ୍ରାଇଭେଟ ଲିମିଟେଡ ଓ ମେସର୍ସ ରୋଜମେରୀ ସ୍ୱଞ୍ଜି ଏବଂ ଇସ୍ପାତ ପ୍ରାଇଭେଟ ଲିମିଟେଡ ଅଧିକାରୀମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଫେବୃଆରୀ ୧୪ରେ ଆର୍ଏସ୍‌ପିରେ ନିର୍ମାଣ, ପରିଚାଳନା ଏବଂ ରକ୍ଷଣାବେକ୍ଷଣ (ସିଓଏମ) ଆଧାରରେ ସ୍ଥାପନ ହେବାକୁ ଥିବା ବାର୍ଷିକ ୨ନିୟୁତ ଟନ୍ କ୍ଷମତା ବିଶିଷ୍ଟ ପେଲେଟ ପ୍ଲାଣ୍ଟ ପାଇଁ ମେସର୍ସ ଓଡିଶା ମେଟାଲିକ୍ସ ପ୍ରାଇଭେଟ ଲିମିଟେଡ ଓ ମେସର୍ସ ରୋଜମେରୀ ସ୍ୱଞ୍ଜି ଇସ୍ପାତ ପ୍ରାଇଭେଟ ଲିମିଟେଡ ଅଧିକାରୀଙ୍କ ସହିତ ଏକ ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା। ଏହି ବାର୍ଷିକ ୨ନିୟୁତ ଟନ କ୍ଷମତା ବିଶିଷ୍ଟ ପେଲେଟ ପ୍ଲାଣ୍ଟ, ଆର୍ଏସ୍‌ପିର ଉତ୍ପାଦନ କ୍ଷମତାକୁ ସୁଦୃଢ କରିବା ସହ ଏହାର କାର୍ଯ୍ୟ ଦକ୍ଷତାରେ ବୃଦ୍ଧି ଆଣିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ପ୍ରକଳ୍ପ ଚୁକ୍ତିନାମା ସ୍ୱାକ୍ଷରିତ ହେବା ଦିନରୁ ୨୪ମାସ ମଧ୍ୟେ ସମାପ୍ତ ହେବାକୁ ସ୍ଥିର କରାଯାଇଛି। ଏହି ଚୁକ୍ତିନାମାରେ ୨୦ବର୍ଷ ଏକ ପରିଚାଳନା ଓ ରକ୍ଷଣାବେକ୍ଷଣ (ଓଏଣ୍ଡଏମ) ଅବଧି ଅନ୍ତର୍ଭୁକ୍ତ, ଯେଉଁଥିରେ ପାରସ୍ପରିକ ସହମତିରେ ହୋଇଥିବା ନିୟମ ଏବଂ ସର୍ତ୍ତାବଳୀ ଉପରେ ଏହାକୁ ଅତିରିକ୍ତ ୫ବର୍ଷ ପାଇଁ ବୃଦ୍ଧି କରିବାର ବ୍ୟବସ୍ଥା ରହିଛି। ଉକ୍ତ ପ୍ରକଳ୍ପ ସାମଗ୍ରିକ ପରାମର୍ଶଦାତା ସିଇଟି ହୋଇଥିବାବେଳେ ପିଡବ୍ଲୁସି ଏହାର ସହଯୋଗୀ ପରାମର୍ଶଦାତା ଭାବେ ନିୟୋଜିତ ହୋଇଛନ୍ତି।

# ୨ ପୋଲିସ ଜିଲା ମଧ୍ୟରେ ସୀମା ବିବାଦ

**କୁଆଁରମୁଣ୍ଡା, ୨୭।୨(ମହେନ୍ଦ୍ର କୁମାର ସାହୁ)**

**୩ ଦିନ ପରେ ମୃତଦେହ ଉଠିଲା**

ସୁନ୍ଦରଗଡ଼ ପୋଲିସ ଜିଲା ଓ ରାଉରକେଲା ପୋଲିସ ଜିଲା ମଧ୍ୟରେ ସୀମାକୁ ନେଇ ମୃତଦେହ ଜବତରେ ବିଳମ୍ବ ହୋଇଛି। ଏହି ଜିଲାରେ ୨ଟି ଜିଲା ଆରକ୍ଷୀ କାର୍ଯ୍ୟାଳୟ ମଧ୍ୟରୁ ଗୋଟିଏ ସୁନ୍ଦରଗଡ ଓ ଅନ୍ୟଟି ରାଉରକେଲା। ସୁନ୍ଦରଗଡ ଜିଲାର କୋଏଲ ନଦୀର ଗୋଟିଏ ପାର୍ଶ୍ୱ ସୁନ୍ଦରଗଡ଼ ପୋଲିସ ଜିଲା ଅନ୍ତର୍ଗତ ବୀରମିତ୍ରପୁର ଥାନା ହୋଇଥିବା ବେଳେ ଅନ୍ୟ ପାର୍ଶ୍ୱ ରାଉରକେଲା ପୋଲିସ ଜିଲାର ଛେଣ୍ଡ,ରଘୁନାଥପଲ୍ଲୀ ଓ ଅନ୍ୟାନ୍ୟ ଥାନା ଅଞ୍ଚଳ ସୀମା। ହେଲେ ଗତ ସୋମବାର ଠାରୁ କୋଏଲ ନଦୀରେ ଏକ ମୃତଦେହ ଭାସୁଥିଲେ ମଧ୍ୟ ଉଭୟ ପୋଲିସ ଜିଲାର ଥାନା ପକ୍ଷରୁ ତାହାକୁ ଉଦ୍ଧାର କରାଗଲା ନାହିଁ। ମଙ୍ଗଳବାର ବୀରମିତ୍ରପୁର ପୋଲିସ ଘଟଣା ସମ୍ପର୍କରେ ଜାଣିବା ପରେ ରାଉରକେଲା ପୋଲିସ ଜିଲାର ଛେଣ୍ଡ ଅଞ୍ଚଳର ଜାଣି ସେହି ଥାନାକୁ ଖବର ଦେଇଥିଲା। ହେଲେ ସୀମାକୁ ନେଇ ସନ୍ଦେହରେ ଥିବା ଯୋଗୁ ପୋଲିସ ପକ୍ଷରୁ ବୁଧବାର ପର୍ଯ୍ୟନ୍ତ ଉକ୍ତ ନଦୀରୁ ମୃତଦେହ ଉଦ୍ଧାର ହୋଇପାରିନଥିଲା। ଗୁରୁବାର ପୂର୍ବାହ୍ନରେ ରଘୁନାଥପଲ୍ଲୀ ପୋଲିସ ପକ୍ଷରୁ ମୃତଦେହ ଉଦ୍ଧାର ହୋଇଛି। ଥାନା ସୀମାକୁ ନେଇ ମୃତଦେହଟି ନଦୀରୁ ଉଦ୍ଧାର ହେବାକୁ ୩ ଦିନ ଲାଗିଲା। ଯାହାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଦୀପିକା ମହିଳା ସଂଘତି ଦ୍ୱାରା ନିଃଶୁଳ୍କ ଚିକିତ୍ସା ଶିବିର


ନିଃଶୁଳ୍କ ଚିକିତ୍ସା ଶିବିରରେ ଦୀପିକା ମହିଳା ସଂଘତିର କର୍ମକର୍ତ୍ତା ଓ ଅନ୍ୟମାନେ।

**ରାଉରକେଲା, ୨୭।୨(ବିପ୍ଳବରଞ୍ଜନ ଦାଶ)**

ଦୀପିକା ମହିଳା ସଂଘତି ପକ୍ଷରୁ ଆର୍ଏସପିର ସିଏସ୍ଆର ବିଭାଗ ସହଭାଗ କ୍ରମେ ବିଶ୍ରା ବ୍ଲକ ଅନ୍ତର୍ଗତ ବନ୍ଧମୁଣ୍ଡା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ନିଶୁଳ୍କ ଚିକିତ୍ସା ଶିବିର ଆୟୋଜିତ ହୋଇଯାଇଛି। ଏହି ଅବସରରେ ଦୀପିକା ମହିଳା ସଂଘତିର ଅଧକ୍ଷା ନମ୍ରତା ବର୍ମା ଉକ୍ତ ଶିବିର ପରିଦର୍ଶନ କରି ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ତାଙ୍କ ସହିତ ଡିଏମ୍ଏସ୍‌ର ଉପାଧ୍ୟକ୍ଷା ପ୍ରଭାତୀ ମିଶ୍ର ଓ ରୀତା ରାଣୀ, ଡିଏମ୍ଏସର ସମ୍ପାଦିକା ସାରିକା କୁମାର ଏବଂ ବହୁ ପରିଚାଳନା ସଦସ୍ୟା ତଥା ଡିଏମ୍ଏସ୍‌ର ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ। ଏହି ଅବସରରେ ସିଏସ୍ଆର ବିଭାଗର ଜିଏମ୍ ଇନଚାର୍ଜ ମୁନମୁନ୍ ମିତ୍ର, ଏଜିଏମ୍ ଟି.ବି ଟପ୍ପୋଙ୍କ ସମେତ ଆର୍ଏସ୍‌ପିର ଅନ୍ୟ ବହୁ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଡିଏମ୍ଏସ ଟିମ୍ ପକ୍ଷରୁ ଡ. ଉଷା ନାୟକ, ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ଚିକିତ୍ସା କରିଥିଲେ। ବନ୍ଧମୁଣ୍ଡା ଗ୍ରାମ ପଞ୍ଚାୟତ ଅଞ୍ଚଳର ପ୍ରାୟ ୯୦ ରୋଗୀ ଏହି ଶିବିରରୁ ଉପକୃତ ହୋଇଥିଲେ। ଡାକ୍ତରଙ୍କ ପ୍ରେସକ୍ରିପସନ ଅନୁଯାୟୀ ରୋଗୀମାନଙ୍କୁ ମାଗଣା ଔଷଧ ବିତରଣ କରାଯାଇଥିଲା।

# କାଟିଦେଲେ ୪୦ ଶାଗୁଆନ ଗଛ

**ବଡ଼ଗାଁ, ୨୭।୨(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ଗଏଲୋଗଡ ସ୍ଥିତ ଜଣେ ବ୍ୟକ୍ତିଙ୍କ କୃଷି ଫାର୍ମରୁ ବିଦ୍ୟୁତ୍ ଟାୱାର ଲାଇନ କର୍ମଚାରୀମାନେ ବିନା ଅନୁମତିରେ ମଙ୍ଗଳବାର ୪୦ଟି ଶାଗୁଆନ ଗଛ କାଟି ଦେଇଛନ୍ତି। ଟାୱାର ଲାଇନ ତଳେ ଗଛ ଥିବା ଦର୍ଶାଇ ଫାର୍ମ ମାଲିକ ପରମାନନ୍ଦ ପାଣିଗ୍ରାହୀଙ୍କୁ ନ ଜଣାଇ ତାଙ୍କ ଅନୁପସ୍ଥିତିରେ ଗଛ ବିଭାଗୀୟ କର୍ମଚାରୀମାନେ କାଟି ଦେଇଛନ୍ତି। ଜମି ମାଲିକ ପାଣିଗ୍ରାହୀ ବିଭାଗୀୟ ଅଧିକାରୀଙ୍କୁ ଜଣାଇବା ସହ ଏହାର ସମାଧାନ ନ କଲେ ସେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଆସନ୍ତା ୧ ତାରିଖରେ ଆକଳନ ଅନୁସାରେ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ବିଭାଗୀୟ କର୍ମଚାରୀମାନେ କହିଛନ୍ତି। ଘଟଣା ଅନୁଯାୟୀ, ବଡ଼ଗାଁର ପରମାନନ୍ଦ ପାଣିଗ୍ରାହୀ ଫାର୍ମରେ ୧୫ ବର୍ଷ ତଳେ ଶାଗୁଆନ ଗଛ ଲଗାଇଥିଲେ। ୮ ବର୍ଷ ହେଲା ଏହି ଜମି ଉପରେ ଟାୱାର ଲାଇନ ଯାଇଛି। ପରବର୍ତ୍ତୀ ସମୟରେ ଗଛ ବଡ ହେବାରୁ ଟାୱାର ଲାଇନ ନିକଟତର ହୋଇଛି। ଏହି କାରଣରୁ ୨ଦିନ ତଳେ ଟାୱାର ଲାଇନ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ କର୍ମଚାରୀମାନେ ଗଛ କାଟିଥିବା କହୁଥିବାବେଳେ ଜମି ମାଲିକଙ୍କୁ ନ ଜଣାଇବା ଯୋଗୁ ବିବାଦ ସୃଷ୍ଟି ହୋଇଛି। ଘଟଣା ସମ୍ପର୍କରେ ବିଭାଗୀୟ କର୍ମଚାରୀ ବିମଲ କଣ୍ଡାଙ୍କୁ ଫୋନ ଯୋଗ ପଚାରିବାରୁ, ଆସନ୍ତା ୧ ତାରିଖରେ ସ୍ୱତନ୍ତ୍ର ଟିମ ଆକଳନ କରି ଜମି ମାଲିକଙ୍କୁ କ୍ଷତିପୂରଣ ପ୍ରଦାନ କରିବେ ବୋଲି କହିଛନ୍ତି। ନିଜର ରୟତି ଜମିରେ ଗୋଟିଏ ଗଛ କାଟିବାକୁ ବିଭାଗ ପକ୍ଷରୁ ଅନୁମତି ନେବାକୁ ପଡୁଥିବା ବେଳେ ଏତେ ପରିମାଣର ଶାଗୁଆନ ଗଛ କାଟିଦେବାକୁ ଟାୱାର ଲାଇନ କର୍ମଚାରୀ କିପରି ଉଚିତ ମଣିଲେ ତାକୁନେଇ ସାଧାରଣରେ ଆଲୋଚନା ହେଉଛି।


କଟାଯାଇଥିବା ଗଛ।

# ଆତ୍ମରକ୍ଷା ତାଲିମ ଶିବିର

**ହେମଗିର, ୨୭।୨(ଚୈତନ୍ୟ ପଟେଲ):** ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଗଡଡୁମୁଲିଆ ସ୍ଥିତ ମାଣିକେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟର ଯୁକ୍ତ ୩ର ପ୍ରଥମ ବର୍ଷର ଛାତ୍ରୀଙ୍କୁ ନେଇ ଆତ୍ମସୁରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟ ଅଧକ୍ଷ ଲକ୍ଷ୍ମୀକାନ୍ତ ଜେନା ଯୋଗଦେଇ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଥିଲ। ଏହି ଅବସରରେ ସମ୍ମାନୀତ ଅତିଥିଭାବେ ସମାଜ ସେବି ନାରାୟଣ ପଟେଲ, ସାଗର ଚୌଧୁରୀ, ସୁରଜ କୁମାର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀମାନେ କିପରି ଭାବେ ନିଜର ସୁରକ୍ଷା କରିବେ ତଥା ଏହି ତାଲିମର ମୁଖ୍ୟ ଉଦ୍ଦେଶ୍ୟ ଉପରେ ଅତିଥିମାନେ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟ ଅଧାପିକା ଅଧାପକମାନେ ଉପସ୍ଥିତ ରହି ପରିଚାଳନା କରିଥିଲେ।

# ଘରେ ପଶିଯାଉଥିବା ମହୁ ବିକାଳିଙ୍କୁ ଆକ୍ରମଣ

**ରାଉରକେଲା, ୨୭।୨(ସଙ୍ଗୀତା ଜେନା):** ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳରେ ପୂର୍ବାହ୍ନ ୧୧ଟାରେ ଜଣେ ମହୁବିକାଳୀ ସ୍ଥାନୀୟ ଜଣେ ବ୍ୟକ୍ତିଙ୍କ ଘରେ କେହି ନ ଥିବା ସମୟରେ ପଶି ଯାଇଥିଲେ। ଏ ନେଇ କେତେଜଣ ଯୁବକ ତାଙ୍କୁ ଆକ୍ରମଣ କରି ଥାନାରେ ଦେଇଥିଲେ। ପରେ ଏହାର ଆପୋଷ ସମାଧାନ ହୋଇଥିଲା। ମହୁ ବିକାଳୀ ଘରେ ପଶିଯାଇଥିବାରୁ ସ୍ଥାନୀୟ ଯୁବକମାନେ ତାଙ୍କ ନିସ୍ତୁକ ମାଡ଼ ମାରିଥିଲେ।

# ସୌରଶକ୍ତି ଉତ୍ପାଦରେ ଉନ୍ନତି ପାଇଁ ଏନ୍ଆଇଟିର ସ୍ୱଚ୍ଛ ଶକ୍ତି ଉଦ୍ଭାବନ

**ରାଉରକେଲା, ୨୭।୨(ସଙ୍ଗୀତା ଜେନା)**


ରାଉରକେଲା ଏନ୍ଆଇଟିର ଗବେଷକ ଦଳର ସଦସ୍ୟ।

ସ୍ୱଚ୍ଛଶକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍ଆଇଟି)ର ଗବେଷକ ଦଳ ସୌରଶକ୍ତି ବ୍ୟବସ୍ଥାକୁ ଦକ୍ଷ, ସୁଲଭ ଓ ବିଶ୍ୱସନୀୟ କରିବା ଦିଗରେ କାର୍ଯ୍ୟ କରିଛନ୍ତି। ଇଲେକ୍ଟ୍ରିକାଲ୍ସ ଇଞ୍ଜିନିୟରିଂ ଆସୋସିଏଟ୍ ପ୍ରଫେସର ସୁଶୋଭନ୍ ସାମନ୍ତ ଓ ଗବେଷକ ଦଳ ପିଏଚ୍‌ଇଡ଼ି ଛାତ୍ରୀ ଶତାବ୍ଦୀ ଭଟ୍ଟାଚାର୍ଯ୍ୟ, ରାଉରକେଲା ଏନ୍ଆଇଟିର ଡୁଆଲ୍ ଡିଗ୍ରୀ ଛାତ୍ରୀ ମଧୁସ୍ମିତା ବାରିକଙ୍କ ସହ ପରିବର୍ତ୍ତନ ପାଣିପାଗରେ ସୋଲାର୍ ପ୍ୟାନେଲରୁ ଅଧିକ ବିଦ୍ୟୁତ୍ ଉତ୍ପାଦନ କରିବା ପାଇଁ ଶସ୍ତା ଜ୍ଞାନକୌଶଳ ଉଦ୍ଭାବନ କରିଛନ୍ତି। କ୍ଲିନ୍ ଏନର୍ଜି ଇନିସିଏଟିଭ୍ (ସିଇଆର୍ଆଇ) ଅଧୀନରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ (ଡିଏସ୍‌ଟି) ଦ୍ୱାରା ସମର୍ଥିତ ଏହି ଗବେଷକ ଦଳକୁ ବିକଶିତ ଜ୍ଞାନକୌଶଳ ପାଇଁ ପେଟେଣ୍ଟ ପ୍ରଦାନ କରାଯାଇଛି। ସୌର ପ୍ୟାନେଲ ସୂର୍ଯ୍ୟକିରଣରୁ ବିଜୁଳି ଉତ୍ପାଦନ କରେ। କିନ୍ତୁ ତାପମାତ୍ରାରେ ପରିବର୍ତ୍ତନ ଓ ସୂର୍ଯ୍ୟକିରଣ ତୀବ୍ରତା କାରଣରୁ ଦିନସାରା ଶକ୍ତିଉତ୍ପାଦନ ପରିମାଣ ବଦଳିଥାଏ। ସେଗୁଡ଼ିକ ସର୍ବଦା ସର୍ବାଧିକ ଶକ୍ତି ଉତ୍ପାଦନ କରିବା ସୁନିଶ୍ଚିତ କରିବା ପାଇଁ, ସୌର ପ୍ରଣାଳୀ ଗୁଡ଼ିକୁ ମାକ୍ସିମାମ୍ ପାୱାର ପଏଣ୍ଟ ଟ୍ରାକିଂ(ଏମ୍‌ପିଟି) ନାମକ କୌଶଳ ବ୍ୟବହାର କରନ୍ତି। ଏହା ସ୍ମାର୍ଟ ସିଷ୍ଟମ ଯାହା ସୂର୍ଯ୍ୟକିରଣ ଓ ତାପମାତ୍ରା ପରିବର୍ତ୍ତନ ଆଧାରରେ ଭୋଲଟେଜ୍ ଓ କରେଣ୍ଟକୁ ତାରତମ୍ୟ କରି ସୌର ପ୍ୟାନେଲଗୁଡ଼ିକୁ ସର୍ବାଧିକ ସମ୍ଭବ ବିଦ୍ୟୁତ୍ ଉତ୍ପାଦନ କରିବାରେ ସାହାଯ୍ୟ କରେ। ଏଥିରେ ଏକ ମାଇକ୍ରୋକୁଇଣ୍ଟାଲ ରହିଛି, ଯାହା ଏମ୍‌ପିପିଟି ଆଲ୍‌ଗୋରିଦିମ୍ ଚଳାଇଥାଏ। ଭୋଲଟେଜ୍ ଓ କରେଣ୍ଟ ମାପିବା ପାଇଁ ସେନ୍ସର ରହିଛି। ଶକ୍ତିର ପ୍ରବାହ ନିୟନ୍ତ୍ରଣ ପାଇଁ ଏକ ଡିସି -ଡିସି କନଭର୍ଟର ରହିଛି। ଏହି ସିଷ୍ଟମ ସୌର ପ୍ୟାନେଲର ଉତ୍ପାଦନ ଉପରେ ନିରନ୍ତର ନଜର ରଖିଥାଏ। ସର୍ବନିମ୍ନ ଶକ୍ତି ଅପଚୟକୁ ସୁନିଶ୍ଚିତ କରି ସର୍ବୋଚ୍ଚ ଦକ୍ଷତାରେ ଚାଲୁ ରଖିବା ପାଇଁ ସାମାନ୍ୟା ସଂଶୋଧନ କରିଥାଏ। ଏହି ସୀମିତତାକୁ ଦୂର କରିବା ପାଇଁ ପ୍ରଫେସର ସାମନ୍ତଙ୍କ ଦଳ ଏକ ଭୋଲଟେଜ୍ ସେନ୍ସର ଆଧାରିତ ଏମ୍‌ପିଟି ପଦ୍ଧତି ବିକଶିତ କରିଛନ୍ତି। ଯାହା ବର୍ତ୍ତମାନର ସେନ୍ସର ଆବଶ୍ୟକତାକୁ ଦୂର କରିବ। ସିଷ୍ଟମ ଜଟିଳତା ଓ ଖର୍ଚ୍ଚକୁ ହ୍ରାସ କରିବ। ପ୍ରଭାବଶାଳୀ ସ୍ଥିର ଅବସ୍ଥା ଅପରେସନ୍‌ବ୍ୟୟ ରଖିବା ସହ ଏମ୍‌ପିପିକୁ ଅଧିକ ଠିକ୍ ଭାବରେ ଟ୍ରାକ କରିବ। ଏହି ଉଦ୍ଭାବନ ସମ୍ପର୍କରେ ସହକାରୀ ପ୍ରଫେସର ସୁଶୋଭନ ସାମନ୍ତ କହିଛନ୍ତି, ପୁରୁଣା ପଦ୍ଧତିରେ ଜ୍ଞାନକୌଶଳ ସହ ସଂଘର୍ଷ କରୁଥିବା କ୍ଷୁଦ୍ର ଶକ୍ତିର ଉନ୍ନତିକୁ ରୋକାଯାଇଥାଏ। ଏହାର ଅନୁକୂଳ ଡିଜାଇନ୍ ବିଭିନ୍ନ ସୌରଶକ୍ତି ସେଟ୍‌ଅପ୍‌ରେ ଏକକୀକରଣ ସକ୍ଷମ କରେ। ଯାହାକୁ ବିଭିନ୍ନ ଆପ୍ଲିକେସନ୍ ପାଇଁ ବହୁମୁଖୀ ସମାଧାନ ପରିଣତ କରେ। ସୁଲଭ ତଥା କ୍ଷୁଦ୍ରସ୍ତରର ସୌର ପ୍ରକଳ୍ପ ପାଇଁ ଏହା ଉପଯୁକ୍ତ। ପାଣିପାଗ ସେନ୍ସର, ରିମୋଟ୍ କମ୍ୟୁନିକେସନ୍ ଟାୱାର ଭଳି ସୌର ଚାଳିତ ଆଇଓଟି ଡିଭାଇସ୍ ବିଶ୍ୱସନୀୟ ଶକ୍ତି ଉତ୍ପାଦନନ ବଜାୟ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସୁଲଭ ଉପଭୋକ୍ତା ସୌର ଉତ୍ପାଦ, ମାଇକ୍ରୋଗ୍ରୀଡ଼ ଓ ଅଫ୍ ଗ୍ରୀଡ଼ ଶକ୍ତି ସମାଧାନ ଆଦିର ଉତ୍ସ ଅଟେ ବୋଲି ସାମନ୍ତ କହିଥିଲେ।

**ଦେଶୀ, ବିଦେଶୀ ମଦ ଜବତ**

ସମ୍ବଲପୁର,(ପ୍ରମୋଦ ବହିଦାର): ସମ୍ବଲପୁର ଜିଲା ଠେଲକୋଲେଇ ଥାନା ଡବରା ଗ୍ରାମରୁ ବ୍ୟାପକ ପରିମାଣର ଦେଶୀ ଓ ବିଦେଶୀ ମଦ ଜବତ କରିଛି ପୋଲିସ। ଗୁରୁବାର ସନ୍ଧ୍ୟାରେ ଠେଲକୋଲଇ ଥାନା ଆଇଆଇସି ବୁଲୁ ସ୍ୱାଇଁ ସଦଳବଳ ଡେରବା ଗ୍ରାମର ଗୋଲାପି କିସାନଙ୍କ ଘରେ ଚଢ଼ାଉ କରି ପ୍ରାୟ ଶହେ ଲିଟର ଦେଶୀ ମଦ ଓ ବିଭିନ୍ନ ବ୍ରାଣ୍ଡର ପ୍ରାୟ ୬୯ ଲିଟର ବିଦେଶୀ ମଦ ଜବତ କରିଥିଲେ। ଖବର ଲେଖାଯିବା ପର୍ଯ୍ୟନ୍ତ କାହାକୁ ଗିରଫ କରାଯାଇନାହିଁ। ଏ ନେଇ ଥାନାରେ ଏକ ମାମଲା(ନଂ.୬୯/୨୫)ରୁଜୁ ହୋଇଛି।

# ସପ୍ତମ ବେତନ କମିଶନ ଲାଗୁ କର

**ସମ୍ବଲପୁର,୨୭।୨(ପ୍ରମୋଦ ବହିଦାର)**



ଉପନିବନ୍ଧକ ସମବାୟ ସମିତି ସମୂହଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଂଘ କର୍ମକର୍ତ୍ତା ଓ ଧାରଣାରତ ପାକ୍ସ କର୍ମଚାରୀ।

**ଉପନିବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପାକ୍ସ କର୍ମଚାରୀଙ୍କ ଧାରଣା**

ବିଭିନ୍ନ ଦାବି ନେଇ ସମ୍ବଲପୁର ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ର କର୍ମଚାରୀମାନେ ସମ୍ବଲପୁର ସମବାୟ ଉପନିବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଧାରଣରେ ବସିଥିଲେ। ସମବାୟ ସମିତିର କର୍ମଚାରୀ ସଂଘ ପଶ୍ଚିମ ଓଡ଼ିଶା ଶାଖା ସଭାପତି ତଥା ପୂର୍ବତନ ରେଙ୍ଗାଲି ବିଧାୟକ ନାଉରୀ ନାୟକଙ୍କ ନେତୃତ୍ୱରେ ଅନ୍ୟ କର୍ମକର୍ତ୍ତାଙ୍କ ସହ ସମ୍ବଲପୁର ଜିଲାର ସମସ୍ତ ପାକ୍ସ କର୍ମଚାରୀ ଧାରଣାରେ ସାମିଲ ହୋଇଥିଲେ। ପାକ୍ସ କର୍ମଚାରୀଙ୍କ କ୍ଷେତ୍ରରେ ସପ୍ତମ ବେତନ କମିଶନ ଲାଗୁ, ଭବିଷ୍ୟନିଧି ସହିତ ଡିଇଓଙ୍କୁ ଏଚ୍‌ଆର୍ ପଲିସରେ ଅନ୍ତର୍ଭୁକ୍ତ କରିବା, କର୍ମଚାରୀମାନଙ୍କ ଅଭିଜ୍ଞତା, ବରିଷ୍ଠତା, ଶିକ୍ଷାଗତ ଯୋଗ୍ୟତା ଓ କାର୍ଯ୍ୟଦକ୍ଷତା ଭିତ୍ତିରେ କେନ୍ଦ୍ରୀୟ ବ୍ୟାଙ୍କକୁ ପଦୋନ୍ନତି ପାଇଁ ଦାବି କରିଛନ୍ତି। ଏହି ଅବସରରେ ଶାଖାର ସଭାପତି ନାଏକ, ସଂଘ ସାଧାରଣ ସମ୍ପାଦକ ନୀତେଶ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ସମ୍ବଲପୁର ସମବାୟ ସମିତି ଉପନିବନ୍ଧକ ଗଜେନ୍ଦ୍ର ପଣ୍ଡାଙ୍କୁ ସାକ୍ଷାତ କରି ଓଡ଼ିଶା ସରକାରଙ୍କ ସମବାୟ ସମିତି ସମୂହ ନିବନ୍ଧକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ।

ସାଧାରଣ ସମ୍ପାଦକ ସାହୁ କହିଛନ୍ତି, ଦୀର୍ଘଦିନରୁ ଉକ୍ତଦାବି ସହିତ ସମବାୟ ସମିତି କର୍ମଚାରୀଙ୍କ ସମସ୍ୟା ସମାଧାନ ପାଇଁ ଦାବି ହୋଇଆସୁଛି। ସମବାୟ ନିୟମ ଅନୁସାରେ କର୍ମଚାରୀମାନଙ୍କୁ ସୁବିଧା ପ୍ରଦାନ କରାଯାଉନାହିଁ। ଏପରିକି ସମବାୟ ସମିତି ସମୂହ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକୁ ମଧ୍ୟ କାର୍ଯ୍ୟକାରୀ କରାଯାଉ ନାହିଁ। ସେ କହିଛନ୍ତି, ସଂଘର ଆହ୍ୱାନ କ୍ରମେ ଗତ ୨୦୨୪ ମାର୍ଚ୍ଚ ୧ରୁ ଅନିର୍ଦ୍ଦିଷ୍ଟକାଳ ପାଇଁ କାର୍ଯ୍ୟବନ୍ଦ କରି କର୍ମଚାରୀମାନେ ଧାରଣାରେ ବସିଥିଲେ। ମାତ୍ର ନିର୍ବାଚନ ଆଚରଣବିଧି ଲାଗୁ ହେବାରୁ ଦୀର୍ଘ ୧୨ ଦିନ ପରେ ମାର୍ଚ୍ଚ ୧୨ରେ ସେମାନେ ଧାରଣାରୁ ଓହରିଥିଲେ। ସେ ସମୟରେ ସେମାନଙ୍କ ସମସ୍ୟାର ଯଥାଶୀଘ୍ର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ଅବଧି ପର୍ଯ୍ୟନ୍ତ କୌଣସି ସୁଫଳ ନ ମିଳିବାରୁ ସେମାନେ ବାଧ୍ୟ ହୋଇ ପୁଣିଥରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେମାନଙ୍କ ସମସ୍ୟା ନେଇ ସରକାରଙ୍କ ଦୃଷ୍ଟିଆକର୍ଷଣ ଓ ସମସ୍ୟାଗୁଡ଼ିକର ସାମାଧାନ ପାଇଁ କର୍ମଚାରୀ ସଂଘର ସଦସ୍ୟମାନେ ନିଜ ଅଞ୍ଚଳରେ ପଶ୍ଚିମ ଓଡ଼ିଶାର ୧୦ଟି ଜିଲାର ଉପନିବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଗୋଟିଏ ଦିନ ପାଇଁ ଶାନ୍ତିପୂର୍ଣ୍ଣ ଧାରଣ ଦେଇଛନ୍ତି। ସେମାନଙ୍କ ଦାବି ପୂରଣ ପାଇଁ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଭିନ୍ନ ପ୍ରକାର ଆନ୍ଦୋଳନ କରାଯିବ। ତେବେ ଏନେଇ ସଂଘ ସଭାପତିଙ୍କ ନିଷ୍ପତ୍ତି ଅନୁସାରେ ରୂପରେଖ ସ୍ଥିର କରାଯିବ ବୋଲି କହିଛନ୍ତି ସାଧାରଣ ସମ୍ପାଦକ ସାହୁ। ସୂଚନାଯୋଗ୍ୟ ଯେ, ଗତ ଫେବୃଆରୀ ୨୩ରେ ପଶ୍ଚିମ ଓଡ଼ିଶା ପ୍ରାଥମିକ କୃଷି ସମବାୟ ସମିତି କର୍ମଚାରୀ ସଂଘ ସଭାପତି ନାଉରୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିଲା। ଏହାସହ ଫେବୃଆରୀ ୨୭ତାରିଖରେ ସମ୍ବଲପୁର ଉପ ନିବନ୍ଧକ ସମବାୟ ସମିତି ସମୂହଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେବାକୁ ଦିଆଯାଇଥିବା ଚେତାବନୀ ଅନୁସାରେ ଗୁରୁବାର ଏହି ଧାରଣ ଦିଆଯାଇଥିଲା।

## ୬୦କେଜି ଗଞ୍ଜେଇ ଜବତ, ୨ ଗିରଫ

**ସମ୍ବଲପୁର,୨୭।୨(ପ୍ରମୋଦ ବହିଦାର)**

ସମ୍ବଲପୁର ଅବକାରୀ ବିଭାଗ ଅଇଁଠାପାଲି ଛକରୁ ଚାଲାଣ ବେଳେ ୬୦.୫ କେଜି ଗଜେଇ ଜବତ କରିଛି। ଚାଲାଣରେ ବ୍ୟବହୃତ ଏକ କାରକୁ ଜବତ କରାଯାଇଛି। ଏହି ଘଟଣାରେ ଜଣେ ମହିଳାଙ୍କ ସହ ଦୁଇଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବିହାର ଉତ୍ତର ଚମ୍ପାରନ ଜିଲା ଭିତାହା ଥାନା ଭୁଇଧରୱା ଗ୍ରାମର କହ୍ନେୟା ଗୁପ୍ତା(୩୦) ଓ ତାଙ୍କ ସହଯୋଗୀ ପୁଷ୍ପାଞ୍ଜଳି ବାରିକ(୩୨)। ଗୁରୁବାର ସକାଳେ ସମ୍ବଲପୁର ଦେଇ ଗଞ୍ଜେଇ ଚାଲାଣ ହେଉଥିବା ସମ୍ପର୍କରେ ଜିଲା ଅବକାରୀ ବିଭାଗକୁ ସୂଚନା ମିଳିଥିଲା। ଉକ୍ତ ସୂଚନା ଅନୁସାରେ ବିଭାଗୀୟ କର୍ମଚାରୀମାନେ ଅଇଁଠାପାଲି ଛକରେ ଛକି ରହିଥିଲେ। ଏହି ସମୟରେ ସେହିବାଟ ଦେଇ ଯାଉଥିବା କାର(ଡିଏଲ୍‌-୩-ସିବିଜେ-୫୧୯୦)କୁ ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଗାଡ଼ିରୁ ୩ଟି ଜରି ବସ୍ତାରେ ଥିବା ଗଞ୍ଜେଇ ଜବତ କରିଥିଲେ। ଏହାସହ ଗାଡ଼ିରେ ଥିବା ୨ଜଣଙ୍କୁ ଅବକାରୀ କାର୍ଯ୍ୟାଳୟ ଆଣି ପଚାରଉଚରା କରିଥିଲେ। ସେମାନେ ଗଞ୍ଜେଇ ସମ୍ପର୍କିତ କୌଣସି ବୈଧ କାଗଜପତ୍ର ଦେଖାଇ ନ ପାରି ନ ଥିଲେ। ବଲାଙ୍ଗୀରରୁ ରାଞ୍ଚିକୁ ଗଞ୍ଜେଇ ଚାଲାଣ କରୁଥିଲେ ବୋଲି ସେମାନେ କହିଥିଲେ। ପରେ ଉଭୟଙ୍କୁ ଗିରଫ କରି ଅବକାରୀ ବିଭାଗ ସ୍ୱତନ୍ତ୍ର ସେସନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ସେଠାରେ ସେମାନଙ୍କ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ୍‌କୁ ପଠାଇ ଦିଆଯାଇଛି।

## କଣ୍ଟେଶ୍ୱରବାବା ମନ୍ଦିର ପ୍ରତିଷ୍ଠା ଉତ୍ସବ, କଳସ ଯାତ୍ରା



ମନ୍ଦିର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ବାହାରିଥିବା କଳସ ଶୋଭାଯାତ୍ରା।

**ସମ୍ବଲପୁର,୨୭।୨(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ବହିଦାରକଟାଠାରେ ଗୁରୁବାର ନବନିର୍ମିତ ଶ୍ରୀଶ୍ରୀ କଣ୍ଟେଶ୍ୱରବାବା ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି। ଏଥିନିମନ୍ତେ ପୂର୍ବାହ୍ନରେ ଏକ ଭବ୍ୟ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। କଳସ ଯାତ୍ରା ଗମ୍ଭାରିପଙ୍କ ଗ୍ରାମରୁ ଆରମ୍ଭ ହୋଇ କଣ୍ଟେଶ୍ୱର ବାବା ମନ୍ଦିର ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଆଖପାଖ ଅଞ୍ଚଳର ଶତାଧିକ ମହିଳା ପୂର୍ଣ୍ଣ ଜଳ କଳସ ଆଣି ଯଜ୍ଞସ୍ଥଳରେ ସ୍ଥାପନ କରିଥିଲେ। ମନ୍ଦିର ପ୍ରତିଷ୍ଠା ନିମନ୍ତେ ଶନିବାର ଶଷ୍ୟାଭିଷେକ କାର୍ଯ୍ୟକ୍ରମ ରହିଛି। ରବିବାର ପୂର୍ଣ୍ଣାହୁତି ଏବଂ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବହିଦାରକଟାଠାରେ ଦୀର୍ଘବର୍ଷ ହେବ ଶ୍ରୀଶ୍ରୀ କଣ୍ଟେଶ୍ୱର ବାବା ଏକ ଘରେ ପୂଜା ପାଇ ଆସୁଥିଲେ। ଅଞ୍ଚଳବାସୀ ମିଶି ନୂତନ ମନ୍ଦିର ନିର୍ମାଣ କରିଛନ୍ତି। ବଂଶୀଧର ପ୍ରଧାନ, ବାବୁଲୁ ଦେହୁରୀ, କମଳାକାନ୍ତ ନାୟକ, ଆଦିତ୍ୟ ପ୍ରସାଦ ନାୟକ, ରଘୁନନ୍ଦନ ପ୍ରଧାନ, ବିପିନ ଭୋଇ, ନିକୁଞ୍ଜ ବିହାରୀ ନାୟକ ପ୍ରମୁଖ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରୁଛନ୍ତି।

### ସଂକ୍ଷେପରେ

## ଗାଡ଼ି ଧକ୍କାରେ ବୃଦ୍ଧ ମୃତ

**ସମ୍ବଲପୁର,୨୭।୨(ପ୍ରମୋଦ ବହିଦାର)**

ସମ୍ବଲପୁର ଜିଲା ଧମା ଥାନା ଅନ୍ତର୍ଗତ ହୁମା ନିକଟ ରାଜ୍ୟ ରାଜପଥ ୧୫ରେ ଏକ ଅଜଣା ଗାଡ଼ି ଧକ୍କାରେ ଗୁରୁବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ଧମା ଥାନା ଅନ୍ତର୍ଗତ ଭୈରୋପାଲି ଗ୍ରାମର ଭମରା ଭୋଇ(୭୦)। ଅପରାହ୍ନରେ ଭମରା କୌଣସି କାମରେ ହୁମା ପଟେ ଯାଉଥିବା ସମୟରେ ପଛପଟୁ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଆହତ ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଧମା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ସମ୍ବଲପୁର ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଧମା ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଶଙ୍କର ମଠରେ ଅଷ୍ଟ ପ୍ରହର ନାମଯଜ୍ଞ

**ସମ୍ବଲପୁର,୨୭।୨(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଶଙ୍କରମଠ ଶୈବପୀଠରେ ଗୁରୁବାର ଅଷ୍ଟ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସାତଟି କୀର୍ତ୍ତନ ଦଳ ନାମ ଜପ କରିଥିଲେ। ସନ୍ଧ୍ୟାରେ ବଲାଙ୍ଗୀର ଜିଲା ପାଟନାଗଡ ଟିକିପାଲିର ଡୋଲାମଣି ମହାରଣା ଏବଂ ଛତିଶଗଡ଼ ସରିଆର ଯାଦବ ପଧାନ କୀର୍ତ୍ତନ ଦଳକୁ ନେଇ ବୈଠକୀ ଅନୁଷ୍ଠିତ ହୋଇଥିଲା। ନାମଯଜ୍ଞରେ ବିମଳ ପ୍ରଧାନ ସପତ୍ନୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ନାମଯଜ୍ଞ ଆୟୋଜନରେ କମିଟି ସଭାପତି ଜଗନ୍ନାଥ ବାରିକ, ଉପସଭାପତି ଦିଲୀପ ମହାପାତ୍ର, ନିମାଇ ବଡାଇ, ସୁରେନ୍ଦ୍ର ଖଟେଇ ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

## ସ୍ୱତନ୍ତ୍ର ବ୍ୟାଖ୍ୟାନ କାର୍ଯ୍ୟକ୍ରମ ଜ୍ଞାନବୃଦ୍ଧିରେ ସହାୟକ ହେବ




ଆୟୋଜିତ ସ୍ୱତନ୍ତ୍ର ବ୍ୟାଖ୍ୟାନରେ ଅତିଥି ଓ ବକ୍ତାମାନେ।

**ସମ୍ବଲପୁର,୨୭।୨(ବି.ଶଙ୍କର)**

ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନ୍‌ଏସ୍‌ସିବି) ସରକାରୀ ମହାବିଦ୍ୟାଳୟ ସ୍ନାତକୋତ୍ତର ଇତିହାସ ବିଭାଗ ଆନୁକୂଲ୍ୟରେ ସ୍ୱତନ୍ତ୍ର ବ୍ୟାଖ୍ୟାନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ସଭାକକ୍ଷରେ ଇତିହାସ ବିଭାଗ ମୁଖ୍ୟ ଡ. ଦୁର୍ଲ୍ଲଭ କୁମାର ସାଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ହରପାଲ ମୁଖ୍ୟଅତିଥି, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଇତିହାସ ବିଭାଗମୁଖ୍ୟ ଡ.ଅତୁଲ କୁମାର ପ୍ରଧାନ ବିଷୟ ବିଶେଷଜ୍ଞ ଭାବରେ ଯୋଗଦାନ କରିଥିଲେ। ବିଭାଗର ଅଧ୍ୟାପକ ଶୁଭମ ଧରେଇ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ଓଡ଼ିଆ ବିଭାଗ ମୁଖ୍ୟ ଡ. ଶ୍ୟାମ ଭୋଇ ସ୍ୱାଗତ କରିଥିଲେ। ଇତିହାସ ବିଭାଗର ସହକାରୀ ପ୍ରଫେସର ତଥା ଆଇକ୍ୟୁଏସି ସଂଯୋଜକ ଡ. ରଘୁମଣି ନାଏକ ସ୍ୱାଗତ ସମ୍ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ଆୟୋଜନରେ ଛାତ୍ରୀଛାତ୍ରମାନଙ୍କ ଜ୍ଞାନବୃଦ୍ଧି ଏବଂ ଜିଜ୍ଞାସା ବଢାଇବାରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ବିଷୟ ବିଶେଷଜ୍ଞ ଡ. ପ୍ରଧାନ ଦୀର୍ଘ ସମୟ ଧରି ଉପଯୁକ୍ତ ବିଷୟ ଉପରେ ଆଲୋଚନା କରିବା ସହିତ ଛାତ୍ରୀଛାତ୍ରମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ଡ. ସୀତା ସାହୁ, ଅଧ୍ୟାପିକା ସୁଶ୍ରୀ ମଧୁମିତା ମହାକୁଡ଼ଙ୍କ ସମେତ ବିଭାଗର ସମସ୍ତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମର ଆୟୋଜନରେ ଉତ୍ତମ କୁମାର ରାଉଳ, ପ୍ରିୟାଂଶୁ ଦାଶ, ସୂରଜ ମହାରଣା, ବର୍ଷା ସାହୁ, ବର୍ଷା ପଟ୍ଟନାୟକ, ସସ୍ମିତା ସେଠ୍, ଅର୍ପିତା ପଧାନ, ମାନସ ନାଗ ସହଯୋଗ କରିଥିଲେ।

## ସହାପାଲି ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ

**ସମ୍ବଲପୁର, ୨୭।୨(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ସହାପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅଶୋକ କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସିଆରସିସି ରଶ୍ମିତା ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ତାଳପାଲି ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ମହେନ୍ଦ୍ର ବାରିକ, ଭୋଇପାଲି ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ନବୀନ ଚନ୍ଦ୍ର କିସାନ, ସହାପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିଚାଳନା କମିଟି ପୂର୍ବତନ ସଭାପତି କୁମରମଣି ମୁଣ୍ଡା ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ଭଲ ପାଠ ପଢି ସୁନାଗରିକ ହେବା ସହ ଦେଶ ଗଠନରେ ସହାୟକ ହେବାପାଇଁ ମୁଖ୍ୟ ଅତିଥି ବେହେରା ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରୀତମ କୁମାର ନାୟକ ପରିଚାଳନା କରିଥିଲେ। ଯାଜ୍ଞସିନୀ ଓରାମ, ରମଣୀ ରଞ୍ଜନ ବିଶ୍ୱାଳ, ମହେନ୍ଦ୍ର ଓରାମ, ହାରଚାନ୍ଦ ଓରାମ, ସୁସ୍ମିତା ସ୍ୱାଇଁ, ପୁଷ୍ପାଞ୍ଜଳି ପଣ୍ଡା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଆନନ୍ଦ ମୁଣ୍ଡା କାର୍ଯ୍ୟକ୍ରମ ଆୟୋଜନରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ।

## ଏନ୍‌ଏସ୍‌ସିବି ମହାବିଦ୍ୟାଳୟରେ ପ୍ରଧାନମନ୍ତ୍ରୀ ଇଣ୍ଟର୍ନଶିପ ଯୋଜନା

**ସମ୍ବଲପୁର,୨୭।୨(ଭବାନୀ ଶଙ୍କର ଭୋଇ)**



କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ଯୋଜନା ସମ୍ପର୍କରେ ସୂଚନା ଦିଆଯାଉଛି।

ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସରକାରୀ ମହାବିଦ୍ୟାଳୟ ପରିସରରେ ଗୁରୁବାର ଅଧ୍ୟକ୍ଷ ଡକ୍ଟର ପ୍ରଦୀପ କୁମାର ହରପାଲଙ୍କ ଅଧ୍ୟକ୍ଷତାରେ ପ୍ରଧାନମନ୍ତ୍ରୀ ଇଣ୍ଟର୍ନଶିପ ଯୋଜନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ତଥା ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ସହକାରୀ ପ୍ରଫେସର ସନ୍ତୋଷ ରଞ୍ଜନ ବେହେରା ଓ ସ୍ନାତକୋତ୍ତର ଓଡ଼ିଆ ବିଭାଗ ମୁଖ୍ୟ ଡକ୍ଟର ଶ୍ୟାମ ଭୋଇ ମଞ୍ଚାସୀନ ଥିଲେ। ଅଧ୍ୟକ୍ଷ ଡକ୍ଟର ହରପାଲ ଇଣ୍ଟର୍ନଶିପ ଯୋଜନାର ଆଭିମୁଖ୍ୟ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ନୋଡାଲ ଅଧିକାରୀ ବେହେରା ପଞ୍ଜିକରଣ ନିୟମାବଳୀ ଓ ଏହାର ରୂପାୟନ ବିଷୟରେ କହିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଡକ୍ଟର ଭୋଇ ଛାତ୍ରୀଛାତ୍ରମାନଙ୍କୁ ନିଜର ଜ୍ଞାନ ଓ ବୁଦ୍ଧିକୁ ଠିକ୍ ଭାବରେ ଉପଯୋଗ କରିବାରେ ଏ ଯୋଜନା ବିଶେଷ ଭାବେ ସାହାଯ୍ୟ କରିବ ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ହରିହର ମଲ୍ଲିକ, ଅଧ୍ୟାପକ ଡ. ପ୍ରଶାନ୍ତ କୁମାର ପଣ୍ଡା, ଅଧ୍ୟାପକ ସତ୍ୟପ୍ରକାଶ ଟୁଡୁ, ଅଧ୍ୟାପକ ସୁରେଶ କୁମାର ବାଗ, ଦେବେନ୍ଦ୍ର ଭୁଏ, ଅଧ୍ୟାପିକା ଡ. ରଶ୍ମିତା ରାଉତରାୟ, ଅଧ୍ୟାପିକା ଅଳକା ଲୁଗୁନ, ଅଧ୍ୟାପିକା ମିନତୀ ଛତ୍ରିଆ ପ୍ରମୁଖ ଉପସ୍ଥିତ ଥିଲେ।

## ଭାରତୀୟ ମଜଦୁର ସଂଘ ସମ୍ବଲପୁର ଜିଲା ଶାଖା ବୈଠକ

**ସମ୍ବଲପୁର,୨୭।୨(ବି.ଶଙ୍କର)**

ଭାରତୀୟ ମଜଦୁର ସଂଘ ସମ୍ବଲପୁର ଜିଲା ଶାଖାର ବୈଠକ ମୁଦିପଡା ଛକ ସ୍ଥିତ ଝୁଲୁନ ସଭାକକ୍ଷରେ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପ୍ରତ୍ୟେକ ସଙ୍ଗଠନର ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ଉପସ୍ଥିତ ରହି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଆଗକୁ ଶ୍ରମିକ ସମ୍ପର୍କ ଅଭିଯାନ, ବନବିହାର ବିଷୟରେ ସଭ୍ୟମାନେ ମତ ରଖିଥିଲେ। ସେହିପରି ନୂତନ ଜିଲା ସମିତି ଗଠନ ଉପରେ ଆଲୋଚନା ହୋଇଥିଲା। ରାଜ୍ୟ ବିଧି ପ୍ରକୋଷ୍ଠରେ ଅରବିନ୍ଦ ନାୟକ ଓ ରାଜ୍ୟ ମେଡିକାଲ ରିପ୍ରେଜେଣ୍ଟେଟିଭରେ ସଞ୍ଜିବ ଦାସ ସ୍ଥାନ ପାଇଥିବାରୁ ସମସ୍ତ ସଦସ୍ୟ ସ୍ୱାଗତ ଜଣାଇଥିଲେ। ଜିଲାରେ ଭାରତୀୟ ମଜଦୁର ସଂଘର ସଦସ୍ୟ ବୃଦ୍ଧି ହୋଇଥିବାରୁ ଆସନ୍ତା ସମୟରେ ଏକ ସମନ୍ୱୟ ସମିତିର ପୁର୍ନବିନ୍ୟାସ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ବୈଠକରେ ଆଶା ସଙ୍ଗଠନର ଲକ୍ଷ୍ମୀ ମହାରଣା, ଲିଲି ଦାସ, ସୁନନ୍ଦିନୀ ଭାଟି, ପାଚିକା ସଙ୍ଗଠନର ଦ୍ରୌପଦୀ ସେଠୀ, କୁନ୍ତୀ ତାଣ୍ଡି ଓ ରୀନା ବେହେରା, ବିଧି ପ୍ରକୋଷ୍ଠ ସଙ୍ଗଠନର ସୀମାଞ୍ଚଳ ପଣ୍ଡା, ମହେଶ ପଣ୍ଡା, ଜୀବିକା ମିଶନର କ୍ଷୀରେଶ୍ୱରୀ ଗରିଆ, କୁମୁଦିନୀ ବାଗ ଓ ଚନ୍ଦ୍ରମା ବେହେରା, ନିର୍ମାଣ ଶ୍ରମିକ ସଙ୍ଗଠନର କୃଷ୍ଣଚନ୍ଦ୍ର ବାକ୍ସି ଉପସ୍ଥିତ ଥିଲେ। ସେହିପରି ଜିଲା ସମିତିର ଉପଦେଷ୍ଟା ଇଞ୍ଜିନିୟରି ପ୍ରଭାତ ପଟ୍ଟନାୟକ, ଜିଲା ଉପସଭାପତି ମନୋରଞ୍ଜନ ପଟ୍ଟନାୟକ, ସମ୍ପାଦକ ଆଶୁତୋଷ ବିଶି ଉପସ୍ଥିତ ଥିଲେ।

## କାମ କରୁନି ଏଟିଏମ୍, ଅସୁବିଧାରେ ଗ୍ରାହକ

**ସମ୍ବଲପୁର,୨୭।୨(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ମହାନଗରର ବିଭିନ୍ନ ସ୍ଥାନରେ ଥିବା ଏସ୍‌ବିଆଇ ଏଟିଏମ୍‌ଗୁଡିକ ଗତ ୨ମାସ ହେଲା ଅଚଳ ହୋଇପଡ଼ିଛି। କେଉଁଠି ଏଟିଏମ୍‌ରେ ଟଙ୍କା ନ ଥିବା ମେସେଜ ଆସୁଛି ତ, ଆଉ କେଉଁଠି ଏଟିଏମ୍ କାଉଣ୍ଟରରେ ଶଟର୍ ପଡିଛି। ସରକାର କ୍ୟାଶଲେସ କାରବାରକୁ ପ୍ରୋତ୍ସାହନ କରିବା ପରେ ଲୋକେ ଆଗଭଳି ଆଉ ପକେଟରେ ଅଧିକ ଟଙ୍କା ରଖୁନାହାନ୍ତି। ଆବଶ୍ୟକ ଅନୁସାରେ ଏଟିଏମ୍ ଉପରେ ନିର୍ଭରଶୀଳ ହେଉଛନ୍ତି। ହେଲେ ସହରର ପ୍ରମୁଖ ସ୍ଥାନରେ ଥିବା ଏଟିଏମ୍ ସବୁ ଅଚଳ ରହିବା ଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଅଇଁଠାପାଲି ପେଟ୍ରୋଲ ପମ୍ପ, ମୁଦିପଡା ଛକ, ବୁଢାରଜା, ଗୋଳବଜାର, ଜିଏୟୁ ଛକ, ଧନୁପାଲି ଛକ, ଗୋବିନ୍ଦତୋଲା, ଚାରଭାଟି ଛକ ସହିତ ସହର ବିଭିନ୍ନ ସ୍ଥାନରେ ଥିବା ଏଟିଏମ୍ ଦୀର୍ଘଦିନ ହେବ ଅଚଳ ହୋଇପଡିଛି। ଏଥିଯୋଗୁ ଲୋକେ ଅସୁବିଧା ଭୋଗୁଛନ୍ତି। ଅଧିକାଂଶ ଦୋକାନ, ବଜାରରେ ଅନଲାଇନ କାରବାର ହେଉଛି ଏହା ସତ। ହେଲେ ସକାଳୁ ପରିବା ପାଇଁ ବଜାରକୁ ଗଲେ ଗାଁରୁ ଆସି ପସରା ବସାଉଥିବା ଛୋଟ ବ୍ୟବସାୟୀଙ୍କ ପାଖରେ ସେ ବ୍ୟବସ୍ଥା ନାହିଁ। ତେଣୁ ଗ୍ରାହକ ପନିପରିବା କିଣିବା ପରେ ପାଖରେ ନଗଦ ଟଙ୍କା ନ ଥିବାରୁ କିଣିଥିବା ସାମଗ୍ରୀ ଫେରାଇବା ଭଳି ସ୍ଥିତି ଉପୁଜୁଛି। ଏହି ପରିସ୍ଥିତିରେ ଏସ୍‌ବିଆଇ ଗ୍ରାହକ ବାଧ୍ୟ ହୋଇ ଅନ୍ୟ ବ୍ୟାଙ୍କର ଏଟିଏମ୍ କାଉଣ୍ଟରରୁ ଯାଇ ଟଙ୍କା ଉଠାଉଛନ୍ତି। ଏ ସମ୍ପର୍କରେ ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟ କର୍ତ୍ତୃପକ୍ଷ କହିଛନ୍ତି ଏସ୍‌ବିଆଇ ଏଟିଏମ୍‌ଗୁଡିକରେ ଅର୍ଥ ପରିଚାଳନା କାର୍ଯ୍ୟ ଦୁଇଟି ସଂସ୍ଥାକୁ ଦିଆଯାଇଛି। ସେଥିମଧ୍ୟରୁ ସିଏମ୍‌ଏସ୍ ସଂସ୍ଥା ତା'ର କାର୍ଯ୍ୟ ଜାରି ରଖିଥିବା ବେଳେ ଏଜିଏସ୍ ସଂସ୍ଥା ପ୍ରାୟ ୨ମାସ ହେବ ବିଭିନ୍ନ ଦାବି ନେଇ କାର୍ଯ୍ୟ ବନ୍ଦ କରିଛି। ଯାହାଦ୍ୱାରା ଏଜିଏସ୍ ସଂସ୍ଥା ଜରିଆରେ ପରିଚାଳିତ ଏଟିଏମ୍‌ଗୁଡିକରେ କ୍ୟାଶ୍ ଭର୍ତ୍ତି କରାଯାଇ ପାରୁନାହିଁ। ତେଣୁ ସେହି ଏଟିଏମ୍‌ଗୁଡିକ ଅଚଳ ହୋଇପଡିଛି। ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟ ଅଧୀନରେ ୧୩୪ଟି ଏଟିଏମ୍ ମଧ୍ୟରୁ ଏଜିଏସ୍ ସଂସ୍ଥା ଦାୟିତ୍ୱରେ ଥିବା ୪୦ଟି ଏଟିଏମ୍ ପ୍ରଭାବିତ ହୋଇଛି। ଏହି ସମସ୍ୟା ସିଧାସଳଖ ମୁମ୍ବାଇସ୍ଥିତ ଏସ୍‌ବିଆଇ ମୁଖ୍ୟାଳୟ ସହ ଜଡିତ ରହିଥିବାରୁ ସେଠାରୁ ଯାହା ଦିଶାନିର୍ଦ୍ଦେଶ ଆସିବ ସେ ଅନୁସାରେ ପଦକ୍ଷେପ ନିଆ ଯାଇପାରିବ ବୋଲି ଆଞ୍ଚଳିକ କାର୍ଯ୍ୟାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।




ଅଚଳ ମୁଦିପଡାସ୍ଥିତ ଏସ୍‌ବିଆଇ ଏଟିଏମ୍।

## ଶୃଙ୍ଖଳା ପିଲାଙ୍କୁ ଶୀର୍ଷରେ ପହଞ୍ଚାଇଥାଏ

### ଅର୍ଜୁନବାଡ଼ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**କୁଚିଣ୍ଡା,୨୭।୨(ବିରଞ୍ଚି ଦର୍ଦ୍ଦା)**



କୃତୀ ଛାତ୍ରଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରୁଛନ୍ତି।

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଅର୍ଜୁନବାଡ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ଚିନୁପମା ଭଇଁଷା ଏଥିରେ ସଭାପତିତ୍ୱ କରିଥିଲେ। ବାଉରୀଗୋଡା ସରପଞ୍ଚ ଗୋବର୍ଦ୍ଧନ ବାଘ ମୁଖ୍ୟ ଅତିଥି, ଖବରଦାତା ବିରଞ୍ଚିନାରାୟଣ ଦର୍ଦ୍ଦା ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ କହିଥିଲେ ଯେ, ବାର୍ଷିକ ଉତ୍ସବ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଗୁଣାବଳୀର ପରୀକ୍ଷା ହୋଇଥାଏ। ପ୍ରାଥମିକ ଶିକ୍ଷାରୁ ହିଁ ପିଲାର ଭବିଷ୍ୟତ ସାଙ୍ଗକୁ ଚରିତ୍ର ଗଠନ ହୋଇଥାଏ। ତେଣୁ ଶୃଙ୍ଖଳା ହିଁ ପିଲାଙ୍କୁ ଶୀର୍ଷକୁ ନେବାରେ ସହାୟକ ହୋଇଥାଏ ବୋଲି କହିଥିଲେ। ସମିତି ସଭ୍ୟ ପରେଶ ପଟେଲ, ସିଆର୍‌ସିସି ମନୋଜ ପଟେଲ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେନ୍ଦ୍ର ପୃଷେଠ ଓ ହାରାଚାନ୍ଦ ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରଜନୀ ନାଏକ, ପ୍ରସନ୍ନ ନାୟକ, ବିଶିଷ୍ଟ କଣ୍ଠଶିଳ୍ପୀ ଅଶୋକ ଜୟପୁରିଆ ସମ୍ମାନିତ ଅତିଥିଭାବେ ଯୋଗଥିଲେ। ଏହି ଅବସରରେ ବିଦ୍ୟାଳୟରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ସହକାରୀ ଶିକ୍ଷୟିତ୍ରୀ ସୁସ୍ମିତା ସୁନାନୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସିଆର୍‌ପି ଶେଫାଳି ସେଠ, ଅରୁଣ ସାହୁ, ଝରଣା ସାହୁ, ଯୋଗେଶ୍ୱରୀ ନାଏକ, ମିନା ନାଏକ, ମନୋରମା ନନ୍ଦ, ଗୀତା ସୁନାନୀ ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ତ୍ରିକୋଣୀୟ ପ୍ରେମରୁ ହତ୍ୟାକାଣ୍ଡ

**■୨ ଗିରଫ, ବ୍ୟବହୃତ ରଶି, ମୋବାଇଲ ଫୋନ ଜବତ**

**■ନାବାଳକଙ୍କୁ ହତ୍ୟାକରି ପତ୍ର ଘୋଡ଼ାଇବା ଘଟଣାର ପର୍ଦ୍ଦାଫାଶ**

ଦେବଗଡ଼,୨୭।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା କୁଣ୍ଢେଇଗୋଳା ଥାନା ଢୁଙ୍ଗାମାଳ ଗ୍ରାମର ବିଜୟ ମୁଣ୍ଡାଙ୍କ ୧୭ବର୍ଷର ନାବାଳକ ପୁଅ ଅମିତଙ୍କ ମୃତଦେହ ବୁଧବାର ନିକଟସ୍ଥ ଜଙ୍ଗଲରୁ ଜବତ ଘଟଣାର ପୋଲିସ ପର୍ଦ୍ଦାଫାଶ କରିଛି। ତ୍ରିକୋଣୀୟ ପ୍ରେମରୁ ଅମିତଙ୍କୁ ହତ୍ୟା କରାଯାଇଥିବା ଦେବଗଡ଼ ଜିଲା ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର ଗୁରୁବାର ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତ ସୁଶୀଳ ମୁଣ୍ଡା(୨୪) ଓ ତାଙ୍କ ସହଯୋଗୀ ଅମନ ନାୟକ(୨୬)ଙ୍କୁ ଗିରଫ କରିଛି। ହତ୍ୟାରେ ବ୍ୟବହୃତ ରଶି ଏବଂ ଅମିତଙ୍କ ମୋବାଇଲ ଜବତ କରିଛି। ଉଭୟଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଥିବା ଦେବଗଡ଼ ଜିଲା ଏସ୍‌ପି ମିଶ୍ର ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଜଣେ ଝିଅଙ୍କୁ ଅମିତ ଓ ସୁଶୀଳ ଭଲ ପାଉଥିଲେ। ତେବେ ସମ୍ପୃକ୍ତା ଝିଅଙ୍କଠାରୁ ଦୂରେଇ ଯିବାକୁ ସୁଶୀଳ ଏକାଧିକବାର ଅମିତଙ୍କୁ ବୁଝାଇଥିଲେ ହେଁ ଏଥିରେ ଅମିତ ରାଜି ହୋଇ ନ ଥିଲେ। ଫଳରେ ସୁଶୀଳ ଅମିତଙ୍କୁ ସବୁଦିନ ପାଇଁ ରାସ୍ତାରୁ ହଟାଇବାକୁ ନିଷ୍ପତ୍ତି ନେଇଥିଲେ। ନିଷ୍ପତ୍ତି ଅନୁଯାୟୀ ଗତ ସୋମବାର ରାତି ପ୍ରାୟ ୧୦ଟାରେ ସୁଶୀଳ କଥାହେବା ବାହାନାରେ ଅମିତଙ୍କୁ ଫୋନ ଯୋଗେ ଡାକିଥିଲେ। ସୁଶୀଳଙ୍କ ଫୋନ କଲ୍ ପାଇ ଅମିତ ଆସିବାରୁ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ସୁଶୀଳ ଏବଂ ତାଙ୍କ ସହଯୋଗୀ ଅମନ ରଶିରେ ଅମିତଙ୍କ ତଣ୍ଟିଚିପି ହତ୍ୟା କରିଥିଲେ। ଏହାପରେ ପ୍ରମାଣ ନଷ୍ଟ ଉଦ୍ଦେଶ୍ୟରେ ମୃତଦେହ ଅଳ୍ପ ଦୂରକୁ ବୋହିନେଇ ଜଙ୍ଗଲ ମଧ୍ୟରେ ଫିଙ୍ଗି ଦେଇ ତା'ଉପରେ ଶୁଖିଲା ପତ୍ର ଢାଙ୍କି ଦେଇଥିଲେ। ସେହିପରି ଅମିତଙ୍କ ମୋବାଇଲ ଫୋନ ମଧ୍ୟ ନେଇଯାଇଥିଲେ। ଅନ୍ୟପକ୍ଷେ ଶୌଚ ହେବା ପାଇଁ ଯାଉଛି କହି ଏକ ଢାଳ (ଗଡୁ) ଧରି ଘରୁ ବାହାରିଥିବା ଅମିତ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ ହେଁ ତାଙ୍କର କୌଣସି ସନ୍ଧାନ ପାଇ ନ ଥିଲେ। ଏ ନେଇ ମଙ୍ଗଳବାର ରାତିରେ ପରିବାର ଲୋକେ କୁଣ୍ଢେଇଗୋଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଥିଲା। ବୁଧବାର ସକାଳ ପ୍ରାୟ ୮ଟାରେ ନିକଟସ୍ଥ ଜଙ୍ଗଲରେ ଅମିତଙ୍କ କ୍ଷତାକ୍ତ ମୃତଦେହ ପଡିଥିବା ଏବଂ ଏହାକୁ ଶୁଖିଲା ପତ୍ରରେ ଢଙ୍କା ଯାଇଥିବା ପରିବାର ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। କୁଣ୍ଢେଇଗୋଳା ଥାନା ଅଧିକାରୀ ଦାୟିତ୍ୱରେ ଥିବା ରିଆମାଳ ଥାନା ଅଧିକାରୀ ସତ୍ୟବ୍ରତ ରାଉତ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପାରିପାର୍ଶ୍ୱିକ ପରିସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଏକ ପ୍ରକାର ସ୍ପଷ୍ଟ ଜଣାପଡୁଥିବା ବେଳେ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଧୀରଜ ଚୋପଦାର ଓ ଡିଏସ୍‌ପି ପବିତ୍ର କିଷାନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ପ୍ରକ୍ରିୟାକୁ ତଦାରଖ କରିଥିଲେ। ସେହିପରି ଅଧିକ ତଦନ୍ତ ନିମନ୍ତେ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁରର ସହାୟତା ନିଆଯାଇଥିଲା। ତଦନ୍ତ ବେଳେ ଏହି ଘଟଣାରେ ସମ୍ପୃକ୍ତ ସନ୍ଦେହରେ ପୋଲିସ ମଙ୍ଗଳବାର ସୁଶୀଳ ଓ ସହଯୋଗୀ ଅମନଙ୍କ ସମେତ ୩ଜଣଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ପଚରାଉଚରା ସମୟରେ ତ୍ରିକୋଣୀୟ ପ୍ରେମକୁ କେନ୍ଦ୍ରକରି ଶୁଶୀଳ ତା'ର ସହଯୋଗୀ ଅମନ ସହିତ ମିଶି ରଶି ସାହାଯ୍ୟରେ ତଣ୍ଟିଚିପି ଅମିତଙ୍କୁ ହତ୍ୟା କରିଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ। ସେମାନଙ୍କ ସ୍ୱୀକାରୋକ୍ତି ଆଧାରରେ ପୋଲିସ ଅମନଙ୍କ ଘରୁ ହତ୍ୟା କାଣ୍ଡରେ ବ୍ୟବହୃତ ରଶି ଓ ଅମିତଙ୍କ ମୋବାଇଲ ଫୋନ ଜବତ କରିଥିଲା। ଗୁରୁବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରିଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।


ଖବରଦାତା ସମ୍ମିଳନୀରେ ଅଭିଯୁକ୍ତଙ୍କୁ ହାଜର କରାଯାଇଛି।

## କୋଟିଏ ଟଙ୍କାର ଗଞ୍ଜେଇ ଜବତ


ଜବତ ଗଞ୍ଜେଇ, ପିକ୍‌ଅପ୍ ଭ୍ୟାନ ଓ ଗିରଫ ଅଭିଯୁକ୍ତ।

ପାରଳାଖେମୁଣ୍ଡି,୨୭।୨(ଗିରିଧାରୀ ପରିଛା)

ଗଜପତି ଜିଲା ଅଡବାରୁ ମହାରାଷ୍ଟ୍ରକୁ ଚାଲାଣ ହେଉଥିବା ବେଳେ ଏନେଇ ସୁରାକ ପାଇ ଅବକାରୀ ବିଭାଗ ଚଢ଼ାଉ କରି ୩ କୁଇଣ୍ଟାଲରୁ ଉର୍ଦ୍ଧ୍ୱ (୩୮୪ କେଜି) ଗଞ୍ଜେଇ ଜବତ କରିଛି। ବ୍ୟବହୃତ ପିକ୍‌ଅପ୍ ଭ୍ୟାନକୁ ମଧ୍ୟ ଜବତ କରାଯାଇଛି। ଭ୍ୟାନରେ ୮ଟି ପ୍ୟାକେଟରେ ଏହି ଗଞ୍ଜେଇ ଥିଲା। ଏହାର ବଜାର ମୂଲ୍ୟ ପ୍ରାୟ ୧ କୋଟି ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ଖବରରୁ ଜଣାପଡିଛି, ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅବକାରୀ ଟିମ୍ ତିନିଦିନ ଧରି ଏହି ଗଞ୍ଜେଇ ଚାଲାଣ ଉପରେ ନଜର ରଖିଥିଲେ। ଗୁରୁବାର କାଶୀନଗରଠାରୁ ପାରଳାଖେମୁଣ୍ଡି ଅଭିମୁଖେ ଆସୁଥିବା ବେଳେ ପିକ୍‌ଅପ୍ ଭ୍ୟାନକୁ ଅଟକାଇ ଯାଞ୍ଚ କରିଥିଲେ। ସେଥିରୁ ଯାଞ୍ଚ ବେଳେ ଉପରୋକ୍ତ ପରିମାଣର ଗଞ୍ଜେଇ ମିଳିଥିଲା। ଏଥିରେ ସମ୍ପୃକ୍ତ ଡ୍ରାଇଭର କୁରା ଦଣ୍ଡସେନାଙ୍କୁ ଗିରଫ କରାଯାଇଛି। ତାଙ୍କ ଘର ଅଡବା ନିକଟସ୍ଥ ଗୁରୁଝଲ ଗ୍ରାମରେ। ଏଥିରେ ସମ୍ପୃକ୍ତ ମାଷ୍ଟରମାଇଣ୍ଡ କୁହାଯାଉଥିବା ୨ ଜଣ ଫେରାର ହୋଇଯାଇଥିବା ଅବକାରୀ ଅଧୀକ୍ଷକ ପ୍ରଦୀପ ସାହୁ କହିଛନ୍ତି। ଚଡାଉ ଟିମ୍‌ରେ ଦୁର୍ଯ୍ୟୋଧନ ଦିଗାଲ, ପ୍ରସନ୍ନ ପଟେଲ ସାମିଲ ଥିଲେ।

## ୬ ଆନ୍ତଃ ଜିଲା ଶିକାରୀ ଗିରଫ

### ବଣାଇଁ ବନଖଣ୍ଡର ଜର୍ଡା ରେଞ୍ଜ ଅଞ୍ଚଳରେ ଚଢ଼ାଉ

ବଣାଇଁ,୨୭।୨(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ବଣାଇଁ ବନଖଣ୍ଡର ଜର୍ଡା ରେଞ୍ଜ ଅଞ୍ଚଳରେ ଗୁରୁବାର ବନବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୬ ଆନ୍ତଃ ଜିଲା ଶିକାରୀଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ରାଜକୁମାର ପ୍ରଧାନ, ରମଣୀ ରଞ୍ଜନ ପାତ୍ର, ଶରତ ନାଏକ, ଭୀମ କିଷାନ, ନାରାୟଣ ହସ୍ତୀ ଓ ବିଶ୍ୱନାଥ ହସ୍ତୀ। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏମାନଙ୍କ ଘର ସୁନ୍ଦରଗଡ଼ ଜିଲାର ଜର୍ଡା, ସୋଲ ସମେତ ସମ୍ବଲପୁର ଜିଲାରେ ବୋଲି ଖବରଦାତା ସମ୍ମିଳନୀରେ ବଣାଇଁ ଡିଏଫ୍‌ଓ ଲଳିତ କୁମାର ପାତ୍ର ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଦୀର୍ଘଦିନ ଧରି ବଣାଇଁ ବନଖଣ୍ଡ ଅଞ୍ଚଳରେ ବନ୍ୟ ପ୍ରାଣୀ ଶିକାରୀଙ୍କ ଗତିବିଧି ବୃଦ୍ଧି ପାଇବା କାରଣରୁ ବିଭାଗ ପ୍ରାୟ ଏକ ମାସ ଧରି ଟ୍ରାକିଂ ଚଳାଇଥିଲା। ଏହି କ୍ରମରେ ଗୁରୁବାର ସକାଳେ ବଣାଇଁ ବନାଞ୍ଚଳ ଅଧିକାରୀ ଦେବାଶିଷ ନାଏକ, ଜର୍ଡା ବନାଞ୍ଚଳ ଅଧିକାରୀ କୈଳାସ କିଷାନଙ୍କ ନେତୃତ୍ୱରେ ଏକ ୩୫ ଜଣିଆ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ଭିନ୍ନ ଭିନ୍ନ ସ୍ଥାନରୁ ୫ଟି ଦେଶୀ ବନ୍ଧୁକ, ୨ଟି ମାଙ୍କଡ଼ ଚମଡ଼ା, ୨ଟି କୁଟୁରା ଶିଙ୍ଘ, ଶିକାର ଫାଶ, ୮ଟି ଧନୁ ତୀର, ବ୍ୟାପକ ବାରୁଦ, ଅଫୁଟା ଗୁଳି, ମୟୂର ପୁଚ୍ଛ, ଝିଙ୍କ କାଠି, ୨ଟି ମୋବାଇଲ ଓ ଗୋଟିଏ ବାଇକ ଜବତ କରାଯାଇଛି। ଘଟଣାରେ ସମ୍ପୃକ୍ତ ୬ ଜଣଙ୍କୁ ବନବିଭାଗର ସ୍ୱତନ୍ତ୍ର ଟାସ୍କଫୋର୍ସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସମସ୍ତେ ଆନ୍ତଃ ଜିଲା ଅପରାଧୀ ବୋଲି ଡିଏଫ୍‌ଓ ପାତ୍ର ସୂଚନା ଦେଇଛନ୍ତି।

## ସ୍ୱାମୀଙ୍କୁ ବାନ୍ଧିଲେ, ସ୍ତ୍ରୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଲୁଟିଲେ ୮ ଭରି ସୁନା



ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଛନ୍ତି।

ବାଲିଗୁଡା,୨୭।୨
(ସଞ୍ଜୟ କୁମାର ପାଣିଗ୍ରାହୀ)

### ଦୋକାନ ବଜାର ବନ୍ଦ, ରାସ୍ତାରୋକୋ

କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ତୁମୁଡିବନ୍ଧ ବ୍ଲକ ଅଞ୍ଚଳରେ ଚୋରଙ୍କ ପାର୍ଦୁର୍ଭାବ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ବାରମ୍ବାର ଚୋରି, ଡକାୟତି, ଲୁଟତରାଜ, ରାହାଜାନି କରି ସେମାନେ ପୋଲିସକୁ ଚାଲେଞ୍ଜ ଦେଉଛନ୍ତି। ବୁଧବାର ମଧ୍ୟରାତ୍ରିରେ ତୁମୁଡିବନ୍ଧ ଅଞ୍ଚଳରେ ଏକ ବଡଧରଣର ଚୋରି ଘଟିଛି। ଏକ ପରିବାରରେ ଚୋରମାନେ ପଶି ସ୍ୱାମୀଙ୍କୁ ବାନ୍ଧି ସ୍ତ୍ରୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ୮ ଭରି ସୁନା ଅଳଙ୍କାର ଏବଂ ନଗଦ ଏକ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଖବରରୁ ଜଣାପଡିଛି, ଡ. ଆମ୍ବେଡ଼କର ଛକ ବାସିନ୍ଦା ପୀତାମ୍ବର ସାହୁଙ୍କ ଘରେ ବୁଧବାର ରାତିରେ ୪/୫ ଜଣ ମୁଖାଧାରୀ ଦୁର୍ବୃର୍ତ୍ତ ପଶି କବାଟ ପିଟି ଡାକିଥିଲେ। ରାତି ଅଧରେ କେହି କବାଟ ପିଟୁଥିବାରୁ ପୀତାମ୍ବର କବାଟ ଖୋଲି ନ ଥିଲେ। ଚୋରମାନେ କବାଟ ଭାଙ୍ଗି ଭିତରେ ପଶିଥିଲେ। ପ୍ରଥମେ ପୀତାମ୍ବରଙ୍କ ପାଟିକୁ ସେଲୋଟେପ୍‌ରେ ବନ୍ଦ କରି ପଛପଟକୁ ଦୁଇ ହାତ ବାନ୍ଧି ଦେଇଥିଲେ। ପରେ ତାଙ୍କ ସ୍ତ୍ରୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଘରେ ଥିବା ସବୁ ଅଳଙ୍କାର ଓ ଟଙ୍କା ଲୁଟି ନେଇଥିଲେ। ପୋଲିସ ଶିବରାତ୍ର ପାଇଁ ମନ୍ଦିର ନିକଟରେ ପଇଁତରା ମାରୁଥିବା ବେଳେ ପୀତାମ୍ବରଙ୍କ ଘରୁ ଏପରି ବଡଧରଣର ଚୋରି ହେବା ପୋଲିସ ପ୍ରତି ଚୋରମାନଙ୍କ ଖୋଲା ଚାଲେଞ୍ଜ ବୋଲି ସାଧାରଣରେ ଆଲୋଚନା ହେଉଛି। ଏହା ଜାଣିବା ପରେ ବାଲିଗୁଡା ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଗୁରୁବାର ତୁମୁଡିବନ୍ଧରେ ବଣିକ ସଂଘ ଓ ଗ୍ରାମବାସୀଙ୍କ ପକ୍ଷରୁ ଦୋକାନ ବଜାର ବନ୍ଦ କରି ୫ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ରାସ୍ତାରୋକୋ କରାଯାଇଥିଲା। ଫଳରେ ରାସ୍ତାର ଦୁଇ ପାର୍ଶ୍ୱରେ ଗାଡିମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ବାଲିଗୁଡ଼ା ଏସ୍‌ଡିପିଓ ରାମେନ୍ଦ୍ର ପ୍ରସାଦ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରି ତୁମୁଡିବନ୍ଧ ଗ୍ରାମବାସୀ ଓ ବଣିକ ସଂଘ ସହ ଆଲୋଚନା କରି ଏହି ଡକାୟତି ଘଟଣାର ତଦନ୍ତ କରିବା, ଅଞ୍ଚଳରେ ପାଟ୍ରୋଲିଂ କଡାକଡ଼ି କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପରେ ରାସ୍ତାରୋକୋ ପ୍ରତ୍ୟାହାର ହୋଇଥିଲା। ସନ୍ଧ୍ୟାରେ ପୀତାମ୍ବର ଘରୁ ଚୋରି ସମ୍ପର୍କରେ ବାଲିଗୁଡା ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, ଜଳେଶପଟ୍ଟା ସ୍ଥିତ ଜଳେଶ୍ୱର ଶୈବ ପୀଠରେ ଶିବରାତ୍ରି ପାଳନ ହେଉଥିବାରୁ ସେଠାରେ ରାତି ତମାମ ଗହଳି ଲାଗି ରହିଥିଲା। ଏଥିପ୍ରତି ଟିକେ ବି ଭୟ ନ କରି ଚୋରମାନେ ପୀତାମ୍ବରଙ୍କ ଘରକୁ ଟାର୍ଗେଟ୍ କରି ପଶିଥିଲେ। ସେହିପରି ୨୦୨୩ ଏପରି ଶିବରାତ୍ରିରେ ମେଡିକାଲ ସମ୍ମୁଖ ଝୁନା ପରିଡ଼ାଙ୍କ ଘରୁ ଏକ ବଡ଼ ଧରଣର ଚୋରି ହୋଇଥିଲା।

## ମାମଲା ରଫାଦଫା ପାଇଁ ଅର୍ଥ ଲୋଭ, ଚାପ ପ୍ରୟୋଗ ଅଭିଯୋଗ

**ମହିଳା ଗୃହରକ୍ଷୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା ମାମଲା**

ଜଗତ୍‌ସିଂହପୁର, ୨୭।୨
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଥାନାର ଜଣେ ମହିଳା ଗୃହରକ୍ଷୀ (ହୋମଗାର୍ଡ) ଏହି ଥାନାର ପୂର୍ବତନ ଅତିରିକ୍ତ ଆଇଆଇସି ତଥା କୁଜଙ୍ଗ ଆଇଆଇସି ଦାୟିତ୍ୱରେ ଥିବା ତପନ ନାହାକଙ୍କ ନାମରେ ସଙ୍ଗିନ ଅଭିଯୋଗ କରିଥିଲେ। ଆଇଆଇସି ନାହାକଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଥିଲା ଏବଂ ସେ କୁଆଡେ ତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ଏହି ମାମଲାରେ ଆଇଆଇସି ନାହାକଙ୍କୁ ଗତ ୨୬ ତାରିଖରେ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଏହାର ଦିନକ ପରେ ମାମଲାକୁ ରଫାଦଫା କରିବା ପାଇଁ ଚାପ ପ୍ରୟୋଗ କରାଯାଉଛି ବୋଲି ଗଣମାଧ୍ୟମ ଆଗରେ ସମ୍ପୃକ୍ତା ମହିଳା ଗୃହରକ୍ଷୀ ଅଭିଯୋଗ କରିଛନ୍ତି। ଏପରିକି ମାମଲା ରଫାଦଫା ପାଇଁ ଅର୍ଥ ଲୋଭ ଦେଖାଯାଇଥିବା ନେଇ ଅଭିଯୋଗ ଆଣିଛନ୍ତି। ଏନେଇ ଜିଲା ପୋଲିସର ଜଣେ ବରିଷ୍ଠ ଅଧିକାରୀ ଚାପ ପକାଇଥିଲେ। ଜଣେ କନ୍‌ଷ୍ଟେବଲଙ୍କ ମାଧ୍ୟମରେ ଅର୍ଥ ଲୋଭ ଦେଖାଯାଇଥିଲା। ମାମଲା ବନ୍ଦ ନ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଧମକ ମଧ୍ୟ ଦିଆଯାଇଥିଲା। ଏପରିକି ତାଙ୍କ ଘରକୁ ୨ ଜଣ ଅଜଣା ବ୍ୟକ୍ତି ଯାଇ ହତ୍ୟା ଧମକ ଦେଇଛନ୍ତି ବୋଲି ଅଭିଯୋଗକାରିଣୀ ଗୃହରକ୍ଷୀ କହିଛନ୍ତି। ଗୃହରକ୍ଷୀଙ୍କ ଏହି ବୟାନର ସତ୍ୟତାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏ ସମ୍ପର୍କରେ କେତେଜଣ ବୁଦ୍ଧିଜୀବୀ ପ୍ରତିକ୍ରିୟାରେ କହିଛନ୍ତି, ଅଭିଯୋଗକାରିଣୀ ଗୃହରକ୍ଷୀ ଦୁର୍ବଳ ନ ଥିଲେ, ଯେଉଁ କାରଣରୁ ତାଙ୍କୁ ଜଗତ୍‌ସିଂହପୁର ଥାନାରେ ସ୍ୱତନ୍ତ୍ର ସୁବିଧା ସୁଯୋଗ ମିଳୁଥିଲା। ଏପରିକି ଏସ୍‌ଆଇଙ୍କ ପାଇଁ ଥିବା କ୍ୱାର୍ଟର ମଧ୍ୟ ଦିଆଯାଇଥିଲା। ସମ୍ପୃକ୍ତା ମହିଳା ଗୃହରକ୍ଷୀଙ୍କୁ ଏତେ ସୁବିଧା ସୁଯୋଗ କିଏ ଓ କାହିଁକି ଦେବା ବ୍ୟବସ୍ଥା କରିଥିଲେ ତା'ଉପରେ ଅନୁଧ୍ୟାନ ହେବା ଉଚିତ। ଏଥିସହ ଅନ୍ୟାନ୍ୟ ପ୍ରସଙ୍ଗକୁ ତଦନ୍ତ ପରିସରଭୁକ୍ତ କରାଗଲେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ସେମାନେ କହିଛନ୍ତି।




(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଥିରି ତୋରାଣି,**
**ବେଦୀରେ ବସିଲେ ତିନି ପରାଣି।**

ବ୍ରାହ୍ମଣ ସାଧାରଣତଃ ବେଦି ଉପରେ ଯୁବକ ଓ ଯୁବତୀଙ୍କ ମଧ୍ୟରେ ବିବାହ କରାଇଥାଏ। ତେବେ ବେଦି ଉପରେ ଗର୍ଭବତୀ କନ୍ୟା ସହ ଯୁବକର ବିବାହ ଅନୁଷ୍ଠିତ ହେବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଥିର ହୋଇକରି ନ ଶୁଣିବା ନରେ,**
**ଥୋଇଲି ମାଇପ ଯାହାର ଘରେ,**
**ଥୟ ନୁହଇଁ ଯାହାଙ୍କ ବଚନ,**
**କହେ ଦନାଇ ଏ ବଡ଼ ହୀନ।**

ଧୈର୍ଯ୍ୟ ସହକାରେ କଥା ନ ଶୁଣିବା ବ୍ୟକ୍ତିର ଖରାପ ଗୁଣକୁ ବୁଝାଇଥାଏ। ଘରେ ବିବାହିତା ପତ୍ନୀ ଥାଇ ରକ୍ଷିତା ରଖିଥିବା ବ୍ୟକ୍ତିକୁ ଚରିତ୍ରହୀନ ବୋଲାଇଥାଏ। ସେହିପରି ମିଥ୍ୟା ବଚନକାରୀ ତଥା ମୂଲ୍ୟହୀନ କଥା କହୁଥିବା ବ୍ୟକ୍ତି ହୀନ ପ୍ରକୃତିର ହୋଇଥାନ୍ତି ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ମୁଖ୍ୟ ଅଭିଯୁକ୍ତ ସାଦାବଙ୍କ ପୋଷ୍ଟର ଜାରି

**■ଗ୍ରେୱାଲ କମ୍ପାନୀ ଭାଇସ୍ ପ୍ରେସିଡେଣ୍ଟଙ୍କୁ ଅପହରଣ ଘଟଣା**

**■ସୂଚନାଦାତାଙ୍କୁ ୨ ଲକ୍ଷ ପୁରସ୍କାର**

ବଡ଼ବିଲ,୨୭।୨(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲସ୍ଥିତ ଗ୍ରେୱାଲ କମ୍ପାନୀ (ଗ୍ରେୱାଲ ମିନେରାଲସ୍ ଆଣ୍ଡ ମେଟାଲ୍ସ ଏଲ୍‌ଏଲ୍‌ପି)ର ଭାଇସ୍ ପ୍ରେସିଡେଣ୍ଟ ନିମାନନ୍ଦ ପ୍ରଧାନଙ୍କ ଅପହରଣ ଘଟଣାରେ ପୋଲିସ କମ୍ପାନୀର ଡ୍ରାଇଭର ଏମ୍‌ଡି ଫିରୋଜଙ୍କ ସମେତ ୯ ଜଣଙ୍କୁ କୋର୍ଟଚାଲାଣ କରିସାରିଛି। ମାତ୍ର ଅପହରଣର ମୁଖ୍ୟ ଅଭିଯୁକ୍ତ ବାବୁ ଖାନ ଓରଫ୍ ଶାହନୱାଜ ଓରଫ୍ ସାଦାବ ଖାନ ଏବେ ବି ଫେରାର ଥିବା ଜଣାପଡ଼ିଛି। ପୋଲିସ ପକ୍ଷରୁ ଏ ନେଇ ଝାଡ଼ଖଣ୍ଡ ରାଜ୍ୟର ବିଭିନ୍ନ ସ୍ଥାନରେ ସାଦାବଙ୍କ ଫଟୋ ସହ ହିନ୍ଦୀରେ ଲିଖିତ ପୋଷ୍ଟର ଲଗାଇଥିବା ଜଣାପଡ଼ିଛି। ତାଙ୍କ ସମ୍ପର୍କରେ ସୂଚନା ଦେଲେ ନଗଦ ୨ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବା ନେଇ ଘୋଷଣା କରାଯାଇଥିବା ବଡ଼ବିଲ ଥାନା ଆଇଆଇସି ଅଶୋକ କୁମାର ନାୟକ ସୂଚନା ଦେଇଛନ୍ତି।



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## ଦୋଷୀଙ୍କୁ ୨୦ ବର୍ଷ ଜେଲ

### ଶିଶୁଙ୍କୁ ଅସଦାଚରଣ ମାମଲା

କେନ୍ଦୁଝର,୨୭।୨(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର): କେନ୍ଦୁଝର ଅତିରିକ୍ତ ଜିଲା ଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟରେ ଜଣେ ୫ ବର୍ଷ ବୟସ୍କା ଶିଶୁଙ୍କୁ ଅସଦାଚରଣ ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ମୋନାଲିସା ମହାନ୍ତି ମାମଲାର ଶୁଣାଣିକରି ଅଭିଯୁକ୍ତ ଗୁଲସନ ମହାକୁଡ଼(୨୫)ଙ୍କୁ ଦୋଷୀ ସାବ୍ୟସ୍ତକରି ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୩ ହଜାର ଟଙ୍କା ଜରିମାନା ଅନାଦାୟେ ଅଧିକ ୧ ବର୍ଷ ଜେଲଦଣ୍ଡ ଆଦେଶ ଶୁଣାଇଛନ୍ତି। ଏଥିସହ ପୀଡ଼ିତାକୁ ୭ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଆଇନସେବା ପ୍ରାଧିକରଣକୁ ସୁପାରିସ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ପୀଡ଼ିତା ୨୦୨୦ ଏପ୍ରିଲ ୧୭ ସନ୍ଧ୍ୟା ୫ଟା୪୦ରେ ସ୍କୁଲରୁ ଫେରି ସାଙ୍ଗଙ୍କ ସହ ଘର ବାହାରେ ଥିବା ଏକ ପିକ୍‌ଅପ୍ ଭ୍ୟାନ୍ ଡାଲାରେ ଖେଳୁଥିଲେ। ଏହି ସମୟରେ ଗୁଲସନ (ସେତେବେଳେ ବୟସ ୨୦) ଉକ୍ତ ରାସ୍ତାରେ ଯାଉଥିବାବେଳେ ପୀଡ଼ିତାଙ୍କୁ ଓହ୍ଲାଇଦେବା ବାହାନାରେ ଅସଦାଚରଣ କରିଥିଲେ।

## ମହିଳାଙ୍କୁ ହାଣି ଟଙ୍କା, ଅଳଙ୍କାର ନେଇଗଲେ

### ନାୟକାଣିଡିହୀରେ ସଶସ୍ତ୍ର ଡକାୟତି

ବାସୁଦେବପୁର/ ସାବରଙ୍ଗ,୨୭।୨
(ନାରାୟଣ ପ୍ରସାଦ ବାରିକ୍/କାଳିପଦ ରାୟ)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ନାୟକାଣିଡିହୀ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଘରେ ପଶି ସଶସ୍ତ୍ର ଡକାୟତି ହୋଇଛି। ଦୁର୍ବୃତ୍ତମାନେ ଜଣେ ମହିଳାଙ୍କୁ ଭୁଜାଲିରେ ହାଣି ଟଙ୍କା ଓ ସୁନା ଅଳଙ୍କାର ନେଇଯାଇଛନ୍ତି। ଆକ୍ରମଣରେ ଗୁରୁତର ମହିଳା ଏବେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ନାୟକାଣିଡିହୀ ଥାନା ପୋଲିସ ଗୁରୁବାର ସକାଳେ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଛି। ଭଦ୍ରକ ସଦର ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ ଘଟଣାସ୍ଥଳକୁ ଯାଇ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଥିବା ବେଳେ କାହାକୁ ଗିରଫ କରାଯାଇପାରି ନାହିଁ।

ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ଦୁଇଜଣ ଦୁର୍ବୃତ୍ତ ମୁଖା ପିନ୍ଧି ଓ ଭୁଜାଲି ଧରି ନାୟକାଣିଡିହୀ ଗ୍ରାମର ପରମେଶ୍ୱର ସାହୁଙ୍କ ଘରେ ପଶି ତାଙ୍କ ବୋହୂ ଲକ୍ଷ୍ମୀପ୍ରିୟା ସାହୁଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏହାପରେ ଘରେ ଥିବା ଗଡ୍‌ରେଜରୁ ୮ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ସୁନା, ରୁପା ଅଳଙ୍କାର ଓ ନଗଦ ଟଙ୍କା ନେଇଯାଇଛନ୍ତି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଲକ୍ଷ୍ମୀପ୍ରିୟାଙ୍କୁ ଘର ମଧ୍ୟରୁ ପରିବାର ଲୋକେ ଉଦ୍ଧାର କରି ବାସୁଦେବପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଦୁର୍ବୃତ୍ତମାନେ ଘର ଭିତରେ ପ୍ରବେଶ କରି ଅନ୍ୟ କୋଠରିର କବାଟଗୁଡ଼ିକୁ ବାହାରୁ ଝଞ୍ଜିର ଦେଇ ଦେଇଥିଲେ। ଏଭଳି ଘଟଣା ନାୟକାଣିଡିହୀ ଗ୍ରାମରେ ଭୟର ବାତାବରଣ ଖେଳାଇ ଦେଇଛି। ସେହିପରି ଏହି ପଞ୍ଚାୟତ ସଂଲଗ୍ନ କରଞ୍ଜଆଡ଼ିଆ ପଞ୍ଚାୟତ ରହିମପୁର ଗ୍ରାମର ବ୍ରହ୍ମାନନ୍ଦ ଦାସ ଓ ରବୀନ୍ଦ୍ର ମହାନ୍ତିଙ୍କ ଘରୁ ଚୋରି ହୋଇଛି। ଚୋରମାନେ ସେମାନଙ୍କ ଘରେ ପଶି ସୁନା, ରୁପା ଅଳଙ୍କାର ଓ ଅନ୍ୟ କେତେକ ସାମଗ୍ରୀ ଚୋରି କରି ନେଇଛନ୍ତି। ଡକାୟତି ଘଟଣାରେ ପରମେଶ୍ୱରଙ୍କ ଅଭିଯୋଗକ୍ରମେ ନାୟକାଣିଡିହୀ ଥାନାରେ ଏକ ମାମଲା (ନଂ.୪୨/୨୫) ଓ ଚୋରି ନେଇ ରବୀନ୍ଦ୍ରଙ୍କ ଅଭିଯୋଗକ୍ରମେ ଅନ୍ୟ ଏକ ମାମଲା (ନଂ.୪୩/୨୫) ରୁଜୁ କରାଯାଇଛି। ଘଟଣାରେ ସ୍ଥାନୀୟ କୌଣସି ଲୋକଙ୍କ ସମ୍ପୃକ୍ତି ଅଛି କି ନାହିଁ କିମ୍ବା ଏହା କୌଣସି ପେସାଦାର ଅପରାଧୀଙ୍କ କାର୍ଯ୍ୟ, ତାହା ପୋଲିସ ତଦନ୍ତ କରୁଛି।


ଭଦ୍ରକ ସଦର ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ ଘଟଣାସ୍ଥଳରେ ତଦନ୍ତ କରୁଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଖଣି ଶିଳ୍ପରେ ବୈଷୟିକ ଜ୍ଞାନକୌଶଳ ବ୍ୟବହାରକୁ ଗୁରୁତ୍ୱ

**ଭୁବନେଶ୍ୱର,୨୭।୨ (ଅଭୟ ଦାଶ)**

ଫ୍ୟୁଚର୍ସ ଟ୍ରେଡ୍ ଫେୟାର ଆଣ୍ଡ ଇଭେଣ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ପ୍ରଦର୍ଶନୀ ତଥା ୩ୟ ଓଡ଼ିଶା ଖଣି ଓ ଭିତ୍ତିଭୂମି ଇଣ୍ଟରନ୍ୟାଶନାଲ ଏକ୍ସପୋ ୨୦୨୫ ମାର୍ଚ୍ଚ ୬ ରୁ ୯ ପର୍ଯ୍ୟନ୍ତ ଭୁବନେଶ୍ୱରର ବରମୁଣ୍ଡା ପଡ଼ିଆରେ ଅନୁଷ୍ଠିତ ହେବାକୁ ଯାଉଛି। ଏପରିକି ପିଏଚ୍‌ଡି ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି, ସ୍କିଲ୍ କାଉନସିଲ୍ ଅଫ୍ ମାଇନିଂ ସେକ୍ଟର୍ ଏବଂ ଓଡ଼ିଶା ଆସେମ୍ବଲି ଅଫ୍ ସ୍ମଲ ଆଣ୍ଡ ମିଡିଆମ ଏଣ୍ଟରପ୍ରାଇଜ (ଓଏଏସ୍‌ଏମ୍‌ଇ)ର ମିଳିତ ସହଯୋଗରେ ଏହି ୪ ଦିନିଆ ପ୍ରଦର୍ଶନୀ ଆୟୋଜିତ ହେବାକୁ ଯାଉଛି। ଏହି ଏକ୍ସପୋରେ ଏନ୍‌ଜିଓ ପାର୍ଟନର ଭାବେ ହେଲ୍ପ, ଇଣ୍ଡି ଟ୍ରି ଏବଂ ନଲେଜ୍ ପାର୍ଟନର ଭାବେ ଅନ୍ୱେଷୀ ଫାଉଣ୍ଡେଶନ ସହଯୋଗ କରୁଛନ୍ତି।

ଏହି ପରିପ୍ରେକ୍ଷୀରେ ଗୁରୁବାର ଏକ ଖବରଦାତା ସମ୍ମିଳନୀ ଭୁବନେଶ୍ୱରଠାରେ

### ମାର୍ଚ୍ଚ ୬ରୁ ୩ୟ ଓଡ଼ିଶା ଖଣି ଓ ଭିତ୍ତିଭୂମି ଇଣ୍ଟରନ୍ୟାଶନାଲ ଏକ୍ସପୋ

ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଫ୍ୟୁଚରେକ୍ସ ଗ୍ରୁପ୍ ସିଏମ୍‌ଡି ସ୍ୱାମୀ ପ୍ରେମ୍ ଅନ୍ୱେଷୀ,ଡ. ତପନ କୁମାର ଚାନ୍ଦ, ଆଇଆଇଜି ଗ୍ରୁପର ନିର୍ଦ୍ଦେଶକ ସୁଧାଂଶୁ ଶେଖର ମହାନ୍ତି,ଫ୍ୟୁଚରେକ୍ସ ଗ୍ରୁପ୍‌ର ନିର୍ଦ୍ଦେଶକ ନମିତ ଗୁପ୍ତା ଏବଂ ଇକ୍ୱିପେଜ ଇନଫ୍ରାକୋର ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ସଞ୍ଜୀବ ନାୟକ ପ୍ରମୁଖ ଉପସ୍ଥିତ ରହି ପ୍ରଦର୍ଶନୀର ଆଭିମୁଖ୍ୟ ଓ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଏ ସମ୍ପର୍କରେ ଫ୍ୟୁଚରେକ୍ସ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ସ୍ୱାମୀ ପ୍ରେମ ଅନ୍ୱେଷୀ କହିଛନ୍ତି, ଚଳିତ ବର୍ଷର ଏକ୍ସପୋରେ ରୁଷିଆ, ଜର୍ମାନୀ, କୋରିଆ, ଜାପାନ ଏବଂ ତାଇୱାନର ପ୍ରତିଯୋଗୀମାନେ ସାମିଲ ହୋଇ


ପ୍ରେମ୍ ଅନ୍ୱେଷୀ

ସେମାନଙ୍କର ଅତ୍ୟାଧୁନିକ ଜ୍ଞାନକୌଶଳ ଏବଂ ସମାଧାନ ପ୍ରଦର୍ଶନ କରିବେ। ଏହି ବିଶ୍ୱସ୍ତରୀୟ ପ୍ରତିଯୋଗୀମାନେ ଖଣି କାର୍ଯ୍ୟ ଏବଂ ଭିତ୍ତିଭୂମି ବିକାଶରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଡିଜାଇନ୍ କରାଯାଇଥିବା ଅଭିନବ ଉପକରଣ ଏବଂ ସେବା ପ୍ରଚଳନ କରିବେ। ଏହି କାର୍ଯ୍ୟକ୍ରମ ସମଗ୍ର ଭାରତ ଏବଂ ବିଦେଶରୁ ବ୍ୟବସାୟିକ ପ୍ରତିନିଧି ଦଳ ଏବଂ କ୍ରେତାମାନଙ୍କୁ ଆକୃଷ୍ଟ କରିବ, ଯାହା ଭାରତୀୟ ଏବଂ ଅନ୍ତର୍ଜାତୀୟ କମ୍ପାନୀଗୁଡିକୁ ନେଟ୍‌ୱର୍କ କରିବା ଏବଂ ଅର୍ଥପୂର୍ଣ୍ଣ ଭାଗୀଦାରି ସ୍ଥାପନ କରିବା ପାଇଁ ଏକ ଉତ୍କୃଷ୍ଟ ସୁଯୋଗ ପ୍ରଦାନ କରିବ। ସେହିଭଳି ଗତ ସଂସ୍କରଣରେ ୧୦୦୦ କୋଟି ଟଙ୍କାର ବ୍ୟବସାୟ ହୋଇଥିଲା। ଖଣି ଓ ଭିତ୍ତିଭୂମି ସମାଧାନର ଚାହିଦା ବଢୁଥିବାରୁ ଚଳିତ ବର୍ଷ ବ୍ୟବସାୟ ପରିମାଣ ୩ ଗୁଣ ବୃଦ୍ଧି ପାଇ ୩,୦୦୦କୋଟି ଟଙ୍କା ଅତିକ୍ରମ କରିବ ବୋଲି ଆୟୋଜକଙ୍କ ପକ୍ଷରୁ ଆକଳନ କରାଯାଇଛି। ଏହି ପ୍ରଦଶନୀରେ ବ୍ୟାପକ ଅଂଶଗ୍ରହଣ ଏବଂ ଯୋଗଦାନ ସୁଯୋଗ ସହିତ ୨୫% ଅଭିବୃଦ୍ଧି ହେବ ବୋଲି ଆଶା କରାଯାଉଛି।

ଅପରପକ୍ଷରେ ଶିଳ୍ପପତି, ସରକାରୀ ପ୍ରତିନିଧି, ନୀତି ନିର୍ଦ୍ଧାରକ ଏବଂ ନିଷ୍ପତ୍ତି ଗ୍ରହଣକାରୀଙ୍କ ସମେତ ୨୫୦ରୁ ଅଧିକ ବ୍ୟବସାୟିକ ଏବଂ ପର୍ଯ୍ୟଟକଙ୍କ ଆକଳନ କରାଯାଇଥିବାବେଳେ ଏହି ଏକ୍ସପୋ ଭାରତର ଖଣି କ୍ଷେତ୍ରରେ ଅଭିବୃଦ୍ଧି ଏବଂ ଅଭିନବତାର ଏକ ପ୍ରମୁଖ ଚାଳକ ହେବାକୁ ଯାଉଛି। ଏହି ପ୍ରଦର୍ଶନୀରେ ୧୦ରୁ ଅଧିକ ଦେଶର ପ୍ରତିନିଧିଙ୍କ ସମେତ ୩୦୦ରୁ ଅଧିକ ଗ୍ଲୋବାଲ କମ୍ପାନୀ, ୭୦୦୦ରୁ ଅଧିକ ପଞ୍ଜୀକରଣ, ୩୫ରୁ ଅଧିକ ବିଶିଷ୍ଟ ସ୍ପିକର,୫,୦୦,୦୦୦ ବର୍ଗଫୁଟ (ଶୋ'କେସ୍ ଏରିଆ) ସାମିଲ ରହିଛି। ସେହିପରି ଓଡ଼ିଶା, ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ରାଜସ୍ଥାନ, ଗୁଜରାଟ, କର୍ଣାଟକ, ତାମିଲନାଡୁ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ ଓ ଗୋଆ ସମେତ ଅନେକ ଭାରତୀୟ ରାଜ୍ୟ ସେମାନଙ୍କର ଖଣି ଓ ଭିତ୍ତିଭୂମି କାର୍ଯ୍ୟକଳାପ ପାଇଁ ଜଣାଶୁଣା ରହିଛନ୍ତି। ଏହି ଏକ୍ସପୋରେ ସକ୍ରିୟ ଭାବେ ସେହିସବୁ ରାଜ୍ୟ ଅଂଶ ଗ୍ରହଣ କରିବେ। ଉକ୍ତ ରାଜ୍ୟଗୁଡ଼ିକ ସେମାନଙ୍କର ଆଞ୍ଚଳିକ ସାମର୍ଥ୍ୟ ଉପରେ ଆଲୋକପାତ କରିବେ ଏବଂ ଏହି କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ପାଇଁ ସହଯୋଗ ସୁଯୋଗର ସୁଯୋଗ ଖୋଜିବେ।

# ଶେୟାର ବଜାର ନିବେଶକ ନିରୁତ୍ସାହିତ

**ମୁମ୍ବାଇ,୨୭।୨**

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ନିରୁତ୍ସାହିତ ହୋଇଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୦ (୧୦.୩୧) ପଏଣ୍ଟ ବୃଦ୍ଧି ଘଟି ୭୪,୬୧୨(୭୪,୬୧୨.୪୩) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ମଧ୍ୟ ୨ (୨.୫୦) ପଏଣ୍ଟ ହ୍ରାସ ଘଟି ୨୨,୫୪୫ (୨୨,୫୪୫.୦୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି।

# ୨୦ ବିଲିୟନ ଡଲାରର ବ୍ୟବସାୟିକ ଅନୁସନ୍ଧାନ

**ନୂଆଦିଲ୍ଲୀ,୨୭।୨**

ଇଣ୍ଡିଆନ ଇଲେକ୍ଟ୍ରିକାଲ ଆଣ୍ଡ ଇଲେକ୍‌ଟ୍ରୋନିକ ମ୍ୟାନୁଫ୍ୟାକଚର୍ସ ଆସୋସିଏସନ(ଆଇଇଇଏଏମ୍) ପକ୍ଷରୁ ଆୟୋଜିତ 'ଇଲେକ୍ରାମା-୨୦୨୫' ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏପରିକି ଏହାର ୧୬ତମ ସଂସ୍କରଣ ଇଲେକ୍ଟ୍ରିକାଲ ଓ ଆନୁଷଙ୍ଗିକ ଇଲେକ୍‌ଟ୍ରୋନିକ ଶିଳ୍ପର ପ୍ରମୁଖ ବୈଶ୍ୱିକ ପ୍ଲାଟ୍‌ଫର୍ମ ଭାବେ ନିଜର ସ୍ଥିତିକୁ ସୁଦୃଢ କରିଛି। ଏହି ସଂସ୍କରଣ ପୂର୍ବ ରେକର୍ଡ ଭାଙ୍ଗି ୧୦୦୦ ରୁ ଅଧିକ ପ୍ରଦର୍ଶନ, ୪୦୦,୦୦୦ ରୁ ଅଧିକ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥିଲା ଏବଂ ଆନୁମାନିକ ୨୦ବିଲିୟନ ଡଲାରର ବ୍ୟବସାୟିକ ଅନୁସନ୍ଧାନ ସୃଷ୍ଟି କରିଥିଲା, ଯାହା କି ଏହି ଇଭେଣ୍ଟର ଅତୁଳନୀୟ ସ୍କେଲ, ପ୍ରଭାବ ଏବଂ ବିଶ୍ୱସ୍ତରୀୟ ଆକର୍ଷଣର ପ୍ରମାଣ ପାଲଟିଛି। ଚଳିତ ବର୍ଷର ସବୁଠାରୁ ବଡ ଆକର୍ଷଣ ଥିଲା ନ୍ୟୁ ଏନର୍ଜିସ ପ୍ୟାଭିଲିୟନର ଶୁଭାରମ୍ଭ, ଯାହାକି ବ୍ୟାଟେରୀ ଷ୍ଟୋରେଜ, ଇଭି ଚାର୍ଜିଂ ଭିତ୍ତିଭୂମି , ଡିଜିଟାଲ ଶକ୍ତି, ସୋଲାର ମଡ୍ୟୁଲ, ସୋଲାର ଇନ୍‌ଭର୍ଟର ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ସଫଳତାର ଜ୍ଞାନକୌଶଳର ଏକ ଗେମ୍-ଚେଞ୍ଜିଂ ପ୍ରଦର୍ଶନ। ଏହି ଉତ୍ସର୍ଗୀକୃତ ସ୍ଥାନ ଏକ ସ୍ଥାୟୀ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଶକ୍ତି କ୍ଷେତ୍ର ଦିଗରେ ଭାରତରେ ଦ୍ରୁତ ଅଗ୍ରଗତିକୁ ପ୍ରଦର୍ଶିତ କରିଥିଲା । ଚଳିତ ସଂସ୍କରଣର ମହତ୍ୱ ଉପରେ ଆଇଇଇଏମଏଏର ପ୍ରେସିଡେଂଟ ସୁନୀଲ ସିଂଘଭି କହିଛନ୍ତି, ଇଲେକ୍ରାମା ୨୦୨୫ ସମସ୍ତ ଆଶାକୁ ଅତିକ୍ରମ କରିଛି ଏବଂ ବୈଦ୍ୟୁତିକ ଏବଂ ଶକ୍ତି ଶିଳ୍ପ ପାଇଁ ବିଶ୍ୱର ଅଗ୍ରଣୀ ପ୍ଲାଟ୍‌ଫର୍ମ ଭାବରେ ଏହାର ଯାତ୍ରାରେ ଆଉ ଏକ ମାଇଲଖୁଣ୍ଟ ସୃଷ୍ଟି କରିଛି ।


**Marriage Anniversary**



**Arpita Singh (Foney)**
**Soumya Ranjan Dash (Sikan)**

**Happy 1st Anniversary with a love as strong as yours this is just the first of many more anniversary.**

D-3100


# ଇଡିଆଇଆଇ ପକ୍ଷରୁ ୧୬ତମ ଦ୍ୱିବାର୍ଷିକ ସମ୍ମିଳନୀ

**ନୂଆଦିଲ୍ଲୀ,୨୭।୨**

ଭାରତୀୟ ଉଦ୍ୟୋଗ ବିକାଶ ପ୍ରତିଷ୍ଠାନ (ଇଡିଆଇଆଇ)ର ବହୁ ପ୍ରତୀକ୍ଷିତ କର୍ମଶାଳା ତଥା ୧୬ତମ ଦ୍ୱିବାର୍ଷିକ ସମ୍ମିଳନୀ ଗୁରୁବାରଠାରୁ ପ୍ରତିଷ୍ଠାନର ଅହମଦାବାଦ କ୍ୟାମ୍ପସରେ ଅନୁଷ୍ଠିତ ହେଉଛି। ଏପରିକି ଉଦ୍ୟୋଗ ଉପରେ ତିନିଦିନିଆ ସମ୍ମିଳନୀ ୨୦୨୫ ଫେବୃଆରୀ ୨୮ରେ ସମାପ୍ତ ହେବ। ଏଥିରେ ବିଭିନ୍ନ ଗବେଷକ, ଶିକ୍ଷାବିତ ଓ ବୃତ୍ତିଧାରୀମାନେ ଯୋଗ ଦେଇ ଉଦ୍ୟୋଗ ବିକାଶ ଉପରେ ଗବେଷଣା ଅଧ୍ୟୟନ ଓ ନିଷ୍କର୍ଷ ବାଣ୍ଟିବାରେ ସହାୟକ ହେବ ଏବଂ ଇଡିଆଇଆଇ ପ୍ଲାଟ୍‌ଫର୍ମରେ ୧୯୯୪ଠାରୁ ଉଦ୍ୟୋଗୀଙ୍କ ଉପରେ ଆଲୋଚନା ଆୟୋଜନ କରିଆସୁଛି। ଏହି ସମ୍ମିଳନୀରେ ଉଦ୍ୟୋଗିତାର ଗୁରୁତ୍ୱ ଓ ଅଭ୍ୟାସ, ଶିକ୍ଷା, ଇକୋସିଷ୍ଟମ, ମନସ୍ତତ୍ତ୍ୱ, ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗିତା, ପ୍ରଯୁକ୍ତିବିଦ୍ୟା, ଡିଜିଟାଲ, ଷ୍ଟାର୍ଟଅପ ତଥା ନବସୃଜନ, ସବୁଜ ଓ ସ୍ଥାୟୀ ଉଦ୍ୟୋଗ,


ଉଦ୍‌ଘାଟନ ଅବସରରେ ନିମନ୍ତ୍ରିତ ଅତିଥି ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ପରିବାର ବ୍ୟବସାୟ ଉପରେ ୯ଟିରୁ ଅଧିକ ଦେଶର ବିଦ୍ୱାନଙ୍କ ଦ୍ୱାରା ୧୮୪ଟି ଗବେଷଣା ପତ୍ର ଓ ଅଧ୍ୟୟନ ଉପସ୍ଥାପନା କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ପ୍ର. ଡ. ଟିଭି ରାଓ, ପ୍ରତିଷ୍ଠାତା ଓ ଅଧ୍ୟକ୍ଷ, ଟିଭି ରାଓ ଲର୍ନିଂ ସିଷ୍ଟମ ପ୍ରା. ଲି. ଓ ଭାରତୀୟ ପରିଚାଳନା ସଂସ୍ଥାନ, ଅହମଦାବାଦର ପୂର୍ବତନ ପ୍ରଫେସରଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା। ଏପରିକି ସେ କହିଥିଲେ, ଆଜିର ଦ୍ରୁତଗତିରେ ଅର୍ଥନୀତିରେ ପରିବର୍ତ୍ତନ ସହ ଉଦ୍ୟୋଗ ବିକାଶରେ ଅର୍ଥନୈତିକ ଅଭିବୃଦ୍ଧି ଓ ବୃତ୍ତିଗତ ଉନ୍ନତିକୁ ଆଗେଇ ନେବା ଗୁରୁତ୍ୱପୂର୍ଣ୍ଣ। ଏହା ଏକ ସ୍ୱତନ୍ତ୍ର ପ୍ଲାଟ୍‌ଫର୍ମ ଓ ଏହା ନୂତନ ଉଦ୍ୟୋଗୀଙ୍କ ଉପରେ ପ୍ରଭାବ ପକାଇବ। ସମାବେଶକୁ ସମ୍ବୋଧିତକରି ଇଡିଆଇଆଇର ମହାନିର୍ଦ୍ଦେଶକ ଡ. ସୁନୀଲ ଶୁକ୍ଳା କହିଥିଲେ, ଦ୍ୱିବାର୍ଷିକ ସମ୍ମିଳନୀ କ୍ରମାଗତ ଭାବରେ ବିଶ୍ୱବ୍ୟାପୀ ଗବେଷକ ଓ ଶିକ୍ଷକମାନଙ୍କୁ ସେମାନଙ୍କ ଚିନ୍ତାଧାରା ଓ ନବସୃଜନ ବାଣ୍ଟିବା ପାଇଁ ଏକ ମଞ୍ଚ ପ୍ରସ୍ତୁତ କରିଛି

# ବନ୍ତାରାକୁ ଜାତୀୟ 'ପ୍ରାଣୀମିତ୍ର' ପୁରସ୍କାର

**ମୁମ୍ବାଇ,୨୭।୨**

ରିଲାଏନ୍ସ ଗ୍ରୁପ୍‌ର ପ୍ରମୁଖ ସାମାଜିକ ପ୍ରତିଷ୍ଠାନ ତଥା ଅନନ୍ତ ଅମ୍ବାନୀଙ୍କ 'ବନ୍ତାରା'କୁ ନିକଟରେ ଜାତୀୟ 'ପ୍ରାଣୀମିତ୍ର' ପୁରସ୍କାର ଦିଆଯାଇଛି। ଭାରତ ସରକାରଙ୍କ ଦ୍ୱାରା 'କର୍ପୋରେଟ୍' ବର୍ଗରେ ପଶୁ କଲ୍ୟାଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଭାରତର ସର୍ବୋଚ୍ଚ ସମ୍ମାନ 'ପ୍ରାଣୀମିତ୍ର' ଜାତୀୟ ପୁରସ୍କାର ପ୍ରଦାନ କରାଯାଇଛି। ସେହିଭଳି ରାଧାକୃଷ୍ଣ ମନ୍ଦିର ହସ୍ତୀ କଲ୍ୟାଣ ଟ୍ରଷ୍ଟର ଅସାଧାରଣ ଅବଦାନ ପାଇଁ ବନ୍ତାରାକୁ ଏହି ପୁରସ୍କାର ମିଳିଛି। ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହ ଉତ୍ସବରେ ଭାରତ ସରକାରଙ୍କ ମତ୍ସ୍ୟ, ପଶୁପାଳନ ଏବଂ ଦୁଗ୍ଧ ବିଭାଗର ମନ୍ତ୍ରୀ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ବନ୍ତାରା ହେଉଛି, ହାତୀମାନଙ୍କର ଉଦ୍ଧାର, ଚିକିତ୍ସା ଏବଂ ଆଜୀବନ ଯତ୍ନ ପାଇଁ ଏକ ଉତ୍ସର୍ଗୀକୃତ ସାମାଜିକ ପ୍ରତିଷ୍ଠାନ। ୯୯୮ ଏକର ପରିମିତ ଜମିରେ ଗଢି ଉଠଇଥିବା


ଅନନ୍ତ ଅମ୍ବାନୀ

ଏହି କେନ୍ଦ୍ରରେ ୨୪୦ରୁ ଅଧିକ ଉଦ୍ଧାର ହୋଇଥିବା ହାତୀ ରହିଛନ୍ତି। ବନ୍ତାରାର ସିଇଓ ଭିଭାନ କର୍ନି କହିଛନ୍ତି, ଏହି ପୁରସ୍କାର ସେହି ଅସଂଖ୍ୟ ବ୍ୟକ୍ତିବିଶେଷଙ୍କ ପାଇଁ, ଯେଉଁମାନେ ଭାରତର ପଶୁମାନଙ୍କର ସୁରକ୍ଷା ଏବଂ ଯତ୍ନନେବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଛନ୍ତି। ଏପରିକି ବନ୍ତାରାରେ ପଶୁମାନଙ୍କର ସେବା କରିବା କେବଳ ଏକ କର୍ତ୍ତବ୍ୟ ନୁହେଁ,ଏହା ଆମର ଧର୍ମ ଓ ସେବା ହୋଇଥିଲାବେଳେ ଆମେ ଆଗାମୀ ପିଢ଼ିମାନଙ୍କ ପାଇଁ ଭାରତର ସମୃଦ୍ଧ ଜୈବ ବିବିଧତାର ରକ୍ଷା କରିବାର ଆମ ମିଶନରେ ଅଥକ ପ୍ରୟାସ ଜାରି ରଖିବୁ।

# ଜିଆଇଇଟିରେ ଟେକ୍ ମହେନ୍ଦ୍ରାର ସେଣ୍ଟର୍ ଅଫ୍ ଏକ୍ସଲେନ୍ସ


ଉଦ୍‌ଘାଟନ ଅବସରରେ ନିମନ୍ତ୍ରିତ ଅତିଥି ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

**ଗୁଣପୁର,୨୭।୨(ପ୍ରଦୀପ କୁମାର ପାଢ଼ୀ)**

ରାୟଗଡ଼ା ଜିଲା ଗୁଣପୁର ଜିଆଇଇଟି ବଶ୍ୱବିଦ୍ୟାଳୟ ପରିସରରେ ଗୁରୁବାର ଟେକ୍ ମହେନ୍ଦ୍ରାର ସେଣ୍ଟର୍ ଅଫ ଏକ୍ସସେଲାନ୍ସ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟର କୁଳପତି ଡ଼. ଏଭି ଏନଏଲ ଶର୍ମା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ସେଣ୍ଟରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଟେକ ମହେନ୍ଦ୍ରାରେ ନିଯୁକ୍ତି ପାଇଥିବା ଛାତ୍ରୀଛାତ୍ରଙ୍କୁ ଅତ୍ୟାଧୁନିକ ପ୍ରଶିକ୍ଷଣ ଦିଆଯାଇ ସେମାନଙ୍କ ଦକ୍ଷତା ବିକାଶ କରାଯାଉଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରେଜିଷ୍ଟ୍ରାର ଡ. ଏନ୍‌ଭିଜେ ରାଓ, କମ୍ପ୍ୟୁଟର ସାଇନ୍ସ ବିଭାଗର ଡେପୁଟି ଡିନ୍ ଡ. କେ ମୁରଲୀ ଗୋପାଳ, ତାଲିମ ଓ ନିଯୁକ୍ତି ବିଭାଗର ସଦସ୍ୟ ଉପସ୍ଥିତ ରହିଥିବା ବେଳେ ପ୍ରଫେସର୍ ଡି. ଅନିଲ କୁମାର, ପ୍ରଫେସର ଜଗଦୀଶ ସାହୁ ପ୍ରମୁଖ ଟେକ ମହେନ୍ଦ୍ରାର ମେଣ୍ଟରଙ୍କ ଜରିଆରେ ଛାତ୍ରୀଛାତ୍ରଙ୍କୁ ତାଲିମ ପ୍ରଦାନ କରିବେ ବୋଲି ଜଣାପଡ଼ିଛି।

# ବଜାରରେ ଆଇକ୍ୟୁଓର ନୂତନ ଉତ୍ପାଦ

**ନୂଆଦିଲ୍ଲୀ,୨୭।୨**

ଆଇକ୍ୟୁଓର ବହୁ ପ୍ରତୀକ୍ଷିତ ସ୍ମାର୍ଟଫୋନ ତଥା ନୂତନ ଉତ୍ପାଦ 'ଆକ୍ୟୁଓ ନିଓ ୧୦ ଆର'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ୨୦୨୫ ମାର୍ଚ୍ଚ ୧୧ରେ ଲଞ୍ଚ ହେବାକୁ ଥିବା ଏହି ମଡେଲ ଯୁବ ଉପଭୋକ୍ତା, ମୋବାଇଲ୍ ଗେମର ଏବଂ ଟେକ୍ ଉତ୍ସାହୀମାନଙ୍କ ପାଇଁ ଡିଜାଇନ କରାଯାଇଛି। ଏପରିକି ଏହା ଏହା ଶକ୍ତିଶାଳୀ କାର୍ଯ୍ୟଦକ୍ଷତା, ଅଲ୍ଟ୍ରା-ସ୍ମୁଥ୍ ଗେମିଂ, ଦୀର୍ଘସ୍ଥାୟୀ ବ୍ୟାଟେରି ଲାଇଫ୍ ଏବଂ ଏକ ଇମର୍ସିଭ୍ ଡିସ୍‌ପ୍ଲେ ଅଭିଜ୍ଞତା ପ୍ରଦାନ କରିବ, ଯାହା ସେମାନଙ୍କର ଦ୍ରୁତଗତିର ଜୀବନଶୈଳୀ ସହ ତାଳଦେଇପାରିବ। ଏହାର ମୂଳରେ ଆଇକ୍ୟୁଓ ନିଓ ୧୦ଆର ସ୍ନାପଡ୍ରାଗନ ୮ଏସ୍ ଜେନ୍‌୩ ପ୍ରୋସେସର୍ ଦ୍ୱାରା ପରିଚାଳିତ ହେଉଛଇ। ଏପରିକି ଉନ୍ନତ ୪ଏନ୍‌ଏମ୍ ଟିଏସ୍‌ଏମ୍‌ସି ପ୍ରକ୍ରିୟା ପ୍ରଯୁକ୍ତିବିଦ୍ୟା ଉପରେ ନିର୍ମିତ, ଉଚ୍ଚ ଦକ୍ଷତା ଏବଂ ଦ୍ରୁତ କାର୍ଯ୍ୟଦକ୍ଷତା ପ୍ରଦାନ କରିବ। ୧.୭ଏମଏନ+ର ସ୍କୋର ସହିତ ଏହା ଏହାର ସେଗମେଣ୍ଟରେ ସବୁଠାରୁ ଶକ୍ତିଶାଳୀ ଡିଭାଇସ୍ । ଗେମିଂ ଉତ୍ସାହୀମାନଙ୍କ ପାଇଁ ନିର୍ମିତ, ଆଇକ୍ୟୁଓ ନିଓ ୧୦ଆର ୫ ଘଣ୍ଟା ପର୍ଯ୍ୟନ୍ତ ଏକ ସ୍ଥିର ୯୦ଏଫପିଏସ୍ ଗେମିଂ ଅଭିଜ୍ଞତା ପ୍ରଦାନ କରିବ। ଏହା ଦକ୍ଷ ତାପ ଅପଚୟ ପାଇଁ ଏକ ୬୦୪୩ଏମ୍‌ଏମ୍ ବାଷ୍ପ କୁଲିଂ ଚାମ୍ବର ଏବଂ ଏକ ଶିଳ୍ପ-ପ୍ରମୁଖ ୨୦୦୦ଏଚ୍‌ଜେଡ 'ତୁର' ସ୍ପର୍ଶ ନମୁନା ହାର ସହିତ ସଜ୍ଜିତ, ଅଲ୍ଟ୍ରା-ରେସପନ୍ସିଭ୍ ନିୟନ୍ତ୍ରଣ ସୁନିଶ୍ଚିତ କରେ। ଏହା ସହିତ, ଏକ ଉତ୍ସର୍ଗୀକୃତ ଇ-ସ୍ପୋର୍ଟସ୍ ମୋଡ୍ ପ୍ରତିଯୋଗିତାମୂଳକ ଗେମିଂ ପାଇଁ କାର୍ଯ୍ୟଦକ୍ଷତାକୁ ଅପ୍ଟିମାଇଜ୍ କରେ, ଏକ ସ୍ମୁଥ୍ ଏବଂ ଇମର୍ସିଭ୍ ଅଭିଜ୍ଞତା ପ୍ରଦାନ କରେ। କାର୍ଯ୍ୟଦକ୍ଷତା ବ୍ୟତୀତ, ଆଇକ୍ୟୁ ନିଓ ୧୦ଆର ଦୀର୍ଘସ୍ଥାୟୀ ବ୍ୟବହାର ପାଇଁ ମଧ୍ୟ ଡିଜାଇନ୍ କରାଯାଇଛି।


# Classified Everyday
**0674-2580101, 9692975378**



**REAL ESTATE**
**SALE**

BDA & ORERA approved 3BHK Luxurious Apartments, At- Budha Nagar, Kalpana Square, Bhubaneswar. 2BHK Apartments At- Kantilo, Sundarpada, Bhubaneswar nearing completion & ready to possess 2/3BHK flats near Badagada Canal Road, Mouza-Meherpalli for sale. Bank Finance available. Contact: 9861467987, 9861336178. D-2828

**Gharabari converted plots available near Hitech Square, Sundarpada, Bhubaneswar. For more details contact- 9437054765, 9853035888.** D-3095

**Residential plot 60x35=2100sft. with compound wall East facing near Phulanakhara, Cuttack, 12 K.M. from BBSR 2500000/- on instalment for poor buyers. 7809525452.** D-76421

ଭୁବନେଶ୍ୱର **Sum Hospital-2** ନଖରା ତ୍ରିନାଥବଜାର ନିକଟରେ ସଙ୍ଗେସଙ୍ଗେ ଘର କଲାଭଳି ଘରବାରି ପ୍ଲଟ୍ ରୋଡ୍, ଇଲେକ୍ଟ୍ରିସିଟି ଥାଇ ବିକ୍ରିହେବ। **9090142564, 8018608500.** D-76243




To-let for Office and Banking purposes Chandrasekharpur District Center. 9668089688, 9938014391. D-3097




Positively health benefited spa by expert therapist. 7750040475. D-76199

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LOST**

I have lost my MEO class 4 CoC No.- 95Z 36028, issued by Directorate General of Shipping, Govt. Of India. If found please contact Tanmaya Senapati, Mob: 8698094459, plot No.- 4809, Lane-11, Gouri Nagar, Bhubaneswar-751002, Odisha. D-3101

**AFFIDAVIT**

I, Meheboob Khan/ Maheboob Khan, Son of- Babu Khan, Vill:- Maheswarpur, P.O.- Brahmabarada, P.S.- Brahmabarada, Dist.- Jajpur, PIN- 755005, Odisha declare by this affidavit No.- 429 dtd- 24.02.2025 that now onwards I shall be known as Mahboob Khan for all future purposes. D-3093

I, Nazma Khatun, Wife of- Mahboob Khan, Vill:- Maheswarpur, P.O.- Brahmabarada, P.S.- Brahmabarada, Dist.- Jajpur, PIN- 755005 declare by this affidavit No.- 433 dtd- 24.02.2025 that now onwards I shall be known as Nazma Khatoon for all future purposes. D-3092

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit before Executive Magistrate, Kantabanji, bearing No.- 206(1), on dtd 27.02.2025 I, Surekha Kumbhar @ Mina Kumbhar unmarried, D/o- Brundaban Kumbhar of Village/ P.O./ P.S.- Kantabanji, Dist.- Balangir, Odisha do hereby declare that in the PPO of my father Brundaban Kumbhar my name is mentioned as "SUREKHA KUMBHAR" as family members but in my Aadhaar Card No.- xxxx xxxx 3013 my nick name is mentioned as "Mina Kumbhar" where as Surekha Kumbhar and Mina Kumbhar, D/o- Brundaban Kumbhar is one and same person and I am unmarried daughter. D-3096

By virtue of an affidavit sworn before the Executive Magistrate, Dharmasala dated 27.02.2025 I Sanjukta Nayak, Address: At- Achyutapur, P.O./ P.S.- Dharmasala, Dist.- Jajpur, Odisha-755008 declare that I have changed my name from Sanjuta Nayak to Sanjukta Nayak. Henceforth, I shall be known as Sanjukta Nayak for all purposes. D-3099

By virtue of an affidavit before the Executive Magistrate, Bhubaneswar, vide No.- 20, dtd. 27.02.2025, I, Bulei Pagad, S/o- Gurubari Pagad, resident of At- Saripur, P.O./P.S.- Balipatana, Dist.- Khordha, PIN- 752102, Odisha declare that Subash Chandra Pagad and Bulei Pagad is one and same person i.e. myself. Henceforth, I shall be known as Bulei Pagad for all future purposes. D-75837

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ
କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ)
ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ମାରାଥନ ପାଇଁ ବିଶେଷଜ୍ଞଙ୍କ ଟିପ୍ସ



**ମାରାଥନରେ ଭାଗ ନେବାକୁ ଗଲେ ଆଖପାଖରେ ଥିବା ବ୍ୟକ୍ତି ହଠାତ୍ ବିଶେଷଜ୍ଞଙ୍କ ଭଳି ପରାମର୍ଶ ଦେଇଥାନ୍ତି। ବନ୍ଧୁମାନେ ଇନ୍‌ଷ୍ଟାଗ୍ରାମରେ ଥିବା ବିଭିନ୍ନ କୌଶଳ ଫରୱାର୍ଡ କରନ୍ତି। କିନ୍ତୁ ଏହି କ୍ଷେତ୍ରରେ ଏଲିଟ ଆଥଲେଟ ଓ ସଫଳ କୋଚ୍‌ଙ୍କ ଭଳି ବିଶେଷଜ୍ଞଙ୍କଠାରୁ ପରାମର୍ଶ ନିଆଯିବା ଉଚିତ। ୪ ଥରର ଅଲିମ୍ପିଆନ ଏଲିଶ ମ୍ୟାକକୋଲଗାନ, ବିଶ୍ୱ ଓ ଅଲିମ୍ପିକ ଚାମ୍ପିୟନ ଟ୍ରାଇଥଲେଟ ଆଲେକ୍ସ ୟି, ଅଗ୍ରଣୀ ଅଲ୍‌ଟ୍ରାରନର ଓ ରେଡ ବୁଲ୍ ଆଥଲେଟ ଟମ୍ ଇଭାନ୍ସ ଓ ସ୍ପୋର୍ଟ୍ସ ସାଇଣ୍ଟିଷ୍ଟ ଜୋନାଥନ ରବିନସନଙ୍କ ଟିପ୍ସକୁ ନେଇ ବିଶେଷ ଉପସ୍ଥାପନା...**

ମାରାଥନରେ ଦୌଡ଼ିବା ବେଳେ ଦୁର୍ଘଟଣାକୁ ଏଡ଼ାଇ ଦିନଟିକୁ ଉପଭୋଗ କରିବା ସହ ନିଜ ଟାଇମିଂରେ ଉନ୍ନତି ଆଣିବା ପାଇଁ ଅନେକ ଦିଗ ପ୍ରତି ଧ୍ୟାନ ଦେବାକୁ ପଡ଼େ। କେହି ମାରାଥନରେ ଭାଗ ନେବାକୁ ଗଲେ ଆଖପାଖରେ ଥିବା ସମସ୍ତେ ହଠାତ୍ ବିଶେଷଜ୍ଞଙ୍କ ଭଳି ପରାମର୍ଶ ଦେଇଥାନ୍ତି। ପରିବାର ବର୍ଗ ଅଯାଚିତ ପରାମର୍ଶ ଦିଅନ୍ତି। ବନ୍ଧୁମାନେ ଇନ୍‌ଷ୍ଟାଗ୍ରାମରେ ଥିବା ବିଭିନ୍ନ କୌଶଳ ଫରୱାର୍ଡ କରନ୍ତି। କିନ୍ତୁ ଏହି କ୍ଷେତ୍ରରେ ଏଲିଟ ଆଥଲେଟ ଓ ସଫଳ କୋଚଙ୍କ ଭଳି ବିଶେଷଜ୍ଞଙ୍କଠାରୁ ପରାମର୍ଶ ନିଆଯିବା ଉଚିତ। ମାରାଥନରେ ପ୍ରଥମ ଥର ଭାଗ ନେଉଥିବା ଆଥଲେଟ ଓ ନିୟମିତ ଭାଗ ନେଉଥିବା ଆଥଲେଟଙ୍କ ଟାଇମିଂରେ ସୁଧାର କରିବା ଲାଗି ଟ୍ରେନିଂଠାରୁ ଆରମ୍ଭ କରି କେଉଁଭଳି ପୋଷାକ ପିନ୍ଧିବା କଥା, କ'ଣ କ'ଣ ଖାଇବା ଉଚିତ ସେ ସମ୍ପର୍କରେ ୪ ଥରର ଅଲିମ୍ପିଆନ ଓ କୋରୋସ ଆଥଲେଟ ଏଲିଶ ମ୍ୟାକକୋଲଗାନ, ବିଶ୍ୱ ଓ ଅଲିମ୍ପିକ ଚାମ୍ପିୟନ ଟ୍ରାଇଥଲେଟ ଆଲେକ୍ସ ୟି, ଅଗ୍ରଣୀ ଅଲ୍‌ଟ୍ରାରନର ଓ ରେଡ ବୁଲ୍ ଆଥଲେଟ ଟମ୍ ଇଭାନ୍ସ ଓ ସ୍ପୋର୍ଟ୍ସ ସାଇଣ୍ଟିଷ୍ଟ ଜୋନାଥନ ରବିନସନଙ୍କ ଟିପ୍ସ ପ୍ରଣିଧାନଯୋଗ୍ୟ।

### ରେସ୍ ଦିନ କିଛି ବି ନୂଆ କରିବା ଉଚିତ ନୁହେଁ

ମାରାଥନ ଧାବକମାନେ କରୁଥିବା ଭୁଲ୍ ମଧ୍ୟରେ ଏହା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏହାର ପଛର କାରଣ ମଧ୍ୟ ଅତି ସରଳ। ରେସ୍ ଦିନ ଲାଗି ଧାବକମାନେ ଖୁବ୍ ଉତ୍ସାହିତ ଥାଆନ୍ତି। ସାଧାରଣତଃ ଆଥଲେଟମାନେ ନୂଆ ଜୋତା କିମ୍ବା ଏନର୍ଜି ଡ୍ରିଙ୍କ୍ସ କିଣିଥାନ୍ତି। କିନ୍ତୁ ବିଶେଷଜ୍ଞମାନେ ଏଥିରୁ ଦୂରେଇ ରହିବାକୁ ପରାମର୍ଶ ଦେଇଛନ୍ତି। ରେସ୍ ଦିନ ସକାଳୁ କିଛି ବି ନୂଆ କିମ୍ବା ଭିନ୍ନ କରିବା ଉଚିତ ନୁହେଁ। କିଛି ଭିନ୍ନ ଖାଦ୍ୟ କିମ୍ବା ଡ୍ରିଙ୍କ କିମ୍ବା ମୁହଁରେ ଜେଲ ଲଗାଇବା ଉଚିତ ନୁହେଁ। ନୂଆ ଜୋତା, ମୋଜା କିମ୍ବା ପୋଷାକ ପିନ୍ଧିବା କଥା ନୁହେଁ। ନିଜର ପୂର୍ବ ରୁଟିନକୁ ଜାରି ରଖିବା ଉଚିତ ବୋଲି ମ୍ୟାକକୋଲଗାନ କହିଛନ୍ତି।

ମୁଁ ଓ ମୋ ସାଥୀ ଅନ୍‌ଲାଇନ କୋଚିଂ ଦେଉ। ଲୋକେ ଏଭଳି ଜାଲରେ ପଡ଼ନ୍ତି। ଲୋକେ ଉତ୍ସାହିତ ହୋଇ ପୂର୍ବରୁ କଦାପି ଦେଖି ନ ଥିବା ଜୋତା, ଏନର୍ଜି ଡ୍ରିଙ୍କ୍ ଓ ଜେଲ୍ କିଣିନିଅନ୍ତି। ଏହାଦ୍ୱାରା କେବଳ ଧାବକଙ୍କ ବିପର୍ଯ୍ୟୟ ହିଁ ହୋଇଥାଏ। ଟ୍ରେନିଂ ବେଳେ ପରୀକ୍ଷା ନିରୀକ୍ଷା କରାଯାଇ ପାରିବ, କିନ୍ତୁ ରେସ୍ ଦିନ ନୁହେଁ। ରେସ୍ ଦିନ ଯାହାବି ବ୍ୟବହାର ହେବ ତାହାକୁ କିଛି ସପ୍ତାହ ଧରି ବ୍ୟବହାର କରିଥିବା ଉଚିତ ବୋଲି ମ୍ୟାକକୋଲଗାନ କହିଛନ୍ତି।

### ଭଲଭାବେ ପ୍ରସ୍ତୁତି ଆବଶ୍ୟକ

ମାରାଥନର ଅର୍ଥ ପାର୍କରେ ଚାଲିବା ନୁହେଁ। ଏଥିଯୋଗୁ ଶରୀର ଉପରେ ଖୁବ୍ ଚାପ ପଡିଥାଏ। ତେଣୁ ଏଗୁଡ଼ିକୁ ସମ୍ମୁଖୀନ ହେବାପାଇଁ ମାରାଥନର ଭଲଭାବେ ପ୍ରସ୍ତୁତ ରହିବା ଆବଶ୍ୟକ। ଏହାର ଅର୍ଥ ମାରାଥନର ଏଥିଲାଗି ନିଜକୁ ଦୀର୍ଘଦିନଧରି ପ୍ରସ୍ତୁତ କରିବା ଉଚିତ। ଧୀରେ ଧୀରେ ଟ୍ରେନିଂ ବୋଝ ବଢ଼ାଇବା ଦରକାର।

ଅଧିକାଂଶ ଲୋକ ମାରାଥନ ଲାଗି ନିଜକୁ ଗୋଟିଏ କି ଦୁଇ ସପ୍ତାହ ମଧ୍ୟରେ ପ୍ରସ୍ତୁତ କରିପାରିବେ ନାହିଁ। ଏଥିଲାଗି ପାଖାପାଖି ୨୦ ସପ୍ତାହ ଧରି ଯୋଜନା ମୁତାବକ ଟ୍ରେନିଂ କରିବା ଦରକାର। କିନ୍ତୁ ଏହା ପରିସ୍ଥିତି ଉପରେ ନିର୍ଭର କରେ। ଯଦି ଜଣେ ପୂର୍ବରୁ କଦାପି ରେସ୍ କରିନାହିଁ ତେବେ ପ୍ରତିବର୍ଷ ମାରାଥନରେ ଭାଗ ନେଉଥିବା ବ୍ୟକ୍ତି ଅପେକ୍ଷା ଅଧିକ କଷ୍ଟ ଅନୁଭବ କରିବ। ମାରାଥନ ଲାଗି ଯେତେ ଅଧିକ ଟ୍ରେନିଂ କରିବେ, ସେତେ ଭଲ।

### ପୁଷ୍ଟିକର ଖାଦ୍ୟ

ଭୁଲ୍ କିମ୍ବା ଆବଶ୍ୟକତାଠାରୁ ଅଧିକ ଖାଇବା ଦ୍ୱାରା ପେଟରେ ଯନ୍ତ୍ରଣା ହୋଇପାରେ। ଏଥିଯୋଗୁ କେଉଁ ଖାଦ୍ୟ କେତେ ପରିମାଣରେ ଗ୍ରହଣ କରାଯିବ, ସେଥିଲାଗି ଉପଯୁକ୍ତ ଯୋଜନା ଦରକାର। ଆମେ ସ୍ପୋର୍ଟ୍ସ ଡ୍ରିଙ୍କ୍ସ ଉପରେ ଅଧ୍ୟୟନ କରିଛୁ। ଯେଉଁ ଡ୍ରିଙ୍କ୍ସ କିମ୍ବା ଖାଦ୍ୟ ତୁମକୁ ଭଲ ଲାଗିବ ତାହାକୁ ଗ୍ରହଣ କରିବା ଉଚିତ। ନ ହେଲେ ପାକସ୍ଥଳୀରେ ଯନ୍ତ୍ରଣା ଅନୁଭବ ହେବ। ତୁମେ କ'ଣ ଖାଇବାକୁ ଯାଉଛ, ତାହାର ଯୋଜନା କରିବା ଦରକାର ଏବଂ ରେସ୍ ପୂର୍ବରୁ ତାହାକୁ ବ୍ୟବହାର କରିବା ଉଚିତ। ତୁମେ ଅସୁସ୍ଥ ନ ହୋଇ କେତେ ପରିମାଣରେ ଖାଦ୍ୟ କିମ୍ବା ଡ୍ରିଙ୍କ୍ସ ଗ୍ରହଣ କରିପାରିବ, ତାହା ଜାଣିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ସମସ୍ତେ ଏନର୍ଜି ଡ୍ରିଙ୍କ୍ସ ହଜମ କରିପାରିବେ ନାହିଁ। ଏହାକୁ ବ୍ୟବହାର କରିବା ଦ୍ୱାରା କିଛି ଲୋକଙ୍କର ପେଟରେ ଯନ୍ତ୍ରଣା ଏବଂ ଡାଇରିଆ ମଧ୍ୟ ହୋଇପାରେ, ଯାହାକି ମାରାଥନ ଧାବକଙ୍କୁ କୌଣସି ଫାଇଦା ଦେବ ନାହିଁ। ତୁମେ ଅଧିକ ଖାଦ୍ୟ ଖାଇପାରିବ ନାହିଁ କିମ୍ବା ଆବଶ୍ୟକତାଠାରୁ କମ୍ ଖାଇ ପାରିବ ନାହିଁ। ଏଥିଯୋଗୁ ରବିନସନ ରେସ୍ ପୂର୍ବରୁ ଏବଂ ରେସ୍ ବେଳେ ଶ୍ୱେତସାର ଯୁକ୍ତ ଖାଦ୍ୟ ଗ୍ରହଣ କରିବା ଦରକାର ବୋଲି କହିଛନ୍ତି। ଏହାଦ୍ୱାରା ତୁମ ଶରୀରର ଓଜନ ବଢ଼ିବ ନାହିଁ। କିନ୍ତୁ ମାଂସପେଶୀରେ ଆବଶ୍ୟକ ଥିବା ଗ୍ଲାଇକୋଜେନ ପରିମାଣ ବୃଦ୍ଧି ପାଇବ।

ରେସ୍ ଦିନ ଇଭେଣ୍ଟ ଆରମ୍ଭ ହେବାର ୩ରୁ ୪ ଘଣ୍ଟା ପୂର୍ବରୁ ୧୦୦ରୁ ୨୦୦ ଗ୍ରାମ୍ ଶ୍ୱେତସାର ଯୁକ୍ତ ଖାଦ୍ୟ ଖାଇବା ଉଚିତ। ରେସ୍ ଆରମ୍ଭ ହେବାର ୧୫ରୁ ୨୦ ମିନିଟ ପୂର୍ବରୁ ୨୦ରୁ ୩୦ ଗ୍ରାମ୍ ଶ୍ୱେତସାର ଖାଦ୍ୟ ସହିତ ୯୦ରୁ ୧୮୦ ଏମ୍‌ଏଲ୍ ପାଣି ପିଇବା ଉଚିତ। ଏହି ସମୟରେ ଏନର୍ଜି ଜେଲ୍ ବ୍ୟବହାର କରାଯାଏ। ରେସ୍ ଦିନ ଶ୍ୱେତସାର ଭରି ରହିଥିବା ଖାଦ୍ୟ ଯଥା ଧଳା ଚାଉଳ, ଧଳା ବ୍ରେଡ, ରନ୍ଧା ଫଳ, ପନିପରିବା ଓ ଆଳୁ, ପାଚିଲା କଦଳୀ, ରାଇସ କେକ୍, ମହୁ, ଜୁସ ଖାଇବା ଉଚିତ।

### ଉପଯୁକ୍ତ ଜୋତା ବ୍ୟବହାର

ଆଖିକୁ ଭଲ ଦେଖାଯାଉଥିବା ଜୋତା ଆଥଲେଟଙ୍କ ଫିଟନେସ ସ୍ତରକୁ ବୃଦ୍ଧି କରେ ନାହିଁ। କିନ୍ତୁ ରେସ୍ ଦିନ ଉପଯୁକ୍ତ ଜୋତା ପିନ୍ଧିବା ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଅନେକ ଲୋକ ସେମାନଙ୍କ ଲାଗି ଉପଯୁକ୍ତ ନଥିବା ଜୋତା ପିନ୍ଧନ୍ତି। ଅନଲାଇନରେ ଦେଖିଥିବା ଜୋତା ଆଖିକୁ ଭଲ ଦେଖାଯାଇ ପାରେ। କିନ୍ତୁ ଦୌଡ଼ିବା ଲାଗି ତାହାକୁ ବ୍ୟବହାର କରିବା ଉଚିତ ହୋଇ ନ ପାରେ। ଏଥିଯୋଗୁ ଅନେକ ଜୋତା ଦୋକାନରେ ଏବେ ଟ୍ରେଡମିଲ ରଖାଯାଉଛି, ଯାହାକି ତୁମକୁ ଉଚିତ ଜୋତା ଖୋଜିବାରେ ସାହାଯ୍ୟ କରିବ। କେଉଁ ଭଳି ପାଣିପାଗ ବା ପରିବେଶରେ ରେସ୍ ହେବାକୁ ଯାଉଛି, ତାହାକୁ ଦୃଷ୍ଟିରେ ରଖି ପୋଷାକ ପିନ୍ଧିବା ଦରକାର ବୋଲି ମ୍ୟାକକଲଗାନ କହିଛନ୍ତି।

### ଷ୍ଟ୍ରେନ୍ଥ ଟ୍ରେନିଂ

ଅନେକ ଡିଷ୍ଟାନ୍ସ ରନର ଚିନ୍ତା କରିପାରନ୍ତି ଯେ, ସେମାନଙ୍କୁ ଷ୍ଟ୍ରେନ୍ଥ ଟ୍ରେନିଂର ଆବଶ୍ୟକତା ନାହିଁ। କିନ୍ତୁ ମୋ ମତରେ ଇଞ୍ଜୁରୀରୁ ଦୂରେଇ ରହିବା ପାଇଁ ଏହା ଖୁବ୍ ଗୁରୁତ୍ୱପୂର୍ଣ୍ଣ। କିଛି ନ କରିବାଠାରୁ କିଛି କରିବା ଭଲ ବୋଲି ମୁଁ ପରାମର୍ଶ ଦେବି। ତୁମେ ମୋଟା ମାଂସପେଶୀ ଚାହିଁ ନ ପାର କିନ୍ତୁ ମାଂସପେଶୀର ସହନଶୀଳତା ବୃଦ୍ଧି କରିବା ଲାଗି ୱାର୍କଆଉଟ କରିବା ଉଚିତ ବୋଲି ରବିନସନ କହିଛନ୍ତି। ଏ ସମ୍ପର୍କରେ ଅଲିମ୍ପିକ ଟ୍ରାଇଥଲନ ଚାମ୍ପିୟନ ଆଲେକ୍ସ ୟି କହିଛନ୍ତି, ଆଣ୍ଠୁ ତଳକୁ ମାଂସପେଶୀକୁ ମଜଭୁତ କରିବା ପାଇଁ ମୁଁ ସପ୍ତାହକୁ ଦୁଇ ଥର ୬୦ରୁ ୭୦ ମିନିଟ ପାଇଁ ଷ୍ଟ୍ରେନ୍ଥ ଟ୍ରେନିଂ କରେ। ଯାହା ଫଳରେ ମୁଁ ଯେଉଁ ମାଇଲେଜରେ ଦୌଡୁଛି, ତାହାକୁ ସହି ପାରିବି। ଏଥିଲାଗି ପ୍ଲାଙ୍କ ଭଳି ୱାର୍କଆଉଟ କରିବା ପସନ୍ଦ କରେ।



ଆଲେକ୍ସ ୟି

### କ୍ରସ୍ ଟ୍ରେନିଂ

କ୍ରସ୍ ଟ୍ରେନିଂର ଅର୍ଥ ହେଉଛି ବିଭିନ୍ନ ପ୍ରକାରର ଏକ୍ସରସାଇଜକୁ ଟ୍ରେନିଂ ଯୋଜନାରେ ସାମିଲ କରିବା। ଉଦାହରଣ ସ୍ୱରୂପ ଷ୍ଟ୍ରେନ୍ଥ ଟ୍ରେନିଂ। କ୍ରସ୍ ଟ୍ରେନିଂ କରିବା ଦ୍ୱାରା ଆହତ ହେବାର ସମ୍ଭାବନା ହ୍ରାସ ପାଏ। ମାରାଥନ ଲାଗି ପ୍ରସ୍ତୁତ ହେଲା ବେଳେ ସର୍ବଦା ଦୌଡ଼ିବା ଦରକାର ନାହିଁ। ତୁମେ ଏରୋବିକାଲି ଟ୍ରେନିଂ କରିପାରିବ। ଏଥିରେ ସାଇକ୍ଲିଂ, ଆକୁଆ ଜଗିଂ, କାର୍ଡିଓ ଭଳି ଏକ୍ସରସାଇଜ ସାମିଲ ରହିଛି। କ୍ରସ ଟ୍ରେନିଂ କାର୍ଡିଓଭାସ୍କୁଲାର ସିଷ୍ଟମକୁ ଫାଇଦା ପ୍ରଦାନ କରେ। ଆଥଲେଟମାନେ ମାରାଥନ ପୂର୍ବରୁ ପ୍ରତ୍ୟେକ ସପ୍ତାହରେ ଏକ ଅତିରିକ୍ତ ଏରୋବିକ ସେସନକୁ ସାମିଲ କରନ୍ତି। ସେମାନେ ନିଜ ଶରୀର ଉପରେ ଅଧିକ ବୋଝ ନ ପକାଇ କାର୍ଡିଓଭାସ୍କୁଲାର ସିଷ୍ଟମକୁ ସଶକ୍ତ କରିବା ଲାଗି ସାଇକ୍ଲିଂ ଭଳି କ୍ରସ ଟ୍ରେନିଂ କରନ୍ତି।

### ପିରାମିଡ ଭଳି ପ୍ରସ୍ତୁତି

ମାରାଥନ ଲାଗି ପିରାମିଡ ଭଳି ପ୍ରସ୍ତୁତି କରିବା ଦରକାର। ପିରାମିଡ ଶେଷରେ ବିଶ୍ରାମ, ରିକଭରି, ଶୋଇବା, ହାଇଡ୍ରେଶନ ଓ ନ୍ୟୁଟ୍ରିଶନ ରହିବ। ଯଦି ମୂଳଦୁଆ ଠିକ୍ ରହିବ, ତେବେ ତାହା ଉପରେ ତୁମେ ସବୁ କିଛି କରିପାରିପାରିବ। ଯଦି ତୁମ ଖାଇବା ଓ ଶୋଇବା ଠିକ୍ ନାହିଁ ଏବଂ ତୁମେ ରିକଭର କରୁନାହଁ, ତେବେ ତୁମ ଜୋତା କେତେ ଆଖିଦୃଶିଆ କିମ୍ବା କୌଣସି ସ୍ପୋର୍ଟ୍ସ ଡ୍ରିଙ୍କ୍ସ ତୁମକୁ ଫାଇଦା ଦେବ ନାହିଁ। କାରଣ ତୁମ ପ୍ରଦର୍ଶନ ମୂଳଦୁଆ ଉପରେ ନିର୍ଭର କରେ। ଉଦାହରଣ ସ୍ୱରୂପ ତୁମେ ଦୀର୍ଘ ସମୟ ଧରି ଦୌଡ଼ିବା ପରେ କୌଣସି ପ୍ରକାର ଖାଦ୍ୟ ନ ଖାଇ ପରଦିନ ତୁମେ ସିଧାସଳଖ ଟ୍ରେନିଂ କଲେ, ତୁମକୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ। କାରଣ ତୁମ ପାଖରେ ବଳ ଅଭାବ ରହିବ। ମାରାଥନ ଲାଗି ପ୍ରସ୍ତୁତ ହେଲା ବେଳେ ଯଥେଷ୍ଟ ଖାଦ୍ୟ ଓ ନିଦ୍ରାର ଆବଶ୍ୟକତା ରହିଛି। ଏହାଦ୍ୱାରା ପ୍ରଦର୍ଶନରେ ସୁଧାର ଆସିବ ଓ ଆହତ ହେବାର ଆଶଙ୍କା ହ୍ରାସ ପାଇବ।

### ଚତୁରତାର ସହ ଟ୍ରେନିଂ

ଯଦି ତୁମେ ଟ୍ରେନିଂ ସୁଧାର ଆଣିବାକୁ ଚାହୁଁଛ, ତେବେ ଡାଟା ଏବଂ ଟ୍ରାକିଂକୁ ବନ୍ଧୁ କରିବାକୁ ପଡ଼ିବ। ଆଥଲେଟମାନେ ସ୍ମାର୍ଟୱାଚ ଓ ପିନ୍ଧାଯାଉଥିବା ଯନ୍ତ୍ର ସହିତ ଟ୍ରେନିଂ କରିବା ଦରକାର। ଏଥିରୁ ତୁମକୁ ତୁମ ଗତି ଜଣାପଡ଼େ। ଲୋକେ ଆମ ନିକଟକୁ ଆସନ୍ତି, ଆମେ କିଛି ପରୀକ୍ଷା କରୁ। ସେହି ତଥ୍ୟ ଆଧାରରେ ସେମାନେ କେବେ ମାରାଥନ ଲାଗି ପ୍ରସ୍ତୁତ ହେବେ ଆମେ କହିପାରିବୁ। ସେହି ତଥ୍ୟ ଆଧାରରେ ସେମାନେ କେବେ ଟ୍ରେନିଂ କରିବା ଦରକାର ଏବଂ କେବେ ଓ କେତେ ବିଶ୍ରାମ ନେବା ଦରକାର ଆମେ ଜଣାଉ। ମୋ ମତରେ ଏଥିରୁ ସେମାନଙ୍କୁ ଖୁବ୍ ଲାଭ ମିଳେ। ଏଥିରୁ ସେମାନେ ନିଜ ପ୍ରଦର୍ଶନରେ ସୁଧାର ମଧ୍ୟ ଆଣିପାରିବେ ବୋଲି ରବିନସନ କହିଛନ୍ତି।

### ଧୀରେ ଧୀରେ ଗତି ବଢ଼ାନ୍ତୁ

ଏବେ ଘଣ୍ଟାରେ ଭଲ ଜିପିଏସ୍ ବ୍ୟବହାର ହେଉଥିବାରୁ ଆଥଲେଟଙ୍କୁ ହୁପ ଭଳି ହାଇ-ଟେକ ଟ୍ରାକର୍ସ ବ୍ୟବହାର କରିବାକୁ ପଡୁନାହିଁ। ରେସ୍‌ରେ ଦ୍ରୁତ ଗତିରେ ଦୌଡ଼ି ନିଜ ବଳ ଶେଷ କରିବା ବଦଳରେ ରେସ୍‌ର ପର୍ଯ୍ୟାୟ ଅନୁଯାୟୀ ଗତି ବଢ଼ାଇବା ଦରକାର। ରେସ୍ ଆରମ୍ଭରୁ ଧିମା ଓ ଶେଷ ପର୍ଯ୍ୟାୟରେ ଗତିରେ ବୃଦ୍ଧି କରିବାର ଆବଶ୍ୟକତା ରହିଥାଏ। ଏହାଦ୍ୱାରା ମାରାଥନ ଧାବକଙ୍କ ଟାଇମିଂରେ ୧୦ ମିନିଟର ବ୍ୟବଧାନ ଆସିଥିବା ରବିନସନ ପ୍ରକାଶ କରିଛନ୍ତି।

### ଦୃଢ଼ ମାନସିକତା

ଏକ ମାରାଥନ ୨ରୁ ୬ ଘଣ୍ଟା ଧରି ଚାଲିଥାଏ। ନିଜ ଭାବନାରେ ରହିବା ପାଇଁ ଏହା ଖୁବ୍ ଦୀର୍ଘ ସମୟ। ଏଥିଯୋଗୁ ଫିନିସ ଲାଇନରେ ପହଞ୍ଚିବା ପାଇଁ ସଶକ୍ତ ଶରୀର ଓ ଦୃଢ଼ ମାନସିକତା ଦରକାର। ଏ ସମ୍ପର୍କରେ ଅଲ୍‌ଟ୍ରାରନର ଟମ୍ ଇଭାନ୍ସ ପରାମର୍ଶ ଦେଇଛନ୍ତି ଯେ, ମାରାଥନରେ ଦୌଡ଼ିଲା ବେଳେ ଆଥଲେଟ ଉଚିତ ମାଇଣ୍ଡସେଟ୍‌ରେ ରହିବା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ମୋ ମତରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି କାରଣକୁ ଖୋଜିବା। ମୁଁ କାହିଁକି ମାରାଥନରେ ଦୌଡ଼ିବାର କଷ୍ଟ କରୁଛି। ଯଦି ତୁମ ପାଖରେ ଏକ ଦୃଢ଼ କାରଣ ରହିଛି, ତେବେ ତୁମ ଲାଗି ରେସ୍ ଶେଷ କରିବାର ବିଶେଷ ସମ୍ଭାବନା ରହିଛି। ଏହା ପଛରେ ଶ୍ରେଷ୍ଠ ଟାଇମିଂ ହାସଲ କରିବା କିମ୍ବା କୌଣସି ପ୍ରିୟଜନଙ୍କ ଲାଗି ଦୌଡ଼ିବା କିମ୍ବା ଚ୍ୟାରିଟି ଲାଗି ଟଙ୍କା ଯୋଗାଡ଼ କଲା ଭଳି କାରଣ ହୋଇପାରେ। ବଡ଼ ଦୂରତ୍ୱକୁ ଅତିକ୍ରମ କରି ମାରାଥନର ନିଜକୁ ପ୍ରମାଣିତ କରିବା ସହ ସେ କେତେ ସମର୍ଥ ଅନ୍ୟମାନଙ୍କୁ ଦେଖାଇ ଦେଇଥାଏ।



# ଭାରତ କ୍ରିକେଟ ପାଇଁ ଶୁଭ ସଙ୍କେତ



ନିର୍ମଳ କୁମାର ମିଶ୍ର

**ବିରାଟ କୋହଲି ଓ ଅଧିନାୟକ ରୋହିତ ଶର୍ମା ଫର୍ମକୁ ଫେରିବା ସହ ଶୁବମନ ଗିଲ୍ ଏବେ ଭାରତର ବ୍ୟାଟିଂ ମେରୁଦଣ୍ଡ ସାଜିଛନ୍ତି। ଯୁବ ପେସ୍ ବୋଲରଙ୍କ ସହ ସ୍ପିନରମାନେ ଟିମ୍ ଇଣ୍ଡିଆକୁ ଆଗେଇନେବାକୁ ପ୍ରତିଶ୍ରୁତିବଦ୍ଧତା ଦେଖାଇଛନ୍ତି। ଏହା ଭାରତୀୟ କ୍ରିକେଟ ପାଇଁ ଶୁଭ ସଙ୍କେତ ନିଶ୍ଚିତ...**

କ୍ରିକେଟ ଜଗତରେ ଏବେ ଚାମ୍ପିୟନ୍ସ ଟ୍ରଫିର ରୋମାଞ୍ଚକୁ ନେଇ ଚର୍ଚ୍ଚା ବଢ଼ିଛି। ଏହା ମାର୍ଚ୍ଚ ୯ରେ ସମାପ୍ତ ହେବ। ଏହାର ପ୍ରାୟ ୨ସପ୍ତାହ ପରେ ଆଇପିଏଲ୍ ଲଢ଼େଇ ଆରମ୍ଭ ହେବ। ଏହି ଲିଗ୍ ପାଖାପାଖି ୨ମାସ ଧରି ଚାଲିବ। ଏହା ପରେ ଭାରତ ୫ଟିକିଆ ଟେଷ୍ଟ ପାଇଁ ଜୁନରେ ଇଂଲଣ୍ଡ ଗସ୍ତ କରିବ। ଏହି ଗୁରୁତ୍ୱପୂର୍ଣ୍ଣ ସିରିଜ ଜୁନ ୨୦ରୁ ଆରମ୍ଭ ହେବ। ଭାରତ ପାଇଁ ଏହା ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଚତୁର୍ଥ ସଂସ୍କରଣର ପ୍ରଥମ ସିରିଜ ହେବ। ନ୍ୟୁଜିଲାଣ୍ଡ ବିପକ୍ଷ ଘରୋଇ ଟେଷ୍ଟ ସିରିଜରେ ୦-୩ରେ ପରାସ୍ତ ହେବା ଓ ଅଷ୍ଟ୍ରେଲିଆଠାରୁ ୧-୩ରେ ଟେଷ୍ଟ ସିରିଜ ହାରିବା ଦ୍ୱାରା ଭାରତ ପ୍ରଥମଥର ଡବ୍ଲ୍ୟୁଟିସି ଫାଇନାଲ ଖେଳିବାକୁ ବଞ୍ଚିତ ହେଲା। ଏଥିପାଇଁ ବିସିସିଆଇ ରେଡ୍ ବଲ ଫର୍ମାଟ୍‌ର ଦଳୀୟ ସନ୍ତୁଳନ ଉପରେ ଗୁରୁତ୍ୱ ଦେଇଛି। ବର୍ତ୍ତମାନ ଚାମ୍ପିୟନ୍ସ ଟ୍ରଫିରେ ଭାରତ ଭଲ ପ୍ରଦର୍ଶନ କରୁଛି। ଯଶପ୍ରୀତ ବୁମରାଙ୍କ ଅନୁପସ୍ଥିତିରେ ସ୍ପିନ୍ ଷ୍ଟ୍ରେନ୍ଥକୁ ନେଇ ଏହି ଗୁରୁତ୍ୱପୂର୍ଣ୍ଣ ଆଇସିସି ଟ୍ରଫି ଜିତିବାକୁ ଲକ୍ଷ୍ୟ ରଖିଛି ରୋହିତ ବାହିନୀ। ଦୁଇଟି ସହଜସାଧ୍ୟ ବିଜୟ ହାସଲ କରି ପ୍ରଥମ ଦଳଭାବେ ସେମିଫାଇନାଲରେ ପହଞ୍ଚି ଯାଇଛି ଟିମ୍ ଇଣ୍ଡିଆ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଟି୨୦ ବିଶ୍ୱକପ ଚାମ୍ପିୟନ ହୋଇଥିବା ଭାରତ ପାଇଁ ଏହି ଟ୍ରଫି ବେଶ୍ ଗୁରୁତ୍ୱବହନ କରୁଛି। ଅଧିନାୟକ ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଫର୍ମକୁ ନେଇ ବହୁ ଚର୍ଚ୍ଚା କରାଯାଇଥିଲା। ସେମାନଙ୍କ ଅବସରକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଯାଇଥିଲା। ସୋସିଆଲ ମିଡିଆରେ ସେମାନଙ୍କର ବିଫଳତାର କାହାଣୀ ବାରମ୍ବାର ପ୍ରକାଶ କରାଯିବା ସହ ପୂର୍ବତନ ଖେଳାଳି ଓ ବର୍ତ୍ତମାନର ଭାଷ୍ୟକାରମାନେ ଏ ସମ୍ପର୍କରେ ବିଭିନ୍ନ ମତ ଦେଇ ଆସୁଥିଲେ। ମାତ୍ର ଇଂଲଣ୍ଡ ବିପକ୍ଷ ଟି୨୦ ଓ ଏକଦିବସୀୟ ସିରିଜ ଏବଂ ଚଳିତ ଚାମ୍ପିୟନ୍ସ ଟ୍ରଫିରେ ସେମାନଙ୍କର ପ୍ରଦର୍ଶନ ସମାଲୋଚକମାନଙ୍କ ମୁହଁ ବନ୍ଦ କରିଦେଇଛି। ଚଳିତ ଚାମ୍ପିୟନ୍ସ ଟ୍ରଫିରେ ୫ଜଣ ସ୍ପିନରଙ୍କୁ ନେଇ ଖେଳିବା, ମହମ୍ମଦ ସାମିଙ୍କ ଫିଟନେସ, ହର୍ଷିତ ରାଣାଙ୍କ ପରି ନବାଗତ ପେସ୍ ବୋଲରଙ୍କୁ ଦଳରେ ସାମିଲ କରିବା, ରିଷଭ ପନ୍ତଙ୍କୁ ଖେଳିବାର ସୁଯୋଗ ନ ଦେବା, ମହମ୍ମଦ ସିରାଜଙ୍କୁ ଅଣଦେଖା କରିବା ପରି ଘଟଣା ବେଶ୍ ଚର୍ଚ୍ଚା ସୃଷ୍ଟି କରିଥିଲା। ମାତ୍ର ରୋହିତ ଶର୍ମାଙ୍କ ଅଧିନାୟକତ୍ୱ ଓ ଫର୍ମକୁ ପ୍ରତ୍ୟାବର୍ତ୍ତନ, ପାକିସ୍ଥାନ ବିପକ୍ଷରେ ବିରାଟ କୋହଲିଙ୍କ ଶତକ ସହ ଏକାଧିକ ରେକର୍ଡ ଏବଂ ଭାରତୀୟ କ୍ରିକେଟର ପ୍ରିନ୍ସ ଶୁବମନ ଗିଲ୍ ଏବଂ ଶ୍ରେୟସ ଆୟାରଙ୍କ ଚମକପ୍ରଦ ଫର୍ମ ଭାରତ ପାଇଁ ଶୁଭ ସଙ୍କେତ ରୂପେ ପ୍ରତୀୟମାନ ହୋଇଛି।

ଇତି ମଧ୍ୟରେ ବିସିସିଆଇ ଆଇପିଏଲ୍‌ର ୧୮ତମ ସଂସ୍କରଣ ପାଇଁ ତାରିଖ ଘୋଷଣା କରିଛି। ତେବେ ହ୍ୱାଇଟ ବଲ ଫର୍ମାଟ ପାଇଁ ଯେପରି ରେଡ୍ ବଲ ଫର୍ମାଟ ଅବହେଳିତ ନ ହୁଏ, ସେଥିପାଇଁ ବିସିସିଆଇ ଗୁରୁତ୍ୱ ଦେଇଛି। ଏହା ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ପାଇଁ ବେଶ୍ ଉପଯୋଗୀ ରହିବ। ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ ଜୁନ ୨୦ରୁ ଆରମ୍ଭ ହୋଇ ଅଗଷ୍ଟ ୪ରେ ଶେଷ ହେବ। ୨୦୦୭ରୁ ଇଂଲଣ୍ଡରେ ଭାରତ ଟେଷ୍ଟ ମ୍ୟାଚ ସିରିଜ ଜିତିନାହିଁ।

ଚଳିତ ଚାମ୍ପିୟନ୍ସ ଟ୍ରଫିରେ ରୋହିତ ଶର୍ମା ୧୧୦୦୦ ଓ ବିରାଟ କୋହଲି ୧୪୦୦୦ ରନ ପୂରଣ କରିବା ସହିତ ଭାରତୀୟ କ୍ରିକେଟର ପ୍ରିନ୍ସ ରୂପେ ପରିଚିତ ଶୁଭମନ ଗିଲ୍ ଏକଦିବସୀୟରେ ୮ମ ଶତକ ଅର୍ଜନ କରିଛନ୍ତି। ଭାରତୀୟ ମିଡିଲ ଅର୍ଡର ଓ ଟେଲ ଏଣ୍ଡରର୍ସମାନଙ୍କ ବ୍ୟାଟିଂ ଦକ୍ଷତା ଟିମ୍ କମ୍ବିନେଶନକୁ ବେଶ୍ ସନ୍ତୁଳିତ କରିଛି। ଆଉ କିଛି ବର୍ଷ ପରେ ଭାରତୀୟ କ୍ରିକେଟର ୩ଟି ଫର୍ମାଟ୍‌ରେ ବ୍ୟାପକ ପରିବର୍ତ୍ତନ ହୋଇପାରେ। ଯଶସ୍ୱୀ ଜୟସ୍ୱାଲ, ଅଭିଷେକ ଶର୍ମା, ଶିବମ୍ ଦୁବେ, ତିଲକ ବର୍ମା, ପ୍ରଭସିମରନ ସିଂ, ସାଇ ସୁଦର୍ଶନ, ରିୟାନ ପରାଗ, ଆୟୁଷ ବଦୋନୀ, ଅଭିଷେକ ପୋରେଲ, ବରୁଣ ଚକ୍ରବର୍ତ୍ତୀ, ରଜତ ପଟିଦାରଙ୍କ ପରି ଖେଳାଳି ଭାରତୀୟ କ୍ରିକେଟର ଭବିଷ୍ୟତଭାବେ ଉଭା ହୋଇଛନ୍ତି। ରବି ବିଷ୍ଣୋଇ, କୁଲଦୀପ ଯାଦବ, ୱାଶିଂଟନ ସୁନ୍ଦର, ବରୁଣ ଚକ୍ରବର୍ତ୍ତୀ, ଅକ୍ଷର ପଟେଲ, ରବୀନ୍ଦ୍ର ଜାଡେଜା, ଯୁଜୁଭେନ୍ଦ୍ର ଚହଲ ବର୍ତ୍ତମାନ ଭାରତୀୟ କ୍ରିକେଟର ୩ଟି ଫର୍ମାଟରେ ସ୍ପିନର ରୂପେ ଅଧିକ ସୁଯୋଗ ପାଉଛନ୍ତି। ୩ ଫର୍ମାଟ୍‌ରୁ ରବିଚନ୍ଦ୍ରନ ଅଶ୍ୱିନୀ ଅବସର ନେବା ପରେ ତାଙ୍କ ସ୍ଥାନପୂରଣ ପାଇଁ ଯୁବ ସ୍ପିନରମାନେ ଆଗକୁ ଆସିଛନ୍ତି।

ବିଶ୍ୱସ୍ତରୀୟ ବ୍ୟାଟର୍ସ ସୃଷ୍ଟି କରିବା ସହିତ ନୂଆ ସ୍ପିନର ସୃଷ୍ଟି କରିବାରେ ଭାରତ ଅଗ୍ରଣୀ ଭୂମିକା ନେଇଛି। ଯଦିବା ବର୍ତ୍ତମାନ ସମୟରେ ଭାରତ ଅନେକ କ୍ୱାଲିଟି ପେସ୍ ବୋଲର ସୃଷ୍ଟି କରିଛି ତଥାପି ସ୍ପିନରମାନେ ଘରୋଇ ସିରିଜଗୁଡିକରେ ପ୍ରଭାବୀ ରହିଛନ୍ତି। ରିଷ୍ଟ ସ୍ପିନର କୁଲଦୀପ ଯାଦବ ଯେ କୌଣସି ପିଚ୍‌ରେ ଉଇକେଟ ନେବାର ଦକ୍ଷତା ରଖିଛନ୍ତି। ବର୍ତ୍ତମାନ ଭାରତୀୟ କ୍ରିକେଟରେ ଅନେକ ଯୁବ ସ୍ପିନର ଘରୋଇ କ୍ରିକେଟ ମାଧ୍ୟମରେ ଚମତ୍କାର ପ୍ରଦର୍ଶନ କରିବା ସହିତ ସୁଯୋଗ ଅପେକ୍ଷାରେ ରହିଛନ୍ତି। ସୌରାଷ୍ଟ୍ରର ଧର୍ମେନ୍ଦ୍ର ସିଂ ଜାଡେଜା, ଜମ୍ମୁ ଓ କଶ୍ମୀର ବୋଲର ପରଭେଜ ରସୁଲ, ଜୟନ୍ତ ଯାଦବ, ଜାଜଲ ସକ୍ସେନା ଏବଂ ଝାଡଖଣ୍ଡର ଶାହାବାଜ ନଦୀମଙ୍କ ପରି ଫିଙ୍ଗର ସ୍ପିନରମାନେ ସେମାନଙ୍କର ପ୍ରଦର୍ଶନ ମାଧ୍ୟମରେ ବ୍ରେକ୍ ପାଇବା ପାଇଁ ଅପେକ୍ଷାରତ। ବିହାରର ମୟଙ୍କ ଯାଦବ, ଜମ୍ମୁ ଓ କଶ୍ମୀର ଫାଷ୍ଟ ବୋଲର ଉମ୍ରାନ ମଲିକ, ମହାରାଷ୍ଟ୍ରର ମୁକେଶ ଚୌଧୁରୀ, ଉତ୍ତର ପ୍ରଦେଶର ଯଶ ଦୟାଲ, ଦିଲ୍ଲୀ ପେସ ବୋଲର ସିମରଜିତ୍ ସିଂଙ୍କ ପରି ବୋଲର ଭାରତୀୟ ପେସ୍ ବୋଲିଂର ଭାର ବହନ କରିବା ପାଇଁ ସକ୍ଷମ। ମାତ୍ର ଉମ୍ରାନ ମଲିକ, ମୟଙ୍କ ଯାଦବଙ୍କ ସମ୍ଭାବନା ଅଧିକ ରହିଥିବା ବେଳେ ସେମାନଙ୍କ ଆଘାତ ଜନିତ ସମସ୍ୟା ଲାଗିରହୁଛି। ଆଇପିଏଲ୍‌ର ୧୮ତମ ସଂସ୍କରଣରୁ ମଧ୍ୟ ଅନେକ ଯୁବ କ୍ରିକେଟର ଉଭୟ ବ୍ୟାଟିଂ ଓ ବୋଲିଂରେ ସୃଷ୍ଟି ହେବେ। ଭାରତୀୟ କ୍ରିକେଟ ପାଇଁ ଏହା ଶୁଭ ସଙ୍କେତ।



ବିରାଟ କୋହଲି

### ଲର୍ଡ

ପାକ୍‌କୁ ହରାଇ
ରୋହିତ ଏଣ୍ଡ କୋ
ଅଧା ଟ୍ରଫି ଗଲା ଜିତି
ଚାମ୍ପିୟନ୍ସ ଟ୍ରଫିର ଏ ଲିଗ୍ ମ୍ୟାଚରେ
ବିରାଟ ରଖିଲା ଖ୍ୟାତି
ବିରାଟ ବି ତା'ର ସାଥୀ
ଟପ୍ ଅର୍ଡର ବୁଡ଼ିଗଲା ବେଳେ ଟୋକା
ମଙ୍ଗ ସମ୍ଭାଳଇ ନାତି।

ପାକିସ୍ତାନ ଫ୍ୟାନ କହନ୍ତି ଇଣ୍ଡିଆ
ଟିମ୍ ବାଘ ଆମେ ଛେଳି
ଆଉ କିଏ ଟିଭି,
ମୋବାଇଲ ଭାଙ୍ଗେ
ରେଫରି-କ୍ୟାପଟେନ କଳି
ବରଷା ବି ଦେଲା ଗାଳି
ବିଜୟର ସ୍ୱାଦ ନ ପାଇ ଆଉଟ
ଆୟୋଜକ ଖାଏ ବଳି।

ଗ୍ରହ ମନ୍ଦ ହେଲେ ଭଲ ମଣିଷଠିଁ
ପଡ଼ିଯିବା ପରି ପୋକ
ରିଜୱାନକୁ ଭରସା
ଅଦିନ ବରଷା
ବଢ଼ାଇଲା ପାକ୍ ଦୁଃଖ
ନିଜ କଥା ନିଜେ ଦେଖ
ଚାମ୍ପିୟନ୍ସ ଟ୍ରଫି ଜିତିବାକୁ ଟିମ୍
କଙ୍ଗାରୁଠୁଁ କଳା ଶିଖ।

–ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୨୮/୨୦୨୫ Bhubaneswar, Friday, February 28/ 2025

# ଏଜି ହକି: ଓଡ଼ିଶା ୫-୨ରେ ବିଜୟୀ

**ଭୁବନେଶ୍ୱର, ୨୭।୨ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ପୂର୍ବାଞ୍ଚଳ ଅଡିଟ ଓ ଆକାଉଣ୍ଟସ ହକି ପ୍ରତିଯୋଗିତାର ତୃତୀୟ ଦିବସରେ ଗତ ଥର ଚାମ୍ପିୟନ ଓଡ଼ିଶା ୫-୨ ଗୋଲରେ ପଶ୍ଚିମବଙ୍ଗକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧରେ ଓଡ଼ିଶା ସମ୍ପୂର୍ଣ୍ଣ ପ୍ରଭାବ ବିସ୍ତାର କରି ୩-୦ରେ ଅଗ୍ରଣୀ ରହିଥିଲା। ତେବେ ଦ୍ୱିତୀୟାର୍ଦ୍ଧ ସଂଘର୍ଷପୂର୍ଣ୍ଣ ରହିଥିଲା ଏବଂ ଉଭୟ ଦଳ ୨ଟି ଲେଖା ଗୋଲ ସ୍କୋର କରିଥିଲେ। ପ୍ରଶାନ୍ତ ତିର୍କୀ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ପରାଜୟ ସତ୍ତ୍ୱେ ବେଙ୍ଗଲ ଦଳ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଶୁକ୍ରବାର ଉଭୟ ଦଳ ଫାଇନାଲରେ ମୁହାଁମୁହିଁ ହେବେ। ଭାରତୀୟ ମହିଳା ହକି ଦଳର ସଦସ୍ୟା ତଥା ଅଲିମ୍ପିଆନ ନେହା ଗୋୟଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ନିର୍ଦ୍ଦେଶକ ଦୀପଙ୍କର ଦାସ, ଅତିରିକ୍ତ ସଚିବ ବିଜୟ ସ୍ୱାଇଁ, ଯୁଗ୍ମ ସଚିବ ବିଜୟ ନାୟକ ଓ ଉପସଚିବ ସ୍ୱରୂପ ସାହୁ ଯୋଗ ଦେଇ ଏପରି ଏକ ପ୍ରତିଯୋଗିତା ଆୟୋଜନ ପାଇଁ ଏଜି ଓଡ଼ିଶାକୁ ପ୍ରଶଂସା କରିଥିଲେ।



ଅତିଥି ପ୍ଲେୟର୍ ଅଫ୍ ମ୍ୟାଚ୍ ପୁରସ୍କାର ପ୍ରଦାନ କରୁଛନ୍ତି।

# ପ୍ଲେଅଫ୍ ଆଶାରେ ଓଡ଼ିଶା ଏଫ୍‌ସି

**ଭୁବନେଶ୍ୱର, ୨୭।୨ (ଅନାଦି କର)**

ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶା ଏଫସି ଶୁକ୍ରବାର ତା'ର ପରବର୍ତ୍ତୀ ଇଣ୍ଡିଆନ ସୁପର ଲିଗ (ଆଇଏସଏଲ) ମ୍ୟାଚରେ ମହମ୍ମଡାନ ଏସସିକୁ ଭେଟିବ। ପ୍ଲେଅଫରେ ସ୍ଥାନ ହାସଲ କରିବା ଲକ୍ଷ୍ୟରେ ଥିବା ଓଡ଼ିଶା ଏଫସିକୁ ଏହି ମ୍ୟାଚରୁ ସମ୍ପୂର୍ଣ୍ଣ ୩ ପଏଣ୍ଟ ଦରକାର। ଦଳ ଏବେ ପଏଣ୍ଟ ଟେବୁଲରେ ୨୯ ପଏଣ୍ଟ ସହ ସପ୍ତମ ସ୍ଥାନରେ ରହିଛି। ଓଡ଼ିଶା ଏଫସିର ପ୍ଲେଅଫ ଖେଳିବା ସ୍ୱପ୍ନ ଏବେ ବି ଉଜ୍ଜୀବିତ ରହିଛି। କିନ୍ତୁ ପ୍ଲେଅଫରେ ସ୍ଥାନ ପକ୍କା କରିବା ପାଇଁ ଦଳକୁ ତା'ର ଅନ୍ତିମ ଦୁଇ ଲିଗ ମ୍ୟାଚରେ ନିଶ୍ଚିତ ବିଜୟ ଦରକାର। ସସପେନସନ କାରଣରୁ ଫଲ, ଅହମ୍ମଦ ଜାହୋ ଓ ହୁଗୋ ବୌମୋଅସଙ୍କ ଭଳି ପ୍ରମୁଖ ଖେଳାଳିଙ୍କ ବିନା ସେର୍ଗିଓ ଲୋବେରାଙ୍କ ଦଳକୁ ମହମ୍ମଡାନ ବିପକ୍ଷ ମ୍ୟାଚରେ କଷ୍ଟକର ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିବ। ମହମ୍ମଡାନ ଏଫସି ଓ ଓଡ଼ିଶା ଏଫସି ମଧ୍ୟରେ ପୂର୍ବରୁ ଖେଳାଯାଇଥିବା ମ୍ୟାଚ ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା। ଚଳିତ ସିଜନରେ ସଂଘର୍ଷ କରୁଥିବା ମହମ୍ମଡାନ ଏଫସି ୧୧ ପଏଣ୍ଟ ସହ ପଏଣ୍ଟ ଟେବୁଲର ସର୍ବନିମ୍ନରେ ରହିଛି।

ଆମେ କିଛି ଖେଳାଳିଙ୍କ ଅନୁପସ୍ଥିତି ଅନୁଭବ କରିବୁ। କିନ୍ତୁ ଏବେ ବି ଆମ ପାଖରେ ଏକ ଦଳ ଅଛି। ମୋର ଆମ ଖେଳାଳିଙ୍କ ଉପରେ ଭରସା ଅଛି ଏବଂ ଯେଉଁମାନେ ଉପଲବ୍ଧ ଅଛନ୍ତି, ସେମାନଙ୍କୁ ଆମେ ପ୍ରାଥମିକତା ଦେବୁ। ହଁ, ଆମର କିଛି ଖେଳାଳି ସସପେଣ୍ଡ ହୋଇଛନ୍ତି। କିନ୍ତୁ ଆମକୁ ସମାଧାନ ଖୋଜିବାକୁ ପଡ଼ିବ। ଆମେ ଆମର ଗତ ୪ରୁ ୩ ମ୍ୟାଚରେ ୧୦ ଖେଳାଳିଙ୍କ ସହିତ ମ୍ୟାଚ ଖେଳିଛୁ। ଜଣେ କୋଚ ଭାବେ ଆମ ଦଳ ମ୍ୟାଚ ଲାଗି ପ୍ରସ୍ତୁତ ଥିବା ନିଶ୍ଚିତ କରିବି ବୋଲି ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମୁଖ୍ୟ କୋଚ ଲୋବେରା କହିଛନ୍ତି। ସେହିଭଳି ଦଳୀୟ ଖେଳାଳି ରହିମ ଅଲୀ ପ୍ରକାଶ କରିଛନ୍ତି ଯେ, ଗତ ମ୍ୟାଚରେ ଆମ ଖେଳାଳିଙ୍କ ଏନର୍ଜି ଓ ମନୋଭାବ ଖୁବ ଭଲ ରହିଥିଲା। ଆମେ ତାହା ଜାରି ରଖିବୁ ଏବଂ ଭଲ ଫଳାଫଳ ଲାଗି ଆଶା ରଖିଛୁ। ଆମେ ଆମର ଅନ୍ତିମ ଘରୋଇ ମ୍ୟାଚରେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବୁ। ଆମକୁ ୩ ପଏଣ୍ଟ ଅଧିକାର କରିବା ପାଇଁ ଘରୋଇ ପ୍ରଶଂସକଙ୍କ ସମର୍ଥନ ଦରକାର।




ମୁଖ୍ୟ କୋଚ ସେର୍ଗିଓ ଲୋବେରାଙ୍କ ସହିତ ଖେଳାଳି ରହିମ ଅଲୀ।

# ରଣଜୀ ଟ୍ରଫି ଫାଇନାଲ: କେରଳର ଦୃଢ଼ ବ୍ୟାଟିଂ

**ନାଗପୁର, ୨୭।୨**

ବିଦର୍ଭ କ୍ରିକେଟ ଆସୋସିଏଶନ ଷ୍ଟାଡିୟମରେ ଚାଲିଥିବା ରଣଜୀ ଟ୍ରଫି ଫାଇନାଲରେ ବିଦର୍ଭ ୩୭୯ ରନରେ ଅଲଆଉଟ ହେବା ପରେ କେରଳ ଦୃଢ଼ ବ୍ୟାଟିଂ ପ୍ରଦର୍ଶନ କରିଛି। ମ୍ୟାଚ୍‌ର ଦ୍ୱିତୀୟ ଦିନ ଶେଷସୁଦ୍ଧା କେରଳ ୩ ଉଇକେଟ ହରାଇ ୧୩୧ ରନ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଆଦିତ୍ୟ ସର୍ୱଟେ ୬୬ ଓ ଅଧିନାୟକ ସଚିନ ବେବୀ ୭ ରନ କରି ଅପରାଜିତ ରହିଛନ୍ତି। ପ୍ରଥମ ଇନିଂସରେ ଅଗ୍ରଣୀ ପାଇଁ କେରଳକୁ ୨୪୮ ରନ ଦରକାର ଥିବାବେଳେ ଦଳ ହାତରେ ୭ ଉଇକେଟ ସୁରକ୍ଷିତ ରହିଛି।

ଶୁକ୍ରବାର ବିଦର୍ଭ ତା'ର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୫୪/୪ରୁ ବ୍ୟାଟିଂ ଆରମ୍ଭ କରି ବଳକା ୬ ଉଇକେଟରେ ଦଳୀୟ ସ୍କୋରରେ ୧୨୫ ରନ ଯୋଗକରିଥିଲା। ପୂର୍ବଦିନ ଅପରାଜିତ ଥିବା ବ୍ୟାଟର ଡାନିଶ ମାଲେୱାର ୧୫୩ ଓ ଯଶ ଠାକୁର ୨୫ ରନ କରି ଆଉଟ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଅକ୍ଷୟ ୱାଡେକର ୨୩ ଓ ସଚିକେତ ଭୁଟେ ୩୨ ରନ କରିଥିଲେ। କେରଳ ପକ୍ଷରୁ ଏମ୍‌ଡି ନିଧିଶ ଓ ଏଡେନ ଆପଲ ଟମ୍ ୩ ଲେଖାଏ ଉଇକେଟ ଅକ୍ତିଆର କରିଥିବା ବେଳେ ନେଦୁମଙ୍କୁଝି ବସିଲ ଦୁଇ ଉଇକେଟ ହାତେଇଥିଲେ। କେରଳ ବ୍ୟାଟିଂ ଆରମ୍ଭରୁ ଅଢ଼େଇ ଓଭର ମଧ୍ୟରେ ଦୁଇ ଓପନରଙ୍କୁ ହରାଇଥିଲା। ଏହାପରେ ସର୍ୱଟେ ଓ ଅହମ୍ମଦ ଇମ୍ରାନ ତୃତୀୟ ଉଇକେଟ ଲାଗି ୯୭ ରନ ଯୋଡ଼ିଥିଲେ। ଇମ୍ରାନ ୩୭ ରନ କରି ପାଭିଲିଅନ ଫେରିଥିଲେ। ଏହିଠାରୁ ସର୍ୱଟେ ଓ ଅଧିନାୟକ ସଚିନ ପ୍ରତିପକ୍ଷ ବିଦର୍ଭ ବୋଲରଙ୍କୁ ଉଇକେଟ ନେବାକୁ ସୁଯୋଗ ଦେଇ ନ ଥିଲେ। ଘରୋଇ ବିଦର୍ଭ ପକ୍ଷରୁ ଦର୍ଶନ ନାଲକଣ୍ଡେ ଦୁଇଟି ଓ ଯଶ ଠାକୁର ଗୋଟିଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ବିଦର୍ଭ ପ୍ରଥମ ଇନିଂସ: ୩୭୯/ଅଲଆଉଟ (ଡାନିଶ ମାଲେୱାର-୧୫୩, କରୁନ ନାୟର-୮୬, ନଚିକେତ ଭୁଟେ-୩୨, ଏମ୍‌ଡି ନିଧିଶ-୩/୬୧, ଏଡେନ ଆପଲ-୩/୧୦୨)। କେରଳ ପ୍ରଥମ ଇନିଂସ: ୧୩୧/୩(ଆଦିତ୍ୟ ସରୱଟେ-୬୬*, ଅହମ୍ମଦ ଇମ୍ରାନ-୩୭, ସଚିନ ବେବୀ-୭*, ଦର୍ଶନ ନାଲକଣ୍ଡେ-୨/୨୨, ଯଶ ଠାକୁର-୧/୪୫)।

## ଆଜିର ଚାମ୍ପିୟନ୍ସ ଟ୍ରଫି ମ୍ୟାଚ

ଅଷ୍ଟ୍ରେଲିଆ ବନାମ ଆଫଗାନିସ୍ତାନ
ସ୍ଥାନ: ଲାହୋର ସମୟ: ଅପରାହ୍ନ ୨:୩୦
ପ୍ରସାରଣ: ସ୍ପୋର୍ଟ୍ସ-୧୮, ଷ୍ଟାର ସ୍ପୋର୍ଟ୍ସ

## ପାକିସ୍ତାନ ଅଭିଯାନ ଶେଷ

**ରାୱଲପିଣ୍ଡି, ୨୭।୨ (ପି.ଟି.):** ବାଂଲାଦେଶ ଓ ଆୟୋଜକ ପାକିସ୍ତାନ ମଧ୍ୟରେ ଗୁରୁବାର ହେବାକୁ ଥିବା ଚାମ୍ପିୟନ୍ସ ଟ୍ରଫି ମ୍ୟାଚରେ ବର୍ଷା ବାଧକ ସାଜିଥିଲା। ଲଗାଣ ବର୍ଷା ଯୋଗୁ ମ୍ୟାଚରେ ଟସ୍ ମଧ୍ୟ ପଡ଼ିପାରି ନ ଥିଲା। ମ୍ୟାଚ ରେଫରି ଧାର୍ଯ୍ୟ ସମୟଠାରୁ ଦୁଇ ଘଣ୍ଟା ଧରି ଅପେକ୍ଷା କରିବା ପରେ ବାତିଲ କରିବାକୁ ନିଷ୍ପତ୍ତି ନେଇଥିଲେ। ଫଳରେ ଉଭୟ ଦଳକୁ ଗୋଟିଏ ଲେଖାଏ ପଏଣ୍ଟ ପ୍ରଦାନ କରାଯାଇଛି।

# ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ପାଇଁ ଗଗନେନ୍ଦୁଙ୍କୁ ଗୁରୁଦାୟିତ୍ୱ

**ଭୁବନେଶ୍ୱର, ୨୭।୨ (ତପନ ସ୍ୱାଇଁ)**

ଇଣ୍ଟରନ୍ୟାଶନାଲ ୟୁନିଭର୍ସିଟି ସ୍ପୋର୍ଟ୍ସ ଫେଡେରେଶନ (ଏଫ୍‌ଆଇଏସ୍‌ୟୁ) ଆନୁକୂଲ୍ୟରେ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ଜର୍ମାନୀରେ ଜୁଲାଇ ୧୬ରୁ ୨୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶଙ୍କୁ ଗୁରୁଦାୟିତ୍ୱ ପ୍ରଦାନ କରାଯାଇଛି। ସେ ଭାରତୀୟ ପ୍ରତିନିଧି ଦଳର ଉପମୁଖ୍ୟ ମନୋନୀତ ହୋଇଛନ୍ତି। ଏହି ସମ୍ମାନଜନକ ପ୍ରତିଯୋଗିତାରେ ବିଶ୍ୱର ବିଭିନ୍ନ ବିଶ୍ୱବିଦ୍ୟାଳୟର ଆଥଲେଟ୍‌ମାନେ ୧୮ଟି କ୍ରୀଡ଼ା ବିଭାଗରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ପୂର୍ବରୁ ଜର୍ମାନୀର ଡୁସେଲଡର୍ଫରେ ଏପ୍ରିଲ ୬ରୁ ୧୧ ପର୍ଯ୍ୟନ୍ତ ସ୍ପ୍ରିଙ୍ଗ୍ ବୈଠକ ଅନୁଷ୍ଠିତ ହେବ। ଆଗକୁ ଆସୁଥିବା ଗେମ୍ସ ସମ୍ପର୍କରେ ପ୍ରସ୍ତୁତି ପାଇଁ ହେବାକୁଥିବା ଏହି ବୈଠକରେ ଗଗନେନ୍ଦୁ ପ୍ରତିନିଧି ଦଳର ମୁଖ୍ୟ ଭାବେ ଯୋଗଦେବେ। ଏପରି ଗୁରୁଦାୟିତ୍ୱ ପାଇବା ଗଗନେନ୍ଦୁଙ୍କ ପାଇଁ ନୂଆ କଥା ନୁହେଁ। ୨୦୨୩ରେ ଚାଇନାର ଚେଙ୍ଗଡୁରେ ଅନୁଷ୍ଠିତ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ସେ ଭାରତୀୟ ପ୍ରତିନିଧି ଦଳର ମୁଖ୍ୟଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ଏଥିରେ ଭାରତୀୟ ବିଶ୍ୱବିଦ୍ୟାଳୟ ଦଳ ୨୬ ପଦକ ପାଇଥିଲା। ଫଳରେ ୧୧୩ ଦେଶ ମଧ୍ୟରେ ଭାରତ ୭ମ ସ୍ଥାନ ଅଧିକାର କରିଥିଲା। ୨୦୧୯ରେ ନାପୋଲିରେ ଅନୁଷ୍ଠିତ ଗେମ୍ସରେ ସେ ଭାରତୀୟ ପ୍ରତିନିଧି ଦଳର ଉପମୁଖ୍ୟ ଥିଲେ। ସେହିପରି ୨୦୧୭ରେ ଚାଇନିଜ୍ ତାଇପେରେ ଅନୁଷ୍ଠିତ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ସେ ପ୍ରତିନିଧି ଦଳର ମୁଖ୍ୟଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଜର୍ମାନୀରେ ଏଥର ଭାରତ ପୂର୍ବାପେକ୍ଷା ଭଲ ପ୍ରଦର୍ଶନ କରିବ ବୋଲି ଗଗନେନ୍ଦୁ ଦୃଢ଼ ଆଶା ପୋଷଣ କରିଛନ୍ତି।



# ଯୌତୁକ ନିର୍ଯାତନା ମାମଲା କଲେ ବକ୍ସର ସ୍ୱିଟି



ସ୍ୱାମୀ ଦୀପକ ହୁଡାଙ୍କ ସହ ସ୍ୱିଟି ବୁରା।

**ଚଣ୍ଡିଗଡ଼, ୨୭।୨ (ପି.ଟି.)**

ଅର୍ଜୁନ ପୁରସ୍କାର ବିଜେତା ଓ ପୂର୍ବତନ ବିଶ୍ୱ ଚାମ୍ପିୟନ ବକ୍ସର ସ୍ୱିଟି ବୁରା ଏସିଆଡ୍ ବ୍ରୋଞ୍ଜ ବିଜୟୀ କବାଡ଼ି ଖେଳାଳି ତଥା ସ୍ୱାମୀ ଦୀପକ ହୁଡାଙ୍କ ନାମରେ ଏକ ଯୌତୁକ ନିର୍ଯାତନା ମାମଲା ଦାଏର କରିଛନ୍ତି। ଦୀପକ ଓ ତାଙ୍କ ପରିବାର ଯୌତୁକ ପାଇଁ ତାଙ୍କୁ ନିର୍ଯାତନା ଦେଇ ଆସୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଦୁହେଁ ୨୦୨୨ରେ ବିବାହ କରିଥିଲେ। ହରିୟାଣା ରାଜ୍ୟର ହିସାର ବାସିନ୍ଦା ହୁଡା ମଧ୍ୟ ଜଣେ ଅର୍ଜୁନ ପୁରସ୍କାର ବିଜେତା। ସ୍ୱିଟି ବୁରା ଫେବୃଆରୀ ୨୫ରେ ହିସାରସ୍ଥିତ ମହିଳା ପୋଲିସ ଥାନାରେ ଏକ ଏଫ୍‌ଆଇଆର୍ ଦେଇଥିଲେ। ଥାନା ଅଧିକାରୀ କହିଛନ୍ତି, ହୁଡାଙ୍କୁ ୨-୩ ଥର ନୋଟିସ ଦିଆଯାଇଥିଲେ ମଧ୍ୟ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ସେ ଥାନାରେ ହାଜର ହେଉନାହାନ୍ତି। ସ୍ୱିଟି ବୁରାଙ୍କୁ ଏହି ପ୍ରସଙ୍ଗରେ ପଚରାଯିବାରେ ସେ କୌଣସି ଟିପ୍ପଣୀ ଦେବାକୁ ମନା କରିଦେଇଛନ୍ତି। ସ୍ୱିଟି ଥାନାରେ କରିଥିବା ଅଭିଯୋଗ ଅନୁସାରେ ଦୀପକ ଯୌତୁକରେ ଏକ ବିଳାସପୂର୍ଣ୍ଣ କାର୍ ଦାବି କରୁଛନ୍ତି। ସେ ଆହୁରି ମଧ୍ୟ ମୋଟା ଅଙ୍କର ଅର୍ଥ ଦାବି କରୁଛନ୍ତି। ଭାରତୀୟ ନ୍ୟାୟ ସଂହିତାର ଧାରା ୮୫ ଅଧୀନରେ ଏହି ମାମଲା ରୁଜୁ ହୋଇଛି। ସ୍ୱାମୀ କିମ୍ବା ତାଙ୍କ ସମ୍ପର୍କୀୟ ଦ୍ୱାରା ନିଷ୍ଠୁରତା ପ୍ରଦର୍ଶନ କଲେ ଏହି ମାମଲା ରୁଜୁ ହୋଇଥାଏ। ସୂଚନାଯୋଗ୍ୟ, ହୁଡା ୨୦୨୪ରେ ରୋହତକ ଜିଲାର ମେହମ ନିର୍ବାଚନମଣ୍ଡଳୀରୁ ଭାଜପା ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ହାରିଯାଇଥିଲେ। ସେ ୨୦୧୬ ସାଉଥ୍ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ଏବଂ ୨୦୧୪ ଏସିଆନ ଗେମ୍ସରେ ବ୍ରୋଞ୍ଜ ଜିତିଥିବା ଭାରତୀୟ କବାଡ଼ି ଦଳର ଜଣେ ସଦସ୍ୟ ଥିଲେ। ସେ ଆହୁରି ମଧ୍ୟ ପ୍ରୋ-କବାଡ଼ି ଲିଗ୍‌ରେ ଭାଗ ନେଇଥିଲେ।

## ଦିଲ୍ଲୀ କ୍ୟାପିଟାଲ୍ସରେ ଯୋଗଦେଲେ ପିଟରସନ

**ନୂଆଦିଲ୍ଲୀ, ୨୭।୨ (ପି.ଟି.):** ଆସନ୍ତା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ସିଜନ ପାଇଁ ପୂର୍ବତନ ଇଂଲଣ୍ଡ ଅଧିନାୟକ କେଭିନ ପିଟରସନ ଦିଲ୍ଲୀ କ୍ୟାପିଟାଲ୍ସର ମେଣ୍ଟର ଭାବେ ନିଯୁକ୍ତି ପାଇଛନ୍ତି। ଏହି ୪୪ ବର୍ଷୀୟ ୨୦୧୪ରେ ଦଳର ଅଧିନାୟକ ଥିଲେ। ଆଇପିଏଲ୍‌ରେ ସେ ପ୍ରଥମ ଥର କୋଚିଂ ଦାୟିତ୍ୱ ନିର୍ବାହ କରିବାକୁ ଯାଉଛନ୍ତି। ପିଟରସନ ଏହି ଟି୨୦ ଲିଗ୍‌ରେ ୨୦୦୯ରୁ ୨୦୧୬ ପର୍ଯ୍ୟନ୍ତ ଜଣେ ଖେଳାଳି ଭାବେ ସ୍ଥାନ ପାଇଥିଲେ। ତାଙ୍କର ୨୦୦ ଟି୨୦ ମ୍ୟାଚର ଅଭିଜ୍ଞତା ରହିଛି। ପିଟରସନ ଦିଲ୍ଲୀ କ୍ୟାପିଟାଲ୍ସ, ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ, ସନରାଇଜର୍ସ ହାଇଦ୍ରାବାଦ ଓ ପୁଣେ ଫ୍ରାଞ୍ଚାଇଜ୍ ତରଫରୁ ମୋଟ ୩୬ ଆଇପିଏଲ୍ ଗେମ୍ ଖେଳି ୧୦୦୧ ରନ ସଂଗ୍ରହ କରିଛନ୍ତି। ଦିଲ୍ଲୀ କ୍ୟାପିଟାଲ୍ସରେ ସେ ହେମାଙ୍ଗ ବଦାନୀଙ୍କ ସହ ଯୋଗଦେବେ। ବଦାନୀ ଗତବର୍ଷ ଅକ୍ଟୋବରରେ ଦଳର ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ପାଇଥିଲେ। ସେହିପରି ମାଥ୍ୟୁ ମଟ୍ ଦଳର ସହକାରୀ କୋଚ୍, ମୁନାଫ ପଟେଲ ବୋଲିଂ କୋଚ୍ ଏବଂ ବେଣୁଗୋପାଲ ରାଓ ଦଳର କ୍ରିକେଟ ନିର୍ଦ୍ଦେଶକ ରହିଛନ୍ତି। ଦିଲ୍ଲୀ କ୍ୟାପିଟାଲ୍ସ ଥରେ ହେଲେ ଆଇପିଏଲ୍ ଟାଇଟଲ ଜିତିପାରି ନାହିଁ। ୨୦୨୦ରେ ସେମାନେ ଫାଇନାଲରେ ପ୍ରବେଶ କରି ମୁମ୍ବାଇ ଇଣ୍ଡିଆନ୍ସ ନିକଟରୁ ହାରିଯାଇଥିଲେ।

# ଯୁବା ବାସ୍କେଟବଲ ଜର୍ସି, ଟ୍ରଫି ଉନ୍ମୋଚିତ



ଖବରଦାତା ସମ୍ମିଳନୀରେ ଆୟୋଜକମାନେ ଟ୍ରଫି ଓ ଜର୍ସି ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର, ୨୭।୨ (ତପନ ସ୍ୱାଇଁ)**

ସନ୍‌ସାଇନ୍ ଯୁବ ଆସୋସିଏଶନ ଆନୁକୂଲ୍ୟରେ ୧୪ଶ ଓପନ ବାସ୍କେଟବଲ ପ୍ରତିଯୋଗିତା ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି। ଇନ୍ଦିରାପାର୍କ ବାସ୍କେଟବଲ କୋର୍ଟରେ ଏହା ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଲିଗ୍ ପଦ୍ଧତିରେ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟର ମୋଟ ୧୨ଟି ଦଳ ଅଂଶଗ୍ରହଣ କରିବେ। ଭାଗ ନେଉଥିବା ଦଳଗୁଡ଼ିକୁ ୪ଟି ଗ୍ରୁପରେ ବିଭକ୍ତ କରାଯାଇଛି। ଚାମ୍ପିୟନ ଦଳକୁ ଆକର୍ଷଣୀୟ ଟ୍ରଫି ସହ ୩୦,୦୦୦ ଓ ରନରଅପ୍ ଦଳକୁ ୨୦,୦୦୦ ଟଙ୍କା ପ୍ରଦାନ କରାଯିବ ବୋଲି ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକ ଆସୋସିଏଶନ ଉପଦେଷ୍ଟା ସରୋଜ କୁମାର ପାତ୍ର ସୂଚନା ଦେଇଛନ୍ତି।

## ଆଜିଠୁ ଆରମ୍ଭ, ଭାଗନେବେ ୧୨ ଦଳ

ପ୍ରତିଯୋଗିତା ମାଧ୍ୟମରେ ଯୁବ ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବା ଏବଂ ବାସ୍କେଟବଲର ପ୍ରଚାର ଓ ପ୍ରସାର ଏପରି ଏକ ଟୁର୍ନାମେଣ୍ଟ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସଭାପତି ବିଶ୍ୱଜିତ ମହାନ୍ତି କହିଛନ୍ତି। ପ୍ରତିଯୋଗିତା ପାଇଁ ଗ୍ରୁପ୍ 'ଏ'ରେ ଛତିଶଗଡ଼ର କ୍ଲାଇମେଟ ଏକ୍ସଚେଞ୍ଜ ବିଭାଗ ସହିତ ଅଲ୍ ଷ୍ଟାର ୨୩ ଓ ପଶ୍ଚିମବଙ୍ଗର ମେଟ୍ରୋ ରେଲୱେ, ଗ୍ରୁପ୍ 'ବି'ରେ ଆୟୋଜକ ଯୁବା ବାସ୍କେଟବଲ କ୍ଲବ, ଆଉଟଲଜ୍ ଓ ଉଲ୍ଫ ପ୍ୟାକ୍, ଗ୍ରୁପ୍ 'ସି'ରେ ଭିଲାଇର ସିଜି-୧୦, ଭୁବନେଶ୍ୱରର ୱା ବଲର୍ସ ଓ ପାନ୍ଥର୍ସ ଏବଂ ଗ୍ରୁପ୍ 'ଡି'ରେ ବିଳାସପୁରର ନିକେତନ ସ୍ପୋର୍ଟ୍ସ, ଝାଡ଼ଖଣ୍ଡର ଜେଏନ୍‌ବିଏ ଏବଂ ଭୁବନେଶ୍ୱର ଆଥ୍ଲେଟିକ୍ ଆସୋସିଏଶନ ସ୍ଥାନ ପାଇଛି। ଟୁର୍ନାମେଣ୍ଟ ଅବସରରେ ଜାତୀୟ ସ୍ତରର ବାସ୍କେଟବଲ ଖେଳାଳି ଓମ୍ ସ୍ଥିତପ୍ରଜ୍ଞ, ପାରା ଜାଭେଲିନ୍‌ଥ ତାରକା କମଳାକାନ୍ତ, ଏସିଆନ କରାଟେକା ଅନ୍ୱେଷା ସୁବୁଦ୍ଧି ଓ ଜୁନିୟର ଏନ୍‌ବିଏ ବାସ୍କେଟବଲ ଖେଳାଳି ବାଦଲ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆସୋସିଏଶନ ସମ୍ପାଦକ ଦେବାଶିଷ ସବ୍ୟସାଚୀ ଚକ୍ର, କୋଷାଧ୍ୟକ୍ଷ ଚନ୍ଦ୍ରଶେଖର ସାହୁ, କର୍ପୋରେଟର ରାଜ କିଶୋର ଦାଶ, ଟୁର୍ନାମେଣ୍ଟ ସଂଯୋଜକ ଆଦର୍ଶ ପଟ୍ଟନାୟକ, ପ୍ରଶାନ୍ତ ବେହେରା, ମିଥୁନ ବିଷୋଇ, ମନୋରଞ୍ଜନ ଗରାବଡ୍ଡୁ, ସିଦ୍ଧାର୍ଥ ଦାଶ, ଦୀପକ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ନାଭାରାଙ୍କ ସହ ଡ୍ର' ରଖିଲେ ପ୍ରଜ୍ଞାନନ୍ଦ

**ପ୍ରାଗ, ୨୭।୨ (ପି.ଟି.)**

ଭାରତୀୟ ଗ୍ରାଣ୍ଡମାଷ୍ଟର ଆର. ପ୍ରଜ୍ଞାନନ୍ଦ ଏଠାରେ ଚାଲିଥିବା ପ୍ରାଗ୍ ମାଷ୍ଟର୍ସ ଚେସ୍ ଟୁର୍ନାମେଣ୍ଟର ପ୍ରଥମ ରାଉଣ୍ଡରେ ଚେକ୍ ରିପବ୍ଲିକର ଡେଭିଡ ନାଭାରାଙ୍କ ସହ ତାଙ୍କ ଗେମ୍ ଡ୍ର' ରଖି ପଏଣ୍ଟ ବଣ୍ଟାଆରା କରିଛନ୍ତି। ଅନ୍ୟଜଣେ ଭାରତୀୟ ଅରବିନ୍ଦ ଚିଥାମ୍ବରମ ଅନ୍ୟ ଜଣେ ସ୍ଥାନୀୟ ଷ୍ଟାର ଖେଳାଳି ଏନ୍‌ଗୁୟେନ ଥାଇ ଦାଇ ଭାନଙ୍କ ସହ ତାଙ୍କ ଗେମ୍ ଡ୍ର ରଖିଛନ୍ତି। ବିଶ୍ୱଚାମ୍ପିୟନଶିପ୍ ବେଳେ ଡି. ଗୁକେଶଙ୍କ ଟିମ୍‌ର ଅଂଶବିଶେଷ ଥିବା ଜର୍ମାନୀର ଭିନ୍‌ସେଣ୍ଟ କେମର ଟପ୍ ସିଡ୍ ଚାଇନାର ୱି ୟିଙ୍କୁ ପରାସ୍ତ କରି ଟୁର୍ନାମେଣ୍ଟରେ ବଡ଼ ବିପର୍ଯ୍ୟୟ ଘଟାଇଛନ୍ତି। ପ୍ରଥମ ରାଉଣ୍ଡରେ ବିଜୟ ଲାଭ କରିଥିବା ଅନ୍ୟ ଜଣେ ଖେଳାଳି ହେଲେ ସାମ୍ ଶନକଲାଣ୍ଡ। ସେ ତୁର୍କୀର ଗୁରେଲ ଏଡିଜ୍‌ଙ୍କୁ ହରାଇ ଦେଇଛନ୍ତି।

**ଘୋଷଣା**

୧୯୫୬ ମସିହା ରେଜିଷ୍ଟ୍ରେଶନ ଅଫ ନ୍ୟୁଜ ପେପର୍ସ (ସେଣ୍ଟ୍ରାଲ) ନିୟମ ଅନୁସାରେ ଦୈନିକ ଧରିତ୍ରୀର ବିବରଣୀ

(ଚତୁର୍ଥ ଫର୍ମ ଅଷ୍ଟମ ଧାରା)

| | | | |
|---|---|---|---|
| ୧. | ପ୍ରକାଶ ସ୍ଥାନ | - | ସମ୍ବଲପୁର |
| ୨. | ପ୍ରକାଶ ସମୟ | - | ପ୍ରତ୍ୟହ ପ୍ରଭାତ |
| ୩. | ମୁଦ୍ରାକରଙ୍କ ନାମ | - | ଆଦ୍ୟାଶା ସତପଥୀ |
| | ଜାତୀୟତା | - | ଭାରତୀୟ |
| | ଠିକଣା | - | ବି-୧୫, ଶିକ୍ଷାଞ୍ଚଳ ଭୁବନେଶ୍ୱର-୭୫୧୦୧୦ |
| ୪. | ପ୍ରକାଶକଙ୍କ ନାମ | - | ଆଦ୍ୟାଶା ସତପଥୀ |
| | ଜାତୀୟତା | - | ଭାରତୀୟ |
| | ଠିକଣା | - | ବି-୧୫, ଶିକ୍ଷାଞ୍ଚଳ ଭୁବନେଶ୍ୱର-୭୫୧୦୧୦ |
| ୫. | ସମ୍ପାଦକଙ୍କ ନାମ | - | ତଥାଗତ ସତପଥୀ |
| | ଜାତୀୟତା | - | ଭାରତୀୟ |
| | ଠିକଣା | - | ବି-୧୫, ଶିକ୍ଷାଞ୍ଚଳ ଭୁବନେଶ୍ୱର-୭୫୧୦୧୦ |
| ୬. | ସ୍ୱତ୍ୱାଧିକାରୀଙ୍କ ନାମ | - | ନବଜାତ ପ୍ରିଣ୍ଟର୍ସ ଆଣ୍ଡ ମିଡିଆ ପ୍ରାଇଭେଟ ଲିମିଟେଡ |
| | ଠିକଣା | - | ୧୦୭, ସୂର୍ଯ୍ୟ ନଗର ଭୁବନେଶ୍ୱର-୭୫୧୦୦୩ |

ଆମ୍ଭେ ଆଦ୍ୟାଶା ସତପଥୀ ଏତଦ୍ୱାରା ଘୋଷଣା କରୁଅଛୁ କି ଉପରୋକ୍ତ ବିବରଣୀମାନ ସତ୍ୟ ବୋଲି ଆମ୍ଭର ବିଶ୍ୱାସ ଓ ହୃଦ୍‌ବୋଧ ହୋଇଅଛି।

ଆଦ୍ୟାଶା ସତପଥୀ
ପ୍ରକାଶକ, ଧରିତ୍ରୀ
୨୮।୨।୨୦୨୫

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ